

# କାନ୍ତକବି ଲକ୍ଷ୍ମୀକାନ୍ତ..

## ଜୀବନୀ ଓ ପ୍ରତିଭା

ଶ୍ରୀ ସୁଧୀଂଶୁ ଶେଖର ଗୁପ୍ତ

# କାନ୍ତକବି ଲକ୍ଷ୍ମୀକାନ୍ତ...
# ଜୀବନୀ ଓ ପ୍ରତିଭା

ଶ୍ରୀ ସୁଧାଂଶୁ ଶେଖର ରାୟ

ଓଡ଼ିଶା ସାହିତ୍ୟ ଏକାଡ଼େମୀ

# କାନ୍ତକବି ଲକ୍ଷ୍ମୀକାନ୍ତ...
# ଜୀବନୀ ଓ ପ୍ରତିଭା


ଲେଖକ : ଶ୍ରୀ ସୁଧାଂଶୁ ଶେଖର ରାୟ

ପ୍ରକାଶକ : ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର- ୭୫୧୦୧୪

ମୁଦ୍ରଣ : ନଟରାଜ ପ୍ରେସ୍
ରାଜାରାଣୀ ନଗର, ଭୁବନେଶ୍ୱର- ୨

ପ୍ରଥମ ପ୍ରକାଶ : ୧୯୮୫ -- ୧୦୦୦

ମୂଲ୍ୟ : ପନ୍ଦର ଟଙ୍କା


KANTAKAVI LAKSHMIKANTA...
JIVANI O PRATIVA


*Written by*
**Shri Sudhansu Sekhar Ray**

*Published by*
**Orissa Sahitya Akademi**
Bhubaneswar- 751014

*Printed at*
**Nattraj Press**
Rajarani Nagar, Bhubaneswar- 2

*First Edition :* **1985—1000 copies**

*Price* : **Fifteen Rupees**

# ଭୂମିକା

ଯେଉଁ କେତେଜଣ କବି ଓ ଲେଖକ କୀର୍ତ୍ତି, ଯଶ, ଖ୍ୟାତି, ପ୍ରାପ୍ତି ଓ ପ୍ରତ୍ୟାଶାର ଅପେକ୍ଷା ନରଖି, ଅନାପେକ୍ଷିକ ଭାବରେ, ସାହିତ୍ୟ-ସୃଷ୍ଟି ମଧ୍ୟରେ ଜୀବନର ପରିପୂର୍ଣ୍ଣତା ସନ୍ଧାନ କରିଛନ୍ତି, କାନ୍ତକବି ଲକ୍ଷ୍ମୀକାନ୍ତ (୧୮୮୮-୧୯୫୩) ସେମାନଙ୍କ ମଧ୍ୟରେ ଅନ୍ୟତମ । ଲକ୍ଷ୍ମୀକାନ୍ତ ଲେଖିଛନ୍ତି ପ୍ରଚୁର— ପ୍ରବନ୍ଧ, ରମ୍ୟରଚନା ଓ ନାଟକ-ଠାରୁ ଆରମ୍ଭ କରି ଉପନ୍ୟାସ, କ୍ଷୁଦ୍ରଗଳ୍ପ, ସଙ୍ଗୀତ ଓ କବିତା ପ୍ରଭୃତି ସୃଷ୍ଟିଧର୍ମୀ ସାହିତ୍ୟର ସବୁ ବିଭାବରେ ସେ ତାଙ୍କର ସ୍ୱାକ୍ଷର ରଖିଯାଇଅଛନ୍ତି । ତାଙ୍କର 'କଣାମାମୁଁ' ଉପନ୍ୟାସ ଅସମ୍ପୂର୍ଣ୍ଣ ହେଲେ ହେଁ, ଓଡ଼ିଆ ଉପନ୍ୟାସର ଇତିହାସ 'କଣାମାମୁଁ'କୁ ବାଦ ଦେଇ କଦାପି ଲେଖାଯାଇ ପାରିବ ନାହିଁ । ଅସମ୍ପୂର୍ଣ୍ଣତାର ଏକ ନିଜସ୍ୱ କଳାଗତ ସୌନ୍ଦର୍ଯ୍ୟ ରହିଛି । ଏହି ଉପନ୍ୟାସକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଉଦ୍ୟମ କଲେ, ଅସମ୍ପୂର୍ଣ୍ଣ 'କଣାମାମୁଁ' ପରି ଏହା ଯେ ରସୋତ୍ତୀର୍ଣ୍ଣ ହୋଇପାରିବ ନାହିଁ— ଏଥିରେ ସନ୍ଦେହ ପୋଷଣ କରିବାର ଅବକାଶ ନାହିଁ । ଏଥିରେ 'କଣାମାମୁଁ' ଚରିତ୍ର-ଚିତ୍ରଣରେ ଯେଉଁ ରସବୋଧ ଓ ସୂକ୍ଷ୍ମ ଅନ୍ତର୍ଦୃଷ୍ଟିର ପରିଚୟ ଲକ୍ଷ୍ମୀକାନ୍ତ ଦେଇପାରିଛନ୍ତି, ତାହା ଯଥାର୍ଥରେ ଅନନ୍ୟ । କିନ୍ତୁ ତାଙ୍କର 'ଜୀବନ ସଙ୍ଗୀତ' କବିତାଗୁଚ୍ଛର ପ୍ରତ୍ୟେକଟି କବିତା ଯେ କାବ୍ୟଲକ୍ଷ୍ମୀଙ୍କ ବକ୍ଷରେ ପ୍ରଲମ୍ବିତ ଅଷ୍ଟରତ୍ନମାଳାର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ, ତାହା ପ୍ରତିବାଦର କ୍ଷୀଣତମ ଆଶଙ୍କା ନରଖି ସୁଦ୍ଧା କୁହାଯାଇପାରେ । ଜୀବନର ଅକଳିତ ବ୍ୟର୍ଥତା, ଯନ୍ତ୍ରଣା, ଗ୍ଳାନି ଓ ଅବସାଦ ମଧ୍ୟରେ ଏହି 'ଜୀବନ ସଙ୍ଗୀତ'ର ଗୀତିକବିତାଗୁଡ଼ିକୁ ଲକ୍ଷ୍ମୀକାନ୍ତ ରଚନା କରିଥିଲେ, କେବଳ କବିତ୍ୱର ମୋହରେ ନୁହେଁ; ବଞ୍ଚିବାର ଶତ ଯନ୍ତ୍ରଣା ମଧ୍ୟରେ, ଜୀବନର ଯେଉଁ ଆନନ୍ଦମୟ ସତ୍ତା ପ୍ରଚ୍ଛନ୍ନ ରହିଛି, ତାହାର ଉପଲବ୍ଧି ପାଇଁ ! ଏହି ଉପଲବ୍ଧି କ୍ୱଚିତ୍ ମିଳିଥାଏ । କାନ୍ତକବିଙ୍କର ଏହି ଉପଲବ୍ଧି ହେତୁ, ସବୁ ଦାରୁଣ ଦୁର୍ଯୋଗକୁ ସେ ଷ୍ଟୋଇକ୍ ସୁଲଭ ସହିଷ୍ଣୁତାରେ, ହସିହସି ଗ୍ରହଣ କରିପାରିଥିଲେ । ଜଳବିନ୍ଦୁ ପଦ୍ମପତ୍ରକୁ ସ୍ପର୍ଶ କରିପାରିବା ପରି, ତାଙ୍କ ବ୍ୟକ୍ତିଗତ ଜୀବନର ସବୁ ବ୍ୟର୍ଥତା ଓ ବେଦନା ତାଙ୍କ ଶିଳ୍ପୀ-ଜୀବନକୁ ସ୍ପର୍ଶ କରିପାରି ନଥିଲା । ମୋର ମନେହୁଏ, ଲକ୍ଷ୍ମୀକାନ୍ତଙ୍କ କବିତାରେ, କବିତା ଅପେକ୍ଷା କବି ହେଉଛନ୍ତି ବଡ଼ ! କବିପ୍ରାଣର ନିବିଡ଼ ଉପଲବ୍ଧି ଏଥିରେ ଶବ୍ଦମୟ, ସଙ୍ଗୀତମୟ ଓ ରୂପମୟ ଆକାର ଧାରଣ କରିଛି ମାତ୍ର ! ତା' ନହେଲେ, 'ଜୀବନ ସଙ୍ଗୀତ'ର କବିତାଗୁଡ଼ିକରେ ନିବିଡ଼ ଅନୁଭୂତିର ଏପରି ମିଷ୍ଟିକ୍ ସୌନ୍ଦର୍ଯ୍ୟ ନଥାନ୍ତା ।

ଯେତେବେଳେ ଗ୍ରାମୋଫୋନ, ଓଡ଼ିଶାର ପଲ୍ଲିସମାଜରେ ଏକ ଦୁର୍ଲଭ ଆକର୍ଷଣୀୟ ବସ୍ତୁ ଥିଲା, ସେତେବେଳେ ଜଣେ ପ୍ରତିବେଶୀଙ୍କ ଘରେ ମୁଁ 'ହିଜ୍ ମାଷ୍ଟର୍ସ୍ ଭଏସ୍' କମ୍ପାନିର ଗୋଟିଏ ରେକର୍ଡ଼ରୁ ପ୍ରଥମେ ଶୁଣିଥିଲି ଲକ୍ଷ୍ମୀକାନ୍ତଙ୍କର ଗୋଟିଏ ସଙ୍ଗୀତ:

''ଦେ' ମୋତେ ବାଇସ୍କା କରି
    ଆରେ ମୋର ବାଇସ୍କା ରଜା !
ନାଚିବି ମୁଁ ଲଙ୍ଗଳା ହୋଇ
    (ତୁ) ତାଳିମାରି ଦେଖିବୁ ମଜା ॥ ଘୋଷା ॥
ତାଳମାନ ନ ମାନି କିଛି
    ମନଇଚ୍ଛା ଯିବି ମୁଁ ନାଚି
ଉହାଡ଼ରେ ରହି ତୁ ଲୁଚି
    ଝାବ ଝବି ଡମ୍ବରୁ ବଜା ॥
ଫାଟକରେ ଅଟକ ରହି
ଗଳିଣି ମୁଁ ବେଦମ ହୋଇ
ଏକାଥରେ ମାରିବି ଡ଼ିଆଁ
    ଉଡ଼ାଇ ଦେଇ ମୁକ୍ତି-ଧ୍ୱଜା ॥"

ଏ ସଙ୍ଗୀତଟି ସେଦିନ ମୋ' ମନରେ ଗଭୀର ରେଖାପାତ କରିଥିଲା । ଏହାର ବ୍ୟଞ୍ଜନା ତ ବୁଝିନଥିଲି, କିନ୍ତୁ ଝାପ୍‌ସା ଝାପ୍‌ସା ଭାବରେ ଏହାର ଅର୍ଥ ବୁଝିଥିଲି । ଜୀବନର ସବୁ ଦୁର୍ଭାଗ୍ୟ ପ୍ରତି ଏଥିରେ ଯେଉଁ ଉପହାସ ପ୍ରକାଶ ପାଇଛି, କ୍ୱଚିତ୍ ମୁଁ ଅନ୍ୟ କୌଣସି କବିଙ୍କ କବିତାରେ ତାହା ଲକ୍ଷ୍ୟ କରିଛି ! ଦୁର୍ଭାଗ୍ୟ ଯେଉଁଠି ଖଣ୍ଡେ ଅକର୍ମ ଶିଳା ପରି ଜୀବନର ସବୁ କଳିକା, ସବୁ ପଲ୍ଲବକୁ ଚିପିଦିଏ, ସେଠାରେ କବିର ଆତ୍ମା କେବଳ, ଦୁର୍ଭାଗ୍ୟକୁ ସ୍ୱୀକାର କରିନେଇ ତାହାକୁ ଆହ୍ୱାନ ଜଣାଏ ! କବି ତାର ଉପଲବ୍ଧି ଓ କବିତ୍ୱ ବଳରେ ସେହି ଦୁର୍ଭାଗ୍ୟ ମଧ୍ୟରେ ସୃଷ୍ଟି କରିପାରେ ଏକ ଆନନ୍ଦଲୋକ ! ଏହବୁ ପରିଣତ ବୟସରେ ବୁଝିପାରିଲି । କିନ୍ତୁ ସେଦିନ ଏସବୁ ବୁଝିବା ଅବସ୍ଥାରେ ତ ମୁଁ ନଥିଲି ! ତଥାପି ମୁଁ ଅନୁଭବ କରିପାରିଥିଲି ସେଦିନ ଏହାର ଐନ୍ଦ୍ରଜାଲିକ ଆବେଦନ ।

ବହୁ ବର୍ଷ ପରେ, ଯୌବନରେ, 'ଡ଼ଗର' ପ୍ରେସ୍‌କୁ କବି ଲକ୍ଷ୍ମୀକାନ୍ତ ଆସିଥିବା ଖବର ପାଇ ମୁଁ ଯାଇଥିଲି ତାଙ୍କ ସହିତ ସାକ୍ଷାତ ପାଇଁ । ଗୋଟିଏ ସଂକୀର୍ଣ୍ଣ ଘରେ, ତଳେ ଖଣ୍ଡେ ଶତରଞ୍ଜି ବିଛାଇ, କାନ୍ଥକୁ ଆଉଜି, ବସିଥିଲେ ସେ । ସାମ୍ନାରେ ଗୁଡ଼ାଏ ଏଣ୍ଡୁତେଣ୍ଡୁ କାଗଜ ମେଲା ହୋଇ ପଡ଼ିଥିଲା । 'ଡ଼ଗର' ପ୍ରେସ୍‌କୁ ଆସିବାବେଳେ, ମୋର

ଜଣେ ଆତ୍ମୀୟ କହୁଥିଲେ, ତାଙ୍କ ପାଇଁ ଭଲ ଗୋଟିଏ ସିଗାରେଟ ଟିଣ ନେଇଯିବାକୁ । ସେ ବଡ଼ ସୌଖୀନ ପ୍ରକୃତିର ମଣିଷଟିଏ । ମୁଁ ସଙ୍ଗରେ ଗୋଟିଏ ଥ୍ରି-କ୍ୟାସେଲସ୍ ସିଗାରେଟ ଟିଣ ଧରି ଯାଇଥିଲି । ସିଗାରେଟ ଟିଣଟା ଖୋଲିବା ମାତ୍ରେ, ସେ ତାହାର ବାସ୍ନା କେଇଟି ମୁହୂର୍ତ୍ତ ଉପଭୋଗ କଲେ । ତାପରେ ତାଙ୍କୁ ଖଣ୍ଡେ ସିଗାରେଟ କାଢ଼ିଦେବା ମାତ୍ରେ, ସେ ଆଗ୍ରହରେ ନିଆଁ ଧରାଇ କଲେ ଧୂଆଁ ଛାଡ଼ିଲେ ।

"ଆପଣ ଏବେ କଣ ଲେଖୁଛନ୍ତି ?"— କବି ଓ ଲେଖକଙ୍କୁ ଦେଖିଲେ ଏପରି ବେ-ଆଦବ୍ ପ୍ରଶ୍ନ ଅନେକ ଯନ୍ତ୍ରଣା ପଚାରିଥାନ୍ତି ! ସତେ ଯେପରି ସବୁଦିନେ ସବୁବେଳେ ଲେଖିବା ପାଇଁ କବି ବା ଲେଖକମାନେ ଗୋଟାଏ ହଲପ୍ କରିଛନ୍ତି ! ମୁଁ ମଧ୍ୟ ସେଦିନ ତାଙ୍କୁ ସେଇ ପ୍ରଶ୍ନ ପଚାରିଥିଲି । ସେ ମୋତେ କୌଣସି ଉତ୍ତର ଦେଲେ ନାହିଁ । ମୋ ଆଡ଼େ ଚାହିଁ ନୀରବରେ କେବଳ ସ୍ମିତ ହସିଲେ । ଦୁରାରୋଗ୍ୟ ବ୍ୟାଧି ଓ ଯନ୍ତ୍ରଣା ସତ୍ତ୍ୱେ, ତାଙ୍କ ଚେହେରା ଦେଖିଲେ, ଯୌବନରେ ସେ ଯେ ସୁପୁରୁଷ ଥିଲେ, ସ୍ପଷ୍ଟ ବାରି ହୋଇ ପଡ଼ୁଥିଲା । ତାଙ୍କର ସ୍ପର୍ଶାତୁର ସମ୍ବେଦନଶୀଳ ମୁହଁରେ ସେ ହସ, ମୋ' ମନରେ ଆଜି ସୁଦ୍ଧା ପ୍ରତିପଦାର ଆକାଶରେ କ୍ଷୀଣ ଚନ୍ଦ୍ରରେଖା ପରି ଲାଗି ରହିଛି । କିନ୍ତୁ ସେ ହସର ଅର୍ଥ ଏବେ ସୁଦ୍ଧା ମୁଁ ବୁଝିପାରିନାହିଁ ।

କାନ୍ତକବି ଲକ୍ଷ୍ମୀକାନ୍ତ, ଓଡ଼ିଆ ସାହିତ୍ୟର ଯେଉଁ ଯୁଗରେ ବା କାଳରେ ତାଙ୍କର ସଙ୍ଗୀତଧର୍ମୀ କବିତାସବୁ ରଚନା କରିଥିଲେ, ସେତେବେଳେ କବିତାର ସଂଜ୍ଞା ମୁଖ୍ୟତଃ ଥିଲା, ନୈର୍ବ୍ୟକ୍ତିକ ଅନୁଭୂତିର ଦ୍ୱି-ପରିଧିବିଶିଷ୍ଟ କେତୋଟି ଉକ୍ତିର ସୁନ୍ଦର ସମାହାର । ମାତ୍ର ସେ ଅନୁଭୂତି ସହିତ ବ୍ୟକ୍ତିଚେତନା ଓତଃପ୍ରୋତ ଭାବରେ ଜଡ଼ିତ ହୋଇ, ଲକ୍ଷ୍ମୀକାନ୍ତଙ୍କ କବିତାରେ, କବିତାର ଏକ ନୂତନ ପରିଧି ଉନ୍ମୋଚିତ କରିଥିଲା । 'ଜୀବନ ସଙ୍ଗୀତ'ର କବିତାଗୁଡ଼ିକରେ ମୁଁ ସେଇ ନିବିଡ଼ ଜୀବନଧର୍ମୀ ଉପଲବ୍ଧିର ବ୍ୟକ୍ତିକ ସ୍ୱର ଶୁଣିଛି ! ସେହି ଦୃଷ୍ଟିରୁ, 'ଜୀବନ ସଙ୍ଗୀତ' ଓଡ଼ିଆ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ । 'ଜୀବନ ସଙ୍ଗୀତ'ର କବିତାରେ ମଧ୍ୟ ଅଛି, ରହସ୍ୟଲୋକର ଫିକାକହୁବୋଲା ଏକ ମିଷ୍ଟିସିଜମ୍···! କବି ବୈକୁଣ୍ଠନାଥଙ୍କ ପରବର୍ତ୍ତୀ କବିତାମାନଙ୍କରେ ବେଳେ ବେଳେ ଏହି ପ୍ରବୃତ୍ତି ମଧ୍ୟ ମୁଁ ଲକ୍ଷ୍ୟ କରିଛି ।

ଏହି ବରେଣ୍ୟ କବି ଓ ସାହିତ୍ୟିକଙ୍କ ସମ୍ପର୍କରେ ଯେତିକି ପୂଜ୍ୟ-ପୂଜା ଓ ଆଲୋଚନା ହେବା କଥା, ତାହା ପ୍ରକୃତରେ ହୋଇପାରିନଥିବା ଦୁଃଖର ବିଷୟ । ଅଲ୍ ଇଣ୍ଡିଆ ରେଡ଼ିଓର କଟକ ଷ୍ଟେସନ୍ କାନ୍ତକବିଙ୍କର ଅନବଦ୍ୟ ସୁନ୍ଦର କବିତାବଳୀ ଗୀତ ଆକାରରେ ପ୍ରଚାରିତ କରୁଥିଲେ, ଏହା କେବଳ ଶ୍ରୋତାମାନଙ୍କୁ ଯେ ପୁଲକିତ କରୁଥାନ୍ତା ତାହା ନୁହେଁ, କାନ୍ତକବିଙ୍କର ସଙ୍ଗୀତଧର୍ମୀ କବିତାଗୁଡ଼ିକର ମହତ୍ତ୍ୱକୁ ମଧ୍ୟ

ବଞ୍ଚାଇ ରଖିଥାନ୍ତି । ମାତ୍ର ତାହା ପୂର୍ଣ୍ଣ ହୋଇପାରିନାହିଁ । 'ଓଡ଼ିଶା ସାହିତ୍ୟ ଏକାଡେମୀ' ଓଡ଼ିଆ ସାହିତ୍ୟର କେତେକ ବରେଣ୍ୟ ସ୍ରଷ୍ଟାଙ୍କ ସମ୍ପର୍କରେ ଆଲୋଚନାତ୍ମକ କେତେକ ପୁସ୍ତକ ପ୍ରକାଶ କରିବାର ଯୋଜନା କରିଛନ୍ତି । ସେହି ଯୋଜନା କ୍ରମରେ ଏହି ପୁସ୍ତକଟି ପ୍ରକାଶିତ ହେଉଅଛି । କାନ୍ତକବିଙ୍କ ସାହିତ୍ୟର ପ୍ରକୃତ ମୂଲ୍ୟାଙ୍କନ ପାଇଁ କିନ୍ତୁ, ଆହୁରି ଗଭୀରତର ଓ ବ୍ୟାପକତର ଉଦ୍ୟମର ପ୍ରୟୋଜନ ରହିଛି । ସେଥିପାଇଁ ଭିତ୍ତିଭୂମି ରୂପେ ଏକାଡେମୀର ଏହି ପ୍ରାଥମିକ ଉଦ୍ୟମ ଗୃହୀତ ହୋଇପାରିଲେ, ଏକାଡେମୀର ଶ୍ରମ ସାର୍ଥକ ହେବ ।

ସୁରେନ୍ଦ୍ର ମହାନ୍ତି
ସଭାପତି
ଓଡ଼ିଶା ସାହିତ୍ୟ ଏକାଡେମୀ

ଭୁବନେଶ୍ୱର
ତା ୧୭ । ୪ । ୮୫

# ଗ୍ରନ୍ଥପ୍ରବେଶ

କାନ୍ତକବି ଲକ୍ଷ୍ମୀକାନ୍ତ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ବରଣୀୟ ଓ ସ୍ମରଣୀୟ ସାହିତ୍ୟ-ସାଧକ । ତାଙ୍କ ସୃଷ୍ଟିର ଧାରା ଥିଲା ବହୁମୁଖୀ ଏବଂ ଲେଖନୀ ମଧ୍ୟ ଥିଲା ବିଚିତ୍ରବର୍ଣ୍ଣା । ମାତ୍ର କଥା-ସାହିତ୍ୟ ଓ କାବ୍ୟ-କବିତା କ୍ଷେତ୍ରରେ ତାଙ୍କର ସିଦ୍ଧି ଓ ସବ୍ୟସାଚିତ୍ୱ କାଳଜୟୀ । ଓଡ଼ିଆ ଉପନ୍ୟାସ ରାଜ୍ୟକୁ 'କଣାମାମୁଁ' ଏବଂ କାବ୍ୟ-କବିତା କ୍ଷେତ୍ରକୁ 'ଜୀବନ ସଂଗୀତ' ତାଙ୍କର ଦୁଇଟି ମୂଲ୍ୟବାନ ଦାନ କହିଲେ ସତ୍ୟର ଅପଲାପ ହେବ ନାହିଁ । ମାତ୍ର ସାରସ୍ୱତ ଜଗତର ଏହି ଉଜ୍ଜ୍ୱଳ ପୁରୁଷଙ୍କ ଜୀବନ ଥିଲା କଣ୍ଟକାକୀର୍ଣ୍ଣ । ତାଙ୍କୁ ସ୍ମରଣ କଲେ ଓଡ଼ିଆ ସାହିତ୍ୟର ଅନ୍ୟତମ ସିଦ୍ଧ କାବ୍ୟସାଧକ ଦୀନକୃଷ୍ଣଙ୍କ ସ୍ମୃତି ସ୍ୱତଃ ସଜାଗ ହୋଇ ଉଠିଆଏ । ଉଭୟଙ୍କ ଜୀବନ ଥିଲା ବ୍ୟାଧିପୀଡ଼ିତ—ଅଥଚ ଏଇ ଦୁଇ ମହାନ୍ ସ୍ରଷ୍ଟାଙ୍କ ଦାନରେ ଓଡ଼ିଆ ବାଣୀଭଣ୍ଡାର ଆଜି ରସାଳ ଓ ସମୃଦ୍ଧ । ଛାତ୍ରାବସ୍ଥାରେ 'ଫୁଟବଲ ଓ କ୍ରିକେଟପ୍ରିୟ ଏବଂ ଜିମ୍‌ନାଷ୍ଟିକ କରୁଥିବା' ଲକ୍ଷ୍ମୀକାନ୍ତ ଯୌବନର ଆଦ୍ୟପାଦରେ, ବି. ଏ. ପାସ କରିବାପରେ, ମାତ୍ର ପଚିଶ ବର୍ଷ ବୟସରେ କଠିନ କୁଷ୍ଠବ୍ୟାଧିରେ ହୋଇଥିଲେ ପୀଡ଼ିତ । ଯାହାପରେ ଦୀର୍ଘ ତ୍ରିଶ ବର୍ଷ କାଳ ସେ ଜୀବନଧାରଣ କରିଛନ୍ତି ଏବଂ ଜୀବନର ଆହୁତାଗ୍ନିରେ ନିଜକୁ ତିଳ ତିଳ ଆହୁତି ଦେଇ ସୃଷ୍ଟି କରିଛନ୍ତି ରସ ଓ ସୌନ୍ଦର୍ଯ୍ୟର ଅମୃତ ଉପବନ । "One must die to life in order to be utterly a creator"—ଟମାସ ମ୍ୟାନ୍‌ଙ୍କର ଏହି ଜୀବନ-ବାଣୀର ସେ ଯେପରି ଜଣେ ସର୍ବକାଳିକ ପ୍ରତିଭୂ । ସେଥିପାଇଁ 'କବିଧର୍ମ'ରେ ସେ ଲେଖିଛନ୍ତି—'ଯେ ଦୁଃଖ ବେଦନାର ହାତୁଡ଼ି ପାହାର ନ ସହିଛି, ସେଭଳି କଳା ସୃଷ୍ଟି କରି ପାରେ ନାହିଁ । ମାଡ଼ ଖାଇ ଖାଇ ହାତ ଯାହାର ଚୂନା ହୋଇଥିବ, ମାଉଁସ ପିଣ୍ଡି ହୋଇ ଯାଇଥିବ, କାଦୁଅ ମେଞ୍ଚା ହୋଇଥିବ, ସେଇ ହୋଇପାରିବ ଖାଣ୍ଟି ଲେଖକ ।'

ସଂଗୀତ ଥିଲା କବିଙ୍କର ଜୀବନସାଥୀ ଏବଂ 'ଜୀବନ ସଙ୍ଗୀତ'ରେ ତାଙ୍କର କବିତ୍ୱ, ସଙ୍ଗୀତ ଓ ବ୍ୟକ୍ତିତ୍ୱର ଯେପରି ମନୋଜ୍ଞ ଓ ମଧୁର ତ୍ରିବେଣୀ ପରିଲକ୍ଷିତ, ଆଧୁନିକ ଓଡ଼ିଆ କାବ୍ୟ-କବିତା-ରାଜ୍ୟରେ ତାର ଦ୍ୱିତୀୟ ଦୃଷ୍ଟାନ୍ତ ମିଳିବା ଦୁର୍ଲ୍ଲଭ । କବିଙ୍କର 'ଗୁଡଘଣ୍ଟା ଗୀତ' 'ବୁକୁରକ୍ତରେ' ଏଥିରେ ଲିଖିତ । ସେଥିପାଇଁ 'ଜୀବନ ସଂଗୀତ'

ସଂପର୍କରେ ଘନେ ଲେଖିଥିଲେ—"ଯେଉଁ ଶିଳ୍ପୀର ଜୀବନଟାଇ ହେଉଛି 'ଅସରା ଲୋତକଧାରା'ର ପ୍ରବାହ, 'ସବୁଯାଇ ଏକା ନୟନର ଜଳ' ଯାହାର ଏକମାତ୍ର 'ଜୀବନସମ୍ବଳ' ଏବଂ 'ଭଙ୍ଗା ଆଙ୍ଗୁଳିଟି ଧରି' ଅପରାଜେୟ ମାନବତା, ଅଦମ୍ୟ ଆତ୍ମ-ବିଶ୍ୱାସ ବଳରେ ଜୀବନର 'ଜୀର୍ଣ୍ଣ ତରୀ' ଖଣ୍ଡିକ ବାହିବାରେ ଯେଉଁ ନାବିକ-ଶିଳ୍ପୀ ଝଡ ବିକ୍ଷୁବ୍ଧ କାରୁଣ୍ୟ-ପାରାବାରରେ ଝଞ୍ଜାବାତକୁ ଭ୍ରୂକ୍ଷେପ ନକରି ସର୍ବଦା ଅଗ୍ରଗାମୀ ସେ ନାବିକ କଣ୍ଠରୁ ଏଭଳି 'ଜୀବନ ସଙ୍ଗୀତ'ର ସ୍ୱର-ନିର୍ଝର ସୃଷ୍ଟି ନହୋଇ ଆଉ କାହା କଣ୍ଠରୁ ବା ନିଃସୃତ ହୁଅନ୍ତା ?" 'ଜୀବନ ସଙ୍ଗୀତ'ରେ ଥିବା—

ବସନ୍ତ ଗଲାଣି, ଆଉରେ କାହିଁକି ବହୁଛୁ ଦକ୍ଷିଣାବତାସ
ବୁକୁ ପୋଡ଼ିଲାଣି, ତୁଚ୍ଛା ଠାରେ କିଆଁ ରହୁଛୁରେ ହା'-ହୁତାଶ;
ଭାଙ୍ଗିଲାଣି ବୀଣା, ଛିଡ଼ିଲାଣି ତାର ଘୂମୁରୁଛୁ କିମ୍ପାଁ ମଲ୍ଲାର ତାର
ଝଡ଼ିଲାଣି ଫୁଲ, ଆଉ କାହା ପାଇଁ ଡାଳଟା ପଡ଼ୁଛୁ ନଇଁକି ?
ଭାଙ୍ଗିଲାଣି ଯେବେ ହାଟଟା, କାହିଁକି ଆଉରେ ରହୁଛୁ ଗହକି ?

ଅଥବା

ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ,
ଯାହା ଦେଇଥିଲ ସବୁତ ନେଲଣି ଆଉ ଏବେ କିସ ଛଡ଼ାଇବ ହେ ।—

ପ୍ରଭୃତି କାବ୍ୟ-ପଙ୍କ୍ତି ଗୁଡିକରେ ବିଦଗ୍ଧ ହୃଦୟର ବ୍ୟଥା-ମୂର୍ଚ୍ଛିତ କାବ୍ୟିକ ପ୍ରକାଶ ଯେପରି ଘଟିଛି, ତା'ର ତୁଳନା ଓଡ଼ିଆ କାବ୍ୟଜଗତରେ ବିରଳ ।

ପଡ଼ୋଶୀ ବଙ୍ଗ ସାହିତ୍ୟର କାନ୍ତକବି ରଜନୀକାନ୍ତଙ୍କ ସହିତ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସଂଗୀତ-ସାଧନା କ୍ଷେତ୍ରରେ ତୁଳନା କରାଯାଇପାରେ । ବସ୍ତୁତଃ ରଜନୀକାନ୍ତ ଓ ରବୀନ୍ଦ୍ରନାଥଙ୍କ ସୃଷ୍ଟି ପ୍ରତିଭାର ପ୍ରଭାବ ତାଙ୍କର ଗୀତିମାଳା ମଧ୍ୟରେ ପରିଲକ୍ଷିତ । କଲେଜ ଜୀବନରେ ତଳଶ୍ରେଣୀରେ ପଢୁଥିବା କୃଷ୍ଣପ୍ରସାଦ ବସୁଙ୍କ କଣ୍ଠରୁ ବଙ୍ଗୀୟ କବି ରଜନୀକାନ୍ତଙ୍କ ଯେଉଁ ସଂଗୀତଟି ସେ ଶୁଣିଥିଲେ ତାହା ତାଙ୍କର ପରବର୍ତ୍ତୀ ଜୀବନକୁ କରିଥିଲା ଆବିଷ୍ଟ, ଅନ୍ତର୍ଦୃଷ୍ଟି ସଂପନ୍ନ ଓ ରହସ୍ୟମୟ । ସେ ସଂଗୀତର କେତୋଟି ପଦ ହେଉଛି—

"କବେ ତୃଷିତ ଏ ମରୁ ଛାଡ଼ିୟା ଯାଇବ ତୋମାର ରସାଲ ନନ୍ଦନେ,
କବେ ତାପିତ ଏ ଚିତ କରିବ ଶୀତଲ ତୋମାର କରୁଣା ଚନ୍ଦନେ ।"

ଏଇ ଗୀତର ଅମୃତବର୍ଷା କବି ନିଜ ଗୀତି-କେଦାର ମଧ୍ୟରେ ଆଜୀବନ କରିଯାଇଛନ୍ତି । ରଜନୀକାନ୍ତଙ୍କ ପୀଡ଼ିତ ଓ ପରିଣତ ଜୀବନର ରହସ୍ୟାନୁଭୂତି—

'ମଧୂରେ ଢେକେଛ ତବୁ ଚେତନା ହୃଦୟନ ପ୍ରଭୁ, ଅବିଶ୍ରାନ୍ତ କଶାଘାତ ନା ହେଲେ କି ଜାଗେ ଚିତ?'—କାନ୍ତକବିଙ୍କ ଜୀବନୀ ଓ ସୃଷ୍ଟିରେ ହୋଇଥିଲା ବହୁଚର୍ଚ୍ଚିତ ଓ ବର୍ଣ୍ଣାଢ୍ୟ। ଏହି ମନୋଗ୍ରାଫ୍‌ର ଲେଖକ କାନ୍ତକବିଙ୍କ ଜଣେ ଗୁଣଜ୍ଞ ଓ ବିଦଗ୍ଧ ପାଠକ ଅଧ୍ୟାପକ ସୁଧାଂଶୁ ଶେଖର ରାୟ ଲକ୍ଷ୍ମୀକାନ୍ତଙ୍କ ଗୃହଜୀବନର ପୂର୍ବୋକ୍ତ ଘଟଣାଟି ମଧ୍ୟ ଉଲ୍ଲେଖ କରିଛନ୍ତି। ତା' ସହିତ ସେ ପ୍ରଦର୍ଶନ କରିଛନ୍ତି ଲକ୍ଷ୍ମୀକାନ୍ତଙ୍କ ଜୀବନୀ ଓ ପ୍ରତିଭାର ବହୁ ବିଚିତ୍ର ଓ ବର୍ଣ୍ଣୋଜ୍ଜ୍ୱଳ ସୌନ୍ଦର୍ଯ୍ୟ। ଅଧ୍ୟାପକ ରାୟଙ୍କ ଆଲୋଚନାରେ ତାଙ୍କ ସ୍ୱକୀୟ ସୃଜନଶୀଳତାର ସ୍ୱର ମଧ୍ୟ ଶ୍ରୁତିଗୋଚର। ଏକାଡ଼େମୀଙ୍କ ପକ୍ଷରୁ ଏହି ଗ୍ରନ୍ଥଟିର ସମୀକ୍ଷା ମଧ୍ୟ ସଂପନ୍ନ କରିଛନ୍ତି କାନ୍ତକବିଙ୍କ ସୁଯୋଗ୍ୟ ପୁତ୍ର ଓ ସାହିତ୍ୟ-ସ୍ରଷ୍ଟା ଶ୍ରୀ ନିତ୍ୟାନନ୍ଦ ମହାପାତ୍ର। କାନ୍ତକବିଙ୍କ ସୃଷ୍ଟି-ପ୍ରତିଭାକୁ ଅଧିକ ପ୍ରୋଜ୍ଜ୍ୱଳ କରି ଏହାର ପାଦପ୍ରଦୀପ ପ୍ରଜ୍ଜ୍ୱଳନ କରିଛନ୍ତି ଏକାଡ଼େମୀର ସଭାପତି ସାହିତ୍ୟ-ସାଧକ ସୁରେନ୍ଦ୍ର ମହାନ୍ତି। ଏହି ଗ୍ରନ୍ଥର ପ୍ରକାଶନ ପାଠକ ଓ ଆଲୋଚକ ମହଲରେ କାନ୍ତକବିଙ୍କ ଜୀବନୀ ଓ ସୃଷ୍ଟି ମହିମା ପ୍ରଦର୍ଶନ କରିବାକୁ ସହାୟକ ହେଲେ ଏକାଡ଼େମୀ ପକ୍ଷରୁ ପ୍ରକାଶିତ 'ଜୀବନ ଓ ପ୍ରତିଭା-ପ୍ରକାଶ ଗ୍ରନ୍ଥମାଳା' ଅନୁକ୍ରମରେ ରଚିତ ଏହି ମନୋଗ୍ରାଫ୍‌ଟି କାନ୍ତକବିଙ୍କ ଅମର କାବ୍ୟପୁରୁଷ ପ୍ରତି ଏକାଡ଼େମୀ କର୍ତ୍ତୃପକ୍ଷଙ୍କର ସାମାନ୍ୟ ଅର୍ଘ୍ୟଦାନ ବୋଲି ବିବେଚିତ ହେବ।

ଚନ୍ଦ୍ରମଣି ବେହେରା
ସଂପାଦକ
ଓଡ଼ିଶା ସାହିତ୍ୟ ଏକାଡ଼େମୀ

ଭୁବନେଶ୍ୱର
ତା ୧୨।୪।୮୫

# ମୁଖବନ୍ଧ

କାନ୍ତକବିଙ୍କ ସ୍ମୃତି ବିସ୍ମୟରେ ଉଜ୍ଜ୍ୱଳ—ବେଦନାରେ ଅଶ୍ରୁଳ । ଆଜି କାହାରି ସ୍ମୃତିରେ ବିସ୍ମୟ ଓ ବେଦନା ଏପରି ଓତପ୍ରୋତ ଭାବରେ ମିଳିତ ହୋଇଛି କି ନାହିଁ ସନ୍ଦେହ । ବିସ୍ମୟ ତାଙ୍କ ପ୍ରତିଭାର ବହୁମୁଖିତା ପାଇଁ-ତାଙ୍କ ବ୍ୟକ୍ତିତ୍ୱର ଅନମନୀୟ ଦୃଢ଼ତା ପାଇଁ-ତାଙ୍କ ଚରିତ୍ରର ଉଦାର ଶୌର୍ଯ୍ୟ ପାଇଁ । ବିସ୍ମୟ ତାଙ୍କର ଅମିତ ପ୍ରାଣ-ପ୍ରାଚୁର୍ଯ୍ୟ ପାଇଁ-ହସିବାର ଓ ହସାଇବାର ଅମିତ କ୍ଷମତା ଓ ଦକ୍ଷତା ପାଇଁ । ବେଦନା ତାଙ୍କ ଜୀବନର ତାଣ୍ଡବ-ଘନ ହାହାକାର ପାଇଁ—ତାଙ୍କ ଅଶ୍ରୁକାତର ଅସହାୟତା ପାଇଁ । ଏଇ ବେଦନା ସତ୍ତ୍ୱେ ବି ପୁଣି ବିସ୍ମୟ ଓ ପୁଣି ଦୀପ୍ତ ଚମକ ତାଙ୍କର ସେଇ ଚରମ ହାହାକାର ଭିତରେ ବି ତାଙ୍କର ଅପୂର୍ବ ସାହସ ପାଇଁ-ତାଙ୍କର ସେଇ ଆତୁର ଅସହାୟତା ଭିତରେ ବି ତାଙ୍କର ଅଟଳ ଅଦମ୍ୟ ଈଶ୍ୱର ବିଶ୍ୱାସ ପାଇଁ-ତାଙ୍କର ସ୍ୱଚ୍ଛ, ନିର୍ମଳ, ବିଶ୍ୱାସ ବିପୁଳ ଆତ୍ମସମର୍ପଣ ପାଇଁ ।

କାନ୍ତକବି ଗୀତ ବୋଲିଛନ୍ତି ଓ କାନ୍ଦିଛନ୍ତି-କାନ୍ଦିଛନ୍ତି ପୁଣି ଗୀତ ବୋଲିଛନ୍ତି । ସେ ହସିଛନ୍ତି ଅଯମ୍ଲାନ ହୋଇ-ଲୋକଙ୍କ ପ୍ରାଣରେ ଅଯମ୍ଲାନ ହସର ଉତ୍ସ ସୃଷ୍ଟି କରିଛନ୍ତି ସେ । ଏଇ କାନ୍ଦିବା ଓ ହସିବାର ଦ୍ୱୈତ ଚେତନା—ଦ୍ୱୈତ ଅନୁଭୂତିର ଊର୍ଦ୍ଧ୍ୱକୁ ସେ ଉଠିଛନ୍ତି କି ନାହିଁ କିଏ କହିବ ? ତଥାପି ତାଙ୍କର ଗୀତର ଗୋଟିଏ ଗୋଟିଏ ଧାଡ଼ି-ତାଙ୍କ ହସର ଗୋଟିଏ ଗୋଟିଏ ଖିଅ ମନରେ ଏଇ ଭାବ ମୁଦ୍ରିତ କରିଦିଏ ଯେ ସେ ନିର୍ଲିପ୍ତତାର ନିସ୍ତରଙ୍ଗ ରାଜ୍ୟକୁ ଚାଲିଯାଇ ପାରୁଥିଲେ ହୁଏତ—ସ୍ଥିତ-ପ୍ରଜ୍ଞତାର ତୁରୀୟ ଆନନ୍ଦରେ ମଗ୍ନ ହୋଇ ଯାଇ ପାରୁଥିଲେ ହୁଏତ । ତାଙ୍କ ଜୀବନରେ ବିଶେଷତଃ ଜୀବନର ଶେଷଭାଗର ଗୋଟିଏ ଗୋଟିଏ ମୁହୂର୍ତ୍ତ ତୁରୀୟ ଶାନ୍ତିର ସ୍ଥିର, ମନୋହର ଦ୍ୟୁତି ପରି ପ୍ରତିଭାତ ହେଉଥିଲା—ନିର୍ଲିପ୍ତ ଆନନ୍ଦର ଶାନ୍ତ ମୂର୍ଚ୍ଛନା ପରି ଝଙ୍କୃତ ହେଉଥିଲା ।

କାନ୍ତକବିଙ୍କ ପ୍ରତି ଭକ୍ତି ଯେତେ ହୁଏ ପ୍ରେମ ହୁଏ ତାଠୁ ଅଧିକ । ସସମ୍ଭ୍ରମ ସମ୍ମାନର ଦୂରତାରୁ ତାଙ୍କୁ ନ ଦେଖି ପ୍ରେମ-ରୋମାଞ୍ଚିତ ହୃଦୟର ନିଭୃତ ନିଳୟରେ ତାଙ୍କୁ ସ୍ଥାନ ଦେବାକୁ ଇଚ୍ଛା ହୁଏ । ସେ ବୈଷ୍ଣବ—ପ୍ରେମ ଭାବର ଉପାସକ । ତାଙ୍କୁ ବୁଝିବାକୁ ହେଲେ ପ୍ରେମ ଭାବହିଁ ଶ୍ରେଷ୍ଠ ଉପାୟ —ପ୍ରକୃଷ୍ଟ ପନ୍ଥା ।

କାନ୍ତକବି ଥିଲେ ବିସ୍ମୟକର ପ୍ରତିଭାର ଅଧିକାରୀ । ରୋଗର ଜ୍ୱାଳା ଏବଂ ସାଂସାରିକ ନାନା ଯାତନା ଓ ବିଡ଼ମ୍ବନା ଯୋଗୁଁ ସେଇ ପ୍ରତିଭାର ପୂର୍ଣ୍ଣ ବିକାଶ ଓ ସଫଳ ରୂପାୟନ ହୋଇ ପାରି ନ ଥିଲା । ତାଙ୍କର ଅନେକ ସୃଷ୍ଟିରେ ତାଙ୍କ ପ୍ରତିଭାର ବିକାଶ କେବଳ

ଅଙ୍କୁର ଆକାରରେ-କେବଳ ସୂଚନା ଓ ସମ୍ଭାବନାର ଅସ୍ପଷ୍ଟ ଠାଣିରେ ଦେଖିବାକୁ ମିଳେ । ସେ ଅଙ୍କୁର ପଲ୍ଲବ ଓ ପୁଷ୍ପରେ ମଣ୍ଡିତ ହୋଇ ବାଦ୍‌ଗ୍ଧ ଚଉକୁ ସୁରଭିତ ସ୍ନିଗ୍ଧ ଦେବାର ସୁଯୋଗ ଓ ଅନୁକୂଳ ପରିସ୍ଥିତି ପାଇ ନ ଥିଲା । ସେ ଥିଲେ ଜଣେ ପ୍ରସିଦ୍ଧ କବି ରୂପେ ପ୍ରଖ୍ୟାତ-ଅଥଚ ତାଙ୍କର ଗଦ୍ୟ ସୃଷ୍ଟିର ଅପରୂପ ଠାଣି ଉପରେ ଯଦି ଦୃଷ୍ଟି ନିକ୍ଷେପ କରାଯାଏ ତାହେଲେ ବିସ୍ମିତ ହେବାକୁ ପଡ଼େ । ସେ ଗଦ୍ୟରେ କେଉଁଠି ଅଛି ସଙ୍ଗୀତର ମଧୁରତା, କେଉଁଠି ଅଛି କଠିନ ଭାଷାର ଦୃଢ଼ ଦୃଷ୍ଟିଭଙ୍ଗୀ ଓ ଗମ୍ଭୀର ମୂର୍ତ୍ତି, କେଉଁଠି ଅଛି ଶିଶୁର କୋମଳ କାନ୍ତି, କେଉଁଠି ଅଛି ପ୍ରବୀଣ ଚିନ୍ତାର ପରିପକ୍ୱତା । ତାଙ୍କ ଇଂରାଜି ରଚନାର ଶୈଳୀ ମଧ୍ୟ ବିଶେଷ ଭାବରେ ଉଲ୍ଲେଖନୀୟ । ତାଙ୍କ ଡାଏରିରେ ସେଇ ଇଂରାଜି ଭାଷାର ମନୋହର ଉଚ୍ଛ୍ୱାସ ଦେଖିବାକୁ ମିଳେ । ତାଙ୍କ ଜୀବନ ସଙ୍ଗୀତର ଅନେକ ଗୁଡ଼ିଏ ସଙ୍ଗୀତକୁ ଯେ ଇଂରାଜିରେ ଅନୁବାଦ କରିଥିଲେ ଯେଉଁଥିରେ ଭାବ ଓ ଭାଷାର ଅନବଦ୍ୟ ସମନ୍ୱୟ ଦେଖିବାକୁ ମିଳେ । 'Observer' ର ସମ୍ପାଦକଙ୍କ ଅନୁରୋଧ କ୍ରମେ ସେ ଇଂରାଜିରେ ନାଟକଟିଏ ଲେଖିଥିଲେ ଯାହାକି ଅତି ଉଚ୍ଚ ପ୍ରଶଂସା ଲାଭ କରିବାକୁ ସମର୍ଥ ହୋଇଥିଲା । 'Current Affairs' ପତ୍ରିକାରେ ପ୍ରକାଶିତ ତାଙ୍କ କ୍ଷୁଦ୍ରଗଳ୍ପ 'The music of the whistle' ପାଠକରି ଫ୍ରାନ୍‌ସର ଜନୈକ ଭଦ୍ର ମହିଳା ମୁଗ୍ଧ ହୋଇଥିଲେ ଏବଂ ତାହାକୁ ଫରାସି ଭାଷାରେ ଅନୁବାଦ କରିବା ସକାଶେ ଇଚ୍ଛା ପ୍ରକାଶ କରିଥିଲେ । ଏବେ ଓଡ଼ିଆ ଲେଖକମାନଙ୍କର ରଚନାସମୂହ ଇଂରାଜିରେ ଅନୂଦିତ ହେବାର ଯେଉଁ ବଳିଷ୍ଠ ଉଦ୍ୟମ ଦେଖା ଦେଇଛି କାନ୍ତକବି ଥିଲେ ତହିଁର ଅନ୍ୟତମ ବରିଷ୍ଠ ପଥିକୃତ ଓ ଦିଶାରୀ ।

ଏ ଜାତିର ଦୁର୍ଭାଗ୍ୟ ଯେ ଏପରି ଏକ ବିପୁଳ ଓ ବହୁମୁଖୀ ପ୍ରତିଭାର ପୂର୍ଣ୍ଣ ବିକାଶ ଓ ପୂର୍ଣ୍ଣ ରୂପାୟନ ଲାଗି ସମ୍ୟକ ସୁଯୋଗ ଓ ଅନୁକୂଳ ପରିସ୍ଥିତି ମିଳିଲା ନାହିଁ ।

ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ଏଇପରି ଏକ ମହାନ କବିଙ୍କ ଜୀବନୀ ରଚନାର ଦାୟିତ୍ୱ ଯେତେବେଳେ ମୋ ଉପରେ ଅର୍ପିତ ହେଲା ସେତେବେଳେ ମୁଁ ଯେତେ ଆନନ୍ଦିତ ହେଲି ତାଠୁ ଅଧିକ ଶଙ୍କିତ ହେଲି । ମୋ ମନରେ ଘୋର ସନ୍ଦେହ ଜାଗିଲା-ହୁଏତ କାନ୍ତକବିଙ୍କ ଜୀବନର ଅପୂର୍ବ ରହସ୍ୟ ଓ ତାଙ୍କ ସୃଷ୍ଟିର ଅନୁପମ କଳା-କୌଶଳର ସମ୍ୟକ୍‌ ପରିଚୟ ଦେବା ମୋର ଦୁର୍ବଳ ଓ ଅନିପୁଣ ଲେଖନୀ ପକ୍ଷେ ସମ୍ଭବପର ହେବନାହିଁ ।

ପୂର୍ବ ସୂରିଙ୍କୁ ପାଶୋରି ପକାଇବା ଏବଂ ଜାତୀୟ ପରମ୍ପରା ପ୍ରତି ଉଦାସୀନତା ପୋଷଣ କରିବା ଆମର ଏକ ଜାତୀୟ ବ୍ୟାଧି । ମାତ୍ର ତିରିଶ ବର୍ଷ ପୂର୍ବେ କାନ୍ତକବି

ଆମର ଭିତରେ ଜୀବିତ ଥିଲେ । ତାଙ୍କର ଚରିତ୍ର ଓ ଚେତନାର ବିମଳ ଦୀପ୍ତି ଦ୍ୱାରା ଆମ ଜୀବନକୁ ଆଲୋକିତ କରୁଥିଲେ । ଏଇ ତିରିଶ ବର୍ଷର ସଂକୀର୍ଣ୍ଣ ବ୍ୟବଧାନ ପରେ ଆଜି ଅନେକେହିଁ ତାଙ୍କ ବିଷୟରେ ଅନେକ କଥା ଜାଣନ୍ତି ନାହିଁ । ତାଙ୍କ ସହିତ ଘନିଷ୍ଠ ଭାବରେ ପରିଚିତ ହେବାର ସୁଯୋଗ ଯେଉଁମାନେ ପାଇଥିଲେ ସେମାନେ ମଧ୍ୟ ତାଙ୍କ ଜୀବନର ନାନା ମୂଲ୍ୟବାନ ତଥ୍ୟ ସଂଗ୍ରହ କରିବାକୁ ଉତ୍ସାହୀ ହୋଇ ନାହାନ୍ତି । ତେଣୁ ତାଙ୍କ ବିଷୟରେ ଜ୍ଞାତବ୍ୟ ବିଷୟସମୂହ ସଂଗ୍ରହ କରିବାକୁ ମୋତେ ଯଥେଷ୍ଟ କ୍ଳେଶ ସ୍ୱୀକାର କରିବାକୁ ପଡ଼ିଛି । ଗୋଟିଏ ପୂର୍ଣ୍ଣାଙ୍ଗ ଆଲେଖ୍ୟ ପାଇବା ପାଇଁ ମୋତେ ଭିନ୍ନ ଭିନ୍ନ ସମୟରେ ପ୍ରକାଶିତ ନାନା ପତ୍ର ପତ୍ରିକା ଓ ସ୍ମରଣିକାରେ ପ୍ରକାଶିତ ପ୍ରବନ୍ଧ ଓ ସ୍ମୃତିଚାରଣରୁ ନାନା ତଥ୍ୟ ସଂଗ୍ରହ କରିବାକୁ ପଡ଼ିଛି । କାନ୍ତକବିଙ୍କ ପ୍ରତି ଶ୍ରଦ୍ଧାଶୀଳ କେତେକ ବ୍ୟକ୍ତିଙ୍କଠାରୁ ଜ୍ଞାତବ୍ୟ ବିଷୟ ଆହରଣ କରିବାକୁ ପଡ଼ିଛି । ଏ ବିଷୟରେ ମୋତେ ବିଶେଷଭାବରେ ଯେଉଁମାନେ ସାହାଯ୍ୟ କରିଛନ୍ତି ସେମାନଙ୍କ ଭିତରୁ ମୁଖ୍ୟତଃ କାନ୍ତକବିଙ୍କ ପୁତ୍ର ଏବଂ ମୋର ଅନ୍ତରଙ୍ଗ ବନ୍ଧୁ ଶ୍ରୀ ଗୌରଚନ୍ଦ୍ର ମହାପାତ୍ର ଏବଂ କାନ୍ତକବିଙ୍କ ସ୍ୱୀୟ ଗ୍ରାମବାସୀ ଶ୍ରୀ କୃପାସିନ୍ଧୁ ଦାଶଙ୍କ ନାମ ବିଶେଷଭାବରେ ଉଲ୍ଲେଖ-ଯୋଗ୍ୟ । କାନ୍ତକବିଙ୍କ ପବିତ୍ର ସ୍ମୃତି ପ୍ରତି ଶ୍ରୀଯୁକ୍ତ ଦାଶଙ୍କ ଏକନିଷ୍ଠ ଓ ଗଭୀର ଶ୍ରଦ୍ଧା ପ୍ରକୃତରେ ଚମକପ୍ରଦ । କାନ୍ତକବିଙ୍କ ଜ୍ୟେଷ୍ଠ ପୁତ୍ର ସୁନାମଧନ୍ୟ ଲେଖକ ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କର ମୋ ପ୍ରତି ଅକୃତ୍ରିମ ସ୍ନେହ ମଧ୍ୟ ଏଇ ଜୀବନୀ ରଚନା ଲାଗି ମୋତେ ବିଶେଷ ଭାବରେ ଅନୁପ୍ରାଣିତ କରିଛି ।


ମୋ ପାଣ୍ଡୁଲିପିର ଅନୁଲିଖନ ସକାଶେ ଚରମ୍ପା ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀ ବିଜୟ କୁମାର ଜେନାଙ୍କ ସଶ୍ରଦ୍ଧ ଶ୍ରମ ମଧ୍ୟ ବିଶେଷ ଭାବରେ ସ୍ମରଣୀୟ ।

ଏଇ ଜୀବନୀ ରଚନାର ପବିତ୍ର ଦାୟିତ୍ୱ ମୋ ଉପରେ ଅର୍ପିତ ହୋଇଥିବାରୁ ମୁଁ ଓଡ଼ିଶା ସାହିତ୍ୟ ଏକାଡେମୀ ନିକଟରେ ଏବଂ ତାର ଅଧୁନାତନ ସମ୍ପାଦକ ପ୍ରଖ୍ୟାତ ସାରସ୍ୱତ ସାଧକ ଅଧ୍ୟାପକ ଶ୍ରୀଯୁକ୍ତ ଚିନ୍ତାମଣି ବେହେରାଙ୍କ ନିକଟରେ ଗଭୀରଭାବରେ ଋଣୀ ।

**ସୁଧାଂଶୁ ଶେଖର ରାୟ**

# ସୂଚୀପତ୍ର


| ବିଷୟ | ପୃଷ୍ଠା |
| --- | --- |
| **ଜୀବନୀ-ପରିକ୍ରମା** | |
| ପ୍ରଭାତ ଓ ପୂର୍ବାହ୍ଣ | ୧ |
| ମଧ୍ୟାହ୍ନ | ୧୧ |
| ଅପରାହ୍ଣ ଓ ସଂଧ୍ୟା | ୫୦ |
| **ସାହିତ୍ୟ-ପରିକ୍ରମା** | |
| ହାସ୍ୟରସ-ସ୍ରଷ୍ଟା କାନ୍ତକବି | ୭୩ |
| ଗାୟକ ଓ ଗୀତକାର କାନ୍ତକବି | ୮୩ |
| ଶିଶୁସାହିତ୍ୟ ସ୍ରଷ୍ଟା କାନ୍ତକବି | ୯୨ |
| ପ୍ରାବନ୍ଧିକ କାନ୍ତକବି | ୧୦୦ |
| କାନ୍ତକବିଙ୍କ କଥା-ସାହିତ୍ୟ | ୧୦୫ |
| କାନ୍ତକବିଙ୍କ କବିତା ଓ ନାଟକ | ୧୧୧ |



ଜନ୍ମ—ଡ଼ିସେମ୍ବର ୯, ୧୮୮୮ ମୃତ୍ୟୁ—ଫେବୃଆରୀ ୨୪ ୧୯୫୩

# ପ୍ରଭାତ ଓ ପୂର୍ବାହ୍ନ

ଚୌଧୁରୀ ଭାଗବତପ୍ରସାଦ ସାମନ୍ତରାୟ ମହାପାତ୍ର ! ଆଭିଜାତ୍ୟର ପରିଚୟ ରହିଛି ଏହି ନାମଟିରେ-ରହିଛି ବଂଶ ମର୍ଯ୍ୟାଦାର ସ୍ପଷ୍ଟ ସଙ୍କେତ । ଯାହାଙ୍କର ଏହି ନାମ, ସେ ଜନ୍ମଗ୍ରହଣ କରିଥିଲେ ତାଲପଦାର ସାମନ୍ତରାୟ ବଂଶରେ । ବାଲେଶ୍ୱର ଜିଲ୍ଲାର ଭଦ୍ରକ ସବ୍‌ଡିଭିଜନ୍‌ରେ ଅବସ୍ଥିତ ତାଲପଦା ଗ୍ରାମର ପ୍ରସିଦ୍ଧି ଓ ପ୍ରତିଷ୍ଠା କିମ୍ବଦନ୍ତୀରେ ସ୍ୱୀକୃତ । ଭଦ୍ରକର ପୀଠଦେବୀ ଭଦ୍ରକାଳୀଙ୍କ ସମ୍ବନ୍ଧରେ ଯେଉଁ କିମ୍ବଦନ୍ତୀ ପ୍ରଚଳିତ, ସେହି କିମ୍ବଦନ୍ତୀ ଭଦ୍ରକାଳୀଙ୍କ ପୀଠପ୍ରତିଷ୍ଠା ସମ୍ବନ୍ଧରେ ଯେପରି ଏକ ବିସ୍ମୟକର କାହାଣୀ କହେ, ସାମନ୍ତରାୟ ବଂଶର ଉଦ୍ଭବ ସମ୍ପର୍କରେ ମଧ୍ୟ ସେହିପରି ଏକ ରୋମାଞ୍ଚକର ସୂଚନା ବହନ କରେ । ଚୌହାନ୍‌ବଂଶୀୟ କୌଣସି ଏକ ରାଜପୁତଙ୍କର ପ୍ରେମକାହାଣୀ, ଭଦ୍ରକାଳୀଙ୍କ ପୀଠପ୍ରତିଷ୍ଠା ସମ୍ବନ୍ଧୀୟ କାହାଣୀ ଏବଂ ସାମନ୍ତରାୟ ବଂଶର ଉଦ୍ଭବର କାହାଣୀ ଗୋଟିଏ ବୃନ୍ତରେ ତିନୋଟି ପୁଷ୍ପ ପରି, ଗୋଟିଏ ଉତ୍ସର ତିନୋଟି ଧାରା ପରି, ଗୋଟିଏ ସ୍ୱର ସଂଯୋଗର ତିନୋଟି ମୂର୍ଚ୍ଛନା ପରି ପରସ୍ପର ସହିତ ନିବିଡଭାବରେ ସଂପୃକ୍ତ । ସୁଦୂର ରାଜପୁତାନାରୁ ଆଗତ ଚୌହାନ୍‌ବଂଶୀୟ ସେହି କ୍ଷତ୍ରିୟଙ୍କଠାରୁ ସାମନ୍ତରାୟ ବଂଶର ସୃଷ୍ଟି ।

ସାମନ୍ତରାୟ ବଂଶରେ ଜାତ ଭାଗବତପ୍ରସାଦ କେବଳ ଯେ ସମ୍ଭ୍ରାନ୍ତବଂଶୀୟ ଜମିଦାର ଥିଲେ ତା' ନୁହେଁ; ନିଜର ଶକ୍ତି, ସାମର୍ଥ୍ୟ, ଯୋଗ୍ୟତା ଓ ବ୍ୟକ୍ତିତ୍ୱଦ୍ୱାରା ସେ ସ୍ୱୀୟ ବଂଶମର୍ଯ୍ୟାଦାକୁ ଆହୁରି ପୁଷ୍ଟ ଓ ଉଜ୍ଜ୍ୱଳ କରି ତୋଳିଥିଲେ ।

ଚୌଧୁରୀ ହରିହର ସାମନ୍ତରାୟ ମହାପାତ୍ରଙ୍କ ଔରସରୁ ଜାତ ଚୌଧୁରୀ ଭାଗବତ-ପ୍ରସାଦ ଜଣେ ପ୍ରସିଦ୍ଧ ଓକିଲ ଥିଲେ । ଓକିଲାତି ସକାସେ ପ୍ରଥମେ ସେ ବାଲେଶ୍ୱର ଓ ପରେ ସ୍ଥାୟୀ ଭାବରେ ଭଦ୍ରକରେ ବସବାସ କରୁଥିଲେ । ସେ ଥିଲେ ବିହାର ଓଡ଼ିଶା ବ୍ୟବସ୍ଥା ସଭାର ସଭ୍ୟ ପୁଣି ଡେପୁଟି ପ୍ରେସିଡେଣ୍ଟ । ବହୁ ସାଧାରଣ ଅନୁଷ୍ଠାନର ସେ ଥିଲେ ପ୍ରତିଷ୍ଠାତା । ଧର୍ମ, ସଂସ୍କୃତି ସମାଜସେବା ଓ ଶିକ୍ଷା ବିସ୍ତାର କ୍ଷେତ୍ରରେ ସେ ଥିଲେ ପୁରୋଧା ବା ପୃଷ୍ଠପୋଷକ । ନାନା ଜନହିତକର କାର୍ଯ୍ୟରେ ସେ ଥିଲେ ଅଗ୍ରଣୀ । କେତେ ଦଶନ୍ଧିପାଇଁ ସେ ନିଜ ଅଞ୍ଚଳରେ ଅବିସମ୍ବାଦିତ ନେତାରୂପେ ସମ୍ମାନ; ଶ୍ରଦ୍ଧା ଓ ଜନପ୍ରିୟତା ଅର୍ଜନ କରିଥିଲେ । ଗାନ୍ଧିଜୀଙ୍କ ଦ୍ୱାରା ଭାରତବର୍ଷରେ କୁଟୀରଶିଳ୍ପର ପ୍ରଚାର,

ପ୍ରତିଷ୍ଠା ଓ ପ୍ରସାର ହେବାର ବହୁ ପୂର୍ବରୁ ଚୌଧୁରୀ ଭାଗବତପ୍ରସାଦଙ୍କ ଉଦ୍ୟମରେ ଭଦ୍ରକରେ କୁଟୀରଶିଳ୍ପର ପ୍ରତିଷ୍ଠା ଓ ପ୍ରସାର ହୋଇ ପାରିଥିଲା । ଏଇପରି ଜଣେ କୀର୍ତ୍ତିଶାଳୀ ଓ ଧନାଢ୍ୟ ବ୍ୟକ୍ତିଙ୍କର ଜ୍ୟେଷ୍ଠ ପୁତ୍ର ଥିଲେ ଲକ୍ଷ୍ମୀକାନ୍ତ ।

ଗୀତାରେ ଅଛି—ମାସାନାଂ ମାର୍ଗଶୀର୍ଷ । ଏଇ ମାର୍ଗଶୀର୍ଷରେ କୃଷକର ଖଳା ପକ୍ୱଧାନ୍ୟର ଅପୂର୍ବ ଶୋଭାରେ ମଣ୍ଡିତ ହୁଏ ଏବଂ ତା ର ମନ ଶ୍ରମ-ସାଫଲ୍ୟର ଅପୂର୍ବ ଆନନ୍ଦରେ ଉଦ୍ଭାସିତ ହୁଏ । ଲକ୍ଷ୍ମୀକାନ୍ତ ମଧ୍ୟ ଜନ୍ମଗ୍ରହଣ କରିଥିଲେ ଏଇ ମାର୍ଗଶୀର୍ଷରେ —ପୁଣି ମାଣବସା ଗୁରୁବାର ଦିନ । ସବୁପ୍ରକାର ଫସଲର ବିପୁଳ ସମାରୋହରେ ଶୋଭିତ ହୋଇଥିଲା ତାଙ୍କ ଜୀବନ-କେଦାର । ହସ ଓ ଲୁହର, ଚିନ୍ତା ଓ ଭାବନାର ଅପରିମିତ ବିଚିତ୍ର ଶସ୍ୟ ତାଙ୍କ ସୃଷ୍ଟିକୁ ସମୃଦ୍ଧ ଓ ସୁଶୋଭିତ କରିଥିଲା । ପକ୍ୱ ଶସ୍ୟରେ ଶୋଭିତ ତାଙ୍କ ଜୀବନ-କେଦାର ଉପରେ ମୁଗ୍ଧ, ବିସ୍ମିତ ଦର୍ଶକଙ୍କର ଦୃଷ୍ଟିର ଶିହରଣ ଖେଳୁଥିଲା ବର୍ଷ ବର୍ଷ ଧରି ।

୧୮୮୮ ମସିହା, ଡ଼ିସେମ୍ବର ୯ ତାରିଖ । ଓଡ଼ିଆ ସାହିତ୍ୟ-ବୀଣାକୁ ଏଇ ଦିନଟି ଆଣିଦେଲା ବିଚିତ୍ର ସୁରର ନୂତନ ସମ୍ଭାବନା । ଏଇ ମହିମାମୟ ଦିନରେ କଟକ ସହରର ଧୂଆଁପଟି ଆ ଗଳିରେ ଜନ୍ମଗ୍ରହଣ କଲେ ଲକ୍ଷ୍ମୀକାନ୍ତ ।

ଲକ୍ଷ୍ମୀକାନ୍ତ !

ମାର୍ଗଶୀର୍ଷ ମାସରେ ଜନ୍ମଗ୍ରହଣ କରିଥିଲେ ବୋଲି ତାଙ୍କର ଏଇ ନାମ ରଖା ଯାଇଥିଲା କି ? ମାର୍ଗଶୀର୍ଷ ଯେ ଲକ୍ଷ୍ମୀଙ୍କର ମାସ । ଲକ୍ଷ୍ମୀ ସୌନ୍ଦର୍ଯ୍ୟର ଦେବୀ । ଲକ୍ଷ୍ମୀକାନ୍ତଙ୍କ ଅଙ୍ଗରେ ବି ସୌନ୍ଦର୍ଯ୍ୟର ଓ କାନ୍ତିର ପ୍ଲାବନ ଖେଳୁଥିଲା ।

ତାଙ୍କ ମାତା ରାଧାରାଣୀ ଦେବୀ ଥିଲେ କଣ୍ଠାପାଡ଼ାର ଜମିଦାର-ତନୟା । ତାଳପତ୍ର ସେ ଆସିଥିଲେ ଭାଗବତପ୍ରସାଦଙ୍କର ଅଙ୍କଶାୟିନୀରୂପେ ।

କ୍ରମେ ଲକ୍ଷ୍ମୀକାନ୍ତ ବଢ଼ିବାକୁ ଲାଗିଲେ । ଦେଖିବାକୁ ସେ ଥିଲେ ଅତ୍ୟନ୍ତ ମନୋରମ । ଆଖି ଯୋଡ଼ିକର ଗୃହାଣୀରେ ଖେଳୁଥାଏ ପଦ୍ମର ଠାଣି । ଦେହ ପୃଥୁଳ ନୁହେଁ କ୍ଷୀଣ । ଦେହରେ କେମିତି ଗୋଟାଏ ବାଳିକା-ସୁଲଭ କୋମଳତା । ନାଲି ଓଠ ଯୋଡ଼ିକରେ ମଧୁର ହସ ଝୋପି ପଡ଼ୁଥାଏ । ଶିରରେ କଳା ଭଅଁର ପରି କୁଞ୍ଚିତ କେଶ । ଅଙ୍ଗ କାନ୍ତି ଓ ଲାବଣ୍ୟରେ ଉଜ୍ଜ୍ୱଳ ।

ବୟସ ବଢ଼ୁଥାଏ । ଶୈଶବ ପରେ ବାଲ୍ୟାବସ୍ଥା ଆସିଲା । ଧନୀର ସନ୍ତାନ-ପୁଣି ଦେଖିବାକୁ ଅପରୂପ । ରହୁଛନ୍ତି ମାମୁଁ ଘରେ—କଣ୍ଠାପାଡ଼ାର ଜମିଦାରଙ୍କ ଆଳୟରେ ।

ଉଚ୍ଛ ଅଳଅଳ । ଗେହ୍ଲା ବୟସରର ସୀମା ନାହିଁ । ତେଣୁ ଚପଳ ହୋଇ ଉଠିବାର କଥା । ଅମାନିଆ ହେବା ସ୍ୱାଭାବିକ । ବାଲ୍ୟର କୋମଳ ସ୍ୱଭାବ ଭିତରେ ଦୁରନ୍ତତାର ଛୁଡକା ପଶି ଯାଉଛି ।

କଣ୍ଟାପାଡ଼ା ବୈତରଣୀ ତୀରରେ ଅବସ୍ଥିତ । ନଦୀ-ପ୍ରବାହର ବିଚିତ୍ର ଆକର୍ଷଣ ଓ ନଦୀତୀରର ନୈସର୍ଗିକ ସୁଷମାର କୋମଳ ଚଞ୍ଚଳ ଉଚ୍ଛ୍ୱାସ ଶିଶୁ ଲକ୍ଷ୍ମୀକାନ୍ତଙ୍କ ନୟନରେ ରହସ୍ୟର ଅଞ୍ଜନ ଲଗାଇଥିବ ନିଶ୍ଚୟ । ନଦୀ ପ୍ରକୃତିର ବିଚିତ୍ର ଶୋଭା ଏଇ ଶିଶୁଟିର ଅନ୍ତରରେ ଜୀବନର ଗମ୍ଭୀରତର ସତ୍ୟର ସନ୍ଧାନ ଅସ୍ପଷ୍ଟ ଭାଷାରେ ରଖିଦେଇଥିବ ତା'ର ଅଜ୍ଞାତରେ, ଏବଂ ତାହାହିଁ ତାର ପରବର୍ତ୍ତୀ କବିଜୀବନକୁ କିଛି ପରିମାଣରେ ପ୍ରଭାବିତ କରିଥିବ ।

କେବଳ କଣ୍ଟାପାଡ଼ାରେ ଯେ ସେ ନଦୀର ସାନ୍ନିଧ୍ୟ ଲାଭ କରିଥିଲେ ତା' ନୁହେଁ । ଜୀବନକାଳଭିତରେ ନଦୀ ସହିତ ଘଟିଥିଲା ତାଙ୍କର ସୁଦୀର୍ଘ ସମ୍ପର୍କ । ମହାନଦୀ ଓ କାଠଯୋଡ଼ିର ନିବିଡ଼ ବାହୁବନ୍ଧନ ଭିତରେ ଘଟିଥିଲା ତାଙ୍କର ଜନ୍ମ । ବୈତରଣୀ ତୀରରେ କଟିଥିଲା ଶୈଶବର କ୍ରୀଡ଼ା-ମେଦୁର ଦିନଗୁଡ଼ିକ । ସାଳନ୍ଦୀ କୂଳରେ କଟିଥିଲା ତାଙ୍କ ଜୀବନର ବହୁବର୍ଷ । ସେହି ସାଳନ୍ଦୀ କୂଳରେହିଁ ମୃତ୍ୟୁ ତାଙ୍କୁ କୋଳକୁ ଟେକି-ନେଲା । ତେଣୁ ତାଙ୍କର ନାନା ରଚନାରେ ଜୀବନସଙ୍ଗୀତରେ ନଦୀର ଏତେ ଉଲ୍ଲେଖ -ତରଣୀର ଭଙ୍ଗା ଡଙ୍ଗା ଓ ଭଙ୍ଗା ଆହୁଲାର ଏତେ କଳ୍ପନା ଏତେ ଚିତ୍ରକଳ୍ପ ।

ଅଧ୍ୟୟନ ସକାଶେ ଲକ୍ଷ୍ମୀକାନ୍ତଙ୍କୁ ବାଲେଶ୍ୱର ନିଆଗଲା । ରହୁଥାନ୍ତି ସେ ସୁନହଟ୍‌ରେ-ପିତାଙ୍କ ମାତୁଳାଳୟରେ । ସେଠାରେ ବି ଧନର ଆଧିକ୍ୟ-ସ୍ନେହ ଆଦରର ପ୍ରାଚୁର୍ଯ୍ୟ । ଚପଳ ଲକ୍ଷ୍ମୀକାନ୍ତ ଆହୁରି ଚପଳ ହୋଇଉଠିଲେ । ସେତେବେଳକୁ ତାଙ୍କ ଚରିତ୍ରରେ ବ୍ୟକ୍ତିତ୍ୱର ଦୃଢ଼ତା ଅଙ୍କୁରିତ ହେଲାଣି । ନିଜେ ସେ ଚପଳ-କିଛି ପରିମାଣରେ ଦୁର୍ଦ୍ଦାନ୍ତ ବି । ହେଲେ ସେ ପୁଣି କେତୋଟି ଦୁର୍ଦ୍ଦାନ୍ତ ବାଳକର ନେତା । ସେତେ-ବେଳରୁ ହିଁ ତାଙ୍କ କଣ୍ଠରେ ସଙ୍ଗୀତର ମଧୁର ଲାଳିତ୍ୟ ପାଖୁଡ଼ା ମେଲିବାକୁ ଆରମ୍ଭ କରିଯାଇଥାଏ । ଅଙ୍ଗରେ ନୃତ୍ୟର ମନୋରମ ଠାଣି ଆପେ ଆପେ ରୂପାୟିତ ହେଉ-ଥାଏ । ଅନ୍ତରରେ ସେ ଅନୁଭବ କରୁଥାନ୍ତି ସଙ୍ଗୀତର ଲହରୀ । ଅଙ୍ଗରେ ନୃତ୍ୟର ଶିହରଣ । ଗୀତବୋଲି ସ୍ୱାଭାବିକ ଭଙ୍ଗୀରେ ନୃତ୍ୟକରି ମୁଗ୍ଧ କରୁଥାନ୍ତି ସେ ସାଙ୍ଗମାନଙ୍କୁ-ଆତ୍ମୀୟ ପରିଜନଙ୍କୁ ।

ସେତେବେଳରୁହିଁ ବନ୍ଧୁବତ୍ସଳତା ତାଙ୍କ ଚରିତ୍ରର ଏକ ବୈଶିଷ୍ଟ୍ୟ ହୋଇ ଉଠିଲାଣି । ବହୁବର୍ଷ ପରେ ଏଇ ବାଲେଶ୍ୱରରେ ବକ୍ତୃତା ଦେଉଁ ଦେଉଁ କିଶୋର

ଜୀବନର ବକ୍ତୃତା ପ୍ରସଙ୍ଗରେ ସେ ତାଙ୍କର ବାଲ୍ୟବନ୍ଧୁ ଧନୁବାବୁଙ୍କ ନାମ ଉଚ୍ଚାରଣ କଲେ । ବକ୍ତୃତା ପରେ ଏ କଥା ଧନୁବାବୁଙ୍କର କର୍ଣ୍ଣଗୋଚର ହେଲା । ତାପରେ ଦୁଇବନ୍ଧୁଙ୍କ ମଧ୍ୟରେ ସେ କି ପ୍ରୀତି ବିନିମୟ ! ଧନୁବାବୁଙ୍କର ପୁତ୍ରବଧୂମାନଙ୍କୁ ଲକ୍ଷ୍ମୀକାନ୍ତଙ୍କର କି ଅପାର ସ୍ନେହ ପ୍ରଦର୍ଶନ ।

କିନ୍ତୁ ଦେଖାଗଲା ଯେ, ବାଲେଶ୍ୱରରେ ଲକ୍ଷ୍ମୀକାନ୍ତଙ୍କର ବିଦ୍ୟାଭ୍ୟାସ ଠିକ୍‌ଭାବରେ ହୋଇପାରୁ ନାହିଁ । ତେଣୁ ତାଙ୍କୁ ଭଦ୍ରକକୁ ଅଣାଗଲା । ଏଠାରେ ସଙ୍ଗୀତ ପ୍ରତି ଆକର୍ଷଣ ଆହୁରି ପ୍ରବଳ ହେଲା । ନୃତ୍ୟର ଗତି କେତେବେଳେ କେତେବେଳେ ଉଦ୍ଦାମ ହୋଇ ଉଠିଲା । ଅଭିନୟ କରିବା ଲାଗି ତାଙ୍କ ମନରେ ଜାଗିଲା ଅତ୍ୟନ୍ତ ଆଗ୍ରହ ।

ଜଗନ୍ନାଥପୁରରେ ଅଭିନୟ ହେବ । ଇନ୍ଦ୍ରଙ୍କ ଭୂମିକା ଗ୍ରହଣ କଲେ ସ୍ୱୟଂ ଲକ୍ଷ୍ମୀକାନ୍ତ । ଅଭିନୟ ହେଲା । ଲକ୍ଷ୍ମୀକାନ୍ତଙ୍କର ଅଭିନୟ ଉଚ୍ଚ ପ୍ରଶଂସା ଲାଭକଲା । ଏପରିକି ତାଙ୍କର ଶିକ୍ଷକମାନେ ମଧ୍ୟ ମୁକ୍ତ କଣ୍ଠରେ ଏହାର ତାରିଫ୍ କଲେ । ତାଙ୍କ ପ୍ରଧାନ ଶିକ୍ଷକ ଥିଲେ କଠୋର ପ୍ରକୃତିର ଲୋକ । ସେ ବି ତାରିଫ୍ ନ କରି ରହିପାରିଲେ ନାହିଁ ।

ବାପା ତାଙ୍କର ଏକଥା ଶୁଣି କ୍ରୋଧରେ ଅଧୀର ହୋଇ ଉଠିଲେ । ସେ ଭାବିଲେ ପୁଅ ବିଦ୍ୟାଭ୍ୟାସ ପ୍ରତି ଅନୁରକ୍ତ ନ ହୋଇ ଯାତ୍ରା ଅଭିନୟ ଇତ୍ୟାଦିପ୍ରତି ଅନୁରକ୍ତ ହେବାଦ୍ୱାରା ଅବାଧ୍ୟ ଓ ଉଚ୍ଛୃଙ୍ଖଳ ହୋଇ ଉଠୁଛି । କଠୋର ଶାସନ କରିବା ସକାଶେ ଲକ୍ଷ୍ମୀକାନ୍ତଙ୍କୁ ପ୍ରଚଣ୍ଡ ପ୍ରହାର କଲେ ସେ । ସେ ବା କେମିତି ଜାଣନ୍ତେ ଯେ ଭଗବାନ ଏଇ ବାଳକଟିକୁ ପଠାଇଛନ୍ତି ନୃତ୍ୟ ଓ ସଙ୍ଗୀତ ଦ୍ୱାରା ତାଙ୍କର ଲୀଳା ପ୍ରଚାର କରିବାକୁ—ଅଭିନୟର ରଙ୍ଗପଟରେ ତାଙ୍କରି ସୃଷ୍ଟି-ବୈଚିତ୍ର୍ୟର ଅପରୂପ ମଧୁରତା ଫୁଟାଇ ତୋଳିବାକୁ ।

ଅଭିନୟ ତ ସରିଯାଇଥିଲା । କଠୋର ଶାସନର ଯନ୍ତ୍ରଣା କି ବହୁ ପରିମାଣରେ ବିସ୍ମୃତ ହୋଇ ଯାଇଥିଲା । ଭଉଣୀ ଜାହ୍ନବୀ ପଚାରିଲେ, ଭାଇ ତୁମ ପିଲାଟିଏ । ପୁଣି ଏଡ଼ିକି ଧଡ଼ିଆ ହୋଇଛୁ । ଇନ୍ଦ୍ର ଅଭିନୟ ତୁ କଲୁ କିପରି ?"

ଲକ୍ଷ୍ମୀକାନ୍ତ ଉତ୍ତର ଦେଲେ—"ମନେ ମନେ ମୁଁ ନିଜକୁ ଜଣେ ଦେବତା ବୋଲି ଭାବିନେଲି । ଭାବିନେଲି ଯେ ମୋ ଭିତରେ ଦେବତାଙ୍କ ଗୁଣ ସବୁ ରହିଛି ।

ଉତ୍କୃଷ୍ଟ ଅଭିନୟର ଏହାହିଁ ଗୋପନୀୟ ରହସ୍ୟ । ନିଜର ସ୍ୱରୂପ ଭୁଲିଯାଇ ଅଭିନୀତ ଚରିତ୍ରର ସ୍ୱରୂପକୁ ନିଜର ସ୍ୱରୂପ ବୋଲି କଳ୍ପନା କରିନେବାହିଁ ସଫଳ ଅଭିନୟର ଗୋପନୀୟ ତତ୍ତ୍ୱ । ଧନୀ ଯୁବକ ଦରିଦ୍ର କୃଷକର ଅଭିନୟ କଲାବେଳେ ସମ୍ପୂର୍ଣ୍ଣ ରୂପେ ଭୁଲିଯିବ ଯେ ସେ ଧନୀ ! ତାକୁ ପୂର୍ଣ୍ଣ ମାତ୍ରାରେହିଁ ଅନୁଭବ କରିବାକୁ ପଡ଼ିବ ଯେ ସେ ପ୍ରକୃତରେ ଜଣେ ଦରିଦ୍ର କୃଷକ; ଏବ ସେଇ ଅନୁଭବକୁ ସ୍ୱାଭାବିକ କରି ତୋଳିବାକୁ ପଡ଼ିବ ।

ଆଶ୍ଚର୍ଯ୍ୟର କଥା ଯେ ବାଳକ ଲକ୍ଷ୍ମୀକାନ୍ତ ଏଇ ଦୁରୂହ ରହସ୍ୟ ହୃଦୟଙ୍ଗମ କରି ପାରିଥିଲେ ।

କ୍ରମେ ଦେଖାଗଲା ଯେ ଭଦ୍ରକରେ ବି ଲକ୍ଷ୍ମୀକାନ୍ତଙ୍କ ଅଧ୍ୟୟନ ସୁଚାରୁରୂପେ ହୋଇ ପାରୁନାହିଁ । ପିତା ଚିନ୍ତିତ ହେଲେ । ଆତ୍ମୀୟବର୍ଗ ଉଦ୍‌ବିଗ୍ନ ହେଲେ । ଅନ୍ୟ ଉପାୟ ବିଭାବନ କରିବାକୁ ପଡ଼ିଲା ।

ଲକ୍ଷ୍ମୀକାନ୍ତ ମେଧାବୀ—ତୀକ୍ଷ୍ଣ ସ୍ମୃତିଶକ୍ତି-ସମ୍ପନ୍ନ । କିନ୍ତୁ ନିଜର ପାଠ ପ୍ରତି ଅମନୋଯୋଗୀ । କିପରି ତାଙ୍କର ମନଯୋଗ ସୃଷ୍ଟି କରାଯିବ ତାହାହିଁ ହେଲା ପ୍ରଧାନ ଚିନ୍ତାର ବିଷୟ ।

ଅନ୍ତରୀତରେ ଜଣେ ଯୁବକ ସେତେବେଳେ ରେଭେନ୍‌ସା କଲେଜରେ ଅଧ୍ୟୟନ କରୁଥିଲେ । ନାମ ତାଙ୍କର ଉମାଚରଣ ଦାସ । ଯୁବକଟି ଥିଲେ ଚରିତ୍ରବାନ୍ ଏବଂ ଅଧ୍ୟବସାୟୀ । କିନ୍ତୁ ତାଙ୍କ ପିତାଙ୍କର ଆର୍ଥିକ ସ୍ୱଚ୍ଛଳତା ନଥିଲା । ଲକ୍ଷ୍ମୀକାନ୍ତଙ୍କର ପିତା ଭାଗବତପ୍ରସାଦ ଏଇ ଯୁବକଟିର ସନ୍ଧାନ ପାଇଲେ ଏବଂ ସ୍ଥିର କଲେ ଯେ ଏଇ ଯୁବକଟିର ଦାୟିତ୍ୱ ଓ ତତ୍ତ୍ୱାବଧାନରେ ଲକ୍ଷ୍ମୀକାନ୍ତଙ୍କୁ କଟକରେ ରଖିଲେ ସେ ହୁଏତ ଅଧ୍ୟୟନପ୍ରତି ମନୋଯୋଗୀ ହୋଇ ପାରିବେ । ଏ ବିଷୟରେ ଉମାଚରଣଙ୍କ ଦାୟିତ୍ୱ-ଜ୍ଞାନ ଓ ସାମର୍ଥ୍ୟ ଥାଇପାରେ ବୋଲି ମନେ ମନେ ସେ କଳ୍ପନା କରୁଥିଲେ । ତେଣୁ ତାଙ୍କ ପିତାଙ୍କ ସହିତ ପରାମର୍ଶ ହେଲା । ସେ ସମ୍ମତ ହେଲେ । ସ୍ଥିର ରହିଲା ଯେ, ଉମାଚରଣଙ୍କ ଅଧ୍ୟୟନର ବ୍ୟୟଭାର ଭାଗବତ ବାବୁ ବହନ କରିବେ ଏବଂ ଉମାଚରଣ ଲକ୍ଷ୍ମୀକାନ୍ତଙ୍କର ପଢ଼ାପଢ଼ିର ତତ୍ତ୍ୱାବଧାନ କରିବେ ।

ଦୁହେଁଯାକ ରହିଲେ କଟକରେ—ଗୃହବାସରେ ।

ଲକ୍ଷ୍ମୀକାନ୍ତ ସେତେବେଳେ ଜଣେ ସୌଖୀନ କିଶୋର । ତାଙ୍କ କଥାବାର୍ତ୍ତା ଚାଲିଚଳଣି, ଆଚରବ୍ୟବହାରରେ ଥିଲା ସ୍ୱତଃସ୍ଫୁର୍ତ୍ତି ସରସତା । ସେ ଥିଲେ ରଙ୍ଗରସ ଓ ଆମୋଦପ୍ରିୟ । କ୍ରୀଡ଼ା କୌତୁକ ପ୍ରତି ଥିଲା ତାଙ୍କର ଅଦମ୍ୟ ଆକର୍ଷଣ । ପୁଣି ଲଳିତ ମଧୁର କଣ୍ଠରେ ସଙ୍ଗୀତ ଗାଇ ସମସ୍ତଙ୍କୁ ମୁଗ୍ଧ କରିପାରୁଥିଲେ ସେ । ତେଣୁ ସେ ସମସ୍ତଙ୍କର ସ୍ନେହଭାଜନ ହୋଇ ପାରୁଥିଲେ ।

ଉମାଚରଣ ଦେଖିଲେ ଯେ ଲକ୍ଷ୍ମୀକାନ୍ତ ଚପଳ -- ସାମାନ୍ୟ ଦୁର୍ଦ୍ଦାନ୍ତ ବି ହୁଏତ । କିନ୍ତୁ ତାଙ୍କ ମନଟି ଅତ୍ୟନ୍ତ ସରଳ । ତାଙ୍କ ସ୍ୱଭାବରେ କପଟତା କିମ୍ବା ଜଟିଳତା ନାହିଁ । ପଢ଼ାପଢ଼ିପ୍ରତି ତାଙ୍କର ସେପରି ଆଗ୍ରହ ନ ଥିଲେ ମଧ୍ୟ ସେ ବୁଦ୍ଧିମାନ୍ । ସ୍ନେହ ଓ ଆଦରର ସେ ଅତ୍ୟନ୍ତ ବଶବର୍ତ୍ତୀ ।

ଯେଉଁ ଛାତ୍ରାବାସରେ ଲକ୍ଷ୍ମୀକାନ୍ତ ଓ ଉମାଚରଣ ରହୁଥିଲେ ସେଇ ଛାତ୍ରାବାସରେ ଉତ୍କଳମଣି ଗୋପବନ୍ଧୁ ମଧ୍ୟ ରହୁଥିଲେ । ଲକ୍ଷ୍ମୀକାନ୍ତଙ୍କର ସରଳତା ଓ ହାସ୍ୟ—କୌତୁକପୂର୍ଣ୍ଣ ସରସ ବ୍ୟବହାର ସେ ଖୁବ ପସନ୍ଦ କରୁଥିଲେ ।

ଉତ୍କଳମଣି ସେତେବେଳେ ଯୁବକ । ଆଦର୍ଶନିଷ୍ଠ ଏଇ ଯୁବକଙ୍କ ଅନ୍ତରରେ ସେତେବେଳେ ମହାନ୍ ଭାବ ଓ ମହାନ୍ ଚିନ୍ତାର କେତେ ଅଗାଧ ତରଙ୍ଗ ! ତାଙ୍କ ମନଟି ଥିଲା ସ୍ନେହ ଓ ପ୍ରୀତିର ପାରାବାର । ଏକ ସ୍ୱଚ୍ଛ, ଶୁଭ ଚେତନା ତାଙ୍କୁ ସବୁବେଳେ ଉଦ୍‌ବୁଦ୍ଧ କରି ରଖୁଥିଲା । ମାନବ ଚରିତ୍ର ସମ୍ପର୍କରେ ତାଙ୍କର ଥିଲା ଏକ ସାଧାରଣ ଅନ୍ତର୍ଦୃଷ୍ଟି । ସେ ହୁଏତ ବୁଝିଥିଲେ ଯେ ଲକ୍ଷ୍ମୀକାନ୍ତଙ୍କ ବାହାରଟା ଚପଳ, କିନ୍ତୁ ଭିତରେ ଖଣ୍ଡେ ମାଣିକ୍ୟ ଝଟକୁଛି ।

ଥରେ ସନ୍ଧ୍ୟାରେ ଲକ୍ଷ୍ମୀକାନ୍ତଙ୍କୁ କେତୋଟି ଅଙ୍କ କଷିବାକୁ ଦେଇ ଉମାଚରଣ ଗଲେ ଗୋଟିଏ ସଭାକୁ ବକ୍ତୃତା ଶୁଣିବାକୁ । ପରବର୍ତ୍ତୀ ପ୍ରଭାତରେ ସେ ଦେଖିଲେ ଯେ ଅଙ୍କ କଷିବା ପରିବର୍ତ୍ତେ ଲକ୍ଷ୍ମୀକାନ୍ତ ଖାତାରେ ଯୋଡ଼ିଏ କବିତା ରଚନା କରି ରଖିଛନ୍ତି । ଗୋଟିଏ କବିତାରେ ରହିଛି ଫୁଟ୍‌ବଲ୍ ଖେଳର ବର୍ଣ୍ଣନା । କବିତାଟି ରଚିତ ହୋଇଥାଏ ଭକ୍ତକବି ମଧୁସୂଦନଙ୍କର ଗ୍ରୀଷ୍ମ କବିତା "ଜନମେ ମଧୁଅନ୍ତେ ଆସଇ ଜଗତେ" ବୃତ୍ତରେ । ଅନ୍ୟଟି ବଙ୍ଗଳା ଭାଷାରେ କିନ୍ତୁ ଓଡ଼ିଆ ଅକ୍ଷରରେ ଲିଖିତ—ଏକ ବ୍ୟଙ୍ଗ କବିତା କେତେକ ଛାତ୍ରଙ୍କୁ ବିଦ୍ରୂପ କରିବା ଉଦ୍ଦେଶ୍ୟରେ ରଚିତ ସେଇ କବିତାଟି । କାହା ମୁଣ୍ଡଟି ଲାଉ ପରି—କାଏ ଚଢ଼େଇ-ଗୋଡ଼ିଆ—ଏଇପରି ଅଚ୍ଛାର କଥା ରହିଛି

ସେଥିରେ । କେତେକ ବଙ୍ଗାଳିପିଲାଙ୍କ ସଂସ୍କୃତ କଳହ ହୋଇଥାଏ ଲକ୍ଷ୍ମୀକାନ୍ତଙ୍କର । କବିତାଟି ରଚନା କରି ମନେ ମନେ ହୁଏତ ଦାଉ ସାଧୁଥାନ୍ତି ସେ ସେମାନଙ୍କ ଉପରେ ।

କବିତା ଯୋଡ଼ିକ ପଢ଼ି ଅତ୍ୟନ୍ତ ବିରକ୍ତ ହେଲେ ଉମାଚରଣ । ପାଠପଢ଼ାପ୍ରତି ଅବହେଳା କରୁଥିବାରୁ ଲକ୍ଷ୍ମୀକାନ୍ତଙ୍କୁ ଶାସନ କରିବାକୁ ଚାହିଁଲେ ସେ ଏବ ସେହି ଉଦ୍ଦେଶ୍ୟରେ ତାଙ୍କ କାନ ଭଗଡ଼ି ଦେଲେ । କାନମୋଡ଼ା ଖାଇ ଲକ୍ଷ୍ମୀକାନ୍ତଙ୍କ ଆଖିରୁ ଝରିଲା ଅଭିମାନର ଅଶ୍ରୁ ଏବଂ ତାହା ସ୍ନେହ-ସମୁଦ୍ର ଗୋପବନ୍ଧୁଙ୍କର ଦୃଷ୍ଟି ଗୋଚର ହେଲା । ପରେ ଗୋପବନ୍ଧୁ ଉମାଚରଣଙ୍କଠାରୁ ସବୁକଥା ଶୁଣି ଯେତେବେଳେ କବିତା ଯୋଡ଼ିକ ଦେଖିଲେ, ସେତେବେଳେ ଲକ୍ଷ୍ମୀକାନ୍ତଙ୍କପ୍ରତି ତାଙ୍କର ସ୍ନେହ ଓ ମମତା ବହୁ ପରିମାଣରେ ବର୍ଦ୍ଧିତ ହେଲା । ସେ ସ୍ପଷ୍ଟ ବୁଝିପାରିଲେ ଯେ ଏହି କିଶୋର କବିତା ରଚନାର ମୌଳିକ କଳା ଆୟତ୍ତ କରି ସାରିଛନ୍ତି । ତାଙ୍କ ରଚିତ କବିତା ଯୋଡ଼ିକରେ ଛନ୍ଦ ଓ ଯତିପାତଗତ ତ୍ରୁଟି ଆଦୌ ନାହିଁ । ସେ ଅନୁଭବ କଲେ ଯେ ଉଚିତ୍ ପଥରେ ପରିଚାଳିତ ହେଲେ ଲକ୍ଷ୍ମୀକାନ୍ତ ଭବିଷ୍ୟତରେ କବିରୂପେ ଶ୍ରେଷ୍ଠତା ଅର୍ଜନ କରି ପାରିବେ । ସେ ଉମାଚରଣଙ୍କୁ ଏହି ବିଷୟ ଚେତାଇ ଦେଲେ ଏବଂ ଲକ୍ଷ୍ମୀକାନ୍ତଙ୍କୁ କବିତା ରଚନାରୁ ନିବୃତ୍ତ କରିବାକୁ ନିଷେଧ କରିଦେଲେ ।

ଉମାଚରଣ ପରେ ଲକ୍ଷ୍ମୀକାନ୍ତଙ୍କୁ ପଚାରିଲେ—"ଆରେ କବିତା ଲେଖି ଜାଣିଲୁ କେମିତି ?" ସଂକ୍ଷିପ୍ତ ଓ ନମ୍ର ଉତ୍ତର ଦେଲେ ଲକ୍ଷ୍ମୀକାନ୍ତ, "ମୁଁ ସେମିତି ଲେଖି-ଦିଏଁ ।" କୌତୁହଳୀ ହୋଇ ଉମାଚରଣ ପଚାରିଲେ, "ଯତିପାତ ଜାଣ ?" ଲକ୍ଷ୍ମୀକାନ୍ତ ଅବାକ୍ ହୋଇ ଅନାଇ ରହିଲେ । ସ୍ପଷ୍ଟ ଜଣାଗଲା ଯେ, ସେସବୁ କଥା ସେ କିଛି ଜାଣି-ନାହାଁନ୍ତି । କବିତା ତାଙ୍କ ହୃଦୟରୁ ସ୍ରୁଏଁ ସ୍ରୁଏଁ ଉଦ୍ଭାସିତ ହେଉଥାଏ ।

ଏହି ଉମାଚରଣ ପରେ ସରକାରୀ କର୍ମଚାରୀରୂପେ ଉଚ୍ଚପଦରେ ଅଧିଷ୍ଠିତ ହୋଇଥିଲେ ଏବଂ ଜଣେ ପାରଦର୍ଶୀ ଓ ସଚ୍ଚୋଟ ହାକିମରୂପେ କର୍ତ୍ତୃପକ୍ଷଙ୍କର ଓ ଜନସାଧାରଣଙ୍କର ବିପୁଳ ଶ୍ରଦ୍ଧା ଲଭ କରିପାରିଥିଲେ । ନିଜର ଯୋଗ୍ୟତା ଓ ନିପୁଣତା ସକାଶେ ସେ ''ରାୟ ବାହାଦୁର', ଉପାଧିରେ ମଣ୍ଡିତ ହୋଇଥିଲେ ମଧ୍ୟ ଲକ୍ଷ୍ମୀକାନ୍ତଙ୍କ ପ୍ରତି ତାଙ୍କର ସ୍ନେହ ମମତା କେବେ ହ୍ରାସ ତ ପାଇ ନ ଥିଲା ବରଂ ପରବର୍ତ୍ତୀ କାଳରେ ତାଙ୍କ ପ୍ରତିଭା ଓ ବ୍ୟକ୍ତିତ୍ୱର ମହନୀୟ ବିକାଶ ଦେଖି କୈଶୋରରେ ତାଙ୍କୁ ସେ ଶିକ୍ଷାଦାନ କରିବାର ସୁଯୋଗ ଲଭ କରି ପାରିଥିବାରୁ ନିଜକୁ ଧନ୍ୟ ମଣୁଥିଲେ ।

କଟକରେ ରହୁଥିବା ସମୟରେ ଲକ୍ଷ୍ମୀକାନ୍ତ ମଝିରେ ମଝିରେ ଆସୁଥିଲେ ଭଦ୍ରକ କମ୍ପା ତାଲପଦାର ପୈତୃକ ଗୃହକୁ । ସେ ଥିଲେ ପରିବାରର ଜ୍ୟେଷ୍ଠ ସନ୍ତାନ । ସେଇ ହିସାବରେ ତାଙ୍କ ପ୍ରତି ଥିଲା ଯଥେଷ୍ଟ ଆଦର ଏବଂ ସମ୍ମାନ ମଧ୍ୟ । ସେ ନିଜେ ପୁଣି ନିଜର ସାନ ଭାଇ ଭଉଣୀମାନଙ୍କୁ ଯଥେଷ୍ଟ ସ୍ନେହ କରୁଥିଲେ । ତାଙ୍କର କନିଷ୍ଠ ଭ୍ରାତା ଥିଲେ ତିନିଜଣ—ସୀତାକାନ୍ତ, କମଳାକାନ୍ତ ଓ ଶ୍ରୀକାନ୍ତ । କନିଷ୍ଠ ଭଉଣୀ ଥିଲେ ଆଠ ଜଣ—ସରସ୍ୱତୀ, ନୀରଦିନୀ, ଜାହ୍ନବୀ, କୋକିଳା, ନିର୍ମଳା, କୁମୁଦିନୀ, ଇନ୍ଦୁମତୀ ଏବଂ ହୀରକମଣି । ନୀରଦିନୀ ସ୍ୱୀୟ ମାତୁଳ ରାଧାଶ୍ୟାମ ଦାସଙ୍କର ପାଳିତା କନ୍ୟାରୂପେ ଗଲେ କଣ୍ଣାପାଟର ଜମିଦାର ଗୃହକୁ । ଅନ୍ୟ ଭାଇ ଭଉଣୀମାନଙ୍କ ମଧ୍ୟରୁ ଅନେକେ ସେତେବେଳକୁ ଜନ୍ମଗ୍ରହଣ କରିସାରିଥାନ୍ତି । ଲକ୍ଷ୍ମୀକାନ୍ତଙ୍କର ମମତା-ନିର୍ମଳ ହୃଦୟରୁ ସେମାନଙ୍କ ଉପରେ ସ୍ୱତଃ ଆଦର ବର୍ଷିତ ହେଉଥିଲା । ସେମାନଙ୍କୁ ଗେହ୍ଲାବସର କରିବା ଏବଂ ସେମାନଙ୍କ ସହିତ ରଙ୍ଗ-ରସ-ଖେଳ କୌତୁକରେ ଲିପ୍ତ ରହିବା ଥିଲା ତାଙ୍କର ସ୍ୱାଭାବିକ ଆଚରଣ । ଅନେକ ସମୟ ସେ ସ୍ନେହ-ମମତାର ମଧୁର ପରିବେଶ ଭିତରେ ବିଭୋର ହୋଇ ରହୁଥିଲେ ।

ଭାଇ ଭଉଣୀମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତଙ୍କର କିଛି ନା କିଛି ବୈଶିଷ୍ଟ୍ୟ ଥିଲା । ଜାହ୍ନବୀ, କୋକିଳା ଓ କମଳାକାନ୍ତ ଯୌବନରେ ସ୍ୱାଧୀନତାସମରରେ ଅଂଶ ଗ୍ରହଣ କରି କାରାଦଣ୍ଡ ଭୋଗ କରିଥିଲେ ଏବଂ ତଦ୍ୱାରା ଦେଶଭକ୍ତି ଓ ଜାତିପ୍ରେମର ଉଜ୍ଜ୍ୱଳ ନିଦର୍ଶନ ଦେଖାଇ ପାରିଥିଲେ । କୋକିଳା ଥିଲେ ଜଣେ ଲେଖିକା ଏବଂ କମଳାକାନ୍ତ ଥିଲେ ସାମ୍ବାଦିକ ଏବଂ ସାପ୍ତାହିକ 'ପ୍ରଜାତନ୍ତ୍ର'ର ସମ୍ପାଦକ । ଲକ୍ଷ୍ମୀକାନ୍ତ ତାଙ୍କ ମହନୀୟ ସଙ୍ଗୀତ ଗ୍ରନ୍ଥ "ଜୀବନ ସଙ୍ଗୀତ"କୁ ଏଇ କମଳାକାନ୍ତଙ୍କ ନାମରେ ଉତ୍ସର୍ଗ କରିଥିଲେ । ସୀତାକାନ୍ତ ଥିଲେ ବିହାର, ଓଡ଼ିଶା କାଉନ୍‌ସିଲ୍‌ର ସଭ୍ୟ, କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟ ଓ ପରିଶେଷରେ କାଉନସିଲ୍ ଅଫ୍ ଷ୍ଟେଟ୍‌ର ସଭ୍ୟ । ଧନାଢ୍ୟତା ଓ ପଦଗୌରବ ସହିତ ନେତୃସୁଲଭ ଗୁଣ ସମୂହ ଓ ବୈଦଗ୍ଧ୍ୟର ବିଚିତ୍ର ମିଳନ ଘଟିଥିଲା ଏଇ ପରିବାରରେ । ଦେଶାତ୍ମବୋଧ ଥିଲା ଏଇ ପରିବାରର ଏକ ଉଜ୍ଜ୍ୱଳ ବୈଶିଷ୍ଟ୍ୟ । ସାରସ୍ୱତ ସାଧନା ପ୍ରତି ଏଇ ପରିବାରର ଥିଲା ସ୍ୱାଭାବିକ ଆକର୍ଷଣ । ସେମାନଙ୍କ ମଧ୍ୟରୁ ଲକ୍ଷ୍ମୀକାନ୍ତହିଁ ଖ୍ୟାତି ପ୍ରସିଦ୍ଧି ଲାଭ କଲେ ବାଣୀଙ୍କର ବରପୁତ୍ର ରୂପେ । ଏଇ ଭାଇଭଉଣୀମାନଙ୍କର ବାଲ୍ୟାବସ୍ଥା ସାଧାରଣ ଭାଇଭଉଣୀଙ୍କ ବାଲ୍ୟାବସ୍ଥାଠାରୁ ନିଶ୍ଚିତରୂପେ ସ୍ୱତନ୍ତ୍ର ଥିଲା-ଏମାନଙ୍କ ଚାଲିଚଳଣି ଓ ଅଭିରୁଚି କିଛି ପରିମାଣରେ ଅନ୍ତତଃ ଥିଲା ଅସାଧାରଣ ।

ଲକ୍ଷ୍ମୀକାନ୍ତ ଉମାଚରଣଙ୍କ ତତ୍ତ୍ୱାବଧାନରେ ରହି କଟକରେ ଅଧ୍ୟୟନ କରୁଥିବା ସମୟରେ ତାଙ୍କ ପିତା ଭଗବାନପ୍ରସାଦ ଭଦ୍ରକ ଛାଡ଼ି କିଛି ସମୟ ପାଇଁ କାର୍ଯ୍ୟବ୍ୟପଦେଶରେ ରହିଲେ ବାଲେଶ୍ୱରରେ । ତେଣୁ ଲକ୍ଷ୍ମୀକାନ୍ତ କଟକ ତ୍ୟାଗକରି ପୁଣି ଗଲେ ବାଲେଶ୍ୱର ଯେଠାକାର ଜିଲ୍ଲାସ୍କୁଲରେ ଶିକ୍ଷାଲାଭ କରିବା ସକାଶେ ।

ଲକ୍ଷ୍ମୀକାନ୍ତ କେତେବେଳେ ରହୁଛନ୍ତି କଟକରେ, କେତେବେଳେ ବାଲେଶ୍ୱରରେ । ଛୁଟି ସମୟରେ ଭଦ୍ରକ ତ ଆସନ୍ତି—କେତେବେଳେ କେମିତି ସ୍ୱୀୟ ଗ୍ରାମ ତାଲପଦାକୁ ମଧ୍ୟ ଆସନ୍ତି । ଭଦ୍ରକ ସେତେବେଳେ ଅତି କ୍ଷୁଦ୍ର ସହର । ତା' ହେଲେବି ସେଠାରେ ଶିକ୍ଷା, ସଂସ୍କୃତି ଓ ରାଜନୈତିକ ଜାଗୃତିର କିଛି କିଛି ଶିହରଣ—-ଆଲୋଡ଼ନ ଅନୁଭବ କରି ହେଉଥିଲା । କଟକ ଓ ବାଲେଶ୍ୱର ସହିତ ଏହାର କିଛି କିଛି ସାମଞ୍ଜସ୍ୟ ଥିଲା ନିଶ୍ଚୟ । ତାଲପଦାରେ ପଲ୍ଲୀ ପ୍ରକୃତିର ସ୍ନିଗ୍ଧ ସରଳ ମାଧୁରୀ ସ୍ରୋତାୟିତ ହେଉଥିଲା । ବୈଶାଖର ଅପରାହ୍ଣରେ ଆମ୍ରତୋଟାର ରହସ୍ୟାବୃତ ଛାୟା, ଅଗ୍ନିଣରେ ଗଙ୍ଗଶିଉଳି ସୁରଭିରେ ଆମୋଦିତ ଗ୍ରାମ୍ୟ ପ୍ରଭାତ ଏବଂ ଅପରାହ୍ଣରେ ଆକାଶ ବୁକୁରେ ବଉଦର କୁହୁକ-ରୋମାଞ୍ଚିତ କ୍ରୀଡ଼ା, ମାର୍ଗଶୀର୍ଷରେ ଶସ୍ୟ କେଦାରର ଅପରୂପ ସଙ୍ଗୀତ, ଚୈତ୍ରରେ ବକୁଳ ପୁଷ୍ପର ମଦିର ଆଘ୍ରାଣରେ ଆଲୋଡ଼ିତ ଗ୍ରାମ ପ୍ରାନ୍ତରର ଅପୂର୍ବ ଆକର୍ଷଣ କେତେ ଅପରୂପ ବୈଚିତ୍ର୍ୟ ସୃଷ୍ଟି କରୁଥିଲା । ବହୁ ତାଳ ବୃକ୍ଷରେ ଶୋଭିତ ଏଇ ପଲ୍ଲୀର ଅନ୍ୟତମ ଆକର୍ଷଣ ଥିଲା ପବନ ହିଲ୍ଲୋଳରେ ତାଳ ପଲ୍ଲବର ଗୁରୁଗମ୍ଭୀର ନିନାଦ । ସହର ଓ ପଲ୍ଲୀର ଏଇ ନାନା ଚେତନା ଓ ଚମକ ଲକ୍ଷ୍ମୀକାନ୍ତଙ୍କୁ କେତେ ଆନନ୍ଦ ଦେଇଥିବ—ତାଙ୍କ ମନୀଷା ଓ ପ୍ରତିଭାକୁ ଅଲକ୍ଷ୍ୟରେ ଗଢ଼ିବାରେ କେତେ ଉଦ୍ୟମ ଚଳାଇଥିବ ।

ଭଦ୍ରକର ଅନ୍ୟତମ କବି କବିବର ଚନ୍ଦ୍ରମଣି ସେତେବେଳରୁ ପ୍ରତିଷ୍ଠିତ ହୋଇ ସାରିଲେଣି । କିଶୋର ଲକ୍ଷ୍ମୀକାନ୍ତ ସମୟ ପାଇଲେ ଚନ୍ଦ୍ରମଣିଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ହରାଉ ନ ଥିଲେ । ଚନ୍ଦ୍ରମଣି ଥିଲେ ଗମ୍ଭୀର, କିନ୍ତୁ କିଶୋର ଲକ୍ଷ୍ମୀକାନ୍ତ ତାଙ୍କର ସ୍ନେହ-ଭାଜନ ଥିଲେ ଏବଂ ଏଇ ପ୍ରଥିତଯଶା କବିଙ୍କର ପ୍ରତିଭାର ଦୀପ୍ତ ମହିମାକୁ ଅକୁଣ୍ଠିତ ଚିତ୍ତରେ ଉପଲବ୍ଧି କରୁଥିଲେ ।

ବାଲେଶ୍ୱରରେ ବିଦ୍ୟାଭ୍ୟାସ କରୁଥିବା ସମୟରେ କିଶୋର ଲକ୍ଷ୍ମୀକାନ୍ତଙ୍କ ଅନ୍ତରରେ ମମତାର ଗୋଟିଏ କୋମଳ କୋରକ ଦେଖାଦେଲା ଏବଂ ସେଇ କୋରକ କିଛି କାଳ ପରେ ପ୍ରସ୍ଫୁଟିତ ହୋଇ ତାଙ୍କ ସାରା ଜୀବନକୁ ସୁରଭିତ ଓ ମଦିରିତ କଲା । ସେଇ ପୁଷ୍ପର ପବିତ୍ର ସୁଗନ୍ଧ ଓ କୋମଳ ଲାବଣ୍ୟ ହେଲା ତାଙ୍କ ସାରା ଜୀବନର ପରମ ଆଶା ଓ ସାନ୍ତ୍ୱନାର ପ୍ରଧାନ ଉତ୍ସ ।

ସୁନ୍ହଟ୍‌ର ଅନ୍ୟତମ ଜମିଦାର ଲାଲମୋହନ ଦାସ ଥିଲେ ନିଷ୍ଠାପର ବୈଷ୍ଣବ । ତାଙ୍କ ସହିତ ଲକ୍ଷ୍ମୀକାନ୍ତଙ୍କ ପିତା ଭାଗବତପ୍ରସାଦଙ୍କର ଥିଲା ଅକୃତ୍ରିମ ଓ ନିବିଡ଼ ବନ୍ଧୁତା । ଲବଙ୍ଗଲତା ଥିଲେ ତାଙ୍କର କନ୍ୟା । ସେତେବେଳେ ଲବଙ୍ଗଲତା ଥିଲେ ବାଳିକା, ଚମ୍ପା କଢ଼ି ପରି ତାଙ୍କ ରୂପ । ଶୁକ୍ଳ ପକ୍ଷର ପ୍ରଥମାଂଶର କୋମଳ ଜ୍ୟୋତ୍ସ୍ନା ପରି ତାଙ୍କ ଲାବଣ୍ୟ, ଉଷାର ଅରୁଣ ଆଭାପରି ତାଙ୍କ ସଲଜ୍ଜ ମାଧୁରୀ ପରିଚିତ—ଅପରିଚିତ ସମସ୍ତଙ୍କ ମନରେ ଆନନ୍ଦର ମୂର୍ଚ୍ଛନା ସୃଷ୍ଟି କରୁଥିଲା ।

ପିତୃବନ୍ଧୁଙ୍କ କନ୍ୟା ଲବଙ୍ଗଲତା । ସେଇ ସମ୍ପର୍କର ସୂତ୍ରଧର ସେଇ ରୂପସୀ ବାଳିକାଟି ଲକ୍ଷ୍ମୀକାନ୍ତଙ୍କୁ ସମ୍ବୋଧନ କରୁଥିଲେ "ନଖିଭାଇ" ବୋଲି ।

କିଶୋର ଲକ୍ଷ୍ମୀକାନ୍ତଙ୍କ ସହିତ ଲବଙ୍ଗଲତାଙ୍କର ମଝିରେ ମଝିରେ ସାକ୍ଷାତ ହେଉଥାଏ । ନିଜର ଅପରୂପ ସୌନ୍ଦର୍ଯ୍ୟ, ଲଳିତ ମଧୁର ସଙ୍ଗୀତ ଓ କୌତୁକ-ସରସ କଥାବାର୍ତ୍ତା ଦ୍ୱାରା ସେଇ ବାଳିକାଟିର ହୃଦୟରେ ଅନିର୍ବଚନୀୟ ମମତାର ପଦ୍ମ-ପେଲବ ଆସନଟିଏ ସେ ମାଡ଼ି ବସିଥାନ୍ତି ।

ଲକ୍ଷ୍ମୀକାନ୍ତଙ୍କ ପିତା ଭାଗବତପ୍ରସାଦ ବନ୍ଧୁ ଗୃହକୁ ଗଲେ ଲବଙ୍ଗଲତାଙ୍କୁ କୋଳକୁ ଟାଣିନେଇ ସ୍ନେହ ବର୍ଷଣ କରନ୍ତି । କଣ୍ଢେଇ, ମିଠେଇ ଇତ୍ୟାଦି ଉପହାର ଦେଇ ତାଙ୍କ ମନୋରଞ୍ଜନ କରନ୍ତି ଏବଂ କେତେବେଳେ କେତେବେଳେ ସ୍ନେହରେ ଗଦ୍‌ଗଦ୍ ହୋଇ କହନ୍ତି—"ଏଇ ଝିଅଟିକୁ ମୁଁ ବହୂ କରିବି ।"

ସାଙ୍ଗସାଥୀମାନଙ୍କ ଭିତରୁ ଯେଉଁମାନଙ୍କର ବୟସ ଟିକେ ବେଶି ସେମାନେ ଏ କଥା ଶୁଣି ଟିକେ ମୁରୁକି ମୁରୁକି ହସନ୍ତି ଏବଂ ଆଡ଼ୁଆଳରେ ଲବଙ୍ଗଲତାଙ୍କୁ ଟାପରା କରନ୍ତି —"ନଖିଭାଇ ବୋଲି କ'ଣ ଡାକୁଛୁ ଲୋ ? ସେ ପରା ତୋ ଗେରସ୍ତ ।"

ଧୀରେ ଧୀରେ ଭାଇଭଉଣୀର ସରଳ ସ୍ନେହ-ମିଶ୍ରିତ ସମ୍ପର୍କରେ ମିଶିଲା ପ୍ରେମର କୁହୁକ—ପ୍ରେମର ଦୁର୍ବୋଧ ରହସ୍ୟ । ପ୍ରଥମ ପ୍ରଣୟର ଲଜ୍ୟା-ମଧୁର ଗୋପନୀୟ ମଧୁରତା ଦୁଇଜଣଙ୍କୁ ହିଁ ଆବଦ୍ଧ କରିବାକୁ ଆରମ୍ଭ କଲା ।

ବାଲେଶ୍ୱରର ଶିକ୍ଷାକାଳ ସମାପ୍ତ ହେଲା । ଲକ୍ଷ୍ମୀକାନ୍ତ ବାଲେଶ୍ୱର ଜିଲ୍ଲାସ୍କୁଲରୁ ଏଣ୍ଟ୍ରାନ୍‌ସ୍ ପାସ୍ କରି ଚାଲିଲେ ଉଚ୍ଚ ଶିକ୍ଷା ଲାଭ କରିବାସକାଶେ ।

—ସେଇ କଟକ, ଯେଉଁଠି ମାର୍ଗଶୀର୍ଷ ମାସର ଏକ ଶୁଭ ମୁହୂର୍ତ୍ତରେ ସେ ଜନ୍ମ ଗ୍ରହଣ କରିଥିଲେ । ସେଇ କଟକ, ଯେଉଁଠି ଗୋପବନ୍ଧୁଙ୍କ ସ୍ନେହ-ମନୋହର ମନ୍ତବ୍ୟ ତାଙ୍କ କବିତ୍ୱ ସମ୍ବନ୍ଧରେ ପ୍ରଥମ ଆଶାର ବାଣୀ ଶୁଣାଇଥିଲା । ସେଇ କଟକ ଯାହା ତାଙ୍କ କବି-ପ୍ରତିଭାର ଓ ସଂସ୍କୃତି ସଚେତନତାର ସ୍ୱର୍ଣ୍ଣତୋରଣ ଉଦ୍‌ଘାଟନ କରିଥିଲା ।

# ମଧ୍ୟାହ୍ନ

ରେଭେନ୍‌ସା କଲେଜରେ ପ୍ରବେଶଲାଭ କଲେ ଲକ୍ଷ୍ମୀକାନ୍ତ । ବର୍ତ୍ତମାନ ସେ ଆଉ ସ୍କୁଲ ଛାତ୍ର ନୁହଁନ୍ତି -କଲେଜ ଛାତ୍ର; କିଶୋର ନୁହନ୍ତି- ଜଣେ ଉଦୀୟମାନ୍ ଯୁବକ ।

ରେଭେନ୍‌ସା କଲେଜରେ ବନ୍ଧୁ ରୂପେ ସେ ଲାଭ କରିଥିଲେ କେତେକ ଛାତ୍ରଙ୍କୁ ଯେଉଁମାନଙ୍କ ମଧ୍ୟରୁ ଅନେକେହିଁ ପରବର୍ତ୍ତୀ ଜୀବନରେ ଯଶସ୍ୱୀ ବ୍ୟକ୍ତି ରୂପେ ପ୍ରତିଷ୍ଠା ଅର୍ଜ୍ଜନ କରି ପାରିଥିଲେ । ଏଇ ବନ୍ଧୁମାନଙ୍କ ମଧ୍ୟରୁ କେତେକ ଥିଲେ ତାଙ୍କର ସତୀର୍ଥ । ଅନ୍ୟମାନେ ସତୀର୍ଥ ନହେଲେ ବି ତାଙ୍କ ସହିତ ନିବିଡ଼ ପ୍ରୀତିବନ୍ଧନରେ ଆବଦ୍ଧ ହୋଇଥିଲେ ।

ଲକ୍ଷ୍ମୀକାନ୍ତ ବନ୍ଧୁ ବା ସତୀର୍ଥ ରୂପେ ଲାଭ କରିଥିଲେ ସଚ୍ଚିଦାନନ୍ଦ ରାୟ, ଚନ୍ଦ୍ରମଣି ଆଚାର୍ଯ୍ୟ, ପ୍ରାଣକୃଷ୍ଣ ପରିଜା, ଲକ୍ଷ୍ମୀନାରାୟଣ ସାହୁ, ଆର୍ତ୍ତବଲ୍ଲଭ ମହାନ୍ତି, ନାରାୟଣ ମୋହନ ଦେ, ଗୋକୁଳାନନ୍ଦ ନାୟକ, ବାଙ୍କନିଧି ପଟ୍ଟନାୟକ, ଜଗନ୍ନାଥ ଦାସ, ଗୋବିନ୍ଦ ସୁରଦେଓ, କୃଷ୍ଣପ୍ରସାଦ ବସୁ, ବାଞ୍ଛାନିଧି ମହାନ୍ତି, ବନବିହାରୀ ପଟ୍ଟନାୟକ ଇତ୍ୟାଦିଙ୍କୁ । ପଣ୍ଡିତ ଗୋଦାବରୀଶ ମିଶ୍ର ମଧ୍ୟ ଏଇ ସମୟରେ ରେଭେନ୍‌ସା କଲେଜରେ ଶିକ୍ଷାଲାଭ କରୁଥିଲେ । ଅବଶ୍ୟ ସେ ଉଚ୍ଚତର ଶ୍ରେଣୀର ଛାତ୍ର ଥିଲେ । ଲକ୍ଷ୍ମୀକାନ୍ତ ଆଇ.ଏ. ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୟରେ ଗୋଦାବରୀଶ ଅଧ୍ୟୟନ କରୁଥିଲେ ବି.ଏ. ଶ୍ରେଣୀରେ ।

ସଚ୍ଚିଦାନନ୍ଦ ରାୟ (ବନ୍ଧୁ ଓ ଆତ୍ମୀୟମାନଙ୍କ ଦ୍ୱାରା ରବି ନାମରେ ଅଭିହିତ) ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଅକ୍‌ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ବି.ଏ. ପାସ୍ କଲାପରେ ସେ ପ୍ରଥମେ ବାଲେଶ୍ୱର ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଆସନ ଅଳଂକୃତ କରିଥିଲେ । ପରେ ସେ ଓଡ଼ିଶାର ସ୍କୁଲସମୂହର ଇନ୍‌ସ୍‌ପେକ୍ଟର ରୂପେ ଏବଂ ପରିଶେଷରେ ରେଭେନ୍‌ସା କଲେଜର ଅଧ୍ୟକ୍ଷ ଓ ଓଡ଼ିଶାର ଡି. ପି. ଆଇ. ରୂପେ ନିଜର ଦକ୍ଷତା ଓ ବିଚକ୍ଷଣତାର ପ୍ରଭୂତ ନିଦର୍ଶନ ଦେଇଥିଲେ ।

ଚନ୍ଦ୍ରମଣି ଆଚାର୍ଯ୍ୟ ଯେ କେବଳ ବିଶିଷ୍ଟ ଆଇନଜ୍ଞ ଥିଲେ ତା'ନୁହେଁ । ସେ ଜଣେ ବିଶିଷ୍ଟ ସାହିତ୍ୟିକ ମଧ୍ୟ ଥିଲେ । ତାଙ୍କର ଐତିହାସିକ ପ୍ରବନ୍ଧଗୁଡ଼ିକ ଏକ ସମୟରେ

ପ୍ରଚୁର ପ୍ରଶଂସା ଅର୍ଜ୍ଜନ କରିଥିଲା । ତାଙ୍କର ଶ୍ରୀକୃଷ୍ଣ ସମ୍ବନ୍ଧୀୟ ପୁସ୍ତକ ଏବଂ ତାଙ୍କ କୃତ ଭାଗବତର ଅନୁବାଦ ଉତ୍କଳୀୟର ସାରସ୍ୱତ ଅବଦାନରୂପେ ସ୍ୱୀକୃତ । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ରୂପେ ମଧ୍ୟ ସେ ପ୍ରଚୁର ଖ୍ୟାତି ଅର୍ଜ୍ଜନ କରିଥିଲେ ।

ଲକ୍ଷ୍ମୀନାରାୟଣ ସାହୁଙ୍କ ପରି ଉଦାର, ମହାନୁଭବ ଜନସେବକ ଓଡ଼ିଶାରେ ବିରଳ । ଗୁର୍ଲ୍ ପ୍ରିଂସ୍ୱର ଏଣ୍ଡ୍ରୁଜଙ୍କୁ ଗାନ୍ଧିଜୀ ଦୀନବନ୍ଧୁ ବୋଲି ସମ୍ବୋଧନ କରୁଥିଲେ । ଲକ୍ଷ୍ମୀନାରାୟଣ ସାହୁ ମଧ୍ୟ ଥିଲେ ଦୀନବନ୍ଧୁ । ଅସମ୍ଭବ କ୍ଲେଶ ନିର୍ଯ୍ୟାତନା ଓ ଅପମାନ ସହି ବୁଭୁକ୍ଷୁ, ବ୍ୟାଧିଗ୍ରସ୍ତ ଓ ଅସହାୟ ବ୍ୟକ୍ତିଙ୍କର ସେବା କରିବାରେ ସେ ଥିଲେ ସିଦ୍ଧହସ୍ତ । ତାଙ୍କର ଥିଲା ଅସାଧାରଣ ଅଧ୍ୟୟନ ରସିକତା, ବୃଦ୍ଧରେ ତିନି ବିଷୟରେ ସେ ଏମ୍.ଏ. ଡିଗ୍ରୀ ଲାଭ କରିଥିଲେ । ପୁସ୍ତକ ରଚୟିତା ରୂପେ ମଧ୍ୟ ସେ ଅନେକଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଆର୍ତ୍ତିବଲ୍ଲଭ ମହାନ୍ତି ଏକ ଅବିସ୍ମରଣୀୟ ନାମ । ଅଧ୍ୟାପନାର କଳା ଓ କୌଶଳ ଆୟତ୍ତ କରିବାରେ ଯେଉଁ କେତେ ଜଣ ଥିଲେ ଅନନ୍ୟସାଧାରଣ, ଆର୍ତ୍ତିବଲ୍ଲଭ ଥିଲେ ସେମାନଙ୍କ ମଧ୍ୟରୁ ଅନ୍ୟତମ । ଓଡ଼ିଆ ସାହିତ୍ୟର ଅନେକ ଲୁପ୍ତ ରତ୍ନ ଉଦ୍ଧାର କରିଛନ୍ତି ସେ । ନାରାୟଣ ମୋହନ ଦେ ଇଂରାଜୀ ସାହିତ୍ୟର ସୁଦକ୍ଷ ଅଧ୍ୟାପକ ଥିଲେ । ବାରୁଣୀ ଗୋଷ୍ଠିର କବିରୂପେ, ପୁଣି ପରମ ବୈଷ୍ଣବ ରୂପେ ସେ ସମସ୍ତଙ୍କର ଭକ୍ତିଭାଜନ ଥିଲେ ।

ଗୋକୁଳାନନ୍ଦ ନାୟକ ଓ ବାଞ୍ଛାନିଧି ପଟ୍ଟନାୟକ ଥିଲେ ସ୍ୱନାମ ଧନ୍ୟ ପ୍ରଧାନ ଶିକ୍ଷକ । ବାଞ୍ଛାନିଧି ପଟ୍ଟନାୟକଙ୍କ ସାହିତ୍ୟପ୍ରତିଭା ସର୍ବଜନବିଦିତ ।

ଓଡ଼ିଆ ନାଟକ କ୍ଷେତ୍ରରେ ଗୋବିନ୍ଦ ସୁରଦେଓ ଓ କୃଷ୍ଣପ୍ରସାଦ ବସୁଙ୍କର ନାମ ଅବିସ୍ମରଣୀୟ । କୃଷ୍ଣପ୍ରସାଦ ବସୁଙ୍କ ସହିତ ଲକ୍ଷ୍ମୀକାନ୍ତଙ୍କର ଯେ ସମୟରେ ଯେଉଁ ବନ୍ଧୁତା ସ୍ଥାପିତ ହୋଇଥିଲା ତାହା ପରବର୍ତ୍ତୀ ଜୀବନରେ ନିବିଡ଼ ନିଗୁଢ଼ ଅଭେଦ୍ୟ ପ୍ରୀତିରେ ପରିଣତ ହୋଇଥିଲା ।

ଜାତୀୟ କବି ବାଞ୍ଛାନିଧି ଦେଶାତ୍ମବୋଧର ଉନ୍ମାଦନାମୟ ବାଣୀ ଗ୍ରାମେ ଗ୍ରାମେ, ନଗରେ ନଗରେ ପ୍ରଚାର କରିଥିଲେ । ବହୁ ଜାତୀୟ ଭାବପୂର୍ଣ୍ଣ ସଙ୍ଗୀତ ରଚନା କରି ଏବଂ ସ୍ୱୟଂ ସେ ଗୁଡିକ ଉଦାତ୍ତ କଣ୍ଠରେ ଗାନକରି, ତାଂକର "କହ କେଉଁ ନୀତି ପାଇଛୁ ମୁକତି କରି ହାରି ତୁଣ୍ଡ ଗୁହାରି ଏବଂ ଅନ୍ୟାନ୍ୟ ଉନ୍ମାଦନାମୟ ସଂଗୀତ ଶୁଣିଲେ ଉତ୍ତେଜନାରେ ହୃଦୟ ଏବେବି ସ୍ପନ୍ଦିତ ହୁଏ, ଲୋମ ଟାଙ୍କୁରି ଉଠେ ।

ଜନବିହାରୀ ପଟ୍ଟନାୟକ ଥିଲେ ଓଡ଼ିଶାର ସ୍କୁଲ୍ ମେଡ଼ିକେଲ ଅଫିସର୍ । ପରେ ସେ ଉଚ୍ଚତର ପଦରେ ଆରୂଢ଼ ହୋଇଥିଲେ । ସବଳ ହୃଷ୍ଟପୁଷ୍ଟ ଓ ଦୀର୍ଘକାୟ ଏହି ବ୍ୟକ୍ତିଟି ଥିଲେ ଅତ୍ୟନ୍ତ ଅମାୟିକ ଓ ମେଳାପୀ । ସେ ମଧ୍ୟ ସାହିତ୍ୟିକ ଥିଲେ । ତାଙ୍କର 'ମିଳନ' ନାମକ ଗ୍ରନ୍ଥ ଲକ୍ଷ୍ମୀକାନ୍ତଙ୍କୁ ଯଥେଷ୍ଟ ଆନନ୍ଦ ଦେଇଥିଲା ।

ପଣ୍ଡିତ ଗୋଦାବରୀଶ ଦେଶାତ୍ମବୋଧ, ଶିକ୍ଷାବିସ୍ତାର ସାହିତ୍ୟ ଓ ରାଜନୀତିର ଇତିହାସରେ ନିଜର ସାର୍ଥକ ବ୍ୟକ୍ତିତ୍ୱର ସ୍ୱାକ୍ଷର ରଖିଯାଇଛନ୍ତି । ଉତ୍କଳ ସରସ୍ୱତୀଙ୍କ ଚରଣରେ ଅର୍ପଣ କରିଛନ୍ତି ସେ କବିତ୍ୱର କାଞ୍ଚନ ନୈବେଦ୍ୟ । ଅବଶ୍ୟ ଲକ୍ଷ୍ମୀକାନ୍ତଙ୍କ ସହିତ ତାଙ୍କର ସାମୟିକ ବିରୋଧ ଥିଲା ବୋଲି ଅନୁମିତ ହୁଏ । ତଥାପି ଉଭୟଙ୍କ ମଧ୍ୟରେ ଥିଲା ଶ୍ରଦ୍ଧା ଓ ଅନୁରାଗ ।

ଲକ୍ଷ୍ମୀକାନ୍ତ ନିଜେ ମଧ୍ୟ ସ୍ୱୀୟ ଚରିତ୍ରଗତ ବୈଶିଷ୍ଟ୍ୟ ଦ୍ୱାରା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରୁଥିଲେ । ତେଣୁ ବନ୍ଧୁ ଓ ସତୀର୍ଥମାନଙ୍କ ବୈଶିଷ୍ଟ୍ୟଗତ ଦୀପ୍ତି ମଧ୍ୟରେ ତାଙ୍କର ଚାରିତ୍ରିକ ସ୍ୱାତନ୍ତ୍ର୍ୟ ମଉଳି ନଯାଇ ଉକୁଟି ଉଠୁଥିଲା ।

ବର୍ତ୍ତମାନ ଯେଉଁଠି କଲେଜିଏଟ୍ ସ୍କୁଲ୍ ଅବସ୍ଥିତ ତାହାରି ନିକଟରେ ଅବସ୍ଥିତ ଥିଲା ସେ ସମୟର ରେଭେନ୍ସା କଲେଜ । ବ୍ରଜସୁନ୍ଦର ଦାସଙ୍କର ଏକ ଗୃହଥିଲା କଲେଜର ଛାତ୍ରାବାସ । ଲକ୍ଷ୍ମୀକାନ୍ତ ରହୁଥିଲେ କଲେଜ୍‌ର ସେହି ଛାତ୍ରାବାସରେ । ଅଧ୍ୟାପକମାନଙ୍କ ମଧ୍ୟରୁ ଅଧିକାଂଶହିଁ ଥିଲେ ଗୁଣ ଗରିମାରେ ପୂର୍ଣ୍ଣ—ଜ୍ଞାନର ଗୋଟିଏ ଗୋଟିଏ ପ୍ରଦୀପ୍ତ ଶିଖା । ଅଧ୍ୟାପନା ଥିଲା ସେମାନଙ୍କର ବ୍ରତ । ସେଥିରେ ସେମାନେ ଥିଲେ ଉତ୍ସୁକ, ନିଷ୍ଠାପର, ଯତ୍ନଶୀଳ । ଛାତ୍ରମାନଙ୍କ ଲାଗି ଦରଦ ଓ ମମତା ଉଚ୍ଛୁଳୁ ଥିଲା ସେମାନଙ୍କ ଚିତ୍ତରେ । ଆଦର୍ଶର ଆଭା ଉକୁଟୁଥିଲା ସେମାନଙ୍କ ଚରିତ୍ରରେ ।

ଶ୍ରୀଯୁକ୍ତ ବି. ଭି. ଗୁପ୍ତ ଏହି ସମୟରେ କଲେଜ୍‌ର ଅଧ୍ୟକ୍ଷ ଥିଲେ । ଛାତ୍ରମାନଙ୍କ ମଧ୍ୟରେ ଦେଶାତ୍ମବୋଧର ମୃଦୁ ଶିହରଣ ଖେଳୁଥିଲା । କର୍ତ୍ତୃପକ୍ଷଙ୍କର ଦୃଷ୍ଟି ସେଥିପ୍ରତି ଆକୃଷ୍ଟ ହେବାରୁ ଶ୍ରୀଯୁକ୍ତ ଗୁପ୍ତଙ୍କୁହିଁ ସେଥି ସକାଶେ ଦାୟୀ କରାଗଲା ଏବଂ ତାଙ୍କୁ ପେନ୍‌ସନ୍ ଦେଇ ବିଦାୟ କରିଦିଆଗଲା ।

ଅଧ୍ୟକ୍ଷ ହୋଇ ଆସିଲେ ଶ୍ୱେତାଙ୍ଗ ସାହେବ । ଗଣିତଶାସ୍ତ୍ରରେ ସେ ଥିଲେ ପଣ୍ଡିତ ଏବଂ ଅତ୍ୟନ୍ତ ଛାତ୍ରବତ୍ସଳ ମଧ୍ୟ । ସେ ସମୟରେ ରେଭେନ୍ସା କଲେଜ ସମ୍ବନ୍ଧରେ ସ୍ୱର୍ଗୀୟ ଚିନ୍ତାମଣି ଆଚାର୍ଯ୍ୟଙ୍କ ବର୍ଣ୍ଣନାରୁ ଏଠାରେ ଯତ୍‌କିଞ୍ଚିତ ଉଦ୍ଧାର କରାଯାଇପାରେ । ଶ୍ରୀଯୁକ୍ତ ଆଚାର୍ଯ୍ୟ ଲେଖିଛନ୍ତି :—

"ସେ ସମୟରେ ଛାତ୍ରମାନଙ୍କୁ ଇଉନିୟନ୍ ନଥିଲା କିମ୍ବା ଇଉନିୟନର ପ୍ରେସି-ଡେଣ୍ଟ୍ ଛାତ୍ରମାନଙ୍କ ମଧ୍ୟରୁ ଭୋଟ ଦେଇ ବଛା ହେଉ ନ ଥିଲେ । ତଥାପି ଅଧ୍ୟାପକମାନେ ଓ କଲେଜର ପ୍ରିନ୍ସିପାଲ୍ କଲେଜର ଉନ୍ନତିକର କାର୍ଯ୍ୟରେ ହେଉ, ଭଲମନ୍ଦରେ ହେଉ ପିଲାମାନଙ୍କୁ ଡାକି ପରାମର୍ଶ ନେଇ ଉପାୟ ସ୍ଥିର କରୁଥିଲେ । କଲେଜର ସେତେବେଳେ ପ୍ରିନ୍ସିପାଲ ଥିଲେ ଆର୍. ଶ. (R. Shaw) ବୋଲି ଜଣେ ସାହେବ । ସେ ଗଣିତ ଶାସ୍ତ୍ରରେ ପଣ୍ଡିତ । X X X ସାହେବ ହେଲେ ମଧ୍ୟ ପିଲାଙ୍କ ସାଙ୍ଗରେ ଖୁବ୍ ମିଶୁଥିଲେ, ପିଲାମାନଙ୍କ ଓଜର ଆପତ୍ତି ଶୁଣୁଥିଲେ ଓ ସଙ୍ଗେ ସଙ୍ଗେ ଗୋଟାଏ କାଜି ବିଚାର ଭଳିଆ ଫଇସଲା କରି ଦେଉଥିଲେ । ପିଲାଙ୍କ ସଙ୍ଗେ ଥଟ୍ଟା ନକଲ କରୁଥିଲେ । ଏପରିକି ନାନା-ପ୍ରକାର ମୁଖଭଙ୍ଗୀ କରି ପିଲାଙ୍କୁ ବ୍ୟଙ୍ଗ ବିଦ୍ରୂପ କରୁଥିଲେ । କେତେଗୁଡ଼ିଏ ପିଲାଙ୍କୁ ନାନା ପ୍ରକାର ଡାକ ଦେଇଥିଲେ । X X X ମୋଟା ମୋଟି କହିଲେ ଜଣେ ଦୁଇଜଣ ଉଗ୍ର ପ୍ରକୃତି ବିଶିଷ୍ଟ ଅଧ୍ୟାପକଙ୍କୁ ବାଦ ଦେଲେ ଅନ୍ୟାନ୍ୟ ସମସ୍ତ ଅଧ୍ୟାପକ, ଅଧ୍ୟକ୍ଷ ଓ ଛାତ୍ରମାନେ ଗୋଟିଏ ଇଜମାଇଲି ପରିବାର ଭୁକ୍ତ ଥିଲେ ବୋଲି କହିଲେ ଚଳେ ।"

କଲେଜର ଏହି ଯୌଥ ଜୀବନର ସୁସ୍ଥ ପ୍ରଭାବ ପଡ଼ିଥିଲା ଲକ୍ଷ୍ମୀକାନ୍ତଙ୍କ ଉପରେ ।

ଲକ୍ଷ୍ମୀକାନ୍ତଙ୍କ ଅଙ୍ଗରେ ଥିଲା ଅପୂର୍ବ କାନ୍ତି- ସ୍ୱଭାବରେ ଥିଲା ଅସମ୍ଭବ ସ୍ଫୂର୍ତ୍ତି । ଏହା ହିଁ ସର୍ବ ପ୍ରଥମେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଥିଲା । ଯେ ନିକଟକୁ ଆସୁଥିଲା, ସେ ଅନୁଭବ କରୁଥିଲା ତାଙ୍କର ଅପରିମିତ ସ୍ନେହ ଓ ବନ୍ଧୁ ବତ୍ସଳତା । ସେ ଥିଲେ ଅତ୍ୟନ୍ତ କ୍ରୀଡ଼ାରସିକ । କ୍ରିକେଟ୍, ଟେନିସ୍, ଓ ବ୍ୟାଡ୍‌ମିଣ୍ଟନ୍ ଖେଳରେ ସେ ବେଶ୍ ପାରଙ୍ଗମ ଥିଲେ । ଚହଟ ଚିକ୍କଣ ପୋଷାକ ପରିଚ୍ଛଦ ପିନ୍ଧି ସେ ଯେତେବେଳେ ଟେନିସ୍ କିମ୍ବା ବ୍ୟାଡ୍‌ମିଣ୍ଟନ ଖେଳୁଥିଲେ ସେତେବେଳେ ତାଙ୍କ ସ୍ଫୂର୍ତ୍ତି ଓ କ୍ରୀଡ଼ା-କୌଶଳ ଅନେକଙ୍କୁ ମୁଗ୍ଧ କରୁଥିଲା ।

ସେତେବେଳେ ଖେଳ କସରତ୍, ରଙ୍ଗ-ରସ- କୌତୁକ, ସଂଗୀତ, ଅଭିନୟ ଇତ୍ୟାଦି ଶିକ୍ଷାର ବିଶେଷ ଅଙ୍ଗ ରୂପରେ ବିବେଚିତ ହେଉନଥିଲା । ପାଠ ଉପରେ ଥିଲା ସବୁଠୁଁ - ବିଦ୍ୟାଭ୍ୟାସ ଉପରେ ଆରୋପିତ ହେଉଥିଲା ସମସ୍ତ ଗୁରୁତ୍ୱ । ଛାତ୍ରାବାସରେ କେହି ଗୀତ ବୋଲିଲେ କିମ୍ବା ବାଦ୍ୟଯନ୍ତ୍ର ବଜାଇଲେ ଦଣ୍ଡ ପାଉଥିଲେ । ଲକ୍ଷ୍ମୀକାନ୍ତ ସୁରସିକ-ହାସ୍ୟ କୌତୁକରେ ନିପୁଣ-ବ୍ୟଙ୍ଗ ବିଦ୍ରୂପରେ ପାରଙ୍ଗମ । ସାନବଡ଼ ସମସ୍ତଙ୍କୁ ହସ କୌତୁକରେ, ରଙ୍ଗ ରସରେ ଆପଣାର କରି ନେଉଥିଲେ ସେ । ସେ ସମୟରେ ତଳ ଶ୍ରେଣୀ ଓ ଉପର ଶ୍ରେଣୀର ଛାତ୍ରଙ୍କ ମଧ୍ୟରେ ଥିଲା ଦୁସ୍ତର ବ୍ୟବଧାନ । ଗୋଟାଏ ପଟେ ନମ୍ରତା ଓ ଅନ୍ୟପଟେ ଗାମ୍ଭୀର୍ଯ୍ୟ ଅତି ସ୍ୱାଭାବିକ ବୋଲି ମନେ କରାଯାଉଥିଲା ।

ଲକ୍ଷ୍ମୀକାନ୍ତ ଏଇ ଦୁସ୍ତାବର-ଏଇ ବ୍ୟବଧାନର ଧାର ଧାରୁ ନଥିଲେ । ତଳ ଶ୍ରେଣୀର ଛାତ୍ରଙ୍କ ସହିତ ମଧ୍ୟ ସେ ସ୍ନେହ-ନିର୍ମଳ ହାସ କୌତୁକ ଓ ରଙ୍ଗରସଦ୍ୱାରା ଆନ୍ତରିକତା-ପୂର୍ଣ୍ଣ ମଧୁର ସମ୍ପର୍କ ସ୍ଥାପନ କରୁଥିଲେ ।

ଏଇଠାରେ ଗୋଟିଏ କୌତୁକ ପୂର୍ଣ୍ଣ ଘଟଣା ଉଲ୍ଲେଖ କରାଯାଇ ପାରେ । ସେତେବେଳେ ଲକ୍ଷ୍ମୀକାନ୍ତ ପଢୁଥାନ୍ତି ଉପର ଶ୍ରେଣୀରେ ଏବଂ କୃଷ୍ଣପ୍ରସାଦ ବସୁ ପଢୁଥାନ୍ତି ତଳ ଶ୍ରେଣୀରେ । ବାହାରର ଏହି ବ୍ୟବଧାନ ଅନ୍ତରର ବନ୍ଧୁତାରେ ବିଘ୍ନ ସୃଷ୍ଟି କରିପାରି ନଥିଲା । ଦୁହେଁ ଦୁହିଁଙ୍କୁ ପ୍ରଗାଢ଼ ସ୍ନେହରେ ଆପଣାର କରି ନେଇଥିଲେ । ଦିନେ କୃଷ୍ଣ-ପ୍ରସାଦ ଛାତ୍ରାବାସର ଭଣ୍ଡାରଘରୁ ଗୋଟାଏ ମଲା ମୂଷା ପାଇଥାଆନ୍ତି । ଠିକ୍ ସେହି ସମୟରେ ଲକ୍ଷ୍ମୀକାନ୍ତ ନିଜ ଡେସ୍କ ଉପରେ ଡାଟିଆରେ ଜଳଖିଆ ରଖି ପାଇଖାନା ଯାଇଥାନ୍ତି । ପାଇଖାନାରୁ ଆସି ଜଳଖିଆ ଖାଇବେ ଏହାହିଁ ଥିଲା ତାଙ୍କର ଉଦ୍ଦେଶ୍ୟ । କୃଷ୍ଣପ୍ରସାଦଙ୍କ ପକ୍ଷେ ଏହାହେଲା ଏକ ପରମ ସୁଯୋଗ । ସେ ଜଳଖିଆତକ ଖାଇଦେଇ ଶୂନ୍ୟ ଡାଟିଆରେ ମଲା ମୂଷାଟି ରଖିଦେଲେ ଏବଂ ସେଥିରେ ଖଣ୍ଡିଏ ବହି ଢାଙ୍କି ଦେଇ ନେପଥ୍ୟରୁ ଏହାର ପ୍ରତିକ୍ରିୟା ଦେଖିବାକୁ ଅପେକ୍ଷା କରି ରହିଲେ । ପାଇଖାନାରୁ ଫେରିଲେ ଲକ୍ଷ୍ମୀକାନ୍ତ ଏବଂ ମୁହଁ ହାତ ଧୋଇ ଆହାରର ଉପକ୍ରମ କଲାବେଳକୁ ଜଳଖିଆ ପରିବର୍ତ୍ତେ ମଲା ମୂଷାଟିକୁ ଦେଖିବାକୁ ପାଇଲେ ସେ । କୁଆଡ଼େ କ୍ରୁଦ୍ଧ ହୁଅନ୍ତେ କିମ୍ବା ବିରକ୍ତ ହୁଅନ୍ତେ, ତା ନହୋଇ କିରି କିରି ହୋଇ ହସିବାକୁ ଲାଗିଲେ । ଅନାୟାସରେ ସେ ବୁଝିନେଲେ ଏ କୀର୍ତ୍ତି - ଏ କୌଶଳ- ଏ ବଗୁଲିଆମି କାହାର । କୃଷ୍ଣପ୍ରସାଦ ଆପେ-ଆପେ ଧରା ଦେଲେ ଏବଂ ଲକ୍ଷ୍ମୀକାନ୍ତଙ୍କ ପାଖରୁ ଆଦରପୂର୍ଣ୍ଣ କାନମୋଡ଼ା ଖାଇ ପରିତୃପ୍ତି ଲାଭ କଲେ ।

କିନ୍ତୁ ଲକ୍ଷ୍ମୀକାନ୍ତ କେବଳ Extrovert ନ ଥିଲେ, ସେ Introvert ବି ଥିଲେ । ତାଙ୍କର ବାହାରଟା ଥିଲା ଉଚ୍ଛ୍ୱସିତ । ଚଞ୍ଚଳ ବନ୍ଧୁତା ସ୍ଥାପନଲାଗି-ଆତ୍ମୀୟତା ପ୍ରତିଷ୍ଠା ଲାଗି ଉଦ୍‌ଗ୍ରୀବ ଓ ପାରଙ୍ଗମ । ଭିତରଟା ଥିଲା କିଛି ପରିମାଣରେ ଅନ୍ତତଃ ଗମ୍ଭୀର-ଏକାକୀ, କିଛି ପରିମାଣରେ ଅତନ୍ତ୍ରଃ ଅଗାଧ ନୀରବତାର ଗମ୍ଭୀର ସାଗରରେ ନିମଗ୍ନ । କଲେଜର ସମ୍ପର୍କ-ଚଞ୍ଚଳ ହାସ୍ୟ-ମୁଖର ଜୀବନ-ପ୍ରବାହ ତାଙ୍କ ସ୍ୱଭାବକୁ ଉଦ୍ଦୀପ୍ତ କରି ରଖୁଥିଲା । କିନ୍ତୁ ଭିତରେ ଭିତରେ ସେ ହୁଏତ ହଜି ଯାଇଥିଲେ ଗୋପୀଚନ୍ଦ୍ରର ସ୍ୱର-ମୂର୍ଚ୍ଛନାର ତରଙ୍ଗେ ତରଙ୍ଗେ । ଭାବର ଆବେଶରେ ତନ୍ମୟ ହୋଇ ଯାଇଥିଲେ ସେ । ସେଇ ସମୟରୁ କିମ୍ବା ଆହୁରି ଆଗରୁ ଗୋପୀଯନ୍ତ୍ରଟି ତାଙ୍କର ସଙ୍ଗୀ-ତାଙ୍କର ବନ୍ଧୁ-ତାଙ୍କର ଆତ୍ମୀୟ ।

ଚପଳ ସ୍ୱଭାବ କୃଷ୍ଣପ୍ରସାଦଙ୍କ ସହିତ ତାଙ୍କର ପ୍ରଥମ ସମ୍ପର୍କ ରଙ୍ଗ-ରସ ମାଧ୍ୟମରେ ଗଢ଼ି ଉଠି ନଥିଲା । ସେ ସମ୍ପର୍କ ଗଢି ଉଠିଥିଲା ଭକ୍ତ ପାବନ ସଙ୍ଗୀତର ଗମ୍ଭୀର ଭାବାବେଶ ମାଧ୍ୟମରେ ।

ପୂର୍ବବର୍ତ୍ତୀ ଗୋଟିଏ ଘଟନାର କଥା । ସେତେବେଳେ କୃଷ୍ଣପ୍ରସାଦ ଲକ୍ଷ୍ମୀକାନ୍ତଙ୍କର ଏକାବେଳେକେ ଅପରିଚିତ । ବାଙ୍କାନିଧି ପଟ୍ଟନାୟକ, ଗୋବିନ୍ଦ ସୁରଦେଓ ଓ ସେ ଏକାଠି ବନ୍ଧୁତ୍ୱପୂର୍ଣ୍ଣ ଆଳାପ ଆଲୋଚନା କରୁଥିଲାବେଳେ ହଠାତ୍ ଆସି ପହଞ୍ଚିଲେ କୃଷ୍ଣପ୍ରସାଦ ଏବଂ ସାହସ ସଞ୍ଚୟ କରି ତାଙ୍କର ପ୍ରିୟ ଗୀତଟିଏ ବୋଲିବାକୁ ଆରମ୍ଭ କଲେ ।

"ଶ୍ୟାମ ତୁଳସୀ ମଞ୍ଜରୀ ବନ୍ଧନେ ଦେବ ମୋହର
ଶ୍ୟାମନାମ ଯତ୍ନକରି ଶ୍ରବଣରେ ଶୁଣାଉଥିବ
ଯେବେ ମୋ ପ୍ରାଣ ଯିବ ।"

ଅଶ୍ରୁ-ମଧୁର ଏଇ ସଙ୍ଗୀତର ସୂକ୍ଷ୍ମ ଆବେଶ ଲକ୍ଷ୍ମୀକାନ୍ତଙ୍କ ଅନ୍ତରର ସମସ୍ତ ଗମ୍ଭୀରତାକୁ ସ୍ପର୍ଶ କଲା ।

ତାପରେ କୃଷ୍ଣପ୍ରସାଦ ବୋଲିଲେ—

"କବେ ତୃଷିତ ଏ ମରୁ ଛାଡ଼ିଆ ଯାଇବ
ତୋମାରି ରସାଲ ନନ୍ଦନେ ।"

ବିଖ୍ୟାତ ବଙ୍ଗୀୟ କବି ରଜନୀକାନ୍ତ ରଚିତ ଏଇ ଗୀତଟି ଶୁଣି ଲକ୍ଷ୍ମୀକାନ୍ତ ବିଭୋର ହୋଇଗଲେ । ଜୀବନରେ ଅନେକ ଥର ପରମ ଆଗ୍ରହ ସହକାରେ ଏଇ ଗୀତ ଯୋଡିକ ଶୁଣିଛନ୍ତି ସେ କୃଷ୍ଣପ୍ରସାଦଙ୍କ କଣ୍ଠରୁ ।

ଜୀବନର ଗତି ସଙ୍ଗେ ସଙ୍ଗେ ତାଙ୍କର ଏଇ ଗମ୍ଭୀରତା, ରହସ୍ୟ ନିବିଡ଼ ଏଇ ଅନ୍ତର୍ଦୃଷ୍ଟି, ଏଇ ଭାବ-ତନ୍ମୟତା ତାଙ୍କୁ ଅଧିକରୁ ଅଧିକ ଆବିଷ୍ଟ କରିଥିଲା ।

ଲକ୍ଷ୍ମୀକାନ୍ତ ଥିଲେ ସଙ୍ଗୀତ-ପ୍ରାଣ । ସଙ୍ଗୀତ ଥିଲା ତାଙ୍କ ସତ୍ତାର ଅବିଚ୍ଛେଦ୍ୟ ଅଙ୍ଗ । ବୃନ୍ଦାବାସର ପଛପଟ ପଡ଼ିଆରେ ସାଙ୍ଗସାଥିଙ୍କୁ ନେଇ ଲଳିତ କଣ୍ଠରେ ଗୀତ ବୋଲି କେତେ ସନ୍ଧ୍ୟା ବିତେଇ ଦେଉଥାନ୍ତି ସେ । ସନ୍ଧ୍ୟାର କୋମଳ ମୃଦୁ ଆଲୁଅରେ ରାଗ-ରାଗିଣୀର ମୂର୍ଚ୍ଛନା, ଅନବଦ୍ୟ କଣ୍ଠ-ସ୍ୱର ଏବଂ ଭାବ ଓ ଭାଷାର ଅପରୂପ ସୁଷମା ସମବେତ ହୋଇ ମଧୁର ମନୋହର ପରିବେଶ ସୃଷ୍ଟି କରୁଥାଏ । ଏଇ ସଙ୍ଗୀତର ପ୍ରଭାବ ସାଙ୍ଗ-ସାଥିମାନଙ୍କ ମନରେ ଆନନ୍ଦର ଦ୍ୟୁତି ଖେଳେଇ ଦେଉଥାଏ । ସେମାନଙ୍କ ମନରେ କେଉଁ ସ୍ୱପ୍ନ ରାଜ୍ୟର ପୁଲକ ସୁରଭି —ପୁଲକ ଜ୍ୟୋତ୍ସ୍ନା ବିଛେଇ ହୋଇ ଯାଉଥାଏ ।

୧୯୧୧ ମସିହାର କଥା । ପଞ୍ଚମ ଜର୍ଜଙ୍କ ଅଭିଷେକୋତ୍ସବ ମହାସମାରୋହରେ ପାଳିତ ହେବାକୁ ଯାଉଛି । ଏହି ଉଦ୍ଦେଶ୍ୟରେ ରେଭେନ୍ସା ମହାବିଦ୍ୟାଳୟକୁ ସାତ-ଦିନ ସକାଶେ ବନ୍ଦ ରଖାଗଲା ଏବଂ ବହୁ ଅର୍ଥ ବ୍ୟୟରେ ଆମୋଦ ଉତ୍ସବର ବିପୁଳ ଆୟୋଜନ ହେଲା ସେଠାରେ ।

ଏହି ଆୟୋଜନର ପ୍ରଧାନ ଅଙ୍ଗ ସ୍ୱରୂପ ରାମଶଙ୍କର ରଚିତ "କାଞ୍ଚିକାବେରୀ" ନାଟକ ଅଭିନୟର ବ୍ୟବସ୍ଥା ହେଲା । ତାର ଦାୟିତ୍ୱରେ ରହିଲେ ଗୋବିନ୍ଦ ସୁରଦେଓ ଓ ଲକ୍ଷ୍ମୀକାନ୍ତ ।

ଅଭିନୟରେ ଚନ୍ଦ୍ରାମଣୀ ଆଚାର୍ଯ୍ୟ ହେଲେ ପୁରୁଷୋତ୍ତମ ଦେବ । ସଚ୍ଚିଦାନନ୍ଦ ରାୟ ହେଲେ ପଦ୍ମାବତୀ । ଆର୍ତ୍ତବଲ୍ଲଭ ମହାନ୍ତି ହେଲେ କାଞ୍ଚୁକୀ । ଲକ୍ଷ୍ମୀକାନ୍ତ ହେଲେ କେତେବେଳେ ଭିଖାରୁଣୀ ବୈଷ୍ଣବୀ —କେତେବେଳେ ଭଦ୍ରା ।

ଭଦ୍ରା ଓ ଭିଖାରୁଣୀ ବୈଷ୍ଣବୀର ଭୂମିକାରେ ଗୀତ ବୋଲିଲେ ଲକ୍ଷ୍ମୀକାନ୍ତ କେତେବେଳେ କେଦାର, କେତେବେଳେ ରାମତାଳୀ—କେତେବେଳେ ଗୋପୀଯନ୍ତ୍ର ବଜାଇ । ତାଙ୍କ ଗୀତ ଶୁଣି ଦର୍ଶକଙ୍କ ଆଖିରୁ ଝରିଲା ଲୁହ—ହୃଦୟରେ ଜାଗିଲା ଭାବର ପ୍ଳାବନ । ଗୀତ ସରିଲା ମାତ୍ରେ ଦର୍ଶକ ମଣ୍ଡଳୀ ପାଟି କରୁଥାନ୍ତି Encore-Encore ---ପୁଣି ଗାଅ ପୁଣି ଗାଅ ।

ମୂଳ ନାଟକରେ ପୁରୁଷୋତ୍ତମ ଦେବଙ୍କ ରାଜସଭାରେ ଏକ ନର୍ତ୍ତକୀର ଭୂମିକା ଅନ୍ତର୍ଭୁକ୍ତ ଥିଲା । ପ୍ରସ୍ତାବିତ ଅଭିନୟରେ ନର୍ତ୍ତକୀର ଭୂମିକା ବାଦ ଦିଆଯାଇଥିଲା । ଅଥଚ ରଙ୍ଗମଞ୍ଚରେ ଦେଖିବାକୁ ମିଳିଲା ଯେ ଏକ ରୂପସୀ ନର୍ତ୍ତକୀ ଅପରୂପ ଅଙ୍ଗଭଙ୍ଗୀ କରି ଯନ୍ତ୍ର ସଙ୍ଗୀତର ତାଳେ ତାଳେ ସାବଲୀଳ ସୁନିପୁଣ ଠାଣିରେ ନୃତ୍ୟ କରି ଚାଲିଛି । ସାରା ପ୍ରେକ୍ଷା-ଗୃହ ବିସ୍ମୟରେ ସ୍ତବ୍ଧ—ସ୍ତମ୍ଭିତ ।

ନୃତ୍ୟ ସରିଗଲା ସମସ୍ତଙ୍କ ମନରେ ପ୍ରଶ୍ନ—ଏ ନର୍ତ୍ତକୀ ଆସିଲା କୁଆଡୁ ? ଅଧ୍ୟକ୍ଷଙ୍କୁ କିଏ କହିଲା, ସହରର ଏକ ବାରବନିତାକୁ ନର୍ତ୍ତକୀ ରୂପେ ରଙ୍ଗ ମଞ୍ଚରେ ଅବତୀର୍ଣ୍ଣ ହେବାର ସୁଯୋଗ ଦିଆଯାଇଛି । ଏ କଥା ଶୁଣି ଅଧ୍ୟକ୍ଷ ଭୀଷଣ ଭାବରେ କ୍ରୁଦ୍ଧ ହେଲେ । ପରଦିନ ଅଧ୍ୟକ୍ଷ ଯେତେବେଳେ ଜାଣିଲେ ଯେ ଲକ୍ଷ୍ମୀକାନ୍ତହିଁ ସେଇ ଅନୁପମ, ଅନବଦ୍ୟ ନୃତ୍ୟ ପରିବେଷଣ କରିଥିଲେ, ସେତେବେଳେ ସେ ଯୁଗପତ୍ ଆନନ୍ଦ ଓ ବିସ୍ମୟରେ ଅଭିଭୂତ ହୋଇଗଲେ ।

ସଙ୍ଗୀତ ବୋଲିବାରେ ସେ କିପରି ନିପୁଣ ଥିଲେ ସେ ବିଷୟରେ ଆଉ ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରାଯାଇ ପାରେ । ସରସ୍ୱତୀ ପୂଜା ବାସିଦିନ, ଛାତ୍ରାବାସର ଅନ୍ତେବାସିମାନେ ନିମନ୍ତ୍ରିତ ହୋଇ ଯାଇଥାନ୍ତି, ସେ ସମୟର କଟକ ସହରର ଅନ୍ୟତମ ବିଖ୍ୟାତ ଓକିଲ ଗୋକୁଳାନନ୍ଦ ଚୌଧୁରୀଙ୍କ ଗୃହକୁ ଖିଆପିଆ କରିବାକୁ । ଏଇ ଗୋକୁଳାନନ୍ଦ ଚୌଧୁରୀ ଥିଲେ, ପ୍ରସିଦ୍ଧ ଗାନ୍ଧୀବାଦୀ ତଥା ଏକନିଷ୍ଠ ସମାଜ ସେବୀ ଗୋପବନ୍ଧୁ ଚୌଧୁରୀଙ୍କ ପିତା । ନିମନ୍ତ୍ରିତମାନଙ୍କ ମଧ୍ୟରେ ଲକ୍ଷ୍ମୀକାନ୍ତ ବି ଥିଲେ । ଖିଆପିଆ ସରିଲାପରେ ଗୋକୁଳାନନ୍ଦ ଚୌଧୁରୀ ଲକ୍ଷ୍ମୀକାନ୍ତଙ୍କୁ ଅନୁରୋଧ କଲେ ଗୀତ ବୋଲିବାକୁ । କିନ୍ତୁ ସେଥିସକାଶେ ଯେ ତାଙ୍କର ଅତିପ୍ରିୟ ଗୋପୀଯନ୍ତ୍ର (ଏକତାର) ଖଣ୍ଡିକ ଆବଶ୍ୟକ ! ବନବିହାରୀ ପଟ୍ଟନାୟକ ସେ ପର୍ଯ୍ୟନ୍ତ ଲକ୍ଷ୍ମୀକାନ୍ତଙ୍କ ଅପରିଚିତ । ତଥାପି ସେ ଧାଇଁଯାଇ ଛାତ୍ରାବାସରୁ ଏକତାରା ଖଣ୍ଡିକ ନେଇ ଆସିଲେ । ତାପରେ ଚାଲିଲା ସଂକୀର୍ତ୍ତନର ତରଙ୍ଗ, ଗୋଟିକ ପରେ ଗୋଟିଏ ରାତି ଗଭୀରରୁ ଗଭୀରତର ହେଉଥାଏ । କିନ୍ତୁ ସଙ୍ଗୀତର ସୁର ଶ୍ରୋତାମାନଙ୍କ ମନରେ ସୃଷ୍ଟି କରୁଥାଏ ଅଧିକରୁ ଅଧିକ ଆଗ୍ରହ । କୀର୍ତ୍ତନର ମୂର୍ଚ୍ଛନା କେତେବେଳେ ଲଳିତ, କୋମଳ ଆବେଗରେ କେତେବେଳେ ଗମ୍ଭୀର ଭାବାବେଗରେ ସମସ୍ତଙ୍କୁ ମୁଗ୍ଧ ଓ ତନ୍ମୟ କରି ରଖିଥାଏ । ଶ୍ରୋତାମାନଙ୍କ ମଧ୍ୟରୁ କାହା ଆଖିରେ ଲୁହ ତ କାହା ଅନ୍ତରରେ ରହସ୍ୟଜନକ ଅନୁଭୂତିର ମଧୁର ବେପଥୁ । ରାତି ଗୋଟାଏ ବାଜିଲା-ତଥାପି ଗୀତ ସରୁ ନଥାଏ । ଯେତେବେଳେ ସରିଲା ସେତେବେଳେ ସମସ୍ତେ ବିସ୍ମୟରେ ଅବାକ୍— ଆନନ୍ଦରେ ଆବିଷ୍ଟ ।

କିନ୍ତୁ ଲକ୍ଷ୍ମୀକାନ୍ତ କେବଳ ରଙ୍ଗରସରେ ନିମଜ୍ଜିତ ରହୁନଥିଲେ । କେବଳ ସଙ୍ଗୀତ ଓ ନାଟକର ପ୍ରବଳ ଆକର୍ଷଣ ତାଙ୍କ ଚିତ୍ତକୁ ଆବିଷ୍ଟ କରି ରଖୁନଥିଲା, ଯିଏ ବେଦନାତୁର, ଦୁଃଖରେ ମ୍ରିୟମାଣ, ଯିଏ ରୋଗଯନ୍ତ୍ରଣାରେ କାତର ତା'ପ୍ରତି ମଧ୍ୟ ଲକ୍ଷ୍ମୀକାନ୍ତଙ୍କର ଥିଲା ଅପାର ମମତା, ନିର୍ମଳ କରୁଣା । ହେମଚନ୍ଦ୍ର ସରକାର ନାମକ ଅଧ୍ୟାପକ ଥିଲେ ଅତ୍ୟନ୍ତ ସେବା ପରାୟଣ—ଅତ୍ୟନ୍ତ ଦୟାଶୀଳ । ଆଦର୍ଶନିଷ୍ଠ ଦୀପ୍ତଚରିତ୍ର ଏଇ ଅଧ୍ୟାପକ ଛାତ୍ରମାନଙ୍କୁ ନିଜର ଉଦାରତା ଓ ମହାନୁଭବତା ଦ୍ୱାରା ମୁଗ୍ଧ କରି ରଖିଥିଲେ । ଦୀନବତ୍ସଳ, ବ୍ୟାଧିଗ୍ରସ୍ତ ଅସହାୟମାନଙ୍କ ସେବା ସକାଶେ ହେମଚନ୍ଦ୍ର କେତେକ ସେବା-ପରାୟଣ ଛାତ୍ରଙ୍କୁ ନେଇ ଗୋଟିଏ ସେବା-ସଂସ୍ଥା ଗଠନ କରିଥିଲେ । ଲକ୍ଷ୍ମୀକାନ୍ତ ଥିଲେ ସେଇ ସେବାସଂସ୍ଥାର ଜଣେ ଅଗ୍ରଣୀ ସ୍ୱେଚ୍ଛା-ସେବକ ।

ଶଚୀନ୍ଦ୍ରନାଥ ଦାସ ନାମକ ଜଣେ କଲେଜ ଛାତ୍ର ବସନ୍ତକାରେ ଆକ୍ରାନ୍ତ ହେଲେ । ସେତେବେଳେ ବସନ୍ତକା ଥିଲା ଏକ ଦୁରାରୋଗ୍ୟ, ଭୟାବହ ବ୍ୟାଧି । ଏହା ଏପରି ମାରାତ୍ମକ ଥିଲାଯେ ଆତ୍ମୀୟ ସ୍ୱଜନ ମଧ୍ୟ ବସନ୍ତକାଗ୍ରସ୍ତ ରୋଗୀର ନିକଟକୁ

ଯିବାକୁ ଇଚ୍ଛା ପ୍ରକାଶ କରୁନଥିଲେ । ଯେଉଁଠାରେ ବସୁଚକା ବ୍ୟାଧିର ପ୍ରାଦୁର୍ଭାବ ଦେଖା ଯାଉଥିଲା, ସେଠାରେ ମୃତ୍ୟୁର କରାଳ ଅନ୍ଧକାର ଘୋଟି ରହିଛି ବୋଲି ମନେ କରାଯାଉଥିଲା ।

କିନ୍ତୁ ବସୁଚକା-ଗ୍ରସ୍ତ ଶଚୀନ୍ଦ୍ରନାଥଙ୍କୁ ଗୋଟିଏ ପୃଥକଘରେ ରଖି ଲକ୍ଷ୍ମୀକାନ୍ତ ଓ ଅନ୍ୟକେତେକ ଛାତ୍ରଙ୍କ ସହ ଅଧ୍ୟାପକ ହେମଚନ୍ଦ୍ର ତାଙ୍କ ସେବା ଶୁଶ୍ରୂଷାରେ ଆତ୍ମନିୟୋଗ କଲେ । ନିପୁଣ, ନିଷ୍ଠାପର, ତ୍ୟାଗପୂତ ସେବା ଶୁଶ୍ରୂଷା ଫଳରେ ଶଚୀନ୍ଦ୍ରନାଥ ଆରୋଗ୍ୟ ଲାଭକଲେ । ପରେ ସେ ଏମ. ଏ. ପାସ୍ କଲେ । ଏବଂ ଲକ୍ଷ୍ମୀକାନ୍ତଙ୍କ ଅନ୍ୟତମ ଭଗିନୀଙ୍କୁ ବିବାହକରି ତାଙ୍କ ସହିତ ଚିର ବନ୍ଧୁତା ସୂତ୍ରରେ ଆବଦ୍ଧ ହେଲେ । ଶଚୀନ୍ଦ୍ରନାଥଙ୍କ ଗଭୀର ସାହିତ୍ୟାନୁରାଗ ଓ ଜ୍ଞାନ ଗରିମା ତାଙ୍କୁ ପ୍ରଚୁର ସମ୍ମାନ ଦେଇ ପାରିଥିଲା ।

ସ୍କୁଲ୍ କିମ୍ବା କଲେଜରେ ଅଧ୍ୟୟନ କରୁଥିବା ସମୟରେ ପ୍ରଚଳିତ ନିର୍ଦ୍ଦିଷ୍ଟ ପାଠ୍ୟ ପୁସ୍ତକ ସମ୍ବନ୍ଧରେ ଲକ୍ଷ୍ମୀକାନ୍ତଙ୍କର ଥିଲା ସ୍ୱାଭାବିକ ଉଦାସୀନତା । ପରୀକ୍ଷା ସକାଶେ ନିର୍ବାଚିତ ଓ ନିରୂପିତ ପାଠ୍ୟକ୍ରମ ତାଙ୍କୁ ସେପରି ଆକର୍ଷଣ କରି ପାରୁନଥିଲା । ତା' ବୋଲି ତାଙ୍କର ପଠନ-ପ୍ରୟାସ ଓ ଅଧ୍ୟୟନ-ରସିକତା ଯେ କମ୍ ଥିଲା ତା' ନୁହେଁ, ପରୀକ୍ଷା ସକାଶେ ଉଦ୍ଦିଷ୍ଟ ପାଠ୍ୟ ପୁସ୍ତକର ସୀମା ବାହାରେ ନାନା ଉପାଦେୟ ଗ୍ରନ୍ଥ ପଠନ କରି ସେ ଯେପରି ବିଶୁଦ୍ଧ ଆନନ୍ଦ ଲାଭ କରୁଥିଲେ ନିଜର ରୁଚି ମନନ ଓ ସୃଜନ ଶକ୍ତିକୁ ସେହିପରି ପୁଷ୍ଟ ପ୍ରସାରିତ ଓ ରସାଳ କରି ତୋଳି ପାରୁଥିଲେ । ବାଲ୍ୟକାଳରୁ ହିଁ ସେ ପାଠ କରି ସାରିଥିଲେ, ବଙ୍ଗଳାର ସାହିତ୍ୟ ସମ୍ରାଟ ବଙ୍କିମଚନ୍ଦ୍ରଙ୍କର ଉପନ୍ୟାସ ସମୂହ ଏବଂ ପ୍ରସିଦ୍ଧ କବି ହେମଚନ୍ଦ୍ର ଓ ନବୀନଚନ୍ଦ୍ରଙ୍କର କାବ୍ୟ ସମୂହ । ରାଧାନାଥ, ଫକୀରମୋହନ ଓ ନନ୍ଦକିଶୋରଙ୍କର ରଚନାବଳୀ ତାଙ୍କ ଚିତ୍ତରେ ସୃଷ୍ଟି କରିଥିଲା କଳ୍ପନାର ମେଦୁର ଶିହରଣ । ବଙ୍ଗଳା ମହାଭାରତ ଓ ବଙ୍ଗଳା ରାମାୟଣ ପଢି ସେ ପାଇଥିଲେ ପ୍ରଭୂତ ଆନନ୍ଦ ।

ବାଲ୍ୟରୁ ହିଁ ସେ ଲେଖନୀ ଚାଳନା କରିବାକୁ ଶିଖିଥିଲେ କବିତା ଓ ସଙ୍ଗୀତ ରଚନା କରିବା ଉଦ୍ଦେଶ୍ୟରେ । ଲୀଳା ଓ ଯାତ୍ରା ଦେଖୁଁ ଦେଖୁଁ ମୁହେଁ ମୁହେଁ କବିତା ରଚନା କରିବା ତାଙ୍କର ଥିଲା ଅନ୍ୟ ଏକ ଅଭ୍ୟାସ । କଲେଜରେ ଅଧ୍ୟୟନ କରୁଥିବା ସମୟରେ ଗୋପବନ୍ଧୁ ଓ ବ୍ରଜସୁନ୍ଦରଙ୍କର ପୁଣ୍ୟପ୍ରଭାବ ସାହିତ୍ୟ ପଥରେ ଅଗ୍ରସର ହେବାରେ ତାଙ୍କୁ ବିଶେଷ ସାହାଯ୍ୟ କଲା ।

ଲକ୍ଷ୍ମୀକାନ୍ତଙ୍କର ସାରସ୍ୱତ ଅବଦାନ ଗୋଟିକ ପରେ ଗୋଟିଏ ପ୍ରକାଶିତ ହେବାକୁ ଲାଗିଲା ଭିନ୍ନ ଭିନ୍ନ ପତ୍ର ପତ୍ରିକାରେ । ତାଙ୍କର ହାଳନ୍ଦୀ ଶୀର୍ଷକ କବିତା ଗୋପବନ୍ଧୁଙ୍କୁ ଆକୃଷ୍ଟ କଲା । ମୁକୁର ପତ୍ରିକାର ସ୍ୱନାମଧନ୍ୟ ସମ୍ପାଦକ ବ୍ରଜସୁନ୍ଦର ଦାସ୍ ଥିଲେ ଅତ୍ୟନ୍ତ ଛାତ୍ରବତ୍ସଳ । ଛାତ୍ରମାନଙ୍କ ମଧ୍ୟରେ ଯେଉଁମାନେ ଥିଲେ ସାହିତ୍ୟାନୁରାଗୀ, ସେମାନଙ୍କ ଉପରେ ବ୍ରଜସୁନ୍ଦର ବାବୁଙ୍କର ଅମାୟିକ ହୃଦୟର ସ୍ନେହସୁଧା ଅବାରିତ ଧାରାରେ ବର୍ଷିତ ହେଉଥିଲା । ଲକ୍ଷ୍ମୀକାନ୍ତ ସେଇ ସୁଧା ଆକଣ୍ଠ ପାନକଲେ । ସମ୍ବାଦବାହିକା ଏବଂ ମୁକୁର ପତ୍ରିକାରେ ତାଙ୍କର କବିତା ସବୁ ପ୍ରକାଶିତ ହେଲା ଏବଂ ପାଠକ ମାନଙ୍କର ଅକୁଣ୍ଠିତ ପ୍ରଶଂସା ଲାଭକଲା । ମୁକୁରରେ ତାଙ୍କ ରଚିତ "ମାଆ-ମାଆ ସେ ଦେଶକୁ ଯିବି ନାହିଁ" କବିତାଟି ପ୍ରକାଶିତ ହୋଇ ବରେଣ୍ୟ ବାଗ୍ମୀ ଏବଂ ପ୍ରଥିତଯଶା ସମ୍ପାଦକ ବିଶ୍ୱନାଥ କରଙ୍କର ଦୃଷ୍ଟି ଆକର୍ଷଣ କଲା । ଲକ୍ଷ୍ମୀକାନ୍ତଙ୍କୁ ସେ ଅନୁରୋଧ କଲେ ତାଙ୍କ ପତ୍ରିକା "ଉତ୍କଳ-ସାହିତ୍ୟ"କୁ କବିତା ପଠାଇବାକୁ ।

ଏଇ ସମୟରେ ଲକ୍ଷ୍ମୀକାନ୍ତଙ୍କ ଜୀବନରେ ଘଟିଲା ପ୍ରେମ ସମ୍ପର୍କୀୟ ବିଚିତ୍ର ଅନୁଭୂତି । ତାଙ୍କ କୈଶୋରରେ ପ୍ରଣୟିନୀ ଥିଲେ ଲବଙ୍ଗଲତା । ସୁନହଟର ଅନ୍ୟତମ ଜମିଦାର ଲାଲମୋହନ ଦାସଙ୍କର କିଶୋରୀ କନ୍ୟା ଲବଙ୍ଗଲତାଙ୍କର ମନୋରମ ରୂପଲାବଣ୍ୟ ଏବଂ ଅନୁପମ ଚରିତ୍ର-ମାଧୁରୀ ଲକ୍ଷ୍ମୀକାନ୍ତଙ୍କ ହୃଦୟକୁ ରସାପ୍ଳୁତ କରି ରଖିଥିଲା । ତାଙ୍କ ହୃଦୟର ନିଭୃତ ନିଳୟରେ ଏଇ ତରୁଣୀଙ୍କର ସରଳ ତରଳ ପ୍ରେମର ମଧୁର କଳ୍ପନାଟି ଉଜ୍ଜ୍ୱଳ ହୋଇ ରହିଥିଲା । କନ୍ୟା ତା ଲାଲ-ମୋହନ ବାବୁଙ୍କ ସହିତ ଲକ୍ଷ୍ମୀକାନ୍ତଙ୍କ ପିତା ଭାଗବତ ବାବୁଙ୍କର ମଧ୍ୟ କଥା ଛିଡ଼ିଥିଲା ଯେ ଏଇ ଦୁଇଜଣଙ୍କୁ ପରିଣୟ ସୂତ୍ରରେ ଆବଦ୍ଧ କରାଯିବ । ଲବଙ୍ଗଲତାଙ୍କର ବୟସ ବଢ଼ିବା ସଙ୍ଗେ ସଙ୍ଗେ ତାଙ୍କ ବିବାହ ସକାଶେ ତାଙ୍କ ପିତା ବ୍ୟସ୍ତ ହୋଇ ପଡ଼ିଲେ । କିନ୍ତୁ ଭାଗବତ ବାବୁ ଲକ୍ଷ୍ମୀକାନ୍ତଙ୍କ କଲେଜ ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଚାହିଁଲେ । ତତ୍ପୂର୍ବରୁ ପରିଣୟ କାର୍ଯ୍ୟ ସମ୍ପନ୍ନ ହେଲେ ପୁତ୍ରର ଅଧ୍ୟୟନରେ ବିଘ୍ନ ଉପୁଜିବ ବୋଲି ତାଙ୍କ ମନରେ ଆଶଙ୍କା ହେଲା । ଲାଲ-ମୋହନ ବାବୁ ତେଣୁ ନିଜର କନ୍ୟା ସକାଶେ ଅନ୍ୟ ପାତ୍ର ଖୋଜିବାକୁ ଲାଗିଲେ । ଲକ୍ଷ୍ମୀକାନ୍ତ ଏହି ସମ୍ବାଦ ପାଇବାକ୍ଷଣି ତାଙ୍କ ହୃଦୟରେ ବିରହ ବେଦନା ଉଦଗ୍ର ହୋଇ ଉଠିଲା । ତାଙ୍କ ବୁକୁ ଉପର ଦେଇ ବୈଶାଖର ଝାଞ୍ଜି ବହିଗଲା । କେତେବେଳେ ଜ୍ଞାତସାରରେ କେତେ-ବେଳେ ଅଜ୍ଞାତରେ ବି ଆଖି ଲୁହରେ ଓଦା ହୋଇ ଯାଉଥାଏ ।

ତାଙ୍କ ମନର ଏଇ ବେଦନା — ତାଙ୍କ ଅନ୍ତରର ଏଇ ହାହାକାର ତାଙ୍କ ଗଳ୍ପ ଓ କବିତାରେ ରୂପ ପାଇବାକୁ ଲାଗିଲା । ତନ୍ମଧ୍ୟରୁ ମୁକୁରରେ ପ୍ରକାଶିତ "ପ୍ରତିଦାନ"

ଶୀଘ୍ର କ ଏକ ଗଳ୍ପ ବ୍ୟାସକବି ଫକୀରମୋହନଙ୍କ ଦୃଷ୍ଟି ଆକର୍ଷଣ କଲା । ତତ୍‌ପୂର୍ବମାନ କବି ଲକ୍ଷ୍ମୀକାନ୍ତଙ୍କ ପ୍ରତି ଫକୀରମୋହନଙ୍କ ଅନ୍ତରରେ ଥିଲା ସାବଲୀଳ ମମତା ଓ ସ୍ୱତଃସ୍ଫୂର୍ତ୍ତି ଦରଦ । ଥରେ ଫକୀରମୋହନ କଟକ ଆସିଥାନ୍ତି । ସମ୍ବାଦ ପାଇ ଲକ୍ଷ୍ମୀକାନ୍ତ ଗଲେ ତାଙ୍କୁ ସାକ୍ଷାତ କରିବାକୁ । ସାଙ୍ଗରେ ଥାନ୍ତି ତାଙ୍କର ବନ୍ଧୁ ହରେକୃଷ୍ଣ ସାମନ୍ତ ଏବଂ ଆଉ ଦୁଇ ତିନି ଜଣ କଲେଜ ଛାତ୍ର । ସ୍ନେହରେ ଗଦ୍ ଗଦ୍ ହୋଇ ଫକୀରମୋହନ ଅତି ନିବିଡ ଭାବରେ ଆଲିଙ୍ଗନ କଲେ ଲକ୍ଷ୍ମୀକାନ୍ତଙ୍କୁ । କଥାବାର୍ତ୍ତା ପଡିଲା ଏଇ ଯୁବକ କବିଙ୍କର ଗଳ୍ପ ଓ କବିତା ସମ୍ବନ୍ଧରେ । କଣ୍ଠରେ ଆନ୍ତରିକତାର ଦରଦ ଫୁଟାଇ ସେଇ ବର୍ଷୀୟାନ ସାହିତ୍ୟ ସାଧକ ଲକ୍ଷ୍ମୀକାନ୍ତଙ୍କୁ କହିଲେ—'ତୋ ରଚନାରେ ରହିଛି ବାସ୍ତବ ଅନୁଭୂତି—ହୃଦୟର ନିଗୂଢ ଅଭିଜ୍ଞତା । ଏ ସବୁ ଗଳ୍ପ ଓ କବିତା କେବଳ କଳ୍ପନାର ସୃଷ୍ଟି ହୋଇ ନପାରେ । ”

ଏ କଥା ଶୁଣି ଲକ୍ଷ୍ମୀକାନ୍ତ ଲଜ୍ଜାରେ ମସ୍ତକ ଅବନତ କଲେ —କିନ୍ତୁ ମୁରୁକି ମୁରୁକି ହସିଲେ ତାଙ୍କର ଅନ୍ତରଙ୍ଗ ବନ୍ଧୁ ହରେକୃଷ୍ଣ ସାମନ୍ତ । ଦ୍ୱିଧା ଜଡିତ କଥାରେ କହିଲେ ସେ —“ ବାସ୍ତବ ଅନୁଭୂତିହିଁ ଉଚ୍ଛୁଳି ଉଠୁଛି ତାର ଭିନ୍ନ ଭିନ୍ନ ରଚନାରୁ ।”

ପ୍ରସଙ୍ଗ କ୍ରମେ ଫକୀରମୋହନ ଶୁଣିବାକୁ ପାଇଲେ ଲବଙ୍ଗଲତାଙ୍କ କଥା । ସେ ଜାଣିବାକୁ ପାଇଲେ ଯେ ଗୋଟିଏ ତରୁଣୀର ଅନୁରାଗ-ପେଲବ ସ୍ମୃତି ଲକ୍ଷ୍ମୀକାନ୍ତଙ୍କୁ ମୁଗ୍ଧ କରିଛି । ପୁଣି ତାଙ୍କୁ ହରାଇବାର ବେଦନା ତାଙ୍କ ଚିତ୍ତରେ ସୃଷ୍ଟି କରିଛି ଘନ ଘୋର ନୈରାଶ୍ୟର ଅଶ୍ରୁ ପ୍ରବାହ ।

ଦରଦୀ ଫକୀରମୋହନଙ୍କ ଚିତ୍ତରେ ଜାଗିଲା ଅତୁଳ ସମବେଦନା । ସେ ଏଇ ବିରହୀ ଯୁବକପ୍ରତି ବିପୁଳ ସହାନୁଭୂତି ଦେଖାଇ କହିଲେ “ଏଥର ଗଲେ, ଭାଗବତର କାନମୋଡ଼ି ସବୁ ଠିକ୍ କରିଦେବି ।”

ତାହାହିଁ ହେଲା । ଅବଶ୍ୟ କାନମୋଡାର ପ୍ରୟୋଜନ ହୋଇ ନଥିଲା ନିଶ୍ଚୟ । ତେବେ ବ୍ୟାସକବିଙ୍କର ସନିର୍ବନ୍ଧ ଅନୁରୋଧ ଏଡିନପାରି ଭାଗବତପ୍ରସାଦ ଲବଙ୍ଗଲତାଙ୍କ ସହିତ ଲକ୍ଷ୍ମୀକାନ୍ତଙ୍କ ବିବାହରେ ସମ୍ମତି ପ୍ରଦାନ କଲେ ।

ମଙ୍ଗଳକୃତ୍ୟ ଶୀଘ୍ର ସମ୍ପନ୍ନ ହେଲା । ବିରହ-ଦଗ୍ଧ ଯୋଡ଼ିଏ ତରୁଣ ଚିତ୍ତରେ ମିଳନର ଚନ୍ଦନ-ସ୍ନିଗ୍ଧ ଶିହରଣ ତରଙ୍ଗିତ ହେବାକୁ ଲାଗିଲା । କିନ୍ତୁ ଫକୀରମୋହନ କେବଳ ଯେ ଲକ୍ଷ୍ମୀକାନ୍ତଙ୍କ ପ୍ରେମ ଜୀବନରେ ସାର୍ଥକତା ଆଣି ଦେଇଥିଲେ

ତା' ନୁହେଁ, ତାଙ୍କ ପ୍ରଭାବ ଓ ପ୍ରେରଣା ମଧ୍ୟ ଲକ୍ଷ୍ମୀକାନ୍ତଙ୍କ ସାହିତ୍ୟିକ ଜୀବନରେ ପାଥେୟ ହୋଇ ପାରିଥିଲା । ମୁକୁରର ସମ୍ପାଦକ ବ୍ରଜସୁନ୍ଦର ଦାସଙ୍କ ଘରେ ବସି ଲକ୍ଷ୍ମୀକାନ୍ତଙ୍କୁ କୁଣ୍ଢେଇ ପକାଇ, ତାଙ୍କ କପାଳରେ ସେ ଦାଢ଼ୀ ଘଷି ଦେଉଥିଲେ ଏବଂ ଉଚ୍ଛ୍ୱସିତ ଉତ୍ସାହର ସ୍ୱର ଶୁଣାଇ କହୁଥିଲେ — "ଲେଖିଯା' ଲେଖିଯା' । ସୁନା ଉବୁଯିବ, ଖାଦ ପାଉଁଶ ହୋଇଯିବ କଳାଗ୍ନିରେ ।" ତା'ପରେ ଲକ୍ଷ୍ମୀକାନ୍ତଙ୍କ ଶିରରେ ହସ୍ତ ସ୍ଥାପନ କରି କହୁଥିଲେ ଯେ —

" ଫୁଲ ଚନ୍ଦନ ପଡୁ ତୋ ଲେଖଣୀରେ " ।

କାହାରିକୁ ବିପନ୍ନ ବା ଅସହାୟ ଦେଖିଲେ ଲକ୍ଷ୍ମୀକାନ୍ତ ଚିତ୍ତରେ ସ୍ୱାଭାବିକ ଭାବରେହିଁ ମମତା ଓ ସହାନୁଭୂତି ସ୍ଫୁରିତ ହେଉଥିଲା । ରେଭେନ ସା କଲେଜର ପଦାର୍ଥ ବିଜ୍ଞାନର ଅଧ୍ୟାପକ ଦିନେ ଛାତ୍ରମାନଙ୍କୁ ଏକାଠି ଠୁଳକରି ନିଜ ଦୁଃଖ କଥା ବଖାଣିଲେ । ସେ କହିଲେ ଯେ ପଦାର୍ଥବିଜ୍ଞାନ ପଢ଼ିବାକୁ ଛାତ୍ରମାନେ ଆଗଭର ହେଉ-ନାହାନ୍ତି । ଆବଶ୍ୟକୀୟ ସଂଖ୍ୟାର ଛାତ୍ର ହେଉ ନାହାନ୍ତି ବୋଲି ପଦାର୍ଥ ବିଜ୍ଞାନଟିକୁ ଉଠାଇ ଦିଆ ଯାଉଛି । ଛାତ୍ରସଂଖ୍ୟା ବଢ଼ିଲେ ପଦାର୍ଥବିଜ୍ଞାନ ବିଷୟଟିର ଏଇ ଶୋଚନୀୟ ଅବସ୍ଥା ଘୁଅନ୍ତାନି । ଛାତ୍ରମାନେ କଣ କହିବେ, ଅଟକଳ କରି ପାରୁନାହାନ୍ତି । ପରସ୍ପର ମୁହଁ ଚାହାଁଚାହିଁ ହେଉଛନ୍ତି । ଆଗପଛ କିଛି ନଭାବି ବିପନ୍ନ ଅଧ୍ୟାପକଙ୍କୁ ସାହାଯ୍ୟ କରିବା ଲାଗି ଲକ୍ଷ୍ମୀକାନ୍ତ ଆଗଭର ହୋଇ ବାହାରି ପଡ଼ିଲେ ପଦାର୍ଥ ବିଜ୍ଞାନ ପଢ଼ିବାକୁ । ପ୍ରଥମ ବାର୍ଷିକ ଶ୍ରେଣୀରେ ତାଙ୍କର ପଦାର୍ଥ ବିଜ୍ଞାନ ନଥିଲା — ଥିଲା ଅଙ୍କ । ଏକାଥରକେ ଦୁଇ ବର୍ଷର ପାଠ ଅକ୍ତିଆର କରିବା ଦୁଃସାଧ୍ୟ ବ୍ୟାପାର । ବର୍ଷକର ପାଠ ଆପେ ଆପେ ପଢ଼ି ହୃଦୟଙ୍ଗମ କରିବାକୁ ଅସମ୍ଭବ । ଅଥଚ ଲକ୍ଷ୍ମୀକାନ୍ତ ଥିଲେ ଅତି କ୍ରୀଡ଼ା— ରସିକ, ଆମୋଦ ଓ କୌତୁକପ୍ରିୟ । ପଦାର୍ଥ ବିଜ୍ଞାନ ପରି ଅତ୍ୟନ୍ତ କଠିନ ବିଷୟଟିକୁ ଆୟତ୍ତ କରିବା ସକାଶେ ଯେତିକି ପରିଶ୍ରମ ଲୋଡ଼ା ତାହା ତାଙ୍କ ଦ୍ୱାରା ସମ୍ଭବ ନଥିଲା । ସେ ମେଧାବୀ ଥିଲେ — ତୀକ୍ଷ୍ଣ ଧୀ ସମ୍ପନ୍ନ ଥିଲେ । କିନ୍ତୁ ପରିଶ୍ରମୀ ନଥିଲେ । ଅତ୍ୟନ୍ତ ଭାବ ପ୍ରବଣ ହୋଇ ପଦାର୍ଥ ବିଜ୍ଞାନର ଅଧ୍ୟାପକଙ୍କ ଅନୁରୋଧ ଏଡ଼ି ନପାରି ଖସଡ଼ା ବାଟକୁ ସେ ଗୋଡ଼ ବଢ଼ାଇଥିଲେ । ଭାବପ୍ରବଣତା ତାଙ୍କର ଶତ୍ରୁ ହେଲା । ଆଇ. ଏ. ପରୀ-କ୍ଷାରେ ସେ ଅକୃତକାର୍ଯ୍ୟ ହେଲେ । ଗୋଟିଏ ବର୍ଷ ପରେ ଅର୍ଥାତ୍ ୧୯୧୧ରେ ଆଇ ଏ. ପାସ୍ କଲେ । ୧୯୧୨ରେ ତାଙ୍କର ଗୋଟିଏ ପୁତ୍ର ସନ୍ତାନ ଜାତ ହେଲା ।

ଆଇ. ଏ. ପାସ୍ କଲାପରେ କିଛି ଦିନ ସକାଶେ ସେ କଲିକତା ଯାଇଥିଲେ ଉଚ୍ଚତର ଶିକ୍ଷା ଅର୍ଜନ ସକାଶେ । ସେଠାରେ ସେ ରିପନ୍ କଲେଜରେ ଭର୍ତ୍ତି ହେଲେ ।

କିନ୍ତୁ ବଙ୍ଗାଳୀ ଛାତ୍ରମାନଙ୍କ ଭିତରେ ରହି ଅଧ୍ୟୟନ କରିବାର ଅଭିଜ୍ଞତା ତାଙ୍କ [illegible] ସେପରି ସୁଖକର ହେଲାନାହିଁ । ତାଙ୍କ ଜାତିପ୍ରୀତି ଅତ୍ୟନ୍ତ ଉଗ୍ର ଥିଲା । ଓଡ଼ିଆ ଭାଷା, ଓଡ଼ିଆ ସଂସ୍କୃତି, ଓଡ଼ିଆ ଚାଲିଚଳଣି ସମ୍ବନ୍ଧରେ କୌଣସି ପ୍ରକାର କଟୁ ମନ୍ତବ୍ୟ ସେ ସହ୍ୟ କରିପାରୁ ନଥିଲେ । କୌଣସି କୌଣସି ବଙ୍ଗାଳୀ ଛାତ୍ରଙ୍କର ଏଇ ବିଷୟରେ ସଂକୀର୍ଣ୍ଣତା ତାଙ୍କୁ ବ୍ୟଥିତ କଲା । ସେ ପୁଣି ରେଭେନସା କଲେଜକୁ ଲେଉଟି ଆସିଲେ ।

ତେବେ କଲିକତାରେ ଏଇ ସ୍ୱଳ୍ପ କାଳର ରହଣି ତାଙ୍କ ସାରସ୍ୱତ ଚେତନା ପକ୍ଷେ ବେଶ୍ ଅନୁକୂଳ ହୋଇଥିଲା । ସେତେବେଳକୁ ନବୀନଚନ୍ଦ୍ର, ହେମଚନ୍ଦ୍ର, ମାଇକେଲ୍, ମଧୁସୂଦନ ଦ୍ୱିଜେନ୍ଦ୍ରଲାଲଙ୍କ ଯୁଗର ପ୍ରଭାବ କ୍ଷୀଣତର ହୋଇ ଆସିଲାଣି । ରବୀନ୍ଦ୍ରନାଥଙ୍କ ଯଶ ଓ କୀର୍ତ୍ତିର ଦୀପ୍ତି-ପ୍ରବାହ ପ୍ରଖରତର ହୋଇ ଉଠିଥାଏ । ଏଇ ସମସ୍ତ କବିଙ୍କର ରଚନା-ଚାତୁର୍ଯ୍ୟ ଓ ପ୍ରତିଭା ରଶ୍ମି ଲକ୍ଷ୍ମୀକାନ୍ତଙ୍କୁ ଅଶେଷ ପ୍ରେରଣା ଦେଇଥାଏ ।

ତେବେ ଲକ୍ଷ୍ମୀକାନ୍ତ କେବେହେଲେ ଅନୁକରଣତାର ପକ୍ଷପାତୀ ନଥିଲେ । ମୌଳିକତାଆଡ଼କୁ ତାଙ୍କର ଆକର୍ଷଣ ଥିଲା ଅତ୍ୟନ୍ତ ପ୍ରବଳ । ଅନ୍ୟ ସାହିତ୍ୟ ଅଧ୍ୟୟନ ଲାଗି ସେ ଥିଲେ ଯେଉଁପରି ଆଗ୍ରହୀ ନିଜ ଅନ୍ତରର ଭାବ ସମ୍ପଦକୁ ମୌଳିକ ଠାଣିରେ ପ୍ରକାଶ କରିବା ଲାଗି ସେ ଥିଲେ ସେହିପରି ବ୍ୟଗ୍ର ।

ରେଭେନ୍‌ସା କଲେଜକୁ ଲେଉଟି ଆସି ୧୯୧୩ରେ ସେ ବି.ଏ. ପାସ୍ କଲେ । ଏଠିକରେହିଁ ତାଙ୍କ ଛାତ୍ର ଜୀବନର ଅବସାନ ଘଟିଲା । ରେଭେନ୍‌ସା କଲେଜର ଏବଂ ପ୍ରିୟ ଛାତ୍ରାବାସର ଆତ୍ମୀୟତାପୂର୍ଣ୍ଣ ପରିବେଶରୁ ସେ ବିଦାୟ ନେଲେ ଲୋତକାକୁଳ ନୟନରେ । ବ୍ୟଥାତୁର ବିଦାୟ ମୁହୂର୍ତ୍ତରେ ଭାବପ୍ରବଣ ଲକ୍ଷ୍ମୀକାନ୍ତଙ୍କ ହୃଦୟରେ ଘନ ଘୋର ବିଷାଦର ଢେଉ ଖେଳିଗଲା । ସାଙ୍ଗ ସାଥିଙ୍କ ଆଖି ଲୁହରେ ଛଳ ଛଳ । ଲକ୍ଷ୍ମୀକାନ୍ତଙ୍କର ଅନ୍ତର ବିଚ୍ଛେଦର ତୀବ୍ର ଦୁଃଖରେ କାତର—ଅବସନ୍ନ ।

ଲକ୍ଷ୍ମୀକାନ୍ତଙ୍କ ଗୃହଶିକ୍ଷକ ଉମାଚରଣ ଦାସ ୧୯୦୭ରେ କଟକରୁ ଶିକ୍ଷା ସମାପନ କରି କଲିକତା ଯାଇଥିଲେ ଉଚ୍ଚତର ଶିକ୍ଷା ଲାଭ କରିବା ସକାଶେ । ୧୯୧୩ ବେଳକୁ ସେ ଓକିଲାତି କରୁଥାନ୍ତି ପୁରୀରେ । ସେପର୍ଯ୍ୟନ୍ତ ମଧ୍ୟ ତାଙ୍କପ୍ରତି ଲକ୍ଷ୍ମୀକାନ୍ତଙ୍କର ସମ୍ମାନ ଓ ଶ୍ରଦ୍ଧାର କାଣିଚାଏ ବି ଊଣା ହୋଇ ନଥାଏ । ସେ କଲେଜରୁ ବିଦାୟ ନେଇ ସିଧା

ପୁରୀ ଅଭିମୁଖେ ଯାତ୍ରା କଲେ । ଦୀକ୍ଷା ସମାପନା ପରେ ତାଙ୍କର ପ୍ରଥମ କର୍ତ୍ତବ୍ୟ ହେଲା କୈଶୋରର ଶିକ୍ଷା ଗୁରୁଙ୍କୁ ପ୍ରଣାମ ନିବେଦନ କରିବା— ତାଙ୍କ ପାଖରୁ ସମାବର୍ତ୍ତନର ବାଣୀ ସଂଗ୍ରହ କରିବା ।

ବି.ଏ. ପାସ୍ କଲେଣି ଲକ୍ଷ୍ମୀକାନ୍ତ । ବର୍ତ୍ତମାନ ପୁଣି ବିବାହିତ ଓ ନୈତିକ ସଂସାରରେ ପଶିଛନ୍ତି । କିନ୍ତୁ ଉମାଚରଣଙ୍କ ନିକଟରେ ଠିକ୍ ପୂର୍ବପରି ସେ ବାଳକ । ଠିକ୍ ସେହିପରି ସେ ସ୍ନେହଭରଙ୍କା ।

ଲକ୍ଷ୍ମୀକାନ୍ତଙ୍କୁ ଦେଖିଲାକ୍ଷଣି ଆନନ୍ଦରେ ବିହ୍ୱଳ ହୋଇ ଉମାଚରଣ ପଚାରିଲେ, "କିରେ ! କବିତା ଲେଖୁଛୁ ?" ହସି ହସି ଲକ୍ଷ୍ମୀକାନ୍ତ ଉତ୍ତର ଦେଲେ "ନା ଭାଇ ତୁମକୁ ମୁଁ କହିବିନି । ତୁମେ ମୋ କାନ ମୋଡ଼ି ଦେବ ।"

ଠୋ ଠୋ କରି ହସିଲେ ଉମାଚରଣ,—"କହିଲେ ସତରେ ଲେଖୁଛୁ ?"

ଉତ୍ତର ଦେଲେ ଲକ୍ଷ୍ମୀକାନ୍ତ—"କେବେ କେବେ ଲେଖେଁ ।" "ମୋତେ ଦେଖା ।" ଆଦେଶ କଲେ ଉମାଚରଣ । ଲକ୍ଷ୍ମୀକାନ୍ତ ପୁଣି ଉତ୍ତର ଦେଲେ "ମୁଁ କ'ଣ ସାଙ୍ଗରେ ଆଣିଛି ? ନା-ସେ ସବୁ ମୁଁ ସାଇତି ରଖେଁ ? ଯେଉଁଠି ସେଠିପଡ଼ିଯାଏ । ଏଇଠି ଗୋଟାଏ କ'ଣ ଲେଖି ଦେଖାଇବି ।"

କିଛିଦିନ ପରେ ଲକ୍ଷ୍ମୀକାନ୍ତ ହେଲେ ଉମାଚରଣବାବୁଙ୍କ କୁଶୋଇବେଣ୍ଟ ସାହି ବସାରେ । ଦିନେ ଦିହେଁ ଯାଇ ଯାଇଥାନ୍ତି ବଡ଼ ଦେଉଳକୁ । ଜଗନ୍ନାଥ ଦର୍ଶନ ସାରି ଦୁହେଁ ଫେରିଲେ ବସାକୁ । ସେତେବେଳକୁ ସେଠାରେ ଏକ ଭୟାବହ ଘଟଣା ଘଟି ଗଲାଣି । ଦନୋଟି ପାଠମାଙ୍କଡ଼ ବସାର ପୁଝାରୀଠୁ ଚାଉଳ ଇତ୍ୟାଦି ରନ୍ଧନ ସାମଗ୍ରୀ ଛଡ଼ାଇ ଖାଇଯାଇଛନ୍ତି । ଖାଲି ସେତିକି ନୁହେଁ ପୁଝାରୀ ବିଚରାକୁ କ୍ଷତବିକ୍ଷତ କରି ଏବଂ ତା'ର ପଇତା ଛିଣ୍ଡାଇ ପକାଇ ତାକୁ ରକ୍ତାକ୍ତ ଅବସ୍ଥାରେ ଛାଡ଼ି ଚାଲିଯାଇଛନ୍ତି ।

ଆରମ୍ଭ ହେଲା ପୁଝାରୀର ଉପଯୁକ୍ତ ଚିକିତ୍ସା ଓ ଶୁଶ୍ରୂଷା । ଆୟୋଡିନ୍ ଇତ୍ୟାଦି ପ୍ରୟୋଗକରି ଏବଂ ପଟି ଇତ୍ୟାଦି ବାନ୍ଧି ତାକୁ ସାନ୍ତ୍ୱନା କରାଗଲା ।

ସନ୍ଧ୍ୟାବେଳକୁ ଉମାଚରଣଙ୍କ ନିକଟରେ ଲକ୍ଷ୍ମୀକାନ୍ତ ହାଜର ହେଲେ ସଦ୍ୟରଚିତ କବିତାଟିଏ ଧରି । କବିତାର ବିଷୟବସ୍ତୁ ହେଉଛି ଦନୋଟି ପାଠମାଙ୍କଡ଼ ଦ୍ୱାରା ଆକ୍ରାନ୍ତ ଓ ଆହତ ପୁଝାରୀ ବିଚରାର ଶୋଚନୀୟ ଅବସ୍ଥା । ସେଥିରେ ହାସ୍ୟରସ ଭରପୁର

ହୋଇ ରହୁଥାଏ । ତାକୁ ପଢ଼ି ହସି ହସି ବେଦମ ହେଉଥିଲେ ହେମ ଚରଣ ବାବୁ । କହୁଥିଲେ "ଯାଃ – ଏପରି ଚଗଲାମି ନକରି କବିତା ଫବିତାରେ ଅଧିକ ସମୟ ନଷ୍ଟ ନକରି ବି. ଏଲ୍. ଟା ପାସ କରିପକା ।" ପିତା ଭାଗବତ ପ୍ରସାଦ ଜଣାଶୁଣା ଓକିଲ । ସେଇ ସୂତ୍ରରେ ଲକ୍ଷ୍ମୀକାନ୍ତଙ୍କର ଓକିଲ ହେବାଟା ସହଜ ସାଧ୍ୟ ହୁଅନ୍ତା ହୁଏତ, ସେ ସମୟରେ ଜଣେ ଜମିଦାରତନୟଙ୍କ ପକ୍ଷେ ଓକିଲ ହେବାଦ୍ୱାରା ସାମାଜିକ ପ୍ରତିଷ୍ଠା ଓ କୌଳିକ ଖ୍ୟାତିର ଯଥେଷ୍ଟ ପ୍ରସାର ବି ଘଟିଥାନ୍ତା । ରାଜନୀତି କ୍ଷେତ୍ରରେ ମଧ୍ୟ ଜଣେ ଓକିଲ ହିସାବରେ ସେ ନେତୃ ସୁଲଭ ବିପୁଳ ପ୍ରତିଷ୍ଠା ପ୍ରତିପତ୍ତି ଏବଂ ଯଶକୀର୍ତ୍ତିର ଅଧିକାରୀ ହୋଇ ପାରିଥାନ୍ତେ । କିନ୍ତୁ ନିୟତିର ନିର୍ଦ୍ଦେଶ ଅନ୍ୟପ୍ରକାର ।

B. A. ପାସ୍ କରିଛନ୍ତି ଲକ୍ଷ୍ମୀକାନ୍ତ । ସେ ଯୁଗରେ ତେଣୁ ସେ ବେଶ୍ ଜଣାଶୁଣା କୃତବିଦ୍ୟ ପୁରୁଷ । କବି ଓ ଲେଖକ ରୂପେ ଓଡ଼ିଶାର ସାହିତ୍ୟ କ୍ଷେତ୍ରରେ ସ୍ୱୀକୃତି ଲାଭ କଲେଣି ସେ । ଲବଙ୍ଗଲତାଙ୍କ ପରି ରୂପବତୀ ଓ ଗୁଣାଳଙ୍କୃତା ରମଣୀରତ୍ନଙ୍କୁ ଲାଭ କରିଛନ୍ତି ସେ ସହଧର୍ମିଣୀ ରୂପେ । ବିଖ୍ୟାତ ସାମନ୍ତରାୟ ବଂଶର ସେ ଦାୟାଦ ପୁଣି ପିତାଙ୍କ ଜ୍ୟେଷ୍ଠ ପୁତ୍ର ରୂପେ ବିପୁଳ ସ୍ନେହ ଓ ଆଦରର ପାତ୍ର । ଜୀବନ ତାଙ୍କର ନବ ନବ ସମ୍ଭାବନାରେ ସମୃଦ୍ଧ ହୋଇ ଉଠିବାର କଥା । ତାଙ୍କ ସାରା ଋତୁ କାବ୍ୟ କୌମୁଦୀରେ, ପ୍ରେମର ମାଦକତାରେ ପୁଣି ବନ୍ଧୁ, ଆତ୍ମୀୟ, ପରିଜନମାନଙ୍କର ସ୍ନେହ ଓ ଶ୍ରଦ୍ଧାରେ ବିଭୋର ହୋଇ ରହିବାର କଥା । କିନ୍ତୁ ବିଧାତାଙ୍କର ଏକ ବିପରୀତ ବିଧାନ । ଜୀବନର ଏକ ବିଚିତ୍ରଗତି ! ନିୟତିର ଏକ କ୍ରୁର ପରିହାସ !

ଶିକ୍ଷା ସମାପନ ପରେ ଘରକୁ ଫେରିବାର କିଛିଦିନପରେ ଜ୍ୱରରେ ଆକ୍ରାନ୍ତ ହେଲେ ଲକ୍ଷ୍ମୀକାନ୍ତ । ଚିକିତ୍ସା ଦ୍ୱାରା ଜ୍ୱରର ଉପଶମ ହେଲା ସତ— କିନ୍ତୁ ଅଙ୍ଗରେ କୁଷ୍ଠବ୍ୟାଧିର ଉପସର୍ଗ ଦେଖାଦେଲା । ନୈରାଶ୍ୟରେ ଘନଘୋର ବେଦନାରେ ଜର୍ଜରିତ ହେଲେ ଲକ୍ଷ୍ମୀକାନ୍ତ । ପିତା ଭାଗବତ ପ୍ରସାଦ ଅତ୍ୟନ୍ତ ମର୍ମାହତ ହେଲେ । ନାନା ପ୍ରକାର ଚିକିତ୍ସାର ବ୍ୟବସ୍ଥା ହେଲା । ତୁଟ୍‌କା ଇତ୍ୟାଦିଠାରୁ ଆରମ୍ଭ କରି ଇଉନାନି ଆୟୁର୍ବେଦୀୟ, ତାନ୍ତ୍ରିକ ଚିକିତ୍ସା ପର୍ଯ୍ୟନ୍ତ ନାନା ପ୍ରକାର ଉପାୟ ଅବଲମ୍ବନ କରାଗଲା । ଜଣେ ବାବାଜୀ ଅତିଶୟ ଦମ୍ଭ ସହକାରେ ଆରୋଗ୍ୟର ପୂର୍ଣ୍ଣ ଆଶ୍ୱାସନା ଦେଇ ଶଙ୍ଖୁଆ ବିଷ ପ୍ରୟୋଗ କଲେ । କିନ୍ତୁ ବ୍ୟାଧିର ଉପଶମ ହେବା ପରିବର୍ତ୍ତେ ପରିଣତି ହେଲା ଅତ୍ୟନ୍ତ ଶୋଚନୀୟ । ଲକ୍ଷ୍ମୀକାନ୍ତଙ୍କ ଦେହ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଲା ।

ସେତେବେଳେ ସାରା ଭାରତରେ କୁଷ୍ଠ ରୋଗର ସୁଚିକିତ୍ସକ ରୂପେ ପ୍ରସିଦ୍ଧି ଲାଭ କରିଥାନ୍ତି କଲିକତା ଟ୍ରପିକାଲ୍ ସ୍କୁଲ ଅଫ୍ ମେଡ଼ିସିନ୍‌ର ଡିରେକ୍ଟର ସାର ଲିଓନାର୍ଡ

ରୋଜର୍ସ । ଲକ୍ଷ୍ମୀକାନ୍ତଙ୍କୁ ରଖାଗଲା ତାଙ୍କରି ଚିକିତ୍ସାରେ । ଲାଲୁଆରେ ବର୍ତ୍ତମାନ ଯେଉଁଠି ଅଲ୍ ଇଣ୍ଡିଆ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହାଇଜିନ୍ ହୋଇଛି ସେଇଠାରେ ଗୋଟିଏ ବସା ଭଡ଼ାରେ ନିଆଗଲା । ଲକ୍ଷ୍ମୀକାନ୍ତ ରହିଲେ ସେଇ ବସାରେ ।

ରୋଜର୍ସଙ୍କ ଚିକିତ୍ସାରେ ବ୍ୟାଧିର ଉପଶମ ହେଲା । କିନ୍ତୁ ଅଙ୍ଗବିକୃତି ଦୂର ହେଲା ନାହିଁ । ବିକଳାଙ୍ଗତାର କୌଣସି ପ୍ରତିକାର ହୋଇ ପାରିଲା ନାହିଁ । ତତ୍କାଳୀନ ଚିକିତ୍ସା ପଦ୍ଧତିରେ ସେଥି ସକାଶେ କୌଣସି ବ୍ୟବସ୍ଥା ନଥିଲା ।

ଖେଦ, ବିଷାଦ, ବ୍ୟଥାରେ ପରିପୂର୍ଣ୍ଣ ହୋଇ ରହିଗଲା ଲକ୍ଷ୍ମୀକାନ୍ତଙ୍କ ହୃଦୟ ।

କିନ୍ତୁ ଦୁଃଖ ବିପଦର ପ୍ରଖର ଅଗ୍ନିରେ ଚରିତ୍ରଗତ ଶୁଦ୍ଧ ସୁବର୍ଣ୍ଣ ଉଜ୍ଜ୍ୱଳତର ହୁଏ--ଝଟକି ଉଠେ । ଆଘାତରୁ ଯେତିକି ଲୁହ ଝରେ ଜୀବନ ବୀଣାର ସଂଗୀତ ସ୍ରୋତ ସେତିକି ଗଭୀର ଝଂକାର ସୃଷ୍ଟି କରେ । ବେଦନାର ପ୍ରବଳ ଝଟିକାରେ ଅନ୍ତରାକାଶ ଯେତିକି ମଥିତ ହୁଏ ବିପୁଳ ବିଶ୍ୱାସର ବିମଳ ଜ୍ୟୋତି ଆତ୍ମାକୁ ସେତିକି ମଣ୍ଡିତ କରେ ।

ଚିକିତ୍ସାଧୀନ ଥିବା ଅବସ୍ଥାରେ ଲାଲୁଆର ଭଡ଼ାଘରେ ଲକ୍ଷ୍ମୀକାନ୍ତ ଯେତେବେଳେ ଅବସ୍ଥାନ କରୁଥିଲେ, ସେହି ସମୟରେ ତାଙ୍କ ଉଦ୍ଦାମ ଭକ୍ତିଭାବ ଦେଖି ତାଙ୍କ ବନ୍ଧୁମାନେ ବିସ୍ମିତ ହେଉଥିଲେ ।

ଦେହରେ ରୋଗର ଯନ୍ତ୍ରଣା । ଅନ୍ତରରେ ସେଥିଲାଗି ମର୍ମନ୍ତୁଦ ହାହାକାର । ତା ସତ୍ତ୍ୱେ, ପ୍ରାଣ ତାଙ୍କର ଭକ୍ତିଭାବରେ ଗଦ୍‌ଗଦ ଭଗବଚ୍ଚିନ୍ତାରେ ଏକା ବେଳକେ ଲୀନ । କଣ୍ଠରୁ ତାଂକର ଝରୁଥାଏ ବିଭୁ ଗୁଣ କୀର୍ତ୍ତନର ସୁଧାନିର୍ଝର ।

ବିଖ୍ୟାତ କୀର୍ତ୍ତନ ଗାୟକ ବାବାଜୀ ରାମଦାସ ଥିଲେ ଲକ୍ଷ୍ମୀକାନ୍ତଙ୍କର କୁଳଗୁରୁ । ସେ ନିଜେ ମଧ୍ୟ ଏଇ ବୈଷ୍ଣବ ପ୍ରବରଂକ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ତାଂକର ସଂସ୍ପର୍ଶ ଓ ପ୍ରଭାବ ଯୋଗୁଁ କୀର୍ତ୍ତନର ପରମ ପାବନ ମାଧୁରୀ ଆଡ଼କୁ ଟଳିଥିଲା ଲକ୍ଷ୍ମୀକାନ୍ତଙ୍କ ପ୍ରାଣ ।

ରୋଗାକ୍ରାନ୍ତ ଅବସ୍ଥାରେ ଅନେକ ସମୟରେ ତାଙ୍କୁ ସଙ୍ଗଦାନ କରୁଥିଲେ ତାଙ୍କ ପୁରାତନ ବନ୍ଧୁ କୃଷ୍ଣପ୍ରସାଦ ବସୁ ଓ ବନବିହାରୀ ପଟ୍ଟନାୟକ । କୃଷ୍ଣପ୍ରସାଦ ବସୁ ସେତେବେଳେ ସେଣ୍ଟ୍ ଜେଭିଅର କଲେଜରେ ଅଧ୍ୟୟନ କରୁଥାନ୍ତି ଏବଂ ବନବିହାରୀ

ପଟ୍ଟନାୟକ ସେ ସମୟରେ ମେଡ଼ିକେଲ କଲେଜର ଛାତ୍ର । ଏଇ ଦୁଇଜଣ ବ୍ୟତୀତ ଆଉ କେତେଜଣ ଓଡ଼ିଆ ଛାତ୍ର ବି ଆସୁଥାନ୍ତି ଲକ୍ଷ୍ମୀକାନ୍ତଙ୍କ ନିକଟକୁ । ସମସ୍ତଙ୍କ ଉପସ୍ଥିତିରେ ସେ କୀର୍ତ୍ତନ ବୋଲୁଥାନ୍ତି ଭାବ ବିଭୋର ହୋଇ । କେତେବେଳେ କେତେବେଳେ କୃଷ୍ଣପ୍ରସାଦ ବସୁ ଭକ୍ତି ବିହ୍ୱଳ କଣ୍ଠରେ ବୋଲୁଥାନ୍ତି ଲକ୍ଷ୍ମୀକାନ୍ତଙ୍କର ଅତିପ୍ରିୟ ଗୀତ ଯୋଡ଼ିକ —

“ ଶ୍ୟାମତୁଳସୀ ମଞ୍ଜରୀ ବଦନେ ଦେବ ମୋହର ”

ଏବଂ

“ କବେ ତୃଷିତ ଏମରୁ ଛାଡ଼ିଆ ଯାଇବ ତୋମାର ରସାଲ ନନ୍ଦନେ ”

ଥରେ ବନବିହାରୀ ପଚାରିଲେ “ ଆପଣଙ୍କର ଏ କୀର୍ତ୍ତନ ଆଡ଼କୁ ଏତେ ମନ ଗଲା କିପରି ” ? କୌଣସି ଉତ୍ତର ଦେଲେନି ଲକ୍ଷ୍ମୀକାନ୍ତ । କେବଳ ସ୍ମିତ ହାସ୍ୟ ହସି କୀର୍ତ୍ତନ ବୋଲିବାରେ ହିଁ ନିମଗ୍ନ ରହିଲେ ସେ ।

ତହିଁ ପରଦିନ ବି ସେଇପରି କୀର୍ତ୍ତନ ହେଲା । କୀର୍ତ୍ତନ ପରେ ବନବିହାରୀ ପ୍ରସ୍ତୁତ ହେଉଥାନ୍ତି ନିଜ ବାସ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବାକୁ । ସେତେବେଳେ ସେ ରହୁଥାନ୍ତି ଅକ୍ସଫୋର୍ଡ଼ ମିଶନ୍ ହଷ୍ଟେଲରେ । ଲକ୍ଷ୍ମୀକାନ୍ତଙ୍କ ବସାଘର ଏବଂ ମିଶନ୍ ହଷ୍ଟେଲ୍‌ର ମଧ୍ୟଭାଗରେ ବ୍ୟବଧାନ କେବଳ ମେଡ଼ିକେଲ୍ କଲେଜ । ଲକ୍ଷ୍ମୀକାନ୍ତ ବାହାରିଲେ ବନବିହାରୀଙ୍କୁ ବାଟେଇ ଦେବା ଲାଗି । ହାତରେ ସେ ଖଣ୍ଡିଏ ପୁସ୍ତକ ଧରିଥାନ୍ତି । ବାଟରେ ଯାଉଁ ଯାଉଁ ସେ ବନବିହାରୀଙ୍କୁ କହିଲେ, “ ତୁମେ କାଲି ପଚାରୁଥିଲ ପରା ମୋ ମନ କୀର୍ତ୍ତନ ଆଡ଼କୁ ଢଳିଲା କିପରି ? ଏଇ ପୁସ୍ତକ ଖଣ୍ଡିକ ନିଅ ! ଏ ଖଣ୍ଡିକ ପଢ଼ିଲେ ତୁମ ପ୍ରଶ୍ନର ଉତ୍ତର ପାଇବ ’। ନିଜ ବାସସ୍ଥାନରେ ପହଞ୍ଚି ବନବିହାରୀ ଦେଖିଲେ ସେ ଖଣ୍ଡିକ ହେଉଛି ଓ୍ୱାଲ୍‌ଡୋ ରାଲଫ୍ ଟ୍ରାଇନ୍ (Waldo Ralf Trine) ଙ୍କ ରଚିତ ‘In Tune with Infinite’ ନାମକ ପୁସ୍ତକ ।

କେବଳ ସେତିକି ବେଳେ ନୁହେଁ — ଏହା ପରେ ବି ବନବିହାରୀ ଲକ୍ଷ୍ମୀକାନ୍ତଙ୍କର ନିର୍ମଳ ଭଗବତ୍ ପରାୟଣତାର ପରିଚୟ ପାଇଛନ୍ତି — ପାଇ ମୁଗ୍ଧ ହୋଇଛନ୍ତି — ଅଭିଭୂତ ହୋଇଛନ୍ତି । ପରବର୍ତ୍ତୀ ଅନ୍ୟ ଏକ ସମୟର କଥା । ଅଙ୍ଗରେ ବ୍ୟାଧିର ପ୍ରକୋପ — କିନ୍ତୁ କଣ୍ଠରୁ ତାଙ୍କର ଝରୁଛି କୀର୍ତ୍ତନର ଅମିୟ ସ୍ରୋତ । ବନବିହାରୀ ପଚାରିଲେ “ଏଇ ରୁଗ୍ଣ ଦେହରେ ଆପଣଙ୍କର ଏପରି ଗାଇବାର ଶକ୍ତି ଆସିଲା କେଉଁଠୁ ?” “ହସି ହସି ଅତି ସହଜ କଣ୍ଠରେ କହିଲେ ଲକ୍ଷ୍ମୀକାନ୍ତ “ଯେଉଁ

ରୋଗ ଦେହକୁ କ୍ଳେଶ ଦିଏ ସେଇ ପୁଣି ମନକୁ ଉତ୍ତେଜିତ କରେ, ସେଇତ ମୋଠୁଁ ତାହାରିଆଡ଼କୁ ଟାଣି ନେଇଛି । ସେଇତ ମୋର ସମ୍ବଳ ।" ତା'ପରେ ଆତ୍ମହରା ହୋଇ ଗାଇଲେ ସେ ବିଦଗ୍ଧ ଚିନ୍ତାମଣି'ର ସେଇ ବିଖ୍ୟାତ ସଙ୍ଗୀତଟି "ଶ୍ରୀରାଧା-ବାତୁଲୀ ପ୍ରେମ ରସାତୁଲୀ" ।

ଆରୋଗ୍ୟର କୌଣସି ଆଶା ଓ ଆଶ୍ୱାସନା ନପାଇ କଲିକତାରୁ ସ୍ୱୀୟ ଗ୍ରାମକୁ ଲେଉଟିଲେ ଲକ୍ଷ୍ମୀକାନ୍ତ । ଭାଗବତପ୍ରସାଦଙ୍କ ଜ୍ୟେଷ୍ଠ ପୁତ୍ର ସେ । ତାଙ୍କର ଏଇ ଦୁରାରୋଗ୍ୟ ବ୍ୟାଧିଜନିତ ଜୀବନର ଚରମ ବ୍ୟର୍ଥତା ଓ ଯାତନା ପିତାଙ୍କ ହୃଦୟକୁ ଅଥୟ କଲା—ବେଦନାରେ ବିମୂଢ଼ କଲା ।

ସେ ସମୟରେ ଭାଗବତପ୍ରସାଦ ଅତ୍ୟନ୍ତ ଖ୍ୟାତିଶାଳୀ ପୁରୁଷ । ସାରା ସମାଜରେ ତାଙ୍କ ଯଶ ବିକୀର୍ଣ୍ଣ ଓ ପ୍ରସାରିତ । ସେତେବେଳେ ବଙ୍ଗଦେଶରୁ ଆଗତ କତିପୟ ବଙ୍ଗାଳି ଓକିଲ ବ୍ୟତୀତ ଭଦ୍ରକରେ ସେପରି ପ୍ରସିଦ୍ଧ ଓଡ଼ିଆ ଓକିଲ କେହି ନଥିଲେ । ଭାଗବତପ୍ରସାଦହିଁ ବିଶିଷ୍ଟ ଓକିଲ ରୂପେ ଓଡ଼ିଆମାନଙ୍କର ଟେକ ରଖିଥିଲେ । କିନ୍ତୁ କେବଳ ଓକିଲାତି କରି ଅର୍ଥ ଉପାର୍ଜନ କରିବାରେ ଭାଗବତପ୍ରସାଦଙ୍କର ସମସ୍ତ ଶକ୍ତି, ସାମର୍ଥ୍ୟ ଓ ଉଦ୍ୟମ ବ୍ୟାପୃତ ରହୁ ନଥିଲା । ସମାଜସେବା ଥିଲା ତାଙ୍କର ମହାନ୍ ବ୍ରତ । ଭଦ୍ରକରେ ନାନା ସମାଜହିତକର ଓ ପ୍ରଗତିମୂଳକ କାର୍ଯ୍ୟରେ ସେ ଥିଲେ ଅଗ୍ରଣୀ । ଦେଶାତ୍ମବୋଧର ପୁଣ୍ୟ ଚେତନାରେ ତାଙ୍କ ହୃଦୟ ପ୍ରଦୀପ୍ତ ହୋଇ ରହିଥିଲା । ବିକଳାଙ୍ଗ ଉତ୍କଳର ଶ୍ରୀବୃଦ୍ଧି ସାଧନ ଓ ଉନ୍ନତିକଳ୍ପେ ଯେଉଁ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠିତ ହୋଇଥିଲା ତା' ସହିତ ତାଙ୍କର ଥିଲା ଏକନିଷ୍ଠ ଓ ସକ୍ରିୟ ସମ୍ବନ୍ଧଯୋଗ । ଲୋକଙ୍କର ଆର୍ଥିକ ଉନ୍ନତିର ମହନୀୟ ଚିନ୍ତା ତାଙ୍କୁ ବିଶେଷ ଭାବରେ ଅନୁପ୍ରାଣିତ କରୁଥିଲା, ଏବଂ ସେଥି ସକାଶେ ସେ କୁଟୀରଶିଳ୍ପର ପ୍ରତିଷ୍ଠା ଓ ପ୍ରସାର ଲାଗି ଅଣ୍ଟା ଭିଡ଼ି ବାହାରିଥିଲେ । ସେ ସମୟରେ ପୁଣ୍ୟଶ୍ଳୋକ ମଧୁବାବୁଙ୍କ ନେତୃତ୍ୱରେ ପରିଚାଳିତ ଉତ୍କଳ ସମ୍ମିଳନୀର ମଧ୍ୟ ଏକ ମହତ୍ ଉଦ୍ଦେଶ୍ୟ ଥିଲା କୁଟୀରଶିଳ୍ପ ସାହାଯ୍ୟରେ ଦରିଦ୍ର ଜନସାଧାରଣଙ୍କର ଆର୍ଥିକ ଉନ୍ନତି ସାଧନ କରିବା ।

ଭାଗବତପ୍ରସାଦଙ୍କର ଜନହିତକର କାର୍ଯ୍ୟ ଓ ନିଃସ୍ୱାର୍ଥପରତା ସକାଶେ କି ସରକାରୀ କି ବେସରକାରୀ—ଉଭୟ କ୍ଷେତ୍ରରେହିଁ ସେ ପ୍ରଭୂତ ଜନପ୍ରିୟତା ଅର୍ଜନ କରିଥିଲେ । ଭଦ୍ରକରେ ଅଦାଲତ, ବାର୍ ଏସୋସିଏସନ, ଓ କୋ-ଅପରେଟିଭ ବ୍ୟାଙ୍କ ସ୍ଥାପନ କରିବାରେ ସେ ଯେଉଁ ସଫଳ ଉଦ୍ୟମ ଚଳାଇଥିଲେ ତାହା ତାଙ୍କ କୀର୍ତ୍ତିର ଥିଲା ଏକ ପ୍ରଧାନ ଅଂଶ । ଶିକ୍ଷା-ବିସ୍ତାର କାର୍ଯ୍ୟରେ ପ୍ରଧାନ ପୃଷ୍ଠପୋଷକମାନଙ୍କ

ମଧ୍ୟରେ ସେ ଥିଲେ ଅନ୍ୟତମ । ତାଙ୍କର ନାନା ସାଧୁ ଉଦ୍ୟମ, ବିପୁଳ କର୍ମଠତା ଓ ଚରିତ୍ରବତ୍ତା ସକାଶେ ସେ ନାନା ସମ୍ମାନରେ ଭୂଷିତ ହୋଇଥିଲେ । ସେ ଘୁରିଥର ବିହାର-ଓଡ଼ିଶା କାଉନ୍‌ସିଲର ସଭ୍ୟ ହେବାକୁ ସମର୍ଥ ହୋଇଥିଲେ ଏବଂ ଦୁଇଥର ଉକ୍ତ କାଉନ୍‌ସିଲର ଡେପୁଟି ପ୍ରେସିଡେଣ୍ଟ ମଧ୍ୟ ହୋଇଥିଲେ । ଏଥି ପୂର୍ବରୁ କୌଣସି ଓଡ଼ିଆ ଏଇ ବିପୁଳ ସମ୍ମାନ ଲାଭ କରିପାରି ନ ଥିଲେ । ଏତଦ୍‌ବ୍ୟତୀତ ସେ ବଙ୍ଗ ସରକାରଙ୍କଦ୍ୱାରା କଲିକତା ମେଡ଼ିକେଲ କଲେଜର ମ୍ୟାନେଜିଂ କମିଟିର ସଭ୍ୟରୂପେ ନିଯୁକ୍ତ ହୋଇଥିଲେ ଏବଂ ଭଦ୍ରକ ଇଉନିୟନ ବୋର୍ଡର ପ୍ରଥମ ସଭାପତି ଓ ବାଲେଶ୍ୱର ଜିଲାବୋର୍ଡର ପ୍ରଥମ ଭାଇସ୍ ଚେୟାରମ୍ୟାନ ହେବାର ସମ୍ମାନ ଅର୍ଜନ କରିଥିଲେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ସେତେବେଳେ ଜିଲ୍ଲା ମ୍ୟାଜିଷ୍ଟ୍ରେଟମାନେହିଁ ଜିଲାବୋର୍ଡର ଚେୟାରମ୍ୟାନ ହେଉଥିଲେ ।

ଏଥିରୁ ବୁଝିବାକୁହିଁ ହେବ ଯେ ଭାଗବତପ୍ରସାଦଙ୍କର ଦାୟିତ୍ୱ ଥିଲା ଅତି କଠିନ ଓ ଗୁରୁତ୍ୱପୂର୍ଣ୍ଣ—କର୍ମ ଥିଲା ବ୍ୟାପକ ଓ ବହୁମୁଖୀ ।

ଭାଗବତପ୍ରସାଦ ଥିଲେ ଅତ୍ୟନ୍ତ ଭଗବତ୍‌ପରାୟଣ । ବୈଷ୍ଣବଧର୍ମର ଗଭୀର ରହସ୍ୟ ତାଙ୍କ ଚିତ୍ତରେ ଜାଳି ଥିଲା ଭକ୍ତିଭାବର ସ୍ନିଗ୍ଧ ବର୍ତ୍ତିକା । କୀର୍ତ୍ତନ-ପ୍ରେମିକ ରାମଦାସ ବାବାଜୀଙ୍କର ସେ ଥିଲେ ନିଷ୍ଠାପର ଗୁରୁଭ୍ରାତା—ଶ୍ରୀ ଶ୍ରୀ ରାଧାରମଣ ଦାସଙ୍କର ଶିଷ୍ୟ ।

ଏଇପରି ଏକ କୀର୍ତ୍ତିଶାଳୀ ଓ ପ୍ରଥିତଯଶା ପୁରୁଷ ନିଜର କୃତବିଦ୍ୟ ଓ ସୁଗୁଣସମ୍ପନ୍ନ ଜ୍ୟେଷ୍ଠପୁତ୍ରଙ୍କର ଶୋଚନୀୟ ଅବସ୍ଥାରେ ମୁହ୍ୟମାନ ହୋଇ ପଡ଼ିଥିବେ ନିଶ୍ଚୟ । କିନ୍ତୁ ଅଧିକକାଳପାଇଁ ତାଙ୍କର ଧୈର୍ଯ୍ୟଚ୍ୟୁତି ଘଟି ନ ଥିଲା । ସେ ଅବିଳମ୍ବେ ଚିତ୍ତକୁ ଦୃଢ଼ କରି ସ୍ଥିର ମନରେ ଲକ୍ଷ୍ମୀକାନ୍ତଙ୍କର କର୍ତ୍ତବ୍ୟ ନିରୂପଣ କରି ନେଲେ । କୁଳଦେବତା ଗୋପୀନାଥଙ୍କ ସେବା ଓ ଗୋପୀନାଥଙ୍କ ନାମରେ ଥିବା ପୈତୃକ ସମ୍ପତ୍ତିର ରକ୍ଷଣାବେକ୍ଷଣର ଦାୟିତ୍ୱ ତାଙ୍କ ସ୍କନ୍ଧରେ ନ୍ୟସ୍ତ ହେଲା ।

ରୋଗର ଯନ୍ତ୍ରଣା । ବିଷୟ ସମ୍ପତ୍ତିର ଜଞ୍ଜାଳ । ତା ସାଙ୍ଗକୁ ରହିଛି କୁଳ ଦେବତା ତ୍ରିତାପହାରୀ ଗୋପୀନାଥଙ୍କ ସେବା ଓ ଅର୍ଚ୍ଚନାର ଦାୟିତ୍ୱ । ଅନ୍ତରରେ ରହିଛି କବିତ୍ୱର ଶୁଭ୍ର କୌମୁଦୀ—ସଙ୍ଗୀତର ମନମତାଣିଆ ଝଙ୍କାର, କୁଳଗୁରୁ ବାବାଜୀ ରାମଦାସ କହିଛନ୍ତି, "ତୁ ବିଭୁଗୁଣ କୀର୍ତ୍ତନ କର, ଭଗବାନଙ୍କ ମହିମା

ପ୍ରଚ୍ଛର କର । ତୋ' ଦେହ ଓ ପ୍ରାଣର ସମସ୍ତ ଯାତନା ଦୂର ହେବ । ତୁ ଅମୃତର ଆସ୍ୱାଦ ଲଭ କରିବୁ ।" ସେଇ ଉପଦେଶ ଶିରୋଧାର୍ଯ୍ୟ, କଲେ ଲକ୍ଷ୍ମୀକାନ୍ତ । ଗୋପୀନାଥଙ୍କ ଚରଣରେ ଲୁହ ଅଜାଡୁଥାନ୍ତି ସେ—ତାଙ୍କର ମହିମା ବର୍ଣ୍ଣନା କରି ସଙ୍ଗୀତ ରଚନା କରୁଥାନ୍ତି । ବୈଶାଖର ତୀବ୍ର ଦହନ ଭିତରେ ସ୍ନିଗ୍ଧ ଶୀତଳ ମଳୟର ସୁଖ ସ୍ପର୍ଶ ତାଙ୍କ କାତର ଚିତ୍ତକୁ ମଝିରେ ମଝିରେ ଆମୋଦିତ କରୁଥାଏ

ବର୍ଷାର ଆକାଶରେ ସେଦିନ ଝୁଲଣ ପୂର୍ଣ୍ଣିମାର ମେଦୁର ଜ୍ୟୋତ୍ସ୍ନା ଅଦ୍ଭୁତ ଇନ୍ଦ୍ରଜାଲ ସୃଷ୍ଟି କରିଥାଏ । ଲକ୍ଷ୍ମୀକାନ୍ତଙ୍କ ଅନ୍ତରରେ କୃଷ୍ଣପ୍ରେମ ଓ ମହାପ୍ରଭୁ ଶ୍ରୀଚୈତନ୍ୟଙ୍କ ଲୀଳାମାଧୁରୀ ବିମଳ ଆନନ୍ଦର ଶିହରଣ ସୃଷ୍ଟି କରୁଥାଏ । ସେ ମୁଗ୍ଧ ହୃଦୟରେ ରଚନାକଲେ ଝୁଲଣ ପଦ୍ୟାବଳୀ ।

" ଶ୍ରାବଣ ପୂର୍ଣ୍ଣିମା ନିଶି ସଘନ ବରଷା,
ଗମ୍ଭୀରା ଭିତରେ ଗୋରା ନାହିଁ ଅନ୍ୟ ଦିଶା ॥
କ୍ଷଣେ ଚେତା ପାଇ ପ୍ରଭୁ କାନ୍ଦନ୍ତି ବିକଳେ ,
ପ୍ରେମଧାରା ଭାସିଯାଏ ନୟନ କମଳେ ॥
'ହା ରାଧା, ହା କୃଷ୍ଣ, ଆହା ! ଯୁଗଳ ମୂରତି !
ବୋଲି ଘନେ ଉଡ଼ି ଛୁଡ଼ି ହୋଇଲେ ଆରତି ॥
ବଡ ଦେଉଳରେ ଯାଇ ହେଲେ ଉପନୀତ ।
ଜଗମୋହନେ ଶୁଭିଲା ମଧୁର ସଙ୍ଗୀତ ॥
× × ×
ସେଇ ଲୀଳା ଅନୁଭବ କରେ ଭାଗ୍ୟବନ୍ତ,
ଶ୍ରୀଗୁରୁ ପ୍ରସାଦେ କଣା ମାଗେ ମାନ କାନ୍ତ ॥"

ସଙ୍ଗୀତସମ୍ଭାର ସୃଜିତ ହେଉଁ ହେଉଁ ସେଇ ସବୁ ସଙ୍ଗୀତ ପ୍ରଚାର ଲାଗି ଲକ୍ଷ୍ମୀକାନ୍ତଙ୍କ ଅନ୍ତରରେ ଜାଗିଲା ସଙ୍ଗୀତସମାଜ ପ୍ରତିଷ୍ଠାର କଳ୍ପନା । ପରିଣତି ସ୍ୱରୂପ ୧୯୨୧ରେ କୁଳଦେବତା ଗୋପୀନାଥଙ୍କ ନାମାନୁଯାୟୀ ସୃଜିତ ହେଲା "ଗୋପୀନାଥ ସଙ୍ଗୀତ ସମାଜ" । ଏବଂ ଏଇ ସମାଜ ପ୍ରଥମେ ଅପେରା ଓ ପରେ ଥିଏଟରରେ ପରିଣତ ହେଲା ।

ଦିନେ ପ୍ରଭାତରେ ଲକ୍ଷ୍ମୀକାନ୍ତଙ୍କ ଅନ୍ତର କାହାର ଲଳିତକଣ୍ଠରେ ଆମୋଦିତ ହେଲା । ସେଇ ମଧୁର ସ୍ୱରକୁ ସେ ଉତ୍କର୍ଣ୍ଣ ହୋଇ ଶୁଣିଲେ । ଅସ୍ପଷ୍ଟ ସ୍ୱରରେ କିଏ ଜଣେ ବାଳକ ସଙ୍ଗୀତର ଝଙ୍କାର ବିସ୍ତାର କରୁଛି, ଏବଂ ସେ ମୂର୍ଚ୍ଛନା ଭାସି ଆସୁଛି ତାଙ୍କର ଉଦ୍ୟାନରୁ । ଖବର ନେଇ ଲକ୍ଷ୍ମୀକାନ୍ତ ବୁଝିଲେ ଯେ ରାମଚନ୍ଦ୍ର ପାଢ଼ୀ

ନାମକ ପାର୍ଶ୍ୱବର୍ତ୍ତୀ ଗ୍ରାମର ଜଣେ ବାଳକ ଉଦ୍ୟାନରେ ଫୁଲ ତୋଳୁ ତୋଳୁ ମୃଦୁ କଣ୍ଠରେ ଗୀତ ବୋଲୁଛୁ । ପିଲାଟିକୁ ସେ, ଡାକିଲେ ଓ ତାର ପରିଚୟ ନେଲେ । ଅଚିରକାଳମଧ୍ୟେ ସେଇ ପିଲାଟି ସଙ୍ଗୀତ ସମାଜରେ ପ୍ରବେଶ ଲାଭକଲା ।

ସେଇପରି ୧୯୨୩ରେ ଜନେ ଗୋଲାପୋଖରୀର ଅଧିବାସୀ ବିଶିଷ୍ଟ ସୁରସାଧକ ୰ ମନମୋହନ ସାବତ ଏଇ ସଙ୍ଗୀତ ସମାଜର ଅନ୍ତର୍ଭୁକ୍ତ ହେଲେ । ସେ ଆସିଥିଲେ ଜମିଦାରଭବନସ୍ଥ ଲକ୍ଷ୍ମୀକାନ୍ତଙ୍କ ନିକଟକୁ ବିଷୟସମ୍ପର୍କୀୟ କୌଣସି ଏକ ସମସ୍ୟାର ସମାଧାନ ସନ୍ଧାନେ ଏବଂ ସେଇ ସୂତ୍ରରେ ସେ କବି ଓ ସଙ୍ଗୀତକାର ଲକ୍ଷ୍ମୀକାନ୍ତଙ୍କ ଶ୍ରଦ୍ଧା ଓ ଦୃଷ୍ଟି ଆକର୍ଷଣ କଲେ । ପରିଣତି ସ୍ୱରୂପ ସେ ଯେ କେବଳ "ଗୋପୀନାଥ ସଙ୍ଗୀତ ସମାଜ" ସହିତ ଓତପ୍ରୋତ ଭାବରେ ଜଡ଼ିତ ହୋଇଗଲେ ତା' ନୁହେଁ ଲକ୍ଷ୍ମୀକାନ୍ତଙ୍କ ଜୀବନର ନାନା ଦୁଃଖ-ଦୁର୍ବିପାକର ଦରଦୀ ବନ୍ଧୁରୂପେ ମଧ୍ୟ ପରି-ଗଣିତ ହେଲେ ।

କୃପାସିନ୍ଧୁ ଦାଶ ନାମକ ଜଣେ ତରୁଣ ଯୋଗ ଦେଇଥିଲେ ଗୋପୀନାଥ ସଙ୍ଗୀତସମାଜରେ ଯେ କି ପରବର୍ତ୍ତୀ ଜୀବନରେ ଥିଲେ ଲକ୍ଷ୍ମୀକାନ୍ତଙ୍କର କବିତ୍ୱ, କଳାନୈପୁଣ୍ୟ ଓ ଗୀତିର୍ଜ କମନୀୟତାର ଉଦାତ୍ତ ସ୍ତାବକ । ସ୍ୱାଧୀନତା ସମରରେ ଝାସଦେଇ ଏବଂ ସମାଜ ସଂସ୍କାରର ବ୍ରତ ପାଳନକରି କୃପାସିନ୍ଧୁ ବହୁ କ୍ଳେଶ ବରଣ କରିଥିଲେ । ଏବେବି ବୃଦ୍ଧ ବୟସରେ ଏବଂ ବ୍ୟାଧିଗ୍ରସ୍ତ ଅବସ୍ଥାରେ ଲକ୍ଷ୍ମୀକାନ୍ତଙ୍କର ନାନା ସଙ୍ଗୀତ ଆନ୍ତରିକତାପୂର୍ଣ୍ଣ କଣ୍ଠରେ ଗାନ କରୁ କରୁ ଏବଂ ତାଙ୍କର ଗୁଣ-ସମୂହ କୀର୍ତ୍ତନ କରୁ କରୁ କୃପାସିନ୍ଧୁଙ୍କ ନୟନରୁ ଅଶ୍ରୁ ବର୍ଷିତ ହୁଏ । ଜଗବନ୍ଧୁ ସାହୁ ନାମକ ଆଉ ଜଣେ ତରୁଣ ସଙ୍ଗୀତସମାଜରେ ଯୋଗଦେଇ ତାର ଶ୍ରୀବୃଦ୍ଧି ସାଧନ କରିଥିଲେ । ପରବର୍ତ୍ତୀ ଜୀବନରେ ଉଚ୍ଚକୋଟିର ସଙ୍ଗୀତଜ୍ଞରୂପେ ଏବଂ ସୁନିପୁଣ ବେହେଲ-ବାଦକ ରୂପେ ଜଗବନ୍ଧୁ ପ୍ରଚୁର ପ୍ରଶଂସା ଲାଭ କରିଥିଲେ । ଲକ୍ଷ୍ମୀକାନ୍ତଙ୍କର ସ୍ୱୀୟ ବଂଶଜ ହେମେନ୍ଦ୍ର ମହାପାତ୍ର ଏବଂ ଗୋଲକପ୍ରସାଦ ମହାପାତ୍ର ଏବଂ ସ୍ୱୀୟ ଭ୍ରାତା ସୀତାକାନ୍ତ ମହାପାତ୍ର ମଧ୍ୟ ଏଇ ସଙ୍ଗୀତ ସମାଜରେ ଯୋଗ ଦେଇଥିଲେ । ସୁକଣ୍ଠ ଓ ଅଭିନୟ ନିପୁଣ ଏଇ ପରି ଅନେକ ତରୁଣ ଓ ଯୁବକଙ୍କ ସାହଚର୍ଯ୍ୟରେ ଏଇ ସଙ୍ଗୀତ-ସମାଜ ଅଭିନୟର ଅଭିନବ କଳାକୌଶଳ ପ୍ରଦର୍ଶନ କରି ଜନସାଧାରଣଙ୍କର ସପ୍ରଶଂସ ଦୃଷ୍ଟି ଆକର୍ଷଣ କରିବାକୁ ସମର୍ଥ ହୋଇଥିଲା ।

ଲକ୍ଷ୍ମୀକାନ୍ତ ପ୍ରଥମେ ରଚନା କଲେ 'ଶରଦ୍ରାସ' । କ୍ରମେ କ୍ରମେ ରଚିତ ହେଲା 'ବସନ୍ତ ବିଳାସ', 'ବରୁଣବିଜୟ', 'କାଳୀୟ ଦଳନ', 'ବ୍ରଜବର୍ଜନ', 'ବେଶବଦଳା',

'ବଂଶୀ ଶିକ୍ଷା' ଇତ୍ୟାଦି ନାଟକ ଓ ନାଟିକା । ଏହା ପରେ ରଚିତ ହେଲା "ଗୌର ସନ୍ନ୍ୟାସ" ନାଟକ । ସବୁଥିରେ ସଙ୍ଗୀତର ପ୍ରାଧାନ୍ୟ, ସବୁଥିରେ ଭକ୍ତିଭାବର ଉଚ୍ଛଳ ତରଙ୍ଗ । କବି ଲକ୍ଷ୍ମୀକାନ୍ତ ଥିଲେ ପରମ ବୈଷ୍ଣବ । ତେଣୁ ପ୍ରତ୍ୟେକଟି ନାଟକ କମ୍ବା ନାଟିକାରେ ଭକ୍ତିଭାବର ଅପରୂପ ମହିମା ଓ ଲାବଣ୍ୟଲଳିତ ମାଧୁରୀ ପ୍ରକଟିତ ହୋଇଛି ।

ସେ ସମୟରେ ଅନ୍ୟ ବିଶିଷ୍ଟ ନାଟ୍ୟକାର ଥିଲେ ଗୋବିନ୍ଦ ଶୁରଦେଓ, ମୋହନ ସୁନ୍ଦର ଦେବ ଗୋସ୍ୱାମୀ ଓ କୃଷ୍ଣପ୍ରସାଦ ବସୁ । ଗୋବିନ୍ଦ ଶୁରଦେଓ ଓ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ଥିଲେ ରାସଲୀଳାର ପ୍ରବର୍ତ୍ତକ । ଗୋସ୍ୱାମୀ ଓ ଶୁରଦେଓ ଓଡ଼ିଶୀ ସଙ୍ଗୀତର ପରମ୍ପରାକୁହିଁ ଅବଲମ୍ବନ କରୁଥିଲେ, ଏବଂ ସେଇ ସୂତ୍ରରେ ଗୋପାଳ-କୃଷ୍ଣ, ଅଭିମନ୍ୟୁ ଓ ଭକ୍ତଚରଣଙ୍କ କାବ୍ୟଧାରାକୁ ପ୍ରଚାର କରୁଥିଲେ । ରାସଲୀଳାର ଅନ୍ୟତମ ପ୍ରଚାରକ କାଳୀଚରଣ ପଟ୍ଟନାୟକ ମଧ୍ୟ ଓଡ଼ିଶୀ ସଙ୍ଗୀତର ପ୍ରଚାରକ ଥିଲେ । ଲକ୍ଷ୍ମୀକାନ୍ତ ଓଡ଼ିଶୀ ସଙ୍ଗୀତର ବୈଶିଷ୍ଟ୍ୟକୁ ସମାଦର କରୁଥିଲେହେଁ ତାଙ୍କ ନାଟକମାନଙ୍କରେ ସେ ଉତ୍ତର ଭାରତୀୟ ବା ହିନ୍ଦୁସ୍ଥାନୀ ସଙ୍ଗୀତ ଧାରାକୁ ଅଧିକ ପ୍ରାଧାନ୍ୟ ଦେଲେ । ଏ ବିଷୟରେ କୃଷ୍ଣପ୍ରସାଦ ବସୁ ମଧ୍ୟ ଲକ୍ଷ୍ମୀକାନ୍ତଙ୍କର ଅନୁବର୍ତ୍ତୀ ଥିଲେ । ମନମୋହନ ସାବତ ଥିଲେ ଉତ୍ତର ଭାରତୀୟ ସଙ୍ଗୀତଧାରାର ଏକନିଷ୍ଠ ସାଧକ । ସେଇ ଧାରାର ରାଗ-ରାଗିଣୀ ସମ୍ବଳିତ ସୁର ବୈଚିତ୍ର୍ୟ ସୃଷ୍ଟି କରିବାରେ ସେ ପାରଙ୍ଗମ ଥିଲେ । ତେଣୁ ସଙ୍ଗୀତ କ୍ଷେତ୍ରରେ "ଗୋପୀନାଥ ସଙ୍ଗୀତ ସମାଜ" ଥିଲା ପ୍ରଧାନତଃ ଉତ୍ତର ଭାରତୀୟ ସଙ୍ଗୀତ ଧାରାର ଅନୁଗାମୀ । ଅଥଚ ଏକ ପକ୍ଷରେ ଲକ୍ଷ୍ମୀକାନ୍ତ ଏବଂ ଅନ୍ୟ ପକ୍ଷରେ ଗୋବିନ୍ଦ ଶୁରଦେଓ, କାଳୀଚରଣ, କୃଷ୍ଣପ୍ରସାଦ, ମୋହନସୁନ୍ଦରଙ୍କ ମଧ୍ୟରେ ଥିଲା ଅଭେଦ୍ୟ ପ୍ରୀତି— ଥିଲା ସ୍ନେହ-ଶ୍ରଦ୍ଧା-ସୁରଭିତ ମଧୁର ଓ ନିବିଡ଼ ସଦ୍ଭାବ । ମୋହନସୁନ୍ଦର ଦେବ ଗୋସ୍ୱାମୀ ଥିଲେ ପ୍ରଭୁ ନିତ୍ୟାନନ୍ଦଙ୍କ ବଂଶଧର, ଏବଂ ସେଇ ସୂତ୍ରରେ ଲକ୍ଷ୍ମୀକାନ୍ତଙ୍କ ଭକ୍ତିରପାତ୍ର; ଏବଂ କାଳୀଚରଣ ଥିଲେ ତାଙ୍କର ସ୍ନେହର କାଙ୍ଗାଳ ।

ଲକ୍ଷ୍ମୀକାନ୍ତଙ୍କ ଲେଖନୀ କ୍ରମେ କୃଷ୍ଣଲୀଳା ବିଷୟକ ଓ ଭକ୍ତିଭାବପୂର୍ଣ୍ଣ ନାଟକ ରଚନାରୁ ଐତିହାସିକ ଓ ପୌରାଣିକ ନାଟକ ରଚନା ଆଡ଼କୁ ଗତି କଲା । ତେଣୁ ସୃଷ୍ଟ ହେଲା 'କର୍ଣ୍ଣ', 'କଳାପାହାଡ', 'ଲକ୍ଷ୍ମୀରୁକ୍ମିଣୀ' ଓ 'ଚନ୍ଦ୍ରହାସ' ।

ପରେ ଲକ୍ଷ୍ମୀକାନ୍ତ ଓ ତାଙ୍କ ସହଧର୍ମିଣୀ ଲବଙ୍ଗଲତାଙ୍କ ମଧ୍ୟରେ କୌଣସି କାରଣରୁ କଳହ ହେଲା ଏବଂ ଏଇ ଦାମ୍ପତ୍ୟ କଳହର ଶରବ୍ୟ ରୂପେ କଳାପାହାଡ଼ ନାଟକ ବିସ୍ମୃତି ଗର୍ଭରେ ଲୀନ ହୋଇଗଲା ।

କୈଶୋରରେ ଲକ୍ଷ୍ମୀକାନ୍ତ ଇନ୍ଦ୍ର ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କୁ ଚମତ୍କୃତ କରିଦେଇଥିଲେ । କଲେଜ ଛାତ୍ରରୂପେ କାଞ୍ଚିକାବେରୀ ନାଟକରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରି ବିମୁଗ୍ଧ, ବିହ୍ୱଳ ଦର୍ଶକଙ୍କର ଉଦ୍‌ବେକ ପ୍ରଶଂସାରେ ସେ ଅବଗାହନ କରିଥିଲେ । ଅଭିନୟ ଥିଲା ଯେପରିକି ତାଙ୍କର ସହଜାତ କଳା । ତେଣୁ ନାଟକ ରଚୟିତା ରୂପେ ସେ ଯଥେଷ୍ଟ ସାଫଲ୍ୟ ଅର୍ଜନ କରିଥିଲେ ଏବଂ 'ଗୋପୀନାଥ ସଙ୍ଗୀତ ସମାଜ' ନାନା ସ୍ଥାନରେ ନାଟକ ପରିବେଷଣ କରି ବିପୁଳ ପ୍ରଶଂସା ଅର୍ଜନ କରି ପାରିଥିଲା ।

ବିଷାଦ ଓ ବ୍ୟର୍ଥତାର ତୀବ୍ର ଅଭିଜ୍ଞତା ଲକ୍ଷ୍ମୀକାନ୍ତଙ୍କ ହୃଦୟରେ ଅଶ୍ରୁର ଯମୁନା ସୃଷ୍ଟି କରିଥିଲା । ସେ ତାଙ୍କ ଜୀବନଦେବତାଙ୍କ ଚରଣରେ ଅଜାଡ଼ି ଥିଲେ ଅଶ୍ରୁ ଓ ହାହାକାରର ଅଜସ୍ର କୁସୁମ । କିନ୍ତୁ ତାଙ୍କ ଅନ୍ତରଟରେ ମଧ୍ୟ ଥିଲା ହାସ୍ୟରସର ସ୍ୱତଃସ୍ଫୂର୍ତ୍ତି ଉତ୍ସ । ହସ, ଥଟ୍ଟା, ତମାସା, ବ୍ୟଙ୍ଗ, ବିଦ୍ରୂପ ଇତ୍ୟାଦି ଦ୍ୱାରା ନିଜେ ହସିବା ଓ ଅନ୍ୟକୁ ହସାଇବାରେ ସେ ଥିଲେ ଧୂରନ୍ଧର । ତାଙ୍କ ନାଟକ ମାନଙ୍କ ମଧ୍ୟରେ ହାସ୍ୟରସର ପ୍ରଚୁର ନିଦର୍ଶନ ଦେଖିବାକୁ ମିଳେ । ସେ ଥିଲେ ପ୍ରତ୍ୟୁତ୍ପନ୍ନ ମତି । ପରିସ୍ଥିତିକୁ ବୁଝି ହାସ୍ୟରସ ସୃଷ୍ଟି କରିବାରେ କିମ୍ବା ବ୍ୟଙ୍ଗ ବିଦ୍ରୂପ ପୂର୍ଣ୍ଣ କବିତା, ସଙ୍ଗୀତ ଇତ୍ୟାଦି ରଚନା କରିବାରେ ସେ ଥିଲେ ସିଦ୍ଧହସ୍ତ । ଥରେ ପୁରୀରେ ତାଙ୍କ ନାଟକ ପରିବେଷିତ ହେଉଥିବା ସମୟରେ ସ୍ଥାନୀୟ ପରିସ୍ଥିତିକୁ ଲକ୍ଷ୍ୟ କରି ସହସା ସେ ଏକ ବ୍ୟଙ୍ଗ ସଙ୍ଗୀତ ରଚନା କରି ପ୍ରଭୂତ ହାସ୍ୟରସ ସୃଷ୍ଟି କରିଥିଲେ । ସଙ୍ଗୀତଟି ନିମ୍ନରେ ଉଦ୍ଧୃତ ହେଲା :—

"ଅଜବ ସହର ପୁରୀରେ ଭାଇ,
ଅଜବ ସହର ପୁରୀ ;
ପଣ୍ଡିତ, ପଣ୍ଡା, ପାଚକ ପାଣି
ଏହାଙ୍କ ଦାଉ ଭାରି ।

ମଶା, ମୂଷା, ମହନ୍ତ, ମାତା
ମାଙ୍କଡ଼, ମାହାରୀ ଏଠି କରନ୍ତି
ମ୍ୟାନେଜାର ଆଉ ମିଉନିସିପାଲିଟି
କରନ୍ତି ହୁକୁମ ଜାରି ।

ଝୋପା, ଝଣ୍ଟି, ଭଣ୍ଡାର, ଝଙ୍ଗ
ନୁଲିଆ, ଗୁଣ୍ଡା ଯେ ଯାହା ସାଙ୍ଗ
ବିଦେଶୀଙ୍କ ଗୃହରେ ରହି
ବେକରେ ଲଗା'ନ୍ତି ଛୁରୀ ।

ଏ ସଭିଙ୍କ ଉତ୍ପାତେ
ଭେଲକା ହେଲେ ଜଗନ୍ନାଥେ
ଭକୁଆ ହୋଇ ରହିଲେ ଗୃହି
କୂର୍ମ ରୂପ ଧରି ।

ଆଉ ଯାହାକି ଥିଲା ବାକି
ବଙ୍ଗାଳୀ ଆସି ଦେଲେ ଚକି
ସମୁଦ୍ର କୂଳେ ହାଓ୍ୱା ଖାଇ
ନେଲେ ସବୁ ମାରି ।

କାନ୍ତ ଲାଗି ରହିଲା ଖାଲି
ପାଚିଲା କଦଳୀ ॥

ଲକ୍ଷ୍ମୀକାନ୍ତ ସ୍ୱୀୟ ଗ୍ରାମ ତାଳପଦାରେ ଅବସ୍ଥାନ କରୁଥିବା ବେଳେ ନାଟକ ରଚନା କରିବା ସଙ୍ଗେ ସଙ୍ଗେ ପିତାଙ୍କ ନିର୍ଦ୍ଦେଶ ଅନୁଯାୟୀ କୁଳଦେବତା ଗୋପୀନାଥଙ୍କ ସେବାର୍ଚ୍ଚନାର ଦାୟିତ୍ୱ ବହନ ତଥା ପୈତୃକ ସମ୍ପତ୍ତିର ରକ୍ଷଣାବେକ୍ଷଣ କରୁଥିଲେ । କୁଳ ଦେବତା ଗୋପୀନାଥଙ୍କ ନାମରେ ଯେଉଁ ବିପୁଳ ଭୂସମ୍ପତ୍ତି ଥିଲା, ଭାଗବତ ପ୍ରସାଦ ବଂଶର ଜ୍ୟେଷ୍ଠ ସନ୍ତାନରୂପେ ସେଇ ସମ୍ପତ୍ତିର ଅଧିକାରୀ ହୋଇଥିଲେ । କିନ୍ତୁ ତାଙ୍କବଂଶର ଅନ୍ୟ ସିକଦାରମାନେ ଏଥିରେ ଅସୂୟାପରବଶ ହୋଇ ନାନାପ୍ରକାର ବିରୋଧ କରିବାକୁ ଲାଗିଲେ ଏବଂ ତାହାର ଫଳସ୍ୱରୂପ ସବୁବେଳେ ଦ୍ୱନ୍ଦ ଓ କଳହ ଲାଗିରହିଲା । ସେଇ ଦ୍ୱନ୍ଦ ଓ କଳହ ସମୟ ସମୟରେ ଜଟିଳ ମାଲିମୋକଦ୍ଦମାର ରୂପ ମଧ୍ୟ ଗ୍ରହଣ କଲା । ଲକ୍ଷ୍ମୀକାନ୍ତ ଏକେତ ଥିଲେ ବ୍ୟାଧିଗ୍ରସ୍ତ, ପୁଣି ତାଙ୍କ ରୋଗ କାଳେ ତାଙ୍କ ପୁତ୍ରମାନଙ୍କୁ ଆକ୍ରମଣ କରିବ, ସେଥିପାଇଁ ସେ ତାଙ୍କଠାରୁ ସେମାନଙ୍କୁ ବିଚ୍ଛିନ୍ନ କରି ରଖାଯାଉଥିଲା । ଘର ବାହାରେ ଦ୍ୱନ୍ଦ୍ୱ, ବିରୋଧ, ଶତ୍ରୁତା ଓ ଷଡ଼ଯନ୍ତ୍ର । ଘର ଭିତରେ ଯନ୍ତ୍ରଣା, ମନସ୍ତାପ ଓ ନିଃସଙ୍ଗତା । ଏହାରି ଭିତରେ ଏକମାତ୍ର ସାନ୍ତ୍ୱନା ଦାୟିନୀ ଓ ପ୍ରକୃତ ଜୀବନସଙ୍ଗିନୀ ଥିଲେ ତାଙ୍କର ସହଧର୍ମିଣୀ ଲବଙ୍ଗଲତା ।

ଲବଙ୍ଗଲତା କଷ୍ଟଭୋଗିନୀ ଥିଲେ କିନ୍ତୁ ତାଙ୍କ ଅନ୍ତରରେ ପତିପ୍ରେମର ଗଙ୍ଗାଧାର ଉଚ୍ଛୁଳୁଥିଲା । କେତେ ରାତି ଉଜାଗର ରହି ଏବଂ ଦୁଃଖ, କ୍ଳେଶ, ଅଭାବ, ଅନାଟନ ନୀରବରେ ଏବଂ ଅକୁଣ୍ଠିତ ଚିତ୍ତରେ ସହ୍ୟ କରି ଅମ୍ଳାନ ବଦନରେ ଏବଂ ଅବିଚଳିତ ନିଷ୍ଠା ସହକାରେ ସେ ଯେ ସ୍ୱାମୀଦେବତାଙ୍କ ସେବା କରୁଥିଲେ ତାହା ବର୍ଣ୍ଣନା କରିବା ଅସମ୍ଭବ । ତାଙ୍କର ସେଇ ପତିପରାୟଣତା ଆତ୍ମୀୟ ଅନାତ୍ମୀୟ, ପରିଚିତ ଅପରିଚିତ ସମସ୍ତଙ୍କୁ ବିସ୍ମିତ କରୁଥିଲା । ତାଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତିରେ ସେମାନଙ୍କ ହୃଦୟ ଉଚ୍ଛ୍ୱସିତ ହୋଇ ଉଠୁଥିଲା ।

ଭଗବତୀପ୍ରସାଦ ଦେଖିଲେ ଯେ ସ୍ୱୀୟ ଗ୍ରାମରେ ବାସ କରିବା ଲକ୍ଷ୍ମୀକାନ୍ତଙ୍କ ପକ୍ଷେ ଅସହ୍ୟ ହୋଇ ଉଠୁଛି । ଗ୍ରାମର ସେଇ ଅସୂୟାକଳୁଷିତ, ହିଂସାଜର୍ଜରିତ ବାତାବରଣ ତାଙ୍କ ପ୍ରାଣକୁ ଯନ୍ତ୍ରଣାକାତର କରି ତୋଳୁଛି । ତେଣୁ ସେ ନିଜର ଏଇ ପ୍ରତିଭାଶାଳୀ ପୁତ୍ରଙ୍କୁ ଯେତେଦୂର ସମ୍ଭବ ସୁଖଶାନ୍ତି ଦେବାପାଇଁ ଭଦ୍ରକରେ ଏକ ପ୍ରେସ ସ୍ଥାପନ କରି ତାଙ୍କୁ ତାର ତତ୍ତ୍ୱାବଧାରକ କରିଦେଲେ । ପାଞ୍ଚ ବର୍ଷ ନ ପୂରୁଣୁ ଗୋପୀନାଥ ସଙ୍ଗୀତ ସମାଜର ଆୟୁପ୍ରଦୀପ ନିର୍ବାପିତ ହୋଇଗଲା ।

ଭଦ୍ରକରେ ଯେଉଁ ପ୍ରେସ୍ ସ୍ଥାପନ କରାଗଲା ତାର ଏକ କୌତୂହଳୋଦ୍ଦୀପକ ଇତିହାସ ଅଛି । ଏହା ଥିଲା ଗୋଟିଏ ହାତଗୁଡ଼ାପାଖାନା ଏବଂ ଏହା କଟକରୁ କିଣା ହୋଇ ଆସିଥିଲା । ଏହା ପ୍ରକୃତିରେ ଏକ ସମୟରେ ଫକୀରମୋହନ ଏବଂ ରାଜା ବୈକୁଣ୍ଠନାଥଙ୍କ ପିତା ଶ୍ୟାମାନନ୍ଦଙ୍କ ଉଦ୍ୟମ ଓ ପୃଷ୍ଠପୋଷକତାରେ ବାଲେଶ୍ୱରରେ ସ୍ଥାପିତ ହୋଇଥିଲା । ଏଇ ପ୍ରେସ୍ ଏକସମୟରେ ବାଲେଶ୍ୱରର ପ୍ରଥମ ପ୍ରେସ୍‌ରୂପେ ଫକୀରମୋହନଙ୍କ ଜୀବନରେ ତଥା ଓଡ଼ିଶାର ମୁଦ୍ରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲା । ତାହାହିଁ ଏବେ "ଗୋପୀନାଥ ପ୍ରେସ୍" ନାମରେ ନାମିତ ହୋଇ ଓଡ଼ିଶାର ଆଉଜଣେ ବରପୁତ୍ରଙ୍କର କର୍ମଧାରା ସହିତ ଓତପ୍ରୋତ ଭାବରେ ଜଡ଼ିତ ହୋଇଗଲା ।

ନାଟକ ଓ ସଙ୍ଗୀତ ରଚନାରେ ଅଭ୍ୟସ୍ତ ଲକ୍ଷ୍ମୀକାନ୍ତଙ୍କ ଲେଖନୀ ସାହିତ୍ୟ-କ୍ଷେତ୍ର କର୍ଷଣ କରି ବର୍ତ୍ତମାନ ନାନାପ୍ରକାର ଫସଲ ଫଳାଇବାକୁ ଲାଗିଲା । ତାଙ୍କ ଚିତ୍ତରେ ନାନାଭାବର ତରଙ୍ଗ ଖେଳୁଥିଲା—ନାନା ଚେତନାର ଦ୍ୱନ୍ଦ୍ୱ ଚାଲିସୁଥିଲା । ସେ ଯେପରି ସୂକ୍ଷ୍ମ ଭାବର ତନ୍ଦ୍ରାକୋମଳ ମେଦୁରତାରେ ଅନୁପ୍ରାଣିତ ହେଉଥିଲେ ସେଇପରି ବାସ୍ତବ ଘଟଣାର ରୂଢ଼ ରୂପରେଖପ୍ରତି ମଧ୍ୟ ତାଙ୍କର ପ୍ରବଳ ଆକର୍ଷଣ ଥିଲା । ସାମାଜିକ ନାନା ଘଟଣାର ବିଚିତ୍ର ଗତି ତାଙ୍କ ମନକୁ ଦୋହଲାଉଥିଲା ।

ପୁଣି ସଂସାରର କୋଳାହଳ ଯେଉଁଠି ପହଞ୍ଚି ପାରେନା, ଝଡଝଞ୍ଜାର ଅତୀତ ଶାଶ୍ବତଆନନ୍ଦର ପ୍ରଶାନ୍ତ ପୂଜାମଣ୍ଡପ ଯେଉଁଠି ଉଦ୍ଭାସିତ, ତାଙ୍କ ପ୍ରାଣ କେତେବେଳେ କେମିତି ସେଠାରେ ମଧ୍ୟ ପହଞ୍ଚି ପାରୁଥିଲା । ତେଣୁ ତାଙ୍କ ସୃଷ୍ଟି-କେଦାରରେ ଦେଖା ଦେଲା ନାନାଜାତିକା ଫଳ ଓ ଫସଲ । ତାଙ୍କ ଲେଖନୀ ସୃଷ୍ଟି କଲା ଶିଶୁସାହିତ୍ୟର କସିକାକୁଡ଼, ହାସ୍ୟରସର, ଅଙ୍ଗୁର, ନାରଙ୍ଗି ଓ କରମଙ୍ଗା, ମନୋହର ବର୍ଣ୍ଣଯୁକ୍ତ ମଧୁର ଆସ୍ୱାଦର ଭାବଗମ୍ଭୀର କବିତାର ପାଚିଲା ଆମ୍ବ, ଉପରେ କଠିନ ହେଲେ ବି ଭିତରେ ରସାଳ, ନାନା ପ୍ରବନ୍ଧର ନାଶକେଲ । ତାଙ୍କ ସୃଷ୍ଟି ସମାରୋହରୁ ଗଳ୍ପ ଓ ଜାତୀୟସଙ୍ଗୀତ ମଧ୍ୟ ବାଦ୍‌ଗଲା ନାହିଁ ।

ତାଙ୍କ ଜାତୀୟ ସଙ୍ଗୀତ ରଚନାର ଏକ ମହନୀୟ ଇତିହାସ ରହିଛି । ଉତ୍କଳ ସମ୍ମିଳନୀର ସଭା ହେଉଥାଏ । ପ୍ରାରମ୍ଭିକ ସଙ୍ଗୀତ ସ୍ୱରୂପ ତାଙ୍କ ରଚିତ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ" ବୋଲା ଗଲା । ସେଇ ମହାନ୍ ସଙ୍ଗୀତର ଅପୂର୍ବ ଛନ୍ଦ, ଗମ୍ଭୀର ଭାବ, ଓଜସ୍ୱିନୀ ମେଦୁରତା ଓ ସ୍ପନ୍ଦନପୂର୍ଣ୍ଣ ସ୍ୱର ମଧୁବାବୁଙ୍କୁ ଆନନ୍ଦରେ ଅଭିଭୂତ କଲା । ପୁଲକ ରୋମାଞ୍ଚିତ କଳେବରରେ ସେ ଲକ୍ଷ୍ମୀକାନ୍ତଙ୍କୁ ଆଲିଙ୍ଗନ କଲେ । ତାପରେ ଚାଲିଲା ଲକ୍ଷ୍ମୀକାନ୍ତଙ୍କର ଗୋଟିକ ପରେ ଗୋଟିଏ ଜାତୀୟ ସଙ୍ଗୀତ ରଚନା ।

ଲକ୍ଷ୍ମୀକାନ୍ତଙ୍କ ପରିବାରରେ ଦେଶାତ୍ମବୋଧର ଚିନ୍ତା ଓ ଭାବନା ବିଶେଷ-ଭାବରେ ପୁଷ୍ଟିଲାଭ କରିଥିଲା । ଭଗବତପ୍ରସାଦ ଅତ୍ୟନ୍ତ ଦେଶବତ୍ସଳ ଥିଲେ । ଦେଶସେବା ଓ ସମାଜ ସେବା ସକାଶେ ସେ ଥିଲେ ସର୍ବଦା ଉନ୍ମୁଖ । ୧୯୩୦ରେ ଲବଣ ସତ୍ୟାଗ୍ରହ ସମୟରେ ବ୍ରିଟିଶ ସରକାର ଲୋକମାନଙ୍କ ଉପରେ ଅମାନୁଷିକ ଅତ୍ୟାଚାର ଚଳାଇବାରୁ ତାହାର ପ୍ରତିବାଦ ସ୍ୱରୂପ ଭଗବତ ପ୍ରସାଦ ବିହାର ଓଡ଼ିଶା କାଉନସିଲର ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ । ଲକ୍ଷ୍ମୀକାନ୍ତଙ୍କ ସାନଭାଇ କମଳା-କାନ୍ତ, ସାନ ଭଉଣୀ ଜାହ୍ନବୀ, ଭଣଜା ଗୌର ଗୋପାଳ, ଅନ୍ୟତମା ସାନ ଭଉଣୀ କୋକିଳା, ବଡ଼ପୁଅ ନିତ୍ୟାନନ୍ଦ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ କାରାବରଣ କଲେ । ଜାହ୍ନବୀଙ୍କ ସ୍ୱାମୀ ମୁକୁନ୍ଦ ପ୍ରସାଦ ଦାସ ଜଣେ ମୁଖ୍ୟ କଂଗ୍ରେସ ନେତା ଥିଲେ ଏବଂ ପରବର୍ତ୍ତୀ କାଳରେ ଓଡ଼ିଶା ବିଧାନସଭାର ବାଚସ୍ପତି ହୋଇଥିଲେ । କହିବାକୁ ଗଲେ ଲକ୍ଷ୍ମୀକାନ୍ତଙ୍କ ସମଗ୍ର ପରିବାର ସେତେବେଳେ ସ୍ୱାଧୀନତା ସମରରେ ଏକ ଛାଉଣି ପାଲଟି ଯାଇଥିଲା । ନିଜେ ପଙ୍ଗୁ ବୋଲି ସେଇ ସମରରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ ନକଲେ ବି ସେ ଲେଖନୀ ଦ୍ୱାରା ଦେଶାତ୍ମବୋଧର ମଶାଲ ଜାଳି ସମସ୍ତଙ୍କୁ ପଥ ଦେଖାଉଥିଲେ ।

ବ୍ରିଟିଶ ସରକାରଙ୍କଠାରୁ ପ୍ରଶ୍ରୟ ଓ ପ୍ରେରଣାପାଇ କେତେକ ଜମିଦାର ଦଳବଦ୍ଧ ହୋଇ ଯେତେବେଳେ ଦେଶଦ୍ରୋହୀ ଭୂମିକା ଗ୍ରହଣ କଲେ ଏବଂ ସ୍ୱାଧୀନତା ଆନ୍ଦୋଳନକୁ ଭଣ୍ଡୁର କରିବା ଲାଗି ନାନା ହୀନ ଷଡ଼ଯନ୍ତ୍ରରେ ଲିପ୍ତହେଲେ ସେତେବେଳେ ଲକ୍ଷ୍ମୀକାନ୍ତ ଛଦ୍ମ ନାମରେ 'ପଞ୍ଚାମୃତ" ନାଟିକା ରଚନା କରି ବ୍ୟଙ୍ଗ ଓ ବିଦ୍ରୁପର କଷାଘାତରେ ସେଇ ଦେଶଦ୍ରୋହୀମାନଙ୍କୁ ଜର୍ଜରିତ କରିବାକୁ ଲାଗିଲେ । ଏଇ 'ପଞ୍ଚାମୃତ' ପ୍ରଜାତନ୍ତ୍ରରେ ଧାରାବାହିକ ଭାବରେ ପ୍ରକାଶିତ ହୋଇ ହାସ୍ୟରସର ଚହଳ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଦେଶାତ୍ମବୋଧ ଜାଗ୍ରତ କରୁଥାଏ । ଆଶ୍ଚର୍ଯ୍ୟର କଥା ଯେ ଏଇ 'ପଞ୍ଚାମୃତ'ରେ ଲକ୍ଷ୍ମୀକାନ୍ତ ଯେଉଁମାନଙ୍କୁ ବିଦ୍ରୁପ ଓ ଭର୍ତ୍ସନା କରୁଥିଲେ, ସେମାନଙ୍କ ମଧ୍ୟରୁ କେତେକ ଥିଲେ ତାଙ୍କର ଅତି ଘନିଷ୍ଠ ବନ୍ଧୁ ଓ ଆତ୍ମୀୟ । ସେମାନଙ୍କ ଆଦର୍ଶଭ୍ରଷ୍ଟ, ଗର୍ହିତ ଆଚରଣକୁ ଶାସନ କରିବାଲାଗି କବି କଠୋର ସମାଲୋଚନାର ଆୟୁଧ ଧାରଣ କରିବାକୁ ବାଧ୍ୟ ହୋଇଥିଲେ ।

କିନ୍ତୁ ଲକ୍ଷ୍ମୀକାନ୍ତ ସଂକୀର୍ଣ୍ଣମନା ବା ଏକ ଦେଶଦର୍ଶୀ ନଥିଲେ । ସେ ଥିଲେ ଅତ୍ୟନ୍ତ ନ୍ୟାୟପରାୟଣ । ସେ ଯେ କେବଳ ଦେଶଦ୍ରୋହୀମାନଙ୍କ ସମ୍ବନ୍ଧରେ କଟୁ ମନ୍ତବ୍ୟ ପ୍ରୟୋଗ କରୁଥିଲେ ତା ନୁହେଁ । ଦେଶର ସ୍ୱାଧୀନତା ପାଇଁ ଯେଉଁମାନେ ଆନ୍ଦୋଳନ ଚଳାଇଥିଲେ ସେମାନଙ୍କ ମଧ୍ୟରୁ କାହାରି କାହାରି ଦୋଷତ୍ରୁଟି ଦେଖିଲାକ୍ଷଣି ସେ ତତ୍‌କ୍ଷଣ ହାସ୍ୟରସର ଶାଣିତ ଠାଣିରେ ସେମାନଙ୍କୁ ଭର୍ତ୍ସନା କରିବାକୁ କୁଣ୍ଠିତ ହେଉନଥିଲେ । ଏବଂ ଏଇ ଉଦ୍ଦେଶ୍ୟରେ ରଚିତ ହୋଇଥିଲା "ଅସହଯୋଗୀର ଆତ୍ମକଥା" ।

ଇତିମଧ୍ୟରେ ଲକ୍ଷ୍ମୀକାନ୍ତଙ୍କ ସାରସ୍ୱତ ଅବଦାନ ସମଗ୍ର ଓଡ଼ିଶାରେ ଏବଂ ଓଡ଼ିଶା ବାହାରେ ମଧ୍ୟ ଗଭୀର ପ୍ରଭାବ ସୃଷ୍ଟି କରିଥାଏ । ତାଙ୍କ ସୃଷ୍ଟି-ବିପଞ୍ଚୀର ବିଚିତ୍ର ସ୍ୱରଝଙ୍କାର ସମସ୍ତଙ୍କ ଚିତ୍ତରେ ଉନ୍ମୋଚିତ କରି ଦେଇଥାଏ ଆନନ୍ଦ, ବିସ୍ମୟ ଓ ଉନ୍ମାଦନାର ଘନପ୍ରବାହ । କି ଗଣ୍ୟମାନ୍ୟ, କି ନଗଣ୍ୟ, କି ଅସାଧାରଣ, କି ସାଧାରଣ ସମସ୍ତଙ୍କ ତୃଷିତ ପ୍ରାଣ ତାଙ୍କ ଉଦାତ୍ତ ସାହିତ୍ୟରୁ ପୀୟୂଷ ପାନ କରୁଥାଏ । ତାଙ୍କଲାଗି ସମସ୍ତଙ୍କ ଚିତ୍ତରେ ବହୁଥାଏ ଶ୍ରଦ୍ଧା ଓ ପ୍ରୀତିର ବିପୁଳ ଧାରା ।

ଏଇ ଶ୍ରଦ୍ଧା ଓ ପ୍ରୀତି ଏକ ବାସ୍ତବ ରୂପ ଲାଭକଲା ଯେତେବେଳେ ୧୯୩୩ରେ ଭଦ୍ରକ ହାଇସ୍କୁଲ ପ୍ରାଙ୍ଗଣରେ ଲକ୍ଷ୍ମୀକାନ୍ତଙ୍କୁ ଦିଆଗଲା ପ୍ରଗାଢ ଶ୍ରଦ୍ଧାପୂର୍ଣ୍ଣ ବିପୁଳ ସମ୍ବର୍ଦ୍ଧନା । କବିବର ଚିନ୍ତାମଣି ଏଇ ସଭାରେ ସଭାପତିତ୍ୱ କରିଥିଲେ ଏବଂ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ଓ ଜାତୀୟକବି ବାଞ୍ଛାନିଧି ପାଠ କରିଥିଲେ ଅଭିନନ୍ଦନପତ୍ର ।

ଲକ୍ଷ୍ମୀକାନ୍ତଙ୍କୁ ସମ୍ବୋଧନ କରି ଶ୍ରୀଯୁକ୍ତ ମହତାବ ତାଙ୍କ ଅଭିନନ୍ଦନପତ୍ରରେ କହିଥିଲେ "ଆପଣଙ୍କ ଚିନ୍ତା, ଆପଣଙ୍କ ଜାତୀୟତା, ଆପଣଙ୍କ ଲେଖାଭଙ୍ଗୀ ଆମ୍ଭମାନଙ୍କୁ ନିରାଶାରେ ଆଶା ଦେଇଛି । ............ ଶତ ଶତ ଦେଶବାସୀଙ୍କ ସହ ମୁଁ ଆପଣଙ୍କୁ ଶ୍ରଦ୍ଧା ଓ ଭକ୍ତି କରେଁ । ଆପଣଙ୍କ ଜାତୀୟ-ସଙ୍ଗୀତ ମୋ'ପରି ବହୁ ତରୁଣ ହୃଦୟରେ ସ୍ପନ୍ଦନ ଆଣି ଦେଇଛି ।"

କବି ବାଞ୍ଛାନିଧି କହିଥିଲେ—"ଓଡ଼ିଶାରେ ଆପଣଙ୍କୁ ଛାଡ଼ିଦେଲେ ଖୁବ୍ ଅଳ୍ପ ସଂଖ୍ୟକ କବିଙ୍କ ଭାବ ଓ ଭାଷା ପ୍ରାଣସ୍ପର୍ଶୀ ହୁଏ । ତେଣୁ ଆପଣ ଜାତୀୟ ସାହିତ୍ୟର କର୍ଣ୍ଣଧାର ହେବାକୁ ଯୋଗ୍ୟ ।

ସଭାପତି ରୂପେ କବିବର ଚିନ୍ତାମଣି ଲକ୍ଷ୍ମୀକାନ୍ତଙ୍କ ସମ୍ବନ୍ଧରେ କହିଥିଲେ "ସେ ଭାଷାଶିଳ୍ପୀ ଓ ସୁରଶିଳ୍ପୀ ଉଭୟ । ଦେଶ ପକ୍ଷରୁ ଏବଂ ଜାତି ପକ୍ଷରୁ ତାଙ୍କର ପୂଜା ସମୀଚୀନ ଓ ସମୟୋପଯୋଗୀ ହୋଇଛି । ସଙ୍ଗୀତକଳାରେ ଉତ୍କଳର ଆସନ କେତେ ଊର୍ଦ୍ଧ୍ୱରେ ନିର୍ଣ୍ଣୀତ ହୋଇଥିଲା ତାହା କହିବାର ପ୍ରୟୋଜନ ନାହିଁ ।...... ସୁଖର ବିଷୟ ଯେ ସେ ମୃତ ପ୍ରତିଷ୍ଠାକୁ ଯେଉଁ କେତେଜଣ ପୁନର୍ଜୀବିତ କରିବାକୁ ଚେଷ୍ଟା କରିଅଛନ୍ତି ସେମାନଙ୍କ ମଧ୍ୟରେ ଲକ୍ଷ୍ମୀକାନ୍ତବାବୁ ସର୍ବୋଚ୍ଚସ୍ଥାନ ଅଧିକାର କରିଅଛନ୍ତି । ଜନ୍ମଭୂମିର ସଙ୍ଗୀତଗୌରବ ଉଦ୍ଧାରନିମନ୍ତେ ଲକ୍ଷ୍ମୀକାନ୍ତବାବୁଙ୍କ ଅଦମ୍ୟ ଚେଷ୍ଟା ବାସ୍ତବିକ ପ୍ରଶଂସନୀୟ । ସେ ବାରମ୍ବାର କ୍ଷତିଗ୍ରସ୍ତ ହୋଇଛନ୍ତି । ତଥାପି ତାଙ୍କର ପ୍ରତିଜ୍ଞା ଅକ୍ଷତ ଓ ଅଟଳ । ଦେଶର ଏପରି ଜଣେ ସୁପ୍ରତିଭ ବ୍ୟକ୍ତିଙ୍କର ପବିତ୍ର ଗୁଣପୂଜାରେ ଯୋଗଦେବାର ସୁବିଧାପାଇ ମୁଁ ନିଜକୁ ଧନ୍ୟ ମଣୁଅଛି ।"

ଏହି ସମ୍ବର୍ଦ୍ଧନା ସଭାରେହିଁ ଲକ୍ଷ୍ମୀକାନ୍ତ କାନ୍ତକବି ନାମରେ ସର୍ବସାଧାରଣଙ୍କଠାରେ ପରିଚିତ ହେଲେ । ସମ୍ବର୍ଦ୍ଧନା ସଭାଟି ପ୍ରଧାନତଃ ସ୍ୱ ଲକ୍ଷ୍ମୀନାରାୟଣ ସାହୁଙ୍କ ଆଗ୍ରହ ଓ ଉଦ୍ୟମରେ ଆୟୋଜିତ ହୋଇଥିଲା ।

ଛାତ୍ରାବସ୍ଥାରେହିଁ ବନ୍ଧୁମାନେ ଲକ୍ଷ୍ମୀକାନ୍ତଙ୍କୁ କାନ୍ତକବି ନାମରେ ଅଭିହିତ କରୁଥିଲେ । ନିଜେ ଲକ୍ଷ୍ମୀକାନ୍ତ ମଧ୍ୟ ସ୍ୱରଚିତ କୌଣସି କୌଣସି କବିତା ବା ସଙ୍ଗୀତରେ ନିଜକୁ ଲକ୍ଷ୍ମୀକାନ୍ତ ପରିବର୍ତ୍ତେ କେବଳ 'କାନ୍ତ' ବୋଲି ପରିଚିତ କରାଇ ଥିଲେ । କିନ୍ତୁ ସେହି ସଂକ୍ଷିପ୍ତ ଅଥଚ ସାର୍ଥକ ନାମଟି ମୁଷ୍ଟିମେୟଙ୍କ ଦ୍ୱାରା କେତେବେଳେ କେମିତି ଉଲ୍ଲିଖିତ ହେଉଥିଲା । ସମ୍ବର୍ଦ୍ଧନା ସଭାରେହିଁ ଜନସେବକ ଆତ୍ମୀବନ୍ଧୁ

ଓ ଉଦାରଚେତା । ୯ଲକ୍ଷ୍ମୀନାରାୟଣ ସେଇ ସାର୍ଥକ ଅଟର ଅଲଙ୍କୃତ ନାମଟିକୁ ସମସ୍ତଙ୍କ ଆଗରେ ଆଦର, ଶ୍ରଦ୍ଧା ଓ ସମ୍ମାନ ସହକାରେ ଘୋଷଣାକଲେ, ଏବଂ ସାହିତ୍ୟର ଇତିହାସରେ ମଧ୍ୟ ଲକ୍ଷ୍ମୀକାନ୍ତ 'କାନ୍ତକବି' ନାମରେ ସେଇଦିନୁ ପ୍ରିୟ, ପ୍ରସିଦ୍ଧ ଓ ପ୍ରତିଷ୍ଠିତ ହୋଇଗଲେ ।

ବନ୍ଧୁମାନେ ପ୍ରଥମେ ଯେତେବେଳେ ତାଙ୍କୁ କାନ୍ତକବି ନାମରେ ଅଭିହିତ କରୁଥିଲେ, ସେତେବେଳେ ତାଙ୍କ ଦେହରେ ଥିଲା ଅପରୂପ କାନ୍ତି ଓ ଲାବଣ୍ୟ । ପରେ ବ୍ୟାଧି ସେଇ କାନ୍ତି ହରଣ କଲା, କିନ୍ତୁ ତାଙ୍କ ଚିନ୍ତା ଓ ଚେତନାରେ ମନୀଷା ମନସ୍ୱିତା, ଭାବବିଭବ ଓ ବିଦଗ୍ଧତାର କାନ୍ତି ଝଟକି ଉଠିଥିଲା ।

ଏଇ ସମ୍ପର୍କରେ ଏଠାରେ ଗୋଟିଏ କଥା ବିଶେଷ ଭାବରେ ଉଲ୍ଲେଖନୀୟ । ବଙ୍ଗଳା ସାହିତ୍ୟ କ୍ଷେତ୍ରରେ ମହାନ ସଙ୍ଗୀତକାର ରଜନୀକାନ୍ତ ସେନ ମଧ୍ୟ କାନ୍ତକବି ନାମରେ ପ୍ରଖ୍ୟାତ । ତାଙ୍କ ରଚିତ – "କବେ ତୃଷିତ ଏମରୁ ଛୁଟିୟା ଯାଇବ ତୋମାର ରସାଲ ନନ୍ଦନେ" ସଙ୍ଗୀତଟି ଲକ୍ଷ୍ମୀକାନ୍ତ ଏଥିପୂର୍ବରୁ କୃଷ୍ଣପ୍ରସାଦ ବସୁଙ୍କଠାରୁ ବାରମ୍ବାର ଶୁଣିଥିଲେ ଏବଂ ସେଇ ସଙ୍ଗୀତଟି ତାଙ୍କର ଅତି ପ୍ରିୟ ହୋଇଯାଇଥିଲା । ରଜନୀକାନ୍ତଙ୍କର ଯୋଡିଏ ସଙ୍ଗୀତ ପୁସ୍ତକର ନାମ ଥିଲା ବାଣୀ ଓ କଲ୍ୟାଣୀ, ଏବଂ ଲକ୍ଷ୍ମୀକାନ୍ତଙ୍କର ଭଣଜାଇ ପାଟନାର ତତ୍କାଳୀନ ଏଡଭୋକେଟ ୯ ଗଜେନ୍ଦ୍ର ପ୍ରସାଦ ଦାସଙ୍କ ପ୍ରଥମ କନ୍ୟାର ନାମ ମଧ୍ୟ ଥିଲା ବାଣୀ ଏବଂ ଅନ୍ୟତମ ଭଣଜାଇ ଶଚୀନ୍ଦ୍ରନାଥ ଦାସଙ୍କ ପ୍ରଥମ କନ୍ୟାର ନାମ ଦିଆଯାଇଥିଲା—କଲ୍ୟାଣୀ । ଏଇ ଦୁଇ ଭଉଣୀ ଲକ୍ଷ୍ମୀକାନ୍ତଙ୍କଠାରୁ ତାଙ୍କ ସଙ୍ଗୀତ ତାଙ୍କର ସୁରରେ ବୋଲିବାକୁ ଶିକ୍ଷା କରିଥିଲେ ଏବଂ ତାଙ୍କୁ ସେଇ ସବୁ ସଙ୍ଗୀତ ଶୁଣାଇ ମଝିରେ ମଝିରେ ଅପାର ଆନନ୍ଦ ଦେଉଥିଲେ ।

ଇତି ମଧ୍ୟରେ ଗୋପୀନାଥ ପ୍ରେସ ପୁଣ୍ଡୁରୂପେ ମୁଦ୍ରଣକାର୍ଯ୍ୟ କରି ଚାଲିଥାଏ । କାନ୍ତକବିଙ୍କ କନିଷ୍ଠା ଭଗିନୀ କୋକିଳା ଥିଲେ ଜଣେ ସାହିତ୍ୟିକା । ତାଙ୍କର ଉନ୍ନତ ରୁଚି, ଉଚ୍ଚ ଚିନ୍ତା ଓ ଦେଶବାତ୍ସଲ୍ୟ ଯୋଗୁଁ ସେ ଯଥେଷ୍ଟ ଶ୍ରଦ୍ଧା ଓ ପ୍ରଶଂସା ଲାଭ କରିଥିଲେ । ଜାତୀୟ ଆନ୍ଦୋଳନରେ ଅଂଶ ଗ୍ରହଣ କରି ସେ କାରାବରଣ କରିଥିଲେ ଏବଂ ନାରୀ ଜାଗରଣ କ୍ଷେତ୍ରରେ ନେତ୍ରୀସ୍ଥାନୀୟା ରୂପେ ଖ୍ୟାତି ଲାଭ କରିଥିଲେ । ଗୋପୀନାଥ ପ୍ରେସରୁ ଗୋଟିଏ କ୍ଷୁଦ୍ର ପତ୍ରିକା ପ୍ରକାଶ କରିବାର କଳ୍ପନା ଜାଗିଲା କୋକିଳାଙ୍କ ମନରେ । କିନ୍ତୁ ମୃତ୍ୟୁ ନେପଥ୍ୟରେ ଥାଇ ଏଇ କଳ୍ପନାକୁ ବୋଧହୁଏ ବିଦ୍ରୂପ କରୁଥାଏ ।

ପାହାଡ଼ିଆ ନଈରେ ଘନ ବର୍ଷା ହଠାତ୍ ପ୍ଲାବନର ବିଭୀଷିକା ସୃଷ୍ଟି କଲା ଭଳି କାନ୍ତକବିଙ୍କ ଜୀବନରେ ହଠାତ୍ ଆସି ପହଞ୍ଚିଲା ବିଚ୍ଛେଦର କରୁଣ ଅଧ୍ୟାୟ । ପ୍ରତିଭାର ଦରଫୁଟା ଫୁଲ ଏବଂ ଦେଶବାତ୍ସଲ୍ୟର ଦୀପ୍ତଶିଖା କୋକିଳାଂକର ମୃତ୍ୟୁ ହେଲା । ସେ ଯେ କେବଳ ଦେଶପାଇଁ ସତ୍ୟାଗ୍ରହରେ ଅଂଶଗ୍ରହଣ କରି କାରାବରଣ କରିଥିଲେ ତା' ନୁହେଁ, ଧନୀ ଓ ଅଭିଜାତ ପରିବାରର କନ୍ୟା ହୋଇ ମଧ୍ୟ ସେ ହରିଜନ ଆନ୍ଦୋଳନରେ ଅଗ୍ରଣୀ ହୋଇ ବାହାରିଥିଲେ ଏବଂ ନିଜଗ୍ରାମ ତାଳପଦାରେ ହରିଜନ ବିଦ୍ୟାଳୟ ସ୍ଥାପନ କରି ହରିଜନମାନଙ୍କୁ ଶିକ୍ଷା ଦେଉଥିଲେ ।

କୋକିଳାଙ୍କ ମହାପ୍ରୟାଣ ପୂର୍ବରୁ କାନ୍ତକବିଙ୍କ ସାନଭାଇ କମଳାକାନ୍ତ ମାତ୍ର ୨୪ ବର୍ଷ ବୟସରେ ପ୍ରାଣତ୍ୟାଗ କରିଥିଲେ । ସେ ଯେପରି ଦେଶବତ୍ସଳ ଥିଲେ ସେଇପରି ଭ୍ରାତୃବତ୍ସଳ ମଧ୍ୟ । ଏଇ ଉଦୀୟମାନ ଯୁବକ ଥିଲେ ଅତ୍ୟନ୍ତ ସାହିତ୍ୟାନୁରାଗୀ ଏବଂ କାନ୍ତକବିଙ୍କ ପ୍ରତିଭାର ସମ୍ମୁକ୍ ବିକାଶରେ ସହାୟକ ହେବାଲାଗି ସେ ଗୋପୀନାଥ ପ୍ରେସ ପରିଚାଳନାର ଦାୟିତ୍ୱ କିଛି ପରିମାଣରେ ବହନ କରୁଥିଲେ ।

କମଳାକାନ୍ତଙ୍କ ମୃତ୍ୟୁ ପରେ ଏକ ପ୍ରଚଣ୍ଡତର ବଜ୍ରାଘାତ ହେଲା ଯେତେବେଳେ ୧୯୩୬ରେ ଘଟିଲା ପିତା ଭଗବତପ୍ରସାଦଙ୍କ ମହାପ୍ରୟାଣ ।

ବିଚ୍ଛେଦ ଓ ବିରହର ଏଇ ଘନଘୋର ଅନ୍ଧକାର ଭିତରେ "ଡ଼ଗର" ପତ୍ରିକା ଜନ୍ମଗ୍ରହଣ କଲା ଏବଂ ତାର ଅବ୍ୟବହିତ ପରେ ସୀତାକାନ୍ତ ଇହଧାମ ତ୍ୟାଗ କଲେ । ସେ ଥିଲେ କାନ୍ତକବିଙ୍କ ଅନ୍ୟତମ କନିଷ୍ଠ ଭ୍ରାତା ଏବଂ ଡ଼ଗର ପ୍ରକାଶନ ଲାଗି ତାଙ୍କର ଉତ୍ସାହ ଓ ସହଯୋଗ ଥିଲା ସମସ୍ତଙ୍କଠାରୁ ଅଧିକ । ସେ ପୁଣି ଥିଲେ କାଉନସିଲ୍ ଅବ ଷ୍ଟେଟର ସଦସ୍ୟ ଏବଂ ସେଇ ସୂତ୍ରରେ ସାରା ଓଡ଼ିଶାର ଜଣେ ବିଶିଷ୍ଟ ନାଗରିକ ଓ ମାନ୍ୟଗଣ୍ୟ ବ୍ୟକ୍ତି ।

ଏତିକିରେ ମୃତ୍ୟୁର ସନ୍ତୋଷ ହେଲା ନାହିଁ । ବିଚ୍ଛେଦର କରାଳ ଛବି ଏତିକିରେ ପୂର୍ଣ୍ଣ ହେଲା ନାହିଁ । ସେଇଥିପାଇଁ ହୁଏତ କାନ୍ତକବିଙ୍କ ଜନନୀ ରାଧାମଣି ଦେଵୀ ସଂସାର ଛାଡ଼ି ଚାଲିଗଲେ । ସ୍ୱାମୀ--ସନ୍ତାନ—ବିଚ୍ଛେଦ—କାତର ଏଇ ପୁଣ୍ୟଶୀଳା ରମଣୀ ଜୀବନ ପ୍ରତି ଏକାବେଳକେ ବିତୃଷ୍ଣ ହୋଇ ଉଠିଥିଲେ । ମୃତ୍ୟୁହିଁ ତାଙ୍କ ପାଇଁ ଯେପରିକି ପରମ ଶାନ୍ତିର ଆକର ହୋଇ ଉଠିଥିଲା ।

ଏଇ ରାଧାମଣି ଥିଲେ ଅତ୍ୟନ୍ତ ପଠନରସିକା, ତାଙ୍କର ପ୍ରଗାଢ଼ ସାହିତ୍ୟାନୁରାଗ କାନ୍ତକବିଙ୍କ ଉପରେ ବିଶେଷ ପ୍ରଭାବ ପକାଇଥିଲା । ହିନ୍ଦୀ, ବଙ୍ଗଳା ଓ ଓଡ଼ିଆ ଭାଷାର ନାନା ପୁରାଣ ଓ ସଦ୍‌ଗ୍ରନ୍ଥ ପାଠ କରି ସେ ନିଜର ଚିତ୍ତବିନୋଦନ ଓ ଚେତନାର ବିକାଶ ଘଟାଇବା ସଙ୍ଗେ ସଙ୍ଗେ ନିଜ ପରିବାରକୁ ଧର୍ମ ପଥରେ ପରିଚାଳିତ କରିବାରେ ପ୍ରୟାସୀ ହେଉଥିଲେ ।

ଦୁର୍ଦ୍ଦିନର ଘନଘଟା ଭିତରେ, ବିଚ୍ଛେଦର କରାଳ ତମିସ୍ରା ଭିତରେ 'ଡ଼ଗର'ର ଆବିର୍ଭାବ । ଗୋପୀନାଥ ପ୍ରେସର ପରିଚାଳନାରେ କୌଣସି ତ୍ରୁଟି ନଥିଲେ ମଧ୍ୟ ଏହାର ଆର୍ଥିକ ଅବସ୍ଥା ଆଦୌ ସ୍ୱଚ୍ଛନ୍ଦ ନ ଥିଲା, ସେ ସମୟରେ ସାଧାରଣ ଲୋକଙ୍କର ମୁଦ୍ରଣ ସମ୍ପର୍କରେ ସେପରି ଆଗ୍ରହ କିମ୍ବା କୌତୂହଳ ନ ଥିବାରୁ ପ୍ରେସ୍‌ର ଆୟର ପନ୍ଥା ସେପରି ପ୍ରଶସ୍ତ ନ ଥିଲା । ଆଜି ଯେପରି ପତ୍ରିକା ଇତ୍ୟାଦି ମୁଦ୍ରଣର ବ୍ୟବସ୍ଥା ହେଉଛି ଏବଂ ସାମାନ୍ୟ ଉତ୍ସବଟିଏ ପାଇଁ ନିମନ୍ତ୍ରଣ ପତ୍ର ଏବଂ ସାମାନ୍ୟ ସଭାସମିତି ପାଇଁ ବିଜ୍ଞାପନ ପ୍ରଚାରପତ୍ର ଇତ୍ୟାଦି ମୁଦ୍ରଣର ଆବଶ୍ୟକତା ଅନୁଭବ କରାଯାଉଛି, ସେତେବେଳେ ଅବସ୍ଥା ସେପରି ନଥିଲା । ତେଣୁ 'ଡ଼ଗର'କୁ ଅନେକ ସମୟରେ କ୍ଷତିଗ୍ରସ୍ତ ହେବାକୁ ପଡୁଥିଲା । 'ଡ଼ଗର'ର ପ୍ରକାଶ ସକାଶେ ପାଣ୍ଠି ଆସିବ ବା କୁଆଡୁ ? ସ୍ୱୀୟ ପୁତ୍ରଙ୍କର ବ୍ରତୋପନୟନରେ ଭିକ୍ଷା ମିଳିଥିଲା ଚାଳିଶଟଙ୍କା । ସାନଭଉଣୀ ଜାହ୍ନବୀ ଓ ବିରଜାମଣି ସହାନୁଭୂତିର ସନ୍ତକସ୍ୱରୂପ ଦେଇଥିଲେ ପ୍ରତ୍ୟେକ ଦଶଟଙ୍କା କରି । ଏଇ ଷାଠିଏ ଟଙ୍କାକୁ ସମ୍ବଳ କରି କାନ୍ତକବି ଅଣ୍ଟା ଭିଡ଼ି ବାହାରିଥିଲେ 'ଡ଼ଗର' ପ୍ରକାଶ କରିବାକୁ ।

'ଡ଼ଗର'କୁ କେନ୍ଦ୍ର କରି କାନ୍ତକବି ଓ ତାଙ୍କ ଜ୍ୟେଷ୍ଠପୁତ୍ର ନିତ୍ୟାନନ୍ଦଙ୍କର ନିର୍ଭୀକତା ବିଷୟରେ ସ୍ୱର୍ଗୀୟା ସରଳାଦେବୀ ତାଙ୍କ ଅନବଦ୍ୟ ଶୈଳୀରେ ଏକ ଅବିସ୍ମରଣୀୟ ଘଟଣା ବର୍ଣ୍ଣନା କରି ଯାଇଛନ୍ତି । 'ଡ଼ଗର' ଥିଲା ଅତ୍ୟନ୍ତ ସ୍ପଷ୍ଟବାଦୀ ଓ ନିର୍ଭୀକ । ଅର୍ଥଗୃଧ୍ନୁ ଜମିଦାର ଓ ମହାଜନ ଏବଂ ଅତ୍ୟାଚାରୀ ରାଜାରାଜୁଡ଼ା 'ଡ଼ଗର'ର ସତ୍ୟନିଷ୍ଠ କଟୁ ମନ୍ତବ୍ୟକୁ ଭୟ କରୁଥିଲେ । ଏଇପରି କଟୁ ସମାଲୋଚନାର କବଳରୁ ରକ୍ଷା ପାଇବାଲାଗି ଥରେ ଜଣେ ରାଜା ଏକକାଳୀନ ଛଅହଜାର ଟଙ୍କା ଦେବାର ପ୍ରସ୍ତାବ ଦେଇଥିଲେ ନିତ୍ୟାନନ୍ଦଙ୍କୁ । କିନ୍ତୁ ପିତା ଓ ପୁତ୍ର ଉଭୟେ ଏଇ ପ୍ରସ୍ତାବକୁ ବିନା ଦ୍ୱିଧା ଓ ବିନା କୁଣ୍ଠାରେ ପ୍ରତ୍ୟାଖ୍ୟାନ କରିଥିଲେ । ଅଥଚ ଏଇ ଛଅହଜାର ଟଙ୍କା ହୋଇଥିଲେ 'ଡ଼ଗର'ର ଅବସ୍ଥା ତ ସ୍ୱଚ୍ଛଳ ହୁଅନ୍ତା, ଗୋପୀନାଥ ପ୍ରେସର ଆର୍ଥିକ ଦୁର୍ଗତି ମଧ୍ୟ କିଛି ପରିମାଣରେ ଦୂରୀଭୂତ ହୋଇଥାନ୍ତା । ସରଳାଦେବୀ ଲେଖିଛନ୍ତି 'ଡ଼ଗର'ର ଅଭାବ ଥାଇ ମଧ୍ୟ କାନ୍ତକବି ଲୋଭ ଓ ଅନ୍ୟାୟ କିମ୍ବା

ଦୁର୍ବଳତା ନିକଟରେ ମୁଣ୍ଡ ନଇଁ ନଥିଲେ । ଅଳ୍ପ କ୍ଷୁଦ୍ର କଥାକୁ ସେ ଘୃଣା କରୁଥିଲେ । ଅମୀରଭଳି ତାଙ୍କ ପ୍ରକୃତିର ଗଠନ ଥିଲା ।"

ଆର୍ଥିକଦୃଷ୍ଟିରୁ ଦରିଦ୍ରହେଲେ ମଧ୍ୟ 'ଡଗର'ର ପ୍ରାଣ-ପ୍ରାଚୁର୍ଯ୍ୟ ଥିଲା । ଚିନ୍ତା ଓ ଚେତନାଗତ ନିର୍ଭୀକତାରେ, ଏହା ଥିଲା ଧନାଢ୍ୟ । ସେ ସମୟରେ ରାଜନୈତିକ ପରିସ୍ଥିତିରେ ଯେଉଁ ସବୁ ଦୋଷ, ଦୁର୍ବଳତା, ନୀଚତା ଓ ସ୍ଖଳନ ଥିଲା, ତାକୁ ଏହା ନିର୍ମମଭାବରେ ସମାଲୋଚନା କରୁଥିଲା । ଏହାର 'ବିଲୁଆ ବିଦୁର' ସୃଷ୍ଟି କରିଥିଲା ସମାଲୋଚନାର ସୁସ୍ଥ, ନିର୍ଭୀକ ଓ ନ୍ୟାୟନିଷ୍ଠ ପରମ୍ପରା । ପାଠକମାନଙ୍କୁ ଏଇ ପତ୍ରିକା ଦେଉଥିଲା ହାସ୍ୟରସର ପ୍ରଚୁର ଉପାଦାନ । ପ୍ରଥମରୁହିଁ ନିତ୍ୟାନନ୍ଦ ଏହାର ସମ୍ପାଦକ ଥିଲେ ମଧ୍ୟ କାନ୍ତକବିଙ୍କୁ ସମ୍ପାଦନାର ଦାୟିତ୍ୱ ବହୁ ପରିମାଣରେ ବହନ କରିବାକୁ ପଡୁଥିଲା । ତାଙ୍କର ହାସ୍ୟରସାତ୍ମକ ବହୁ ରଚନା ଏବଂ ଅନେକ ଗଳ୍ପ ଏଥିରେ ପ୍ରକାଶିତ ହୋଇଥିଲା । "ଡଗର" ସକାଶେ ତାଙ୍କୁ ନିୟମିତଭାବରେ ଲେଖିବାକୁ ପଡୁଥିଲା ବୋଲି ତାଙ୍କ ସୃଷ୍ଟିସମ୍ଭାର ମଧ୍ୟ ବିପୁଳକାୟ ହୋଇ ଉଠିଲା । ଶିଶୁସାହିତ୍ୟର ଏକ ନୂଆଅଧ୍ୟାୟ ରଚନାକଲା ଏଇ ପତ୍ରିକା । "ନାଗବଳି ଦଳ" ଗଠନ କରି ଏଇ ପତ୍ରିକା ସରଳ ସାହିତ୍ୟ ଜରିଆରେ ଶିଶୁମହଲରେ ବିପୁଳ ଆନନ୍ଦ ବିତରଣ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ମନକୁ ସାହିତ୍ୟ-ସଚେତନ ଓ ସଂସ୍କୃତି-ସଚେତନ କରି ପାରିଥିଲା । ଅଜାଙ୍କ ନାମରେ ଯେଉଁସବୁ ରସଛଳଛଳ ହାସ୍ୟକେଳି ରଚନା 'ନାଗବଳି' ବିଭାଗରେ ପ୍ରକାଶିତ ହେଉଥିଲା ତାର ଅଧିକାଂଶ ଥିଲା କାନ୍ତକବିଙ୍କ ସୃଷ୍ଟି । ସେଇ ସବୁ ସୃଷ୍ଟି ଶିଶୁଚିତ୍ତରେ ପ୍ରଭାତଆଲୁଅର ତରଙ୍ଗ ଖେଳାଇ ଦେଉଥିଲା ।

କାନ୍ତକବିଙ୍କ ଲେଖନୀ ବହୁପ୍ରସୂ ହୋଇ ଉଠିଥିଲା ଏଇ ସମୟରେ । Parody ଜାତୀୟ ତାଙ୍କର 'ଲଳିକା' ଓ 'ଚଟକ ଚନ୍ଦ୍ରହାସ ଚମ୍ପୂ' ପାଠକ ସମକ୍ଷରେ ଥୋଇଲା ହାସ୍ୟରସର ନୂଆ ଆସ୍ୱାଦ, ନୂଆ ଐଶ୍ୱର୍ଯ୍ୟ ଓ ନୂଆ ସମ୍ଭାବନା । ଓଡ଼ିଆ ସାହିତ୍ୟର ଇତିହାସରେ ହାସ୍ୟରସର ପରମ୍ପରା ବେଶ୍ ପୁରାତନ । ସାରଳା ମହାଭାରତରେ ହାସ୍ୟରସର ପ୍ରଚୁର ନିଦର୍ଶନ ରହିଛି । ବ୍ରଜନାଥ ବଡ଼ଜେନା, ଯଦୁମଣି ଓ ଫକୀରମୋହନ ହାସ୍ୟରସର ଜଣେ ଜଣେ ଅମର ସ୍ରଷ୍ଟା । ତଥାପି ଏ ବିଷୟରେ କାନ୍ତକବିଙ୍କ ବୈଶିଷ୍ଟ୍ୟ ଚମତ୍କପ୍ରଦ । ହସାଇବାରେ କେତେ ଉଦ୍ଭାବନଶକ୍ତି, ଚାତୁରୀ ଓ ବିଚକ୍ଷଣତା ଥାଇପାରେ କାନ୍ତକବିଙ୍କ ସୃଷ୍ଟିରେହିଁ ତାହା ଆବିଷ୍କାର କରାଯାଇ ପାରିବ ।

"ପଞ୍ଚାମୃତ" ଥିଲା ରାଜନୈତିକ କ୍ଷେତ୍ରରେ ଏକ ଅପରୂପ ବ୍ୟଙ୍ଗନାଟିକା । "ନବରାମାୟଣ" ମଧ୍ୟ ସେଇଶ୍ରେଣୀର ଅନ୍ତର୍ଗତ । ଡଗରରେ ଏହା ଧାରାବାହିକ

ଭାବରେ ପ୍ରକାଶିତ ହୋଇ ସେ ସମୟର ରାଜନୀତିର ନାନା ସ୍ଖଳନ ଓ ଦୁରଭିସନ୍ଧିକୁ ପଦାରେ ପକାଇଦେଇଥିଲା ।

ବହିର୍ଜଗତରେ ହାସ୍ୟରସ, ବହିର୍ଜଗତରେ ବ୍ୟଙ୍ଗବିଦ୍ରୂପ ଅଟ୍ଟହାସ୍ୟମାଳା; ଅନ୍ତ-ର୍ଜଗତରେ ଅଶ୍ରୁର ସ୍ୱଚ୍ଛମାଧୁରୀ, ଅନ୍ତର୍ଜଗତରେ ଦୁଃଖ ଓ ବେଦନାର ସୃଷ୍ଟି, ଚନ୍ଦ୍ରାଲି ସୁରଭି କାନ୍ତକବିଙ୍କ ଜୀବନରେ ପ୍ରବାହିତ ଉଚ୍ଛଳ ହାସ୍ୟରସର ଶୁଭ୍ରଫେନିଳ ଗଙ୍ଗାଧାରା । ସେଇ ଗଙ୍ଗାଧାରାର ଅନ୍ତରାଳରେ ପ୍ରବାହିତ ଅଶ୍ରୁ ନୈରାଶ୍ୟ ଓ ହାହାକାରର କରୁଣ ଯମୁନାସ୍ରୋତ । ଏ ଦୁଇଟିର ସଙ୍ଗମ କେବେ ହୋଇଛି କି ନାହିଁ କହିହେବ ନାହିଁ । ହୁଏତ ତାଙ୍କ ବ୍ୟକ୍ତିତ୍ୱର ଗଭୀରତାରେ—ତାଙ୍କ ଅନ୍ତରର ଧ୍ୟାନଲୋକରେ ସେ ସଙ୍ଗମ ହୋଇଥିବ । ସେ ସଙ୍ଗମ କେବଳ ସେ ନିଜେ ଜାଣିଥିବେ କିମ୍ବା ସେବି ଜାଣିନଥିବେ—ଜାଣିଥିବେ କେବଳ ତାଙ୍କ ଜୀବନଦେବତା —ତାଙ୍କ ପ୍ରାଣନାଥ— ତାଙ୍କ ହୃଦୟେଶ୍ୱର । ହୁଏତ ଏହାବି ହୋଇଥିବ ଯେ ଯାହାକୁ ଆମେ ହାସ୍ୟ ବୋଲି କହୁଛେଁ, ସେ ଅଶ୍ରୁ ଓ ହାହାକାରର ଏକ ରୂପ । ସାମୟିକ-ଭାବରେ ତାହା ଫେନିଳ-ପ୍ରକାଶ ହୋଇ ଦେଖାଦିଏ—ପୁଣି କେଉଁଏକ ଗଭୀର ପ୍ରଦେଶରେ ଲୀନ ହୋଇଯାଏ । ବହିର୍ଜଗତ ଓ ଅନ୍ତର୍ଜଗତ କେବଳ ଆପେକ୍ଷିକ ଶବ୍ଦ । ଦୁଃଖକୁ ଭୁଲିବା ପାଇଁ ହାସ୍ୟ, ଅନ୍ୟକୁ ହାସ୍ୟଦ୍ୱାରା ଭୁଲାଇ ନିଜ ଦୁଃଖରେ ନିଜେ ବୁଡ଼ି ରହିବାପାଇଁ ଏହା ଏକ ଚେଷ୍ଟା । ତେଣୁ ଯେଉଁ ସମୟରେ କାନ୍ତକବି "ଚଟକ ଚନ୍ଦ୍ରହାସ ଚମ୍ପୂ" ରଚନା କରିଛନ୍ତି ସେହି ସମୟରେ ମଧ୍ୟ 'ଜୀବନସଙ୍ଗୀତ'ର କେତେକ ସଙ୍ଗୀତ ରଚିତହୋଇଛି ।

"ଜୀବନସଙ୍ଗୀତ", କାନ୍ତକବିଙ୍କ ଜୀବନରେ କୌଣସି ଏକ ନିର୍ଦ୍ଦିଷ୍ଟ ସମୟର ରଚନା ନୁହେଁ । ଏହା ପ୍ରକୃତରେ ତାଙ୍କ ଜୀବନସଙ୍ଗୀତ । ଜୀବନର ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ରଚିତ ଏଇ ସଙ୍ଗୀତଗୁଡ଼ିକରେ ତାଙ୍କ ଅନ୍ତରର ଗଭୀରତମ ସ୍ୱରଟି ଝଂକୃତ ହୋଇଛି—ତାଙ୍କ ପ୍ରାଣର ଗଭୀରତମ ଚେତନା ଏଥିରେ ଅଶ୍ରୁର ନିବିଡ଼ ଲାଳିତ୍ୟ ହୋଇ ଫୁଟି ଉଠିଛି ।

"ଜୀବନସଙ୍ଗୀତ" ସାଧାରଣ ଉପାସନା ସଙ୍ଗୀତ ନୁହେଁ । କିମ୍ବା କୌଣସି ନିର୍ଦ୍ଦିଷ୍ଟ ଦେବଦେବୀଙ୍କ କୀର୍ତ୍ତିଗାଥା ନୁହେଁ । ଜୀବନ ଯେଉଁସ୍ତରରେ ଅଶ୍ରୁରେ ଏକାଗ୍ର, ଏବଂ ଭଗବନ୍ମୁଖୀ ଚେତନାରେ ସମ୍ପୂର୍ଣ୍ଣ ରୂପେ ସଂହତ, ଏହା ସେଇ ସ୍ତରର ସାଙ୍ଗୀତିକ ନୈବେଦ୍ୟ ।

କାନ୍ତକବିଙ୍କର ଅନ୍ୟ ଏକ ରଚନା "ଆରତି ଗ୍ରହଣ" ଜୀବନସଙ୍ଗୀତ ପରି ପ୍ରଖ୍ୟାତ ନହେଲେ ମଧ୍ୟ ଭଗବଚ୍ଚରଣରେ ତାଙ୍କ ପରିପୂର୍ଣ୍ଣ ଆତ୍ମସମର୍ପଣର ଅଶ୍ରୁଳ ଆଲେଖ୍ୟ ଏଥିରେ ସ୍ଥାନ ପାଇଛି । ଚଉତିଶା ଠାଣିରେ ରଚିତ ଏହି କବିତା ଶବ୍ଦ-ଚୟନର ସୌକର୍ଯ୍ୟରେ ଯେପରି ରମଣୀୟ, ଶବ୍ଦାତୀତ ସୂକ୍ଷ୍ମଭାବରେ କମନୀୟ ଆବେଗରେ ସେହିପରି ତରଙ୍ଗାୟିତ ।

କ୍ରମେ କାନ୍ତକବିଙ୍କର ଦୈନ୍ୟ ଓ ସାଂସାରିକ ଯାତନା ପ୍ରଖରତର ହୋଇ ଉଠିଲା । ଅନୁଜ ସୀତାକାନ୍ତଙ୍କ ମୃତ୍ୟୁପରେ ସେ ନିଜକୁ ଅତ୍ୟନ୍ତ ଅସହାୟ ମନେ କରୁଥିଲେ । ସୀତାକାନ୍ତ ବିହାର ଓଡ଼ିଶା କାଉନ୍‌ସିଲର ସଭ୍ୟ ଓ ପରେ କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟରୂପେ ଏବଂ ପରିଶେଷରେ କାଉନ୍‌ସିଲ ଅଫ୍ ଷ୍ଟେଟସ୍‌ର ସଭ୍ୟ ରୂପେ କେବଳ ଯେ ନିଜ ପରିବାର ମର୍ଯ୍ୟାଦା ଓ ଗୌରବ ବୃଦ୍ଧି କରିଥିଲେ ତା' ନୁହେଁ, ଗୃହର ଆର୍ଥିକ ସ୍ୱଚ୍ଛଳତାର ବ୍ୟବସ୍ଥା ମଧ୍ୟ ସେ କରୁଥିଲେ । ନିଜର ବିଧବା ପତ୍ନୀ ଓ ଛନୋଟି ଶିଶୁ ସନ୍ତାନଙ୍କୁ ଛାଡ଼ି ସେ ଯେତେବେଳେ ସ୍ୱର୍ଗାରୋହଣ କଲେ, ଆର୍ଥିକ ଅନାଟନ ଭିତରେ କାନ୍ତକବିଙ୍କୁ ସେମାନଙ୍କ ଭରଣପୋଷଣର ଦାୟିତ୍ୱ ମଧ୍ୟ ବହନ କରିବାକୁ ପଡ଼ିଲା । ତେଣୁ 'ଡ଼ଗର'ର ପୂର୍ଣ୍ଣ ଦାୟିତ୍ୱ ନିତ୍ୟାନନ୍ଦଙ୍କ ସ୍କନ୍ଧରେ ନ୍ୟସ୍ତକରି ୧୯୩୮ରେ ସେ ଗଲେ ନିଜ ଗ୍ରାମକୁ ସ୍ୱୀୟ ସମ୍ପତ୍ତିର ରକ୍ଷଣାବେକ୍ଷଣ ସକାଶେ !

ଗ୍ରାମରେ କିନ୍ତୁ ସେହି ପୁରୁଣା କଳାକନ୍ଦଳ—ସେହି ପୁରୁଣା ଶତ୍ରୁତା ଲାଗି ରହିଥାଏ । କାନ୍ତକବି ଯେତିକି ଉଦାର, କ୍ଷମା—ପ୍ରବଣ, ସହିଷ୍ଣୁ ଓ ସ୍ନେହଶୀଳ ଥିଲେ, ନିଜର ନ୍ୟାୟସଙ୍ଗତ ଅଧିକାର ସମ୍ପର୍କରେ ସେତିକି ସଚେତନ ଥିଲେ । କାହାରି ଅନିଷ୍ଟ କରିବାକୁ କିମ୍ବା କାହାରି ମନରେ କ୍ଳେଶ ବା ଆଘାତ ଦେବାକୁ ସେ ଆଦୌ ପସନ୍ଦ କରୁ ନଥିଲେ । ଅଥଚ ଭୀତି ପ୍ରଦର୍ଶନ କିମ୍ବା ଅନ୍ୟାୟ ପନ୍ଥା ଅବଲମ୍ବନ କରି କେହି ତାଙ୍କ ମର୍ଯ୍ୟାଦାରେ ଆଞ୍ଚ ଆଣିଲେ କିମ୍ବା ତାଙ୍କର ହକ୍ ଦାବୀ ଉପରେ ଚଢ଼ାଉ କଲେ ସେ ପ୍ରବଳଭାବରେ ତାର ପ୍ରତିରୋଧ କରୁଥିଲେ । ତାଙ୍କ ଭାୟାଦମାନେ କିନ୍ତୁ ତାଙ୍କପ୍ରତି ସର୍ବଦା ଅସୂୟାପରାୟଣ ଥିଲେ ଏବଂ ତାଙ୍କର ପ୍ରତିଭା, ଉନ୍ନତ ବ୍ୟକ୍ତିତ୍ୱ, ହୃଦୟବତ୍ତା ଓ ନାନା ମହତ୍ ଗୁଣ ଉପଲବ୍ଧି କରିବାର ମହାନୁଭବତା ସେମାନଙ୍କର ଥିଲେ ହେଲେ ନଥିଲା । ବିପୁଳ ଭୂସମ୍ପତ୍ତିର ଅଧିକାରୀ ହୋଇ ମଧ୍ୟ ବୃହତ୍ ପରିବାରର ଦାୟିତ୍ୱ ବହନ କରୁଥିବା ଯୋଗୁଁ କାନ୍ତକବିଙ୍କୁ ଏକପ୍ରକାର ଦାରିଦ୍ର୍ୟ ଭିତରେହିଁ ଦିନାତିପାତ କରିବାକୁ ପଡ଼ୁଥିଲା ।

ଏହି ପ୍ରକାର ପ୍ରତିକୂଳ ପରିସ୍ଥିତି ଭିତରେ ତାଙ୍କୁ ଆନନ୍ଦ ଦେଉଥିଲା 'ଡଗର', ଏବଂ ତାଙ୍କୁ ଧୈର୍ଯ୍ୟ ସାହାସ ଓ ଆଶ୍ୱାସନା ଦେଉଥିଲା ତାଙ୍କ ସହଧର୍ମିଣୀ ଲବଙ୍ଗଲତାଙ୍କ

ଅପୂର୍ବ ପତିପରାୟଣତା ଓ ଏକନିଷ୍ଠ ସେବା । ଲବଙ୍ଗଲତାଙ୍କ ସମସ୍ତ ମନଯୋଗ ଯେତେଙ୍କ ଥିଲା କାନ୍ତକବିଙ୍କ ଯାତନା ଓ କ୍ଲେଶ ଭୁଲିବାପାଇଁ, ତାଙ୍କ ଅନ୍ତରର ସମସ୍ତ ଦରଦ ଯେପରିକି ଥିଲା ସ୍ୱାମୀଙ୍କ ସନ୍ତାପହରଣ କରିବାପାଇଁ, ତାଙ୍କ ଦେହର ସମସ୍ତ ଶକ୍ତି ଯେପରି କି ଥିଲା ଠିକ୍ ସମୟରେ ଓ ଠିକ୍ ଭାବରେ ପତିଦେବତାଙ୍କ ସେବା ଓ ଶୁଶ୍ରୁଷା କରି ତାଙ୍କୁ ପ୍ରଫୁଲ୍ଲିତ କରିବାପାଇଁ । ଲବଙ୍ଗଲତାଙ୍କ ପତିଭକ୍ତି ବିଷୟରେ ଅନେକଙ୍କି ଉଚ୍ଛ୍ୱସିତ ପ୍ରଶଂସା କରିଯାଇଛନ୍ତି । କାନ୍ତକବିଙ୍କ ବନ୍ଧୁ ଓ ସହପାଠୀ ହରେକୃଷ୍ଣ ସାମନ୍ତ କହୁଛନ୍ତି, "ଲବଙ୍ଗଲତାଙ୍କୁ ପାଇନଥିଲେ ଲକ୍ଷ୍ମୀକାନ୍ତ କାନ୍ତକବି ହୋଇ ପାରି ନଥାନ୍ତେ ବୋଲି ମୋର ମନେହୁଏ । ............ତାହାର (ଲକ୍ଷ୍ମୀକାନ୍ତର) ହୃଦୟ ଶୁଷ୍କ ହୋଇଯାଆନ୍ତା ।" କାନ୍ତକବିଙ୍କ ଅନ୍ୟତମ ଅନ୍ତରଙ୍ଗ ବନ୍ଧୁ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ଲବ୍ଧପ୍ରତିଷ୍ଠ ଓକିଲ ଓ ସାହିତ୍ୟିକ ୰ ଚିନ୍ତାମଣି ଆଚାର୍ଯ୍ୟ ନିତ୍ୟାନନ୍ଦଙ୍କୁ ଲେଖିଥିଲେ, "ଭାଇ ଲକ୍ଷ୍ମୀକାନ୍ତର ରୋଗଯନ୍ତ୍ରଣାର ଉପଶମ କରିଥିଲେ ତୁମର ମା । ସେ ଜଣେ ଆଦର୍ଶ ସ୍ତ୍ରୀ । ଲକ୍ଷ୍ମୀକାନ୍ତର ସେ ଲକ୍ଷ୍ମୀ ଥିଲେ । ତାଙ୍କର ଅଦ୍ଭୁତ ଧୈର୍ଯ୍ୟ, କଷ୍ଟସହିଷ୍ଣୁତା ଓ ଅମ୍ଳାନ ବଦନରେ ସ୍ୱାମୀସେବା ଯେ କୌଣସି ସ୍ତ୍ରୀର ଆଦର୍ଶ ।" ଏହିପରି ଆହୁରି ଅନେକଙ୍କ ଉକ୍ତି ଏଠାରେ ଉଦ୍ଧାର କରାଯାଇ ପାରନ୍ତା ।

ଯେଉଁ 'ଡ଼ଗର' କାନ୍ତକବିଙ୍କ ଯନ୍ତ୍ରଣାଜର୍ଜରିତ ମନରେ ବି ଉତ୍ସାହର ଲହରୀ ଖେଳାଉଥିଲା ତାଙ୍କ ଶୁଷ୍କ ପ୍ରାଣରେ ବି ସ୍ୱପ୍ନର ମେଦୁରତା ସୃଷ୍ଟି କରୁଥିଲା ତାର ଆଦର୍ଶ ଥିଲା Light, Lead and Laughter- -ଆଲୋକ, ନେତୃତ୍ୱ ଓ ହାସ୍ୟ । ସ୍ୱୟଂ କାନ୍ତକବିଙ୍କ ଦ୍ୱାରା ଏଇ ଆଦର୍ଶ ନିର୍ଦ୍ଧାରିତ ହୋଇଥିଲା ଏବଂ ସେ ନିଜେ 'ଡ଼ଗର' ସମ୍ପର୍କରେ ଏଇ ଆଦର୍ଶ ଅନୁସରଣ କରିବା ଲାଗି ଯଥାସମ୍ଭବ ଚେଷ୍ଟା କରୁଥିଲେ । 'ଡଗର' କେବଳ ତାଙ୍କର ସାରସ୍ୱତ ସାଧନାର ଅଙ୍ଗବିଶେଷ ନଥିଲା । ଏହା ଥିଲା ତାଙ୍କର ଦେଶ ଓ ସମାଜସେବାର ପ୍ରଧାନ ଅବଲମ୍ବନ । 'ଡ଼ଗର' ମାଧ୍ୟମରେ ସେ ତାଙ୍କର ଜାତୀୟତାବୋଧ ଓ ସମାଜପ୍ରତି ତାଙ୍କର କର୍ତ୍ତବ୍ୟାକାଂକ୍ଷାକୁ ରୂପ ଦେଇଥିଲେ ।

କାନ୍ତକବି ଗ୍ରାମରେ ଆବସ୍ଥାନ କରୁଥିଲାବେଳେ ସ୍ଥାନୀୟ ଜନସାଧାରଣଙ୍କର ଦୁର୍ଦ୍ଦଶାମୋଚନ ଓ ସମସ୍ୟା ସମାଧାନ କାରଣେ ସାଧ୍ୟାନୁସାରେ ଉଦ୍ୟମ କରିବାଲାଗି କେବେ କୁଣ୍ଠିତ ହେଉନଥିଲେ । ସେସମୟରେ ପୁଲିସ ଓ ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କର ଥିଲା ଦୁର୍ଦ୍ଦଣ୍ଡ ପ୍ରତାପ । ସେମାନେ ନିଜ ନିଜକୁ ଏକଚ୍ଛତ୍ରାଧିପତି ବୋଲି ଭାବୁଥିଲେ ଏବଂ ସେମାନଙ୍କର ଏହି ଦମ୍ଭ, ଅହମିକା ଓ ଆସ୍ଫାଳନର ପରିଣତିସ୍ୱରୂପ ସର୍ବସାଧାରଣଙ୍କୁ ବିଶେଷତଃ ଦରିଦ୍ର ଓ ଅନୁନ୍ନତ ଶ୍ରେଣୀର ଲୋକମାନଙ୍କୁ ନାନା

ଆଗଭର ହୋଇ ବାହାରୁଥିଲେ । କବି ବୋଲି ସେ ସର୍ବଦା କଳ୍ପନା ରାଜ୍ୟର ଊର୍ଦ୍ଧ୍ୱଲୋକରେ ବିଚରଣ କରୁ ନଥିଲେ । ଏଇ ମାଟିର ଦୁନିଆରେ ମାଟିର ମଣିଷ-ଗୁଡ଼ିକ ଖରାଦିନେ ଧୂଳି ଧୂସରିତ ହୋଇ ଏବଂ ବର୍ଷାରେ କାଦୁଅ ବଳବଳି ହୋଇ ମୁଣ୍ଡଝାଳ ତୁଣ୍ଡରେ ମାରି ପେଟ ବିକଣ୍ଠକ ପାଇଁ ଯେପରି ଅଜସ୍ର ପରିଶ୍ରମ କରନ୍ତି, ଏବଂ ନାନା ଦୁଃଖଦୁର୍ବିପାକ ଭିତରେ ନାନା କଷଣ, ଗଞ୍ଜଣ, ଅତ୍ୟା-ଚାର, ଉତ୍ପୀଡନ ସହି ଯେପରି ଡହଳବିକଳ ହୁଅନ୍ତି, ତାହାର ମର୍ମନ୍ତୁଦ ଛବି କାନ୍ତକବିଙ୍କୁ ଅନେକ ସମୟରେ ବ୍ୟଥାତୁର କରୁଥିଲା, ଏବଂ ନିଜର ପଙ୍ଗୁ ଅବସ୍ଥାରେ ବି କେତେବେଳେ ଶକ୍ତି-ସାମର୍ଥ୍ୟ ପ୍ରୟୋଗ କରି କେତେବେଳେ ଅବା ଲେଖନୀ ଚଳାଇ ଏଇ ଦୁର୍ଗତ-ଦଳିତମାନଙ୍କର କ୍ଳେଶ ହରଣକରିବାଲାଗି ସେ ଉଦ୍ୟମ କରୁଥିଲେ ।

ସମାଜ ସଂସ୍କାରର ନାନା ଦିଗପ୍ରତି ମଧ୍ୟ ତାଙ୍କର ଦୃଷ୍ଟି ଥିଲା । ସମାଜରୁ ନାନା ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବା ସକାଶେ, ନାରୀ ଜାଗରଣ ସକାଶେ, କୃଷି ଓ କୁଟୀରଶିଳ୍ପର ବିକାଶ ଓ ପ୍ରସାର ଦ୍ୱାରା ସମାଜର ଅର୍ଥନୈତିକ ଅଭିବୃଦ୍ଧି ସକାଶେ, ଗ୍ରାମର ବାଳକ ବାଳିକାମାନଙ୍କର ନୈତିକ ଉନ୍ନତି ଓ ଶିକ୍ଷାର ବିକାଶ ସକାଶେ ସେ ବହୁ ଗଳ୍ପ, କବିତା, ସଙ୍ଗୀତ ଓ ନାଟିକା ରଚନା କରି ଯାଇଛନ୍ତି ।

ଗାନ୍ଧୀଜିଙ୍କ ନେତୃତ୍ୱରେ କଂଗ୍ରେସ ଯେଉଁ ଗ୍ରାମ ସଙ୍ଗଠନର ବିଭିନ୍ନ କର୍ମପନ୍ଥା ଗ୍ରହଣ କରିଥିଲା ତାର ସାର୍ଥକ ଅନୁସରଣ ଓ ପ୍ରୟୋଗପ୍ରତି କାନ୍ତକବି ସର୍ବଦା ସମର୍ଥନ ଦେଉଥିଲେ । ତାଙ୍କର କନିଷ୍ଠ ଭଗିନୀ କୋକିଳାଙ୍କର ଆନ୍ତରିକତାପୂର୍ଣ୍ଣ ହରିଜନସେବା କଥା ପୂର୍ବରୁ ଉଲ୍ଲେଖ କରାଯାଇଛି । ସୂତାକଟା ଓ ଅନ୍ୟାନ୍ୟ କୁଟୀରଶିଳ୍ପର ପ୍ରଚାର ଓ ପ୍ରସାର ସମ୍ବନ୍ଧରେ କାନ୍ତକବିଙ୍କର ପ୍ରବଳ ଆଗ୍ରହ ଥିଲା । ଦେଶବାସୀଙ୍କୁ ଆହ୍ୱାନ ଦେଇ ସେ କହିଥିଲେ :—

"ଭାଇ ହେ ଏବେ ଅରଟ କାଟ
ଆଉ କିଛି ଭରସା ନାହିଁ—ଅରଟ ଏକା ମୁକତି ବାଟ ।"

ଗ୍ରାମ୍ୟ ବାଳିକାମାନଙ୍କ ପାଇଁ ସେ ଯେଉଁ ସରସ ମଧୁର ସଙ୍ଗୀତସବୁ ରଚନା କରିଥିଲେ ସେଥିରେ ମଧ୍ୟ ରହିଛି ସେଇ ଅରଟ କଥା :—

"କେଁ—କେରଟ କେଁ—କେରଟ
ଘୁମୁ ଘୁମୁ ଘୁମୁ ବୁଲେ ଅରଟ ।

ଅରଟେ କାଟିବ ସୂତା
ଝିଇ ବୁଣାଇବେ ମୋହପାଇଁ ଶାଢ଼ୀ
ତାଙ୍କ ପାଇଁ ଖଦୀ ଓଡ଼ା ।"

ଗାନ୍ଧିଜୀଙ୍କ ପାଇଁ କାନ୍ତକବିଙ୍କ ଅନ୍ତରରେ ଉଚ୍ଛୁଳଥିଲା ବିପୁଳ ଭକ୍ତି ଓ ଅନୁରାଗ । ଗାନ୍ଧିବ୍ୟକ୍ତିତ୍ୱରେ ସେ ଦେବତ୍ୱର ସଞ୍ଚାର ଅନୁଭବ କରିଥିଲେ । ଗାନ୍ଧିମହିମା ସ୍ମରଣ କରି ସେ ଅନ୍ତରରେ ଅପାର ଆନନ୍ଦ ଓ ପ୍ରେରଣା ଲାଭ କରୁଥିଲେ । ତାଙ୍କ ଦୃଷ୍ଟିରେ ଗାନ୍ଧିଜୀ କେବଳ ଜଣେ ବଳିଷ୍ଠ ନେତା ନ ଥିଲେ ସେ ଥିଲେ ଭାରତବର୍ଷର ଭୂତ ଓ ଭବିଷ୍ୟତର ପ୍ରତୀକ । ସେ ଥିଲେ ମାନବଧର୍ମର ମହାନ୍ ଉଦ୍‌ଗାତା ।

"ଭାରତର ଯେତେ ଦୁଃଖ, ଯେତେକ ବେଦନା,
ଯେତେକ ଆକାଂକ୍ଷା, ଆଶା, କର୍ମ ଓ ସାଧନା,
ଯେତେ ଭୂତ ଭବିଷ୍ୟତ, ଯେତେକ ଅତୀତ,
ଠୁଳହୋଇ ତୁମ୍ଭଠାରେ ହେଲା ରୂପାୟିତ ।
× × ×
ମହାନ ମାନବଧର୍ମ ଆଚରି ଆପଣେ
ଶିଖାଇଲ ମାନବର ଆଦର୍ଶ ଜୀବନେ,
ସତ୍ୟର ମହିମା ଆପେ କରିଣ ପରୀକ୍ଷା
ଜଗତଜନକୁ ଦେଲ ସେହି ମନ୍ତ୍ର ଦୀକ୍ଷା ।"

ଗାନ୍ଧିଜୀଙ୍କ ସମ୍ବନ୍ଧରେ ସେ ଆହୁରି ଲେଖିଛନ୍ତି :—

" 'ଗାନ୍ଧି' 'ଗାନ୍ଧି' କହୁଛ କାହାକୁ
କାହାକୁ ଦେଉଛ ଗୋଟାଏ ରୂପ ?
ହାଡ଼ ମାଉଁସରେ ନୁହେଁ ତ ଗଢ଼ା ସେ
ଗାନ୍ଧି ଯେ ଏକ ଅପରୂ ଧୂପ ।
ସଉରଭ ଯାର ମହୁଆଭରି
ଭାରତଟାଯାକ ମୁଗ୍‌ଧ କରିଛି—
ସ୍ନିଗ୍‌ଧ କରିଛି ସାରା ଏ ଧରି ।
× × ×
'ଗାନ୍ଧି' ଯେ ଏକ ଭାବର ଆବହ
ମୂର୍ତ୍ତି ହୋଇଛି ଅମର ରାଗେ

ଝଙ୍କାର ଯାର କୋଟି ମାନବର
ଅନ୍ତରତାରେ ଆପେ ସେ ଜାଗେ
ମରଣକୁ କରେ ଜୀବନ ଦାନ
ଜୀବନ ସନ୍ଧିରୁ ଅଞ୍ଜଳି ଭରି
କରଇ ମୁକ୍ତି-ପୀୟୁଷ ପାନ ।"

୧୯୩୯ରେ ଦ୍ୱିତୀୟ ମହାସମରର ପରିପ୍ରେକ୍ଷୀରେ ସେଇ ଗାନ୍ଧିଜୀ ବ୍ରିଟିଶଶକ୍ତିକୁ ଆହ୍ୱାନ ଦେଲେ—"ଯେଉଁ ଗଣତନ୍ତ୍ରର ସତ୍ତା କାଳେ ଲୋପପାଇଯିବ ବୋଲି ସ୍ୱୈରତନ୍ତ୍ର ଓ ଏକଛତ୍ରାଧିପତ୍ୟର ପ୍ରତିଷ୍ଠାତା ଜର୍ମାନୀ ଓ ଜାପାନ ବିରୁଦ୍ଧରେ ତୁମୁଳ ସମରର ଉତ୍ତାଳ ତରଙ୍ଗ ସୃଷ୍ଟି କରିହୋଇଛୁ, ଭାରତବର୍ଷରେ ସେଇ ଗଣତନ୍ତ୍ର ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା ହେଉ ।" ବ୍ରିଟିଶଶକ୍ତି ତାଙ୍କର ଏଇ ଆକୁଳ ଆହ୍ୱାନରେ କର୍ଣ୍ଣପାତ ନ କରିବାରୁ ତାର ଏଇ ଶଠତା, ଛଳନା ଓ ମିଥ୍ୟାଚାରର ପ୍ରତିବାଦ ସ୍ୱରୂପ ଗାନ୍ଧିଜୀ ବ୍ୟକ୍ତିଗତ ସତ୍ୟାଗ୍ରହର ଆହ୍ୱାନ ଦେଲେ । କାନ୍ତକବିଙ୍କ ଜ୍ୟେଷ୍ଠ ପୁତ୍ର ନିତ୍ୟାନନ୍ଦ ସେଇ ସତ୍ୟାଗ୍ରହରେ ଯୋଗଦେଇ କାରାବରଣ କଲେ । ସାମ୍ରାଜ୍ୟବାଦୀ ବ୍ରିଟିଶଶକ୍ତିର ପ୍ରବଳ ଦାମ୍ଭିକତା ଏଇ ପ୍ରତିବାଦକୁ ହେୟଜ୍ଞାନ କରି ଭାରତୀୟ ଜାତୀୟ ନେତୃତ୍ୱକୁ ଉପେକ୍ଷା କରିବାରୁ ଗାନ୍ଧିଜୀ-ନେତୃତ୍ୱରେ ୧୯୪୨ ମସିହାର ଅଗଷ୍ଟ ବିପ୍ଳବର "କର ବା ମର" ଆହ୍ୱାନ ଆକୁମାରୀହିମାଦ୍ରି ଭାରତଭୂମିକୁ ସ୍ପନ୍ଦିତ ଓ ପ୍ରକମ୍ପିତ କଲା । ଏଥର କାନ୍ତକବିଙ୍କର ଉଭୟ ପୁତ୍ର ନିତ୍ୟାନନ୍ଦ ଓ ଗୌର-ଚନ୍ଦ୍ରଙ୍କୁ କାରାଗାରର ଅତିଥିହେବାକୁ ପଡ଼ିଲା ।

ଏଇ ସମୟର ଗୋଟିଏ ଘଟଣାରୁ କାନ୍ତକବିଙ୍କର ନିର୍ଭୀକତା, ତେଜସ୍ୱିତା ଓ ମହାନୁଭବତାର ଉଜ୍ଜ୍ୱଳ ପରିଚୟ ମିଳେ । ବୈପ୍ଳବିକ ଗଣବିପ୍ଳବ ଯେତେବେଳେ ସମଗ୍ର ଦେଶରେ ଅଭୂତପୂର୍ବ ଉତ୍ତେଜନା ସୃଷ୍ଟି କରିଥାଏ ସେଇ ସମୟରେ ବ୍ରିଟିଶ ଶାସନର ଲୋମହର୍ଷକାରୀ କ୍ରୂର, ନିଷ୍ଠୁର ମୂର୍ତ୍ତି ଦେଖିବାକୁ ମିଳିଲା । ଆନ୍ଦୋଳନକୁ ଦବାଇଦେବାପାଇଁ ସାମ୍ରାଜ୍ୟବାଦୀ ଶକ୍ତି ରକ୍ତପିପାସୁ ହୋଇ ଉଠିଲା । ସାରାଦେଶରେ ବହୁ ସ୍ଥାନରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କୁ ଗୁଳିମାଡ଼ରେ ହତ୍ୟା କରାଗଲା । ଇରମ ଓ ଲୁଣିଆରେ ସ୍ୱାଧୀନତାସଂଗ୍ରାମୀମାନଙ୍କ ଶୋଣିତରେ ମୃତ୍ତିକା ରଞ୍ଜିତ ହେଲା । ଲୁଣିଆରେ ଯେଉଁ ସଭା ହେଉଥିଲାବେଳେ ପୁଲିସ ଗୁଳି ଚଳାଇବାରୁ ନଅଜଣ ଲୋକ ନିହତ ହେଲେ, ନିତ୍ୟାନନ୍ଦଙ୍କୁ ସେଇ ସଭାରେ ଯୋଗଦେବା ସକାଶେ ଆହ୍ୱାନ ଆସିଥିଲା । ନିତ୍ୟାନନ୍ଦ ଘରେ ନାହାନ୍ତି ବୋଲି କହି ତାଙ୍କ ଜନନୀ ଲବଙ୍ଗଲତା ଆହ୍ୱାନକାରୀ କର୍ମୀମାନଙ୍କୁ ବାଟରୁ ଫେରାଇ ଦେଇଥିଲେ । ପରେ ନଅଜଣ

ମୁକ୍ତ ଯୋଦ୍ଧାଙ୍କ ମୃତ୍ୟୁସମ୍ବାଦ ପାଇ ଲବଙ୍ଗଲତା ସ୍ୱାମୀଙ୍କୁ କହିଲେ, "ଦେଖିଲ, ନିତାଇ (ନିତ୍ୟାନନ୍ଦ)କୁ ମୁଁ ଯଦି ଅଟକାଇ ନଥାନ୍ତି ତାହେଲେ ସେ କର୍ମୀମାନଙ୍କ ସାଙ୍ଗରେ ସଭାକୁ ଯାଇଥାନ୍ତା ଏବଂ ନିଶ୍ଚୟ ମରିଥାନ୍ତା ।" କାନ୍ତକବି ଗମ୍ଭୀରଭାବରେ ନିଜ ସ୍ତ୍ରୀଙ୍କୁ କହିଲେ " ଏକଥା କରି ଭଲ କରିନାହିଁ । ନିତାଇ ସଭାକୁ ଯାଇ ଅବସ୍ଥାଦେଖି ବ୍ୟବସ୍ଥା କରିଥିଲେ ହୁଏତ ପୁଲିସ ଗୁଳିକରି ନ ଥାନ୍ତା । ତା'ଛଡ଼ା ଯେଉଁ ନଅଜଣ ମଲେ ସେମାନଙ୍କର ତ ବାପ ମାଆ ଅଛନ୍ତି । ଯଦି ନିତାଇ ଗୁଳି ଖାଇ ମରିଥାନ୍ତା ମୁଁ ଟୋପାଏ ଲୁହ ଗଡ଼ାଇ ନଥାନ୍ତି ।"

ଛ-ସାତ ବର୍ଷ ତଳେ ମୃତ୍ୟୁର ଘୂର୍ଣ୍ଣିଝଡ଼ ବହିଥିଲା କାନ୍ତକବିଙ୍କ ପରିବାରରେ । ଝଡ଼ରେ ବାପାମାଆ ଗଲେ । ଭାଇଭଉଣୀ ମଧ୍ୟ ଗଲେ । ସେହି ଦିନରୁ ଅଭାବ ଅନାଟନର ଘନଘଟା ଭିତରେ ତାଙ୍କ ସାଂସାରିକ ଜୀବନ ଦୁର୍ବହ ହୋଇ-ଉଠିଥିଲା । ବିଷୟସମ୍ପତ୍ତି ସକାଶେ କଳି କନ୍ଦଳ ଓ ବୈରଭାବ ଅଶାନ୍ତିର ନିଆଁ ହୁଳା ଜାଳୁଥାଏ । ଏବେ ଦୁଇ ପୁଅଯାକ ଜେଲଖାନାକୁ ଗଲେ । କିନ୍ତୁ କର୍ତ୍ତବ୍ୟର ଆହ୍ୱାନ ଅତି କଠିନ । ଦାୟିତ୍ୱର ନିର୍ଦ୍ଦେଶ ଅତ୍ୟନ୍ତ ନିର୍ମମ । ତେଣୁ ଗ୍ରାମଗୁଡ଼ି ଭଦ୍ରକରେ ରହି ତାଙ୍କୁ ପ୍ରେସ୍ ଓ ଡ଼ଗର ପତ୍ରିକାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରି-ବାକୁ ପଡ଼ିଲା ।

ଇତିମଧ୍ୟରେ କାନ୍ତକବି ପରମଆନନ୍ଦର କିଛି ନିବିଡ଼ ଅନୁଭୂତି ମଧ୍ୟ କରିଥିଲେ । ସରଳାଦେବୀଙ୍କୁ ସେ ଅତ୍ୟନ୍ତ ସ୍ନେହ କରୁଥିଲେ । ସେତବେଳେ ସରଳାଦେବୀ ଥିଲେ ଉତ୍କଳସାହିତ୍ୟ ସମାଜର ସମ୍ପାଦିକା । ତାଙ୍କର ଉଦ୍ୟମ ଓ ଆୟୋଜନରେ ଉତ୍କଳ-ସମାଜ ତରଫରୁ କାନ୍ତକବିଙ୍କୁ ଶ୍ରଦ୍ଧାସୁରଭିତ ବିପୁଳ ସମ୍ବର୍ଦ୍ଧନା ଦିଆଗଲା । ସାହିତ୍ୟ-ସମାଜ ଗୃହରେ କାନ୍ତକବି ରହିଲେ ସପ୍ତାହକ ପାଇଁ । ନିଜେ ସାହିତ୍ୟ ଯେପରିକି ନିଜର ଅତିଥି ପରିଚର୍ଯ୍ୟା ଦ୍ୱାରା ତାଙ୍କୁ ଆପ୍ୟାୟିତ କଲା । ସେଇ ଅବସରରେ ସେ ଗଲେ ବନ୍ଧୁ ଚନ୍ଦ୍ରମଣି ଆଚାର୍ଯ୍ୟଙ୍କ ଗୃହକୁ ତାଙ୍କ-ଦ୍ୱାରା ଅନୂଦିତ ଶ୍ରୀମଦ୍ଭାଗବତ ଦେଖିବାକୁ ଓ ଭାଗବତତତ୍ତ୍ୱ ଆଲୋଚନା କରିବାକୁ । ଅଳ୍ପକାଳ ପାଇଁ ହେଲେବି ଭାବରାଜ୍ୟର ଅନିର୍ବଚନୀୟମାଧୁରୀ ତାଙ୍କୁ ଅଭିଭୂତ କରି ରଖିଥିଲା ।

—*—

# ଅପରାହ୍ନ ଓ ସନ୍ଧ୍ୟା

କାନ୍ତକବିଙ୍କ ବର୍ତ୍ତମାନ ପ୍ରଧାନତଃ ଭଦ୍ରକରେ । ପ୍ରଖର କର୍ମପ୍ରବାହ ଭିତରେ ସେ ବର୍ତ୍ତମାନ ବୁଡ଼ି ରହିଥାଆନ୍ତି । ଦେଶରେ ସେତେବେଳେ ଗୋଟାଏ ପ୍ରକାର ଶ୍ୱାସରୋଧ ଅବସ୍ଥା ସୃଷ୍ଟି କରୁଥାଏ । ସାରା ଦେଶରେ ନେତୃବୃନ୍ଦ କାରାଗାରର ଅନ୍ତରାଳରେ । ସେମାନଙ୍କର ନିଜନିଜ ମତ ଜ୍ଞାପନ କରିବାର କୌଣସି ସ୍ୱାଧୀନତା ନ ଥାଏ—ଉପାୟ ବି ନ ଥାଏ । ସେମାନଙ୍କ ସମ୍ବନ୍ଧରେ ବ୍ରିଟିଶ ସରକାରଙ୍କ ତରଫରୁ ନାନା ପ୍ରତିକୂଳ ସମାଲୋଚନା ଚାଲିଥାଏ । ନାନା ବକ୍ତୃମନ୍ତବ୍ୟ ପ୍ରକାଶିତ ହେଉଥାଏ । ସେମାନଙ୍କ ଉଦ୍ଦେଶ୍ୟକୁ କଳୁଷିତ କରି ଥୁଆ ହେଉଥାଏ । ସେମାନଙ୍କ ଲକ୍ଷ୍ୟ ଅଭିସନ୍ଧିମୂଳକ ଓ ବିପଜ୍ଜନକ ବୋଲି ଢିଣ୍ଡିମ ପିଟା ହେଉଥାଏ । ଆନ୍ଦୋଳନର ସ୍ରୋତକୁ ଉପରଆଡ଼ୁ ଅତ୍ୟାଚାର ଓ ଉତ୍ପୀଡ଼ନ ଦ୍ୱାରା ରୋଧ କରି ଦିଆହୋଇଥାଏ ବୋଲି ତାହା ଗୋପନୀୟତାର ଆଶ୍ରୟ ନେଇ କେଉଁଠି କେଉଁଠି ହିଂସାତ୍ମକ ହୋଇଉଠୁଥାଏ ଏବଂ ଧ୍ୱଂସମୂଳକ କାର୍ଯ୍ୟକଳାପରେ ଲିପ୍ତ ରହୁଥାଏ । କାନ୍ତକବିଙ୍କର ଅନ୍ତରରେ ଏଇସବୁ ଘଟଣା ପ୍ରବାହ ଅଶାନ୍ତି ସୃଷ୍ଟି କରୁଥାଏ । କେବଳ କର୍ମର ଦ୍ରୁତ ଆବେଗ ଭିତରେ ଲିପ୍ତ ହୋଇ ଏହାକୁ ଭୁଲି ରହିବାକୁ ଚେଷ୍ଟା କରୁଥାନ୍ତି ସେ । ହସିବାର ଓ ହସାଇବାର ଅଦ୍ଭୁତ ଓ ଅପରିମିତ ଶକ୍ତି ନେଇ ଏ ଧରାରେ ଅବତୀର୍ଣ୍ଣ ହୋଇଥିଲେ ସେ । ତେଣୁ ଏଇ ଦୁଃଖ ଓ ନୈରାଶ୍ୟର ଘନଘଟା ଭିତରେ ବି ସେ ହସୁଥାନ୍ତି ଏବଂ ହସାଉଥାନ୍ତି ।

ହାସ୍ୟକର ପରିସ୍ଥିତି ସୃଷ୍ଟି କରିବାର ଅପୂର୍ବ ଦକ୍ଷତା ତାଙ୍କର ଥିଲା । ଯେତେବେଳେ ତାଙ୍କଦ୍ୱାରା ପ୍ରତିଷ୍ଠିତ ଏବଂ ପରିଚାଳିତ 'ଗୋପୀନାଥ ସଙ୍ଗୀତ ସମାଜ' ନାଟକ ପରିବେଷଣ କରୁଥାଏ, ସେଇ ସମୟରେ କୃଷ୍ଣପ୍ରସାଦ ବସୁଙ୍କର ନାଟକଦଳ ମଧ୍ୟ କିଛି ସମୟ ପାଇଁ ଭଦ୍ରକରେ ଅଭିନୟ ଦେଖାଉଥାନ୍ତି । ଉଭୟ ଦଳ ଭିତରେ ଗୋଟିଏ ପ୍ରକାର ପ୍ରତିଯୋଗିତାର ଭାବ କାମ କରୁଥାଏ । ଅଥଚ କାନ୍ତକବିଙ୍କ ସହିତ କୃଷ୍ଣପ୍ରସାଦଙ୍କର ଥାଏ ଅଭେଦ୍ୟପ୍ରୀତିର ସମ୍ପର୍କ—ନିବିଡ଼ ଶ୍ରଦ୍ଧା ଓ ସମବେଦନାର ସମ୍ପର୍କ । "ଗୋପୀନାଥ ସଙ୍ଗୀତ ସମାଜ'ର ସୁରଶିଳ୍ପୀ ମନମୋହନ ସାବତ ଥିଲେ ଟିକିଏ ଅସହିଷ୍ଣୁ ପ୍ରକୃତିର ଲୋକ । ଥଟ୍ଟା ତାମସା ସେତେ ବେଶି ସହିପାରୁ ନ ଥାନ୍ତି ସେ । ଅଥଚ କୃଷ୍ଣପ୍ରସାଦ ବସୁଙ୍କ ନାଟକଦଳର କମେଡ଼ିଆନ୍ ଉଦିନ୍ନାନ୍ନା (ଉଦୟ ନାରାୟଣ ଦାସ) ହାସ୍ୟରସ ସୃଷ୍ଟି କରିବାରେ ଥିଲେ

ବାହାଦୁର । ଶୁଖିଲାକାଠ ନଗାଡ଼ି ସେ ରସରଧାର ବୁହାଇଦେଇ ପାରୁଥିଲେ । ଯେତେବେଳେ ଗପସପ ହସଖୁସୀ ଚାଲିଥାଏ ସେତେବେଳେ ସେ ମନମୋହନଙ୍କୁ ଚିଡ଼ାଇ ଦେଉଥାଆନ୍ତି—ତାଙ୍କୁ ନେଇ ଥଟ୍ଟା ତମାସା କରୁଥାନ୍ତି । ମନମୋହନ ଏ ସବୁକୁ ସହି ନପାରି କ୍ରୋଧରେ ଜର୍ଜରିତ ହେଉଥାନ୍ତି । କାନ୍ତକବି ଉଦ୍ଦ-ସ୍ଥାନ୍ତାଙ୍କୁ ଭିତରିଆ ପ୍ରେରଣାଦେଇ ଆମୋଦ ଲାଭ କରୁଥାନ୍ତି ।

ଆହୁରି ଅତୀତର କଥା । କାନ୍ତକବିଙ୍କ ପ୍ରୀତିଭାଜନ ବନ୍ଧୁ ଗୋବିନ୍ଦ ସୁରଦେଓ ଆସିଥାନ୍ତି ତାଙ୍କ ଗୃହକୁ । କାନ୍ତକବିଙ୍କ ପତ୍ନୀ ଲବଙ୍ଗଲତା ସେତେବେଳେ ଥିଲେ ଟିକେ ଲଜ୍ଜାଶୀଳା । ଅପରିଚିତଙ୍କ କଥା ଦୂରେଥାଉ ବନ୍ଧୁ ବାନ୍ଧବ ଆତ୍ମୀୟ ପରି-ଜନଙ୍କ ଆଗକୁ ସେ କଦାପି ଆସୁନଥାନ୍ତି । ସବୁବେଳେ ସେ ଓଢ଼ଣା ଦେଇ ରହୁ-ଥାନ୍ତି । କାନ୍ତକବିଙ୍କର ଇଚ୍ଛା ଯେ ବନ୍ଧୁ ସୁରଦେଓ ଲବଙ୍ଗଲତାଙ୍କୁ ଅନ୍ତତଃ ଥରେ ଦେଖନ୍ତୁ । ତେଣୁ ସେ ସୁରଦେଓଙ୍କୁ ଗୋଟେ ଘରଭିତରେ ଅପେକ୍ଷା କରିବାକୁ କହି ଲବଙ୍ଗଲତାଙ୍କୁ ଡାକିଲେ —"ଟିକେ ଶୁଣିଗଲ—ଗୋଟେ କଥା ଅଛି ।" ଲବଙ୍ଗ-ଲତା ସ୍ୱାଭାବିକ ଭାବରେ ଭାବିନେଲେ ଯେ ନିଶ୍ଚୟ ଦରକାରୀ କଥା ଅଛି ଯାହାକି ଶାଶୁଙ୍କ ସମ୍ମୁଖରେ କିମ୍ବା ଅନ୍ୟ କାହାରି ଉପସ୍ଥିତିରେ କହିହେବ ନାହିଁ । ତେଣୁ ସେ ବ୍ୟସ୍ତହୋଇ ଓଢ଼ଣା ଇତ୍ୟାଦି ସମ୍ପର୍କରେ ସେପରି ସତର୍କ ନରହି ଯେଉଁ ଘରେ ସୁରଦେଓ ଥିଲେ ତା' ଭିତରକୁ ପଶି ଆସିଲେ । ଅତର୍କିତ ଭାବରେ ସମ୍ମୁଖରେ ସୁରଦେଓଙ୍କୁ ଦେଖିପକାଇ ସେ ଭାରିବ୍ୟସ୍ତ ହୋଇପଡ଼ିଲେ । ତାଙ୍କର ଏ ଅପ୍ରସ୍ତୁତ ଭାବ ଦେଖି କାନ୍ତକବି କରି କରି ହୋଇ ହସୁଥାନ୍ତି ।

ଆଉ ଥରକର କଥା । ତାଙ୍କ କନିଷ୍ଠପୁତ୍ର ଗୌରଚନ୍ଦ୍ରଙ୍କ ପତ୍ନୀ ଅନ୍ତଃସତ୍ତ୍ୱା ଥାନ୍ତି । ସେଇସମୟରେ ଗୌରବଚନ୍ଦ୍ରଙ୍କ ଆଇଶାଶୁଙ୍କ ମୃତ୍ୟୁ-ସମ୍ବାଦ ଆସି ପହଞ୍ଚିଲା । କାନ୍ତକବି ଲବଙ୍ଗଲତାଙ୍କ ସହିତ ସେତେବେଳେ ଥାନ୍ତି କଟକରେ—ଡ଼ଗର ଅଫିସରେ । ତାଳପଦାରୁ ଗୌରଚନ୍ଦ୍ର ନିଜପତ୍ନୀଙ୍କୁ ତାଙ୍କ ପିତ୍ରାଳୟକୁ ପଠାଇବା ବିଷୟରେ ପିତାମାତାଙ୍କର ମତାମତ ଜାଣିବାକୁ ଚାହିଁଥାନ୍ତି । ଲବଙ୍ଗଲତା ଏ ବିଷୟରେ ସମ୍ପୂର୍ଣ୍ଣ ଅନିଚ୍ଛା ପ୍ରକାଶକରି ଗଲେ ଜଣେ ଆତ୍ମୀୟଙ୍କ ଘରକୁ ବୁଲିବାକୁ । ଗଲାବେଳେ କହିଗଲେ "ସମୁଦିଟା ତ ନିହାତି ମୂର୍ଖ ଥିଲା । ତା' ଲୋକଗୁଡ଼ାକ ବି ସେମିତି ମୂର୍ଖ । ନହେଲେ ବହୁର ଏଇଛଣି ଛ'ମାସ ଚାଲିଛି । ସେତିକିବେଳେ ତାକୁ ଏଇ ଅଟଶୁଧିଆ କାମକୁ ନେବାପାଇଁ ଆସିଛନ୍ତି ଏମାନେ ।" କାନ୍ତକବି ଗମ୍ଭୀରତାର ଛଳନା କରି କହିଲେ—"ସତକଥା । ସମୁଦିର ମା'ଟା ନିହାତି ମୂର୍ଖ ଥିଲା । ତା ନହେଲେ ଆଉ କେତୁଟା ମାସ ଅପେକ୍ଷା କରିଥିଲେ ତ ନାତି ଦେଖି ମରିଥାନ୍ତା ।"

ଲବଙ୍ଗଲତାଙ୍କ ଅନୁପସ୍ଥିତିରେ କାନ୍ତକବିଙ୍କ ସମୁଦଘରୁ ଲୋକ ଆସି ପହଞ୍ଚିଲେ । ସେମାନଙ୍କୁ ଦେଖି କାନ୍ତକବି କହିଲେ, "ଭଗବାନ ତୁମକୁ ରକ୍ଷା କରିଛନ୍ତି । ସେ (ଲବଙ୍ଗଲତା) ଥିଲାବେଳେ ଯାହା ତୁମେ ଆସିନାହଁ ।" ତା ପରେ ବହୁତ ଆଳାପ, ଆଲୋଚନା ଓ ପରାମର୍ଶ ହେଲା ପରେ ବହୂକୁ ବାପଘରକୁ ପଠାଇଦେବା କଥା ସାର ହେଲା । ଯେଉଁମାନେ ଆସିଥିଲେ ସେମାନେ କୃତଜ୍ଞତାରେ ଗଦ୍‌ଗଦ୍‌ ହୋଇ ଲେଉଟି ଗଲେ । ତା'ପରେ ଫେରିଲେ ଲବଙ୍ଗଲତା । ସବୁକଥା ଶୁଣିସାରି ସେ କ୍ରୋଧରେ ଏକାବେଳକେ ପାଗଳ ପରି ହୋଇଗଲେ । ସ୍ୱାମୀଙ୍କ ଉପରେ ଚାଲିଲା ବାକ୍ୟବାଣ । ପାଖ ଘରେ ରହି ଫତୁରାନନ୍ଦ ଅତ୍ୟନ୍ତ ଭୀତତ୍ରସ୍ତ ହୋଇପଡୁଥାନ୍ତି । ପରିଣତି ଯେ କ'ଣ ହେବ କିଛି ବୁଝିପାରୁ ନଥାନ୍ତି ।

କିଛି ସମୟପାଇଁ ଗର୍ଜନ ତର୍ଜନ ଚାଲିଲାପରେ ସବୁ ନୀରବ ହୋଇଗଲା । ଫତୁରାନନ୍ଦ ବିସ୍ମିତ ହେଲେ, କଥା କଣ ? କିଆଁରେ ପାଣି ପଡ଼ିଲା କିପରି ? କାନଡେରି ଶୁଣିବାକୁ ଚେଷ୍ଟା କଲେ ସେ । କାନ୍ତକବି ତାଙ୍କ ପତ୍ନୀଙ୍କୁ ଟିକିଏ ହସି କିଅଣ କହୁଥିବାର ଶୁଣାଗଲା । ଆରେ ! ଇମିତି ବି ହୁଏ । ନିମିଷକ ଭିତରେ ଏପରି ପ୍ରବଳ କ୍ରୋଧରୁ ହସ ଉଚ୍ଛୁଳି ଉଠେ ! ଦୁଆର ମୁହଁରେ ଉଙ୍କି ମାରି ଫତୁରା-ନନ୍ଦ ଦେଖିଲେ ଲବଙ୍ଗଲତା କାନ୍ତକବିଙ୍କ ପିଠି ଆଉଁସି ଦେଉଛନ୍ତି । ଫତୁରାନନ୍ଦଙ୍କୁ ଦେଖି କାନ୍ତକବି ହସି ପକାଇ କହିଲେ—"ସେଇ ଶ୍ଳୋକଟା କଣ ତ ? ସେଇ ଯେ "ବହ୍ବାରମ୍ଭେ ଲଘୁକ୍ରିୟା ।"

କାନ୍ତକବି ଥଟ୍ଟା ତାମସା କଲାବେଳେ ଗୁରୁ ଲଘୁ କିଛି ବିଚାରୁନଥାନ୍ତି । ପୁଅ ବନ୍ଧୁ, ଭାଇ ଭଉଣୀ ସମସ୍ତଙ୍କୁ ସେ ସମାନ ଭାବରେ ଠାପରା କରୁଥାନ୍ତି । ତାଙ୍କ କନିଷ୍ଠପୁତ୍ର, ଗୌରଚନ୍ଦ୍ରଙ୍କର ବିବାହ ସମୟର କଥା । ନିତ୍ୟାନନ୍ଦ ସେ ଯାଏ ଅବିବାହିତ ଥାନ୍ତି । ବିବାହ ନ କରିବାକୁ ପ୍ରତିଜ୍ଞାବଦ୍ଧ ଥା'ନ୍ତି ସେ । ଗୌରଚନ୍ଦ୍ର ବସିଥାନ୍ତି ବେଦୀ ଉପରେ । ପୁରୋହିତ ବିବାହମନ୍ତ୍ର ପଢ଼ୁଥାନ୍ତି । କାନ୍ତକବି ନିତ୍ୟାନନ୍ଦଙ୍କୁ ଡ଼ାକି କହିଲେ—'ନିତାଇ, ସେଇ ବେଦୀ ପାଖରେ ବସିପଡ, ତୋ ଉପରେ ବାହାପାଣି ଦି' ଚାରି ଟୋପା ପଡ଼ିଯାଉ । ଅଭିଆଡ଼ ଦୋଷ କଟିଯିବ ।

ଗୋପୀନାଥ ପ୍ରେସ୍‌ରେ ସୋମନାଥ ତ୍ରିପାଠୀ ନାମକ ଜଣେ ବ୍ରାହ୍ମଣ କର୍ମଚାରୀ ଥାନ୍ତି । ତ୍ରିପାଠୀଙ୍କୁ ସମସ୍ତେ 'ପଣ୍ଡିତେ' ବୋଲି ଡ଼ାକୁଥାନ୍ତି । କାନ୍ତକବିଙ୍କ ସହିତ ପଣ୍ଡିତଙ୍କର ଥାଏ ପ୍ରଭୁ-ଭୃତ୍ୟ ସମ୍ପର୍କ । ଦିନେ ପଣ୍ଡିତେ ଜଣେ ଯୁବତୀ ମେହେନ୍ତରାଣୀ ସହିତ କଥାବାର୍ତ୍ତା ହେଉଥାନ୍ତି । ମେହେନ୍ତରାଣୀ ପ୍ରତ୍ୟେହ ପାଇଖାନା ସଫା କରିବାଲାଗି

ଆସୁଥାଏ । ତେଣୁ ତା, ସହିତ କଥାବାର୍ତ୍ତା ହେବାରେ କୌଣସି ଅସ୍ୱାଭାବିକତା ନ ଥାଏ । ପୁଣି ପଣ୍ଡିତଙ୍କର ବୟସ ସେତେବେଳେ ପଚିଶରୁ ଅଧିକ ।

କଥାବାର୍ତ୍ତା ହେଉଁ ହେଉଁ ପଣ୍ଡିତେ ଓ ମେହେନ୍ତରାଣୀ ଟିକେ ହସାହସି ହେଲେ । ଏଇ ହସାହସି ବ୍ୟାପାର ନିଶ୍ଚୟ ନିର୍ଦ୍ଦୋଷ ହୋଇଥିବ । କିନ୍ତୁ କୋଠା ଉପରେ ଥାଇ କାନ୍ତକବି ଏ ସବୁ ଲକ୍ଷ୍ୟ କରିଥାନ୍ତି । ପରେ ପଣ୍ଡିତେ ପ୍ରେସ୍ କାମ ସମ୍ପର୍କରେ ମାଲିକଙ୍କ ସହିତ କୌଣସି ବିଷୟରେ ପରାମର୍ଶ କରିବାକୁ ଯାଇ ପହଞ୍ଚିବାରୁ କୃତ୍ରିମ ଗମ୍ଭୀରତା ଓ ବିରକ୍ତି ଭାବ ଦେଖାଇ କାନ୍ତକବି ରୂଢ଼ ସ୍ୱରରେ କହିଲେ, "କ'ଣ ପଣ୍ଡିତେ ? ଏ ସବୁ କି କଥା ? ତୁମେତ ଭଲ ଲୋକ ନୁହଁ ।" ପଣ୍ଡିତେ ଆଶଙ୍କାରେ ଏକାବେଳକେ ଅବାକ୍ ହୋଇଗଲେ । ନିଶ୍ଚୟ ପ୍ରେସ୍ କାର୍ଯ୍ୟରେ କୌଣସି ଗୁରୁତର ତ୍ରୁଟି ଘଟିଥିବ । କିଛି ସମୟପରେ ଟିକେ ପ୍ରକୃତିସ୍ଥ ହୋଇ ସେ ବ୍ୟସ୍ତଭାବରେ କହିଲେ, "ଆଜ୍ଞା ! କଣ ହୋଇଛି । ମୁଁ ତ କିଛି କରିନାହିଁ ।" କାନ୍ତକବି ସେ ପର୍ଯ୍ୟନ୍ତ ବିରକ୍ତିର ଛଳନା କରୁଥାନ୍ତି । ପୂର୍ବପରି ବିରକ୍ତିର ଭାବ ଦେଖାଇ କହିଲେ, "ତମ ଚାଲିଚଳଣି ଆଦୌ ଭଲ ନୁହଁ ପଣ୍ଡିତେ ।" ଚାଲିଚଳଣି ! ତାହେଲେ ପ୍ରେସ୍ କଥା କିଛି ନୁହେଁ ? ନିଜର କୌଣସି ଅସଙ୍ଗତ ଆଚରଣ କଥା ସ୍ମରଣ କରିବାକୁ ଚେଷ୍ଟା କରୁଥାନ୍ତି ପଣ୍ଡିତେ । ହଠାତ୍ ହସିପକାଇ ଅତି ଲଘୁ ସ୍ୱରରେ କହିଲେ କାନ୍ତକବି, "ସେ ମେହେନ୍ତରାଣୀ ସାଙ୍ଗରେ କ'ଣ ରସାଳାପ ହେଉଥିଲ କି ?" କେଉଁଆଡେ ଗଲା ଗାମ୍ଭୀର୍ଯ୍ୟତା । କେଉଁଆଡ଼େ ଗଲା ପ୍ରଭୁ-ଭୃତ୍ୟ ସମ୍ପର୍କର ଶିଷ୍ଟାଚାର ଓ ସମ୍ଭ୍ରମବୋଧ । ପଣ୍ଡିତେ ଠୋ ଠୋ କରି ହସିବାକୁ ଲାଗିଲେ । ସେ ବୁଝି ଯାଇଥିଲେ ଯେ ତାଙ୍କ ମାଲିକ କେବଳ ତାମସା କରୁଛନ୍ତି ।

କାନ୍ତକବି ମହାପ୍ରସାଦ ସମ୍ପର୍କ କରିଆରେ କେତେଜଣ ଘନିଷ୍ଠ ବନ୍ଧୁଙ୍କୁ ଲବଙ୍ଗଲତାଙ୍କର ଧରମଭାଇ କରାଇଥାନ୍ତି । ଏପରି ସମ୍ପର୍କର ସୁଯୋଗନେଇ ସେ ଅନେକ ସମୟରେ ରସରଙ୍ଗ ହାସ୍ୟପରିହାସରେ ମସଗୁଲ୍ ହୋଇ ଯାଉଥାନ୍ତି ।

ସରଳାଦେବୀଙ୍କ ପ୍ରତି କାନ୍ତକବିଙ୍କର ଥିଲା ଅନ୍ତର ଉଚ୍ଛୁଳା-ସ୍ନେହ ଓ ମମତା । ଏଇ ବିଦୁଷୀ ରମଣୀ ତାଙ୍କର ସ୍ନେହର ଗଭୀରତା ଦେଖି ଅଭିଭୂତ ହୋଇଯାଇଥାନ୍ତି । ତାଙ୍କ ସହିତ କାନ୍ତକବିଙ୍କର କେମିତି ଗୋଟାଏ ଶାଳୀ ସମ୍ପର୍କ ଥାଏ । ସେଇ ସମ୍ପର୍କ ରଙ୍ଗରସ, ଥଟ୍ଟା, ଟାପରାର ପରିସ୍ଥିତି ସୃଷ୍ଟି କରୁଥାଏ । କିନ୍ତୁ ଏଇ ଥଟ୍ଟା-ତାମସାର ଅନ୍ତରାଳରେ ଫଲ୍ଗୁଧାରା ପରି ସ୍ନେହର ସ୍ନିଗ୍ଧ ମାଧୁର୍ଯ୍ୟ ସଞ୍ଚରିତ ହେଉଥାଏ । ସରଳାଦେବୀ ଗଭୀର କୃତଜ୍ଞତା ସହ ତାହା ଅନୁଭବ କରୁଥାନ୍ତି ।

ଥରେ କିନ୍ତୁ ତାଙ୍କ ବିଷୟରେ ଟୀପଣୀକରି କବିତାଟିଏ ଲେଖିଥିଲେ କାନ୍ତକବି ଏବଂ 'ଡ଼ଗର'ରେ ତାହା ପ୍ରକାଶିତ ହୋଇଥିଲା । ସରଳା ଦେବୀ ଏଥିରେ ଆପତ୍ତି କରି ଚିଠି ଲେଖିବାରୁ କାନ୍ତକବି ନିତ୍ୟାନନ୍ଦଙ୍କୁ କହିଲେ, "ତାଙ୍କୁ ପଚାରି ବୁଝ ମୋ ସହିତ ତା ସମ୍ପର୍କ କିପରି ମଧୁର । ସୁତରାଂ ଶାଳୀ ପରିହାସର ଗୀତ ଲେଖିଲି । ମୋର ଦୋଷ କ'ଣ ହେଲା ?" ସରଳା ଦେବୀ ବୁଝି ପାରିଲେ ଯେ ଆପତ୍ତି କରି ଭୁଲ କରିଛନ୍ତି । ଏହା ବ୍ୟଙ୍ଗ ବା ପରିହାସ ନୁହେଁ । ଏ ଯେ ସ୍ନେହ ପୁଷ୍ପର ଚିର ଅମ୍ଳାନ ସୁଗନ୍ଧ ।

ଦେଶରେ ସେତେବେଳେ ନାନା ବିପର୍ଯ୍ୟୟ-ନାନା ସଙ୍କଟ- ନାନା ବିଭ୍ରାଟ । ସେଥି ସକାଶେ କାନ୍ତକବିଙ୍କ ଅନ୍ତରରେ ଘୋର ଯନ୍ତ୍ରଣା ଓ ଦାରୁଣ ଅସ୍ଥିରତା । ରଙ୍ଗରସ, ହାସ୍ୟ ପରିହାସର ଅନ୍ତରାଳରେ ବି ଏକ ଅବୋଧ ନୈରାଶ୍ୟ - କି ଏକ ଅବ୍ୟକ୍ତ ଜ୍ୱାଳା । ମନ ଭିତରେ କେମିତି ଗୋଟାଏ ଶୂନ୍ୟତା ଯେପରିକି ଘୋଟିରହିଛୁ । ତାହାରି ଭିତରେ ୧୯୪୩ରେ 'ଭଦ୍ରକ ସାହିତ୍ୟ ସମାଜ' ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଗଲା । ଉକ୍ତ ସାହିତ୍ୟ ସମାଜର ସମ୍ପାଦକ ଥିଲେ ଉପେନ୍ଦ୍ରନାଥ ପଣ୍ଡା । ସମ୍ବର୍ଦ୍ଧନା ସଭାରେ ସଭାପତିତ୍ୱ କରୁଥିଲେ କାନ୍ତକବିଙ୍କର ଦରଦୀ ବନ୍ଧୁ ଦୀନବତ୍ସଳ ଲକ୍ଷ୍ମୀନାରାୟଣ ସାହୁ । ସେଥିରେ ପୁଣି ଉପସ୍ଥିତ ଥିଲେ ଭଦ୍ରକର ତତ୍କାଳୀନ ଏସ୍. ଡି. ଓ: ଏବଂ ତୁଳସୀ ରାମାୟଣର ଅନୁବାଦକ ଜଗବନ୍ଧୁ ମହାପାତ୍ର ।

ଇତି ମଧ୍ୟରେ ଭଦ୍ରକ କଲେଜ୍ ସ୍ଥାପିତ ହୋଇଥାଏ । ବହୁ ଶ୍ରମ ଓ ସ୍ୱାର୍ଥତ୍ୟାଗର ପୁଞ୍ଜୀଭୂତ ପରିଣତି ଏହି ଭଦ୍ରକ କଲେଜ୍ । ସେତେବେଳେ କଲେଜ୍‌ର ଆକାର ଥାଏ କ୍ଷୁଦ୍ର କିନ୍ତୁ ଏହାର ପଛରେ ନିଷ୍ଠା ଓ ଆନ୍ତରିକତା ଥାଏ ବିପୁଳ । ଏହାର ଗୃହରେ ଆଡ଼ମ୍ବର ନଥାଏ । ଏହାର ପରିବେଶରେ ଆର୍ଥିକ ସ୍ୱଚ୍ଛଳତାର ଉତ୍କଟ ଦୀପ୍ତି ନ ଥାଏ, କିନ୍ତୁ ଏହାର ଆନ୍ତରାଳରେ ଜ୍ଞାନ-ପିପାସାର ଗୋଟାଏ ସୂକ୍ଷ୍ମ ସୁଷମା ତରଙ୍ଗାୟିତ ହେଉଥାଏ । ଅଳ୍ପ ସଂଖ୍ୟକ ଅଧ୍ୟାପକ ଏବଂ ଦୁଇଶହ ଟିକିଏ ଛାତ୍ରଛାତ୍ରୀଙ୍କୁ ନେଇ ଏକ ମଧୁର ସମ୍ପର୍କର ଧୀର ସଂଯତ ଆମୋଦରେ ଏହା ନିମଗ୍ନ ହୋଇ ରହିଥାଏ । କାନ୍ତକବି ତାହାରେ ରହି ମଧ୍ୟ ଏହା ଉପରେ ନଜର ସାହିତ୍ୟ,ସଂସ୍କୃତି ଓ ମନୀଷା-ମଣ୍ଡିତ ବ୍ୟକ୍ତିତ୍ୱର ପ୍ରଭାବ ପକାଇଥାନ୍ତି ।

କାଳ ପ୍ରବାହରେ ଆସିଲା ୧୯୪୭ । ଆସିଲା ସ୍ୱାଧୀନତା । ଏତେଦିନ ଚାଲିଥିଲା ଖୋଜା ଲୋଡ଼ା, ଏବେ ହେଲା ପ୍ରାପ୍ତି । ଏତେଦିନ ଚାଲିଥିଲା ସାଧନା, ଏବେ ହେଲା ସିଦ୍ଧି । କିନ୍ତୁ ସେଇ ସିଦ୍ଧିର ବାସ୍ତବ ରୂପ ଦେଖି ଅନେକ ସମୟରେ ମୋହଭଙ୍ଗ ହୁଏ । ଆଗେ ଆଲୁଅ ନଥିଲା—ଥିଲା ଅନ୍ଧକାର । ଏବେ ଶହ ଶହ ମଶାଲ ଜଳିଲା, କିନ୍ତୁ ଅଧିକାଂଶହିଁ ଅନ୍ଧକାରର ମଶାଲ ।

କାନ୍ତକବି ଥିଲେ ଭବିଷ୍ୟଦ୍ରଷ୍ଟା । ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ଉତ୍ସାହର ହଟ୍ଟଗୋଳ ଅତିକ୍ରମ କରି ତାଙ୍କ ଦୃଷ୍ଟି ବ୍ୟର୍ଥତାର ଏକ ଛାୟା ଦେଖିବାକୁ ପାଇଲା । ଯେପରିକି ଆକାଶରେ ସଂକଟର ଏକ ଛିଣ୍ଣାଣ ପକ୍ଷ ବିସ୍ତାର କରିଛି ଏବଂ ନିମ୍ନ ଭୂଗକୁ ଅନାଇଛି ନିଷ୍ଠୁର ଆଖିରେ । ତେଣୁ ସ୍ୱାଧୀନତା ଲାଭର ସେଇ ଆଡ଼ମ୍ବରରେ ବି ଦେଶର ବହୁ ଆଲୋଚିତ ଓ ବହୁ ଅଭିନନ୍ଦିତ ଉନ୍ନତି ଓ ଅଗ୍ରଗତିର ଯୋଜନାଗୁଡ଼ିକ ସମ୍ବନ୍ଧରେ ସେ ସନ୍ଦେହ ଓ ଆଶଙ୍କା ପ୍ରକାଶ କରିବାକୁ ଲାଗିଲେ ।

କିନ୍ତୁ ମଝିରେ ମଝିରେ ତାଙ୍କ ମନ ଗୋଟାଏ ରହସ୍ୟପୂର୍ଣ୍ଣ ଉଦାସୀନତାରେ ଆଚ୍ଛନ୍ନ ହୋଇ ରହୁଥାଏ । ଯେମିତିକି କୌଣସି ବିଷୟରେ ସେ ବିଚଳିତ ନୁହଁନ୍ତି, କୌଣସି ବିଷୟରେ ସେ ବ୍ୟତିବ୍ୟସ୍ତ ନୁହଁନ୍ତି । ସବୁ ଭଲ ସବୁ ମଙ୍ଗଳମୟଙ୍କର ବିଧାନ । ଏଣେ ସମୟ ଅତିବାହିତ ହେଉଥାଏ ।

୧୯୫୨ ମସିହା ଫେବୃଆରୀ ୨୨ । କାନ୍ତକବି ଅବସ୍ଥାନ କରୁଥାନ୍ତି ସୁନହଟ୍ଟର ଜମିଦାର ସାମନ୍ତ ରାଧାପ୍ରସନ୍ନ ଦାସଙ୍କ ପ୍ରାସାଦରେ । ବ୍ୟାଧି - ପଙ୍ଗୁ ଶରୀର, ପୁଣି ବାର୍ଦ୍ଧକ୍ୟରେ ଶୀର୍ଣ୍ଣ । କିନ୍ତୁ ହୃଦୟରେ ପ୍ରଶାନ୍ତ ଆନନ୍ଦରେ ଲହରୀ ଆନ୍ଦୋଳିତ ହେଉଥାଏ । ମୁଖମଣ୍ଡଳରେ ତାହାରି ସ୍ନିଗ୍ଧ ସୌମ୍ୟ ଆଭା । ତାଙ୍କୁ ପ୍ରଣାମ କରି ନିକଟରେ ଦଣ୍ଡାୟମାନ ହେଲେ ଅଧ୍ୟାପକ ଜାନକୀ ବଲ୍ଲଭ ମହାନ୍ତି । ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ କବିଙ୍କୁ ସମ୍ବର୍ଦ୍ଧିତ କରାଯିବ । ଅଧ୍ୟାପକ ମହାନ୍ତି ଯାଇଥାନ୍ତି କବିଙ୍କୁ ସେଇକଥା ନିବେଦନ କରି ସମ୍ମତି ଭିକ୍ଷା କରିବା ସକାଶେ । ଯୁବକ ଅଧ୍ୟାପକ ମହାନ୍ତି ସାମାନ୍ୟ ସଙ୍କୁଚିତ । ଏକ ଦୀପ୍ତ ପ୍ରତିଭା ଆଗରେ ସ୍ପଷ୍ଟ ନିର୍ଭୀକ ଭାବରେ ନିଜର ଉଦ୍ଦେଶ୍ୟ ଜ୍ଞାପନ କରିବାକୁ ସେ କୁଣ୍ଠାବୋଧ କରୁଥାନ୍ତି । କବି କିନ୍ତୁ ପରମ ଆତ୍ମୀୟତା ସହ ଅଧ୍ୟାପକ ମହାଶୟଙ୍କୁ ଗ୍ରହଣ କଲେ । ସବୁ ସଂକୋଚ - ସବୁ କୁଣ୍ଠା କେତୋଟି ମୁହୂର୍ତ୍ତ ଭିତରେ ଉଭେଇ ଗଲା । ସରଳ, ସାବଲୀଳ ଆଳାପର ଖିଅ କ୍ରମେ କ୍ରମେ ଲମ୍ବି ଚାଲିଲା । କବି ଥିଲେ ଅଧ୍ୟୟନ ରସିକ । କେବଳ ବିଖ୍ୟାତ ପ୍ରତିଷ୍ଠିତ, ବହୁବିଶ୍ରୁତ ଲେଖକଙ୍କର ରଚନା ସମୂହ ସେ ପାଠ କରୁ ନ ଥିଲେ, ନବୀନ ତରୁଣମାନଙ୍କର ଅସ୍ଫୁଟ ପ୍ରତିଭା ସହିତ ମଧ୍ୟ ପରିଚୟ ଚେଷ୍ଟା କରୁଥିଲେ ସେ, ପତ୍ରିକା ଇତ୍ୟାଦିରେ ପ୍ରକାଶିତ ସେମାନଙ୍କର କାବ୍ୟ, କବିତା, ପ୍ରବନ୍ଧ ଇତ୍ୟାଦି ପାଠକରି, ଅଧ୍ୟାପକ ମହାନ୍ତିଙ୍କର ସେଇପରି କେତୋଟି ରଚନା କବି ଇତିପୂର୍ବରୁ ମନଯୋଗସହ ପାଠ କରିଥାନ୍ତି । କଥାବାର୍ତ୍ତା ଚାଲିଥିଲାବେଳେ ସେ ଯେତେବେଳେ ସେଇ ବିଷୟ ଉଲ୍ଲେଖ କଲେ ଅଧ୍ୟାପକ ମହାନ୍ତି ବିସ୍ମୟ ଓ କୃତଜ୍ଞତାରେ ଏକାବେଳେ ଅଭିଭୂତ ହୋଇଗଲେ । ଏକି ପ୍ରତିଷ୍ଠିତ, ପ୍ରଖ୍ୟାତ ପ୍ରତିଭାର ତରୁଣ ଲେଖକ ମାନଙ୍କ ବିଷୟରେ ଏ କି ଆଗ୍ରହ ! ସେମାନଙ୍କ ଉପରେ ଏ କି ବିଶ୍ୱାସ ! ଅତୀତରେ ଏବେକାର ସୁବିଖ୍ୟାତ ଲେଖକ ଶ୍ରୀ ମନୋଜ ଦାସଙ୍କ ସଂପର୍କରେ ମଧ୍ୟ ସେଇପରି ଏକ ବିସ୍ମୟ-ମଧୁର ଘଟନା ଘଟିଥିଲା ।

ସେତେବେଳେ ବାଲେଶ୍ୱରରୁ 'ଦିଗନ୍ତ' ପତ୍ରିକା ପ୍ରକାଶ ସକାଶେ ପଦକ୍ଷେପ ନିଆଯାଉଥାଏ । ଉଦ୍ୟୋକ୍ତା ଶ୍ରୀ ଦାସ ତାଙ୍କର ପ୍ରଚେଷ୍ଟାର ଭିତ୍ତି ପ୍ରସ୍ତର ରୂପେ କାନ୍ତ-କବିଙ୍କର ପ୍ରେରଣା ଓ ଆଶୀର୍ବାଦ ସଂଗ୍ରହ ସକାଶେ ଯାଇ ପହଞ୍ଚିଲେ ତାଳପଦାରେ । ମନୋଜବାବୁଙ୍କୁ ଦେଖିପକାଇ କାନ୍ତକବି ଏକାବେଳେକେ ଉଲ୍ଲସିତ ହୋଇ ଉଠିଲେ । ଭାବ-ଗଦ୍‌ଗଦ କଣ୍ଠରେ କହିଲେ, "ତୁମେ ତ ପିଲାଟିଏ ! କିନ୍ତୁ 'ଶତାବ୍ଦୀର ଆର୍ତ୍ତନାଦ' ପରି ପୁସ୍ତକ ଲେଖିଛ ! ଏଇ ପିଲାଦିନରୁ ଏତେ ଗୁରୁତର କଥା ଭାବୁଛ ।" ତରୁଣ ଲେଖକଙ୍କ ଉପରେ ଏଭଳି ଆସ୍ଥାସ୍ଥାପନ ପ୍ରତିଷ୍ଠିତ ଲେଖକମାନଙ୍କ ମଧ୍ୟରୁ ଅନେକଙ୍କଠାରେ ପ୍ରାୟ ଦୁର୍ଲଭ କହିଲେ ଚଳେ ।

ଅତୀତରେ ଶ୍ରୀ ମନୋଜ ଦାସଙ୍କୁ କବିଙ୍କର ଏଇ ବୈଶିଷ୍ଟ୍ୟ ଯେପରି ବିସ୍ମିତ କରିଥିଲା, ଅଧ୍ୟାପକ ମହାନ୍ତିଙ୍କ ମନରେ ମଧ୍ୟ ସେଇପରି ଚମକ ଓ ପୁଲକ ସୃଷ୍ଟି କଲା ତାଙ୍କ ରଚନା ବିଷୟରେ କବିଙ୍କ ସ୍ନେହ ସରସ-ଆଗ୍ରହ ।

କଥାବାର୍ତ୍ତା ପରେ ଅଧ୍ୟାପକ ଜାନକୀବଲ୍ଲଭ ସ୍ୱୀୟ ଆବାସକୁ ଫେରିଲେ ଉତ୍ସାହ-ଉଦ୍ଦୀପ୍ତ ଅନ୍ତରରେ । କବି ସ୍ୱୀୟ ସଂବର୍ଦ୍ଧନା ସଭାରେ ଆସୀନ ହେବାଲାଗି ସମ୍ମତି ଦେଲେ କିନ୍ତୁ କୁଣ୍ଠା ଓ ଦ୍ୱିଧାର ସହିତ । ଅଧ୍ୟାପକଙ୍କୁ ଆଳାପ ଆଲୋଚନାରେ ଆପ୍ୟାୟିତ କରିବାରେ ସେ ଥିଲେ ଯେତିକି ଉଦାର, ନିଜେ ସଂବର୍ଦ୍ଧିତ ହେବା ସକାଶେ ସମ୍ମତି ଦେବାରେ ସେ ଥିଲେ ସେତିକି କୁଣ୍ଠିତ । ସେ ହୁଏତ ଭାବୁଥିଲେ ଯେ ଯେଉଁ ଫକୀରମୋହନ ଥିଲେ ସୃଜନକ୍ଷେତ୍ରରେ ତାଙ୍କର ଅନ୍ୟତମ ଗୁରୁ, ତାଙ୍କରି ନାମରେ ନାମିତ ପରିଷଦ ତରଫରୁ ପ୍ରଦତ୍ତ ସମ୍ବର୍ଦ୍ଧନାରେ ଭୂଷିତ ହେବାଟା ତାଙ୍କ ପକ୍ଷରେ ଗୋଟିଏ ଅପରାଧ ହୋଇଯିବ; କିମ୍ବା ହୁଏତ ଭାବୁଥିଲେ ଯେ ଫକୀର ମୋହନ ଯେଉଁ ବିମଳ ହାସ୍ୟରସର ସ୍ରୋତ ସୃଷ୍ଟି କରିଥିଲେ ତାଙ୍କର ଉତ୍ତରସୂରୀ ରୂପେ ସେଇ ସ୍ରୋତକୁ ସେ ଠିକ୍ ବାଟରେ ପ୍ରବାହିତ କରି ଦେଇ ପାରିଛନ୍ତି ତ ।

୨୪ ତାରିଖରେ କାନ୍ତକବିଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେଲା ଷ୍ଟୁଆର୍ଟ କଲେଜ ହଲ୍‌ରେ । ଅଭିନନ୍ଦନର ଉତ୍ତର ଦେବାକୁ ଯାଇ କବି କହିଲେ ସେ ଯୁଗର ସାହିତ୍ୟ ସମ୍ବନ୍ଧରେ ଅତି ଉପାଦେୟ କେତେ ଗୁଡ଼ିଏ ଜ୍ଞାତବ୍ୟ କଥା । ସେ କହିଲେ ଫକୀରମୋହନଙ୍କ କଥା—ଗୋପବନ୍ଧୁ ଓ ବ୍ରଜସୁନ୍ଦର ଦାସଙ୍କ କଥା; ସଂବାଦ ବାହିକା, ମୁକୁର, ଉତ୍କଳ ସାହିତ୍ୟ ପତ୍ରିକା କଥା; ସ୍ୱରଚିତ ଗଳ୍ପ 'ପ୍ରତିଶୋଧ' ଓ ଫକୀରମୋହନଙ୍କ ଅମର କୃତି 'ରେବତୀ' ଗଳ୍ପକଥା ଏବଂ ଆହୁରି ଅନେକ ଉଲ୍ଲେଖନୀୟ ବିଷୟ । ପ୍ରସଙ୍ଗକ୍ରମେ ସେ ରବୀନ୍ଦ୍ରନାଥଙ୍କ ପ୍ରତିଭା ସମ୍ବନ୍ଧରେ ମଧ୍ୟ ସଂକ୍ଷିପ୍ତ ଅଥଚ ରସାଳ ଆଲୋଚନା ଉପସ୍ଥାପନ କଲେ ।

ଉଲ୍ଲେଖନୀୟ ବିଷୟ । ପ୍ରସଙ୍ଗ କ୍ରମେ ସେ ରବୀନ୍ଦ୍ରନାଥଙ୍କ ପ୍ରତିଭା ସମ୍ବନ୍ଧରେ ମଧ୍ୟ ସଂକ୍ଷିପ୍ତ ଅଥଚ ରସାଳ ଆଲୋଚନା ଉପସ୍ଥାପନ କଲେ ।

କବି ବକ୍ତୃତା ଦେଲାବେଳେ ସହଜ, ସ୍ୱଚ୍ଛ ସାବଲୀଳ ଭଙ୍ଗୀରେ କହୁଥାନ୍ତି । ପ୍ରତ୍ୟେକ ଶବ୍ଦରେ ଥାଏ ଆତ୍ମୀୟତାର ସ୍ପର୍ଶ, ସୌଜନ୍ୟର ମଧୁର ଆବେଶ । ତାଙ୍କ ବକ୍ତୃତାରେ ବାଗ୍ମିତାର ଆଡ଼ମ୍ବର ରହୁ ନ ଥାଏ—ଉଦ୍‌ବୋଧନରେ ଓଜସ୍ୱୀ ବାଗ୍‌ଭଙ୍ଗୀ ରହୁନଥାଏ । ରହୁଥାଏ ଆତ୍ମୀୟତାର କୋମଳ ଲାଳିତ୍ୟ । ବନ୍ଧୁତାର ସହଜ ଚିତ୍ତାକର୍ଷକତା । ସଭାର ପ୍ରତ୍ୟେକଟି ବ୍ୟକ୍ତି ତାଙ୍କ ବକ୍ତୃତା ଭିତରେ ତାଙ୍କର ନୈକଟ୍ୟ, ତାଙ୍କ ସାନ୍ନିଧ୍ୟ ଅନୁଭବ କରି ପାରୁଥାନ୍ତି । ବୈଠକୀ କଥାବାର୍ତ୍ତାର ଠାଣି, ବନ୍ଧୁତାପୂର୍ଣ୍ଣ ଆଳାପ ଆଲୋଚନାର ଅକୃତ୍ରିମ ଶୈଳୀ ଫୁଟି ଉଠିଥାଏ ତାଙ୍କ କଥା ଗୁଡ଼ିକରେ । ଅତୀତରେ ଏବଂ ସ୍ଥାପରେ ଯେତେଥର ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି ପ୍ରତିଥର ସେ ତାଙ୍କ ସମ୍ବର୍ଦ୍ଧନାର ଉତ୍ତର ଦେବାକୁଯାଇ ଏହି ଠାଣି, ଏହି ଶୈଳୀ ଅବଲମ୍ବନ କରିଛନ୍ତି । ତାଙ୍କ ବକ୍ତୃତା ଶୁଣିଲେ ମନେ ହେଉଥାଏ ସେ ଯେପରି ସାଧାରଣ ଭାବରେ ସମସ୍ତଙ୍କୁ ନ କହି ବିଶେଷ ଭାବରେ ପ୍ରତ୍ୟେକଙ୍କୁ ନିଜର କଥା ଗୁଡ଼ିକ କହୁଛନ୍ତି । ବକ୍ତୃତାର ଗୋଟାଏ ପ୍ରକାର ଆଡ଼ମ୍ବର ଥାଏ ଯାହା ବକ୍ତା ଓ ଶ୍ରୋତାଙ୍କ ମଧ୍ୟରେ ଏକ ବ୍ୟବଧାନ ସୃଷ୍ଟି କରେ । ତାଙ୍କ ବକ୍ତୃତାରେ ସେଇ ଆଡ଼ମ୍ବର ରହୁନଥିଲା ।

ଏହି ସମ୍ବର୍ଦ୍ଧନା ପରେ ତାଙ୍କ ଆୟୁକାଳ କ୍ରମେ କ୍ଷୀଣ ହୋଇ ଆସିଲା । ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ୨୪।୨।୫୧ ରେ । ଠିକ୍ ଦୁଇବର୍ଷ କାଳ ପରେ ୨୪।୨।୫୩ରେ ହେଲା କବିଙ୍କର ମହାପ୍ରୟାଣ ।

ଦୀପ ନିଭି ଆସୁଛି । କିନ୍ତୁ ଶିଖା ମ୍ଳାନ ହେଉନାହିଁ-ବରଂ ଉଜ୍ଜ୍ୱଳ ହେଉଛି । କବିଙ୍କର ଚରିତ୍ରର କେତୋଟି ବୈଶିଷ୍ଟ୍ୟ, ତାଙ୍କ ବ୍ୟକ୍ତିତ୍ୱର କେତୋଟି ସ୍ୱାତନ୍ତ୍ର୍ୟ ସ୍ପଷ୍ଟତର ହୋଇ ଉଠୁଛି । ତାଙ୍କ ମନରେ ସାରସ୍ୱତ ଚେତନାର ଦୀପ୍ତି ଫୁଟିଉଠୁଛି ନିର୍ମଳ ଆବେଶରେ । ନିଜ ଜୀବନକୁ ସେ ଭୋଗ ବିଳାସର କେଳିଗୃହ ନକରି ସ୍ୱାର୍ଥ ସାଧନର ଯନ୍ତ୍ର ନକରି ସାଧନାର ପୀଠ କରି ତୋଳିଥିଲେ । ଜୀବନର ଶେଷ ଭାଗରେ ସେଇ ସାଧନାର ସ୍ୱର ଥିଲା ସ୍ପଷ୍ଟ ଓ ଉଦାର । ସାଂସ୍କୃତିକ ଉତ୍ସବରେ ସେ ଯେଉଁ ଭାଷଣ ଦେଉଥିଲେ, ସାହିତ୍ୟ ସଭାରେ ସେ ଯେଉଁ ମନ୍ତବ୍ୟ ପ୍ରଦାନ କରୁଥିଲେ ସେଥିରୁ ତାଙ୍କ ଶୁଦ୍ଧ ଅନୁଭୂତି ଓ ଶୁଦ୍ଧ ରସସ୍ୱାଦର ସ୍ପଷ୍ଟ ପରିଚୟ ମିଳୁଥିଲା । ବ୍ୟକ୍ତିଗତ ଜୀବନର ରୁଚି ଆଚରଣ ଓ ଅଭ୍ୟାସରେ ମଧ୍ୟ ତାଙ୍କର ସ୍ୱାତନ୍ତ୍ର୍ୟ, ତାଙ୍କର ମହନୀୟ ବୈଶିଷ୍ଟ୍ୟ ଉଜ୍ଜ୍ୱଳ ହୋଇ ଉଠୁଥିଲା । ଭଦ୍ରକ ମହାବିଦ୍ୟାଳୟର ୧୯୫୨ ମସିହାର ସାଂସ୍କୃତିକ ସପ୍ତାହର ମଙ୍ଗଳାଚରଣ କରିବାକୁ ଯାଇ ସେ କହିଥିଲେ "ଶିକ୍ଷା ଓ ସଂସ୍କୃତି ପରସ୍ପରର ସହାୟକ

ତଥା ପରିପୋଷକ ହେଲେ ମଧ୍ୟ ଏ ଉଭୟ ଏକ ନୁହଁନ୍ତି । ଜଣେ ଉଚ୍ଚଶିକ୍ଷା ନପାଇ ମଧ୍ୟ ସତ୍‌କର୍ମ, ସତ୍‌ଚିନ୍ତା ଓ ସତ୍‌ସଙ୍ଗଦ୍ୱାରା ସୁସଂସ୍କୃତ ବ୍ୟକ୍ତି ହୋଇ ପାରନ୍ତି । ସେଇପରି ଜଣେ ତଥାକଥିତ ଶିକ୍ଷିତ ବ୍ୟକ୍ତି ମଧ୍ୟ ସଂସ୍କୃତିରେ ଦରିଦ୍ର ହୋଇ ପାରନ୍ତି ”

ସଂସ୍କୃତି ସମ୍ପର୍କୀୟ ଏଇ ଉକ୍ତିରେ ରହିଛି ତାଂକର ମନୀଷାର ସ୍ୱାକ୍ଷର । କିଛିମାସ ପୂର୍ବେ ନିଖିଳଉତ୍କଳ ମାଧ୍ୟମିକ ଶିକ୍ଷକ-ସଂଘର ଭଦ୍ରକ ଅଧିବେଶନର ଉଦ୍‌ଘାଟନ କରିବାକୁ ଯାଇ ସେ ଯାହା କହିଥିଲେ, ସେଥିରେ ଥିଲା ନିର୍ଭୀକ ମମତା ତଥା ଶୁଦ୍ଧ ବ୍ୟଙ୍ଗର ସ୍ୱାକ୍ଷର । ଉଦ୍‌ଘାଟନ ଭାଷଣରେ ସେ କହିଥିଲେ “ପୁଲିସ୍, ସପ୍ଲାଇ, ଶାସନ ଆଦି ବିଭାଗ ସରକାରଙ୍କର ପ୍ରିୟାଧିକାରୀ ପୁତ୍ର; ସ୍ୱାସ୍ଥ୍ୟ ଆଦି କେତେଗୁଡିଏ ପୋଷ୍ୟପୁତ୍ର; ଶିକ୍ଷା ହେଉଛି ସରକାରଙ୍କର ଘର-ଖୋଲମିଆ ପୋଇଲି ପୁଅ । ଏ ଅବସ୍ଥା, ଏ ବ୍ୟବହାର, ଏ ଅସମ୍ମାନ ଆପଣମାନଙ୍କ ଭଳି ଉଚ୍ଚଶିକ୍ଷିତ ଲୋକେ ସହି ପାରୁନାହାନ୍ତି । ପ୍ରାଣକୁ ବାଧୁଛି । ବାଧିବାର କଥା ମଧ୍ୟ । ସେଥିପାଇଁ ଆପଣଙ୍କ ଭିତରେ ଅନ୍ତରାତ୍ମା ବିଦ୍ରୋହ କରି ଉଠୁଛି ।”

କିନ୍ତୁ ଏ ସବୁ ବକ୍ତୃତାରେ ବାଗ୍ମିତାର ଛଟାଠାରୁ ପ୍ରାଣର ଚିନ୍ମୟସ୍ପର୍ଶ ରହୁଥିଲା ବେଶୀ—ଅନ୍ତରର କୋମଳ ଗଭୀର ଅନୁଭୂତିର ନିର୍ମଳ ଆବେଗ ରହୁଥିଲା ବେଶୀ ।

ବହୁବର୍ଷ ପୂର୍ବେ ଉତ୍କଳ ସାହିତ୍ୟ ସମାଜର ଏକ ଅଧିବେଶନରେ କବି ଯେଉଁ ଭାଷଣ ଦେଇଥିଲେ ସେଇ ଭାଷଣ ସମ୍ବନ୍ଧରେ ସାହିତ୍ୟ ସମାଜର ତତ୍‌କାଳୀନ ସମ୍ପାଦିକା ସରଳା ଦେବୀଙ୍କର ଉକ୍ତି ଏଠାରେ ଉଦ୍ଧାର କରାଯାଇପାରେ । ସରଳାଦେବୀ କହିଥିଲେ “ଉତ୍କଳର ବହୁସାହିତ୍ୟିକ ତାଙ୍କ ଭାଷଣ ଶୁଣିବାକୁ ଆସିଥିଲେ । ମାତ୍ର ସେଇ ଅଧିବେଶନରେ ସେ ଲିଖିତ ଭାଷଣ ଦେଇ ନଥିଲେ । ସାହିତ୍ୟ ସମ୍ବନ୍ଧରେ ତାଙ୍କର ସବୁକଥା ସେ ବସି ବସି ବ୍ୟକ୍ତ କଲେ । ·······ତାଙ୍କର କଥା ବଡ ଧୀର—ମନ୍ଥର ତାର ଗତି, କିନ୍ତୁ ମର୍ମଭେଦୀ, ସରଳ, ନିରାଡମ୍ବର, ସହଜବୋଧ୍ୟ ଥିଲା ।”

ଏଇ ସମୟରେ ସେ ଥରେ କଟକ ଯାତ୍ରା କଲେ ଏବଂ କିଛିଦିନ ସକାଶେ ସେ ଉଗର ଅଫିସ୍‌ରେ ଅବସ୍ଥାନ କଲେ । କଟକ ତାଙ୍କର ଜନ୍ମସ୍ଥାନ, ପୁଣି କଟକରେ ହିଁ ଘଟିଥିଲା ତାଙ୍କ କବିତ୍ୱର ଆବିଷ୍କରଣ ଏବଂ ସେ ସମୟରେ ସାରସ୍ୱତ ଉତ୍କଳର ନାନା ରସ ବୈଚିତ୍ର୍ୟର ଅପୂର୍ବ ସମାବେଶ ସହିତ ତାଙ୍କର ପ୍ରଥମ ପରିଚୟ-ପ୍ରତିଷ୍ଠା । ଏଇ କଟକରେ ହିଁ ତାଙ୍କର ‘ସାଲନ୍ଦୀ’ ଶୀର୍ଷକ କବିତା ପାଠ କରି ତାଙ୍କର ମୁକୁଳିତ କବିତ୍ୱକୁ ଗୋପବନ୍ଧୁ ଦେଇଥିଲେ ସ୍ନେହସରସ ଅଭିନନ୍ଦନ ଏବଂ ମୁକୁରରେ ପ୍ରକାଶିତ ତାଙ୍କର “ମାଆ ମାଆ ସେ ଦେଶକୁ ଯିବ ନାହିଁ ମୁହିଁ” କବିତାଟି ପାଠ କରି ଉତ୍କଳ ସାହିତ୍ୟର ମନସ୍ୱୀସ୍ଥାନ ସଂପାଦକ ବିଶ୍ୱନାଥ କର ସ୍ୱତଃପ୍ରବୃତ୍ତ ଭାବରେ ତାଙ୍କ ସହିତ ଆଳାପ

କରିଥିଲେ । କଟକର ମାଟି ଗୋଡ଼ି, ପାଣି ପବନ ସହିତ ତାଙ୍କର ଥିଲା ଅତି ନିବିଡ଼ ପ୍ରେମର ସମ୍ପର୍କ ।

ସେଇ କଟକଠାରୁ ଶେଷ ବିଦାୟ ପାଇଁ ବୋଧହୁଏ ଏଇ ଯାତ୍ରାର ଆୟୋଜନ ।

କଟକରେ ଅବସ୍ଥାନ କରୁଥିବା ସମୟରେ ବନ୍ଧୁମାନଙ୍କର-ବିଶେଷତଃ ଫତୁରାନନ୍ଦ-ଙ୍କର ସନିର୍ବନ୍ଧ ଅନୁରୋଧରେ ସେ ତାଙ୍କର ଅପୂର୍ଣ୍ଣ ଉପନ୍ୟାସ 'କଣାମାମୁଁ'କୁ ସମ୍ପୂର୍ଣ୍ଣ କରିବାକୁ ଲାଗି ପଡ଼ିଲେ ।

ଉପନ୍ୟାସ ରଚନା କରୁଥିବା ସମୟରେ ଫତୁରାନନ୍ଦଙ୍କର ଏଥିପ୍ରତି ପ୍ରବଳ ଆଗ୍ରହ ଲକ୍ଷ୍ୟ କରି ସେ ପଚାରିଲେ, "ତୁମେ କଆଁ ଏ ଖଣ୍ଡିକ ଶେଷ କରିବା ବିଷୟରେ ଏତେ ଜିଗର ଲଗାଇଛ ?"

ଫତୁରାନନ୍ଦ କହିଲେ, "ଏଇ ଉପନ୍ୟାସର ଯଥେଷ୍ଟ ପ୍ରଶଂସା ହେବ । ଏବେ ନ ହେଲେ ବି ଆପଣଙ୍କ ମୃତ୍ୟୁପରେ ନିଶ୍ଚୟ ହେବ ।" ତାପରେ ନିଜେ କଣ କହୁଛନ୍ତି ଭଲ ଭାବରେ ଅଟକଳ ନ କରି ସେ କହି ପକାଇଲେ—"ଆପଣ ବଳେ ଦେଖିବେନି କି ।"

ହାସ୍ୟରସର ସ୍ୱତଃସ୍ଫୁର୍ତ୍ତି ଉତ୍ସ କାନ୍ତକବି ବେଶ୍ ଗମ୍ଭୀର ଭାବରେ ହଁ ଉତ୍ତର ଦେଲେ, "ହଉ, ମଲାପରେ ଦେଖିବା ।"

ଉପନ୍ୟାସ ରଚନା କରୁଆନ୍ତି କାନ୍ତକବି, ଆଉ ସ୍ମୃତି ପଟରେ ଚର୍ବିତ ହେଉଥାଏ ଭଦ୍ରକ, ବାଲେଶ୍ୱର ଓ ତାଳପଦାର ନାନା ବିଚିତ୍ର ଛବି । ଉପନ୍ୟାସର କଥାବସ୍ତୁ ଭିତରେ ସେଇସବୁ ଛବି ଗ୍ରଥିତ ହୋଇ ରହିଯାଉଥାଏ ।

ତାଙ୍କର ଏଇ କଟକ ଅବସ୍ଥାନର ଚିତ୍ରଟିଏ ଆଙ୍କିଛନ୍ତି ସରଳା ଦେବୀ ମର୍ମସ୍ପର୍ଶୀ ଭାଷାରେ । ସେ ଲେଖିଛନ୍ତି—"ଗଲବର୍ଷ କଟକରେ ଜଗର ପ୍ରେସ୍‌ରେ ତାଙ୍କର ଦୁଇମାସ ରହଣି । ମୁଁ ପ୍ରାୟ ଦେଖିବାକୁ ଯାଏଁ । ମୁହଁରେ ଅନୁରାଗର ଚିହ୍ନ ଦିଶୁଛି । କେତେ ମନର କଥା କହୁଛନ୍ତି ସେ, ଘରକଥା, ସଂସାର କଥା, ସମାଜ କଥା, ରାଷ୍ଟ୍ରନୀତି ଓ ଶାସକଙ୍କ କଥା, ଅର୍ଥନୀତି ସାହିତ୍ୟ କଥା—ଅସୁମାରି ତାର ବିବରଣ । ମୋର ପାଣ୍ଡୁଲିପି 'ମହାଭାରତୀୟ ନାରୀଚରିତ' ପଢ଼ି ଶୁଣାଇଥିଲି । ଏତେ ଖୁସି ହୋଇଗଲେ ଯେ ନିଜେ ସ୍ୱତଃପ୍ରବୃତ୍ତ ହୋଇ ଗୋଟିଏ ଅଭିମତ ଲେଖିଦେଲେ ଯାହା ଉତ୍କଳ ବିଶ୍ୱବିଦ୍ୟାଳୟ ମୋର ପୁସ୍ତକରେ ପ୍ରକାଶ କରିଛନ୍ତି । ତାଙ୍କ ମନର ସୁଖଦୁଃଖ ମୁଁ ବୁଝିଥିଲି । ଭଗବାନଙ୍କ ଉପରେ ବଡ଼ ନିର୍ଭରଶୀଳ ଥିଲେ ସେ । ଏତେ କଷ୍ଟରେ ବି ମୁହଁରୁ ହସ ଲିଭିନାହିଁ । ପରିହାସର ଭାବ ଛାଡ଼ି ନାହିଁ । ତାଙ୍କର ପତ୍ନୀ ଅସାଧାରଣ ପତିପରାୟଣା ନାରୀ । ଗଲା ୪୦ ବର୍ଷ ଧରି ଏକାଦିକ୍ରମେ ତାଙ୍କର ସ୍ୱାମୀସେବା ଅହୋରାତ୍ର ଚାଲିଛି ।

ସ୍ୱାମୀଙ୍କର ପ୍ରତି କାର୍ଯ୍ୟ କରୁଥିଲେ ସେ । ମୁହଁରେ ଅଶାନ୍ତ ଓ ବିରକ୍ତିର ଚିହ୍ନ ନାହିଁ । ପୁରାଣରେ ସ୍ୱାମୀଙ୍କ ସେବା ଓ ପ୍ରୀତିର ଆଖ୍ୟାୟିକା ବହୁତ ପଢ଼ିଛୁ । କିନ୍ତୁ ବୃଦ୍ଧୁଷ ଏପରି ସେବା ଓ ଯତ୍ନ କରିବା ସାଧାରଣ ସ୍ତ୍ରୀ ପକ୍ଷେ ଅତି ବିରଳ ।”

କଟକରେ କବି ଅବସ୍ଥାନ କରୁଥିବା ସମୟରେ ହିଁ ଶିଳ୍ପୀ ବର୍ମା ଆଙ୍କିଲେ ତାଙ୍କର ଛବି ଏବଂ ଛବି ତଳେ କବି ଲେଖିଲେ ଶିଳ୍ପୀଙ୍କୁ ସ୍ମରଣ କରି କବିତା । କବି ରାଧାମୋହନ ଗଡ଼ନାୟକ ଓ ନାଟ୍ୟକାର କାଳୀଚରଣ ପଟ୍ଟନାୟକ ମଝିରେ ମଝିରେ ଆସୁଥାନ୍ତି କବିଙ୍କୁ ସନ୍ଦର୍ଶନ କରିବାକୁ । ସେମାନଙ୍କ ସହିତ ରସାଳାପରେ କବି ବିଭୋର ହୋଇ ରହୁଥାନ୍ତି । ଆୟୁକାଳ ସରିଆସିବା ବେଳକୁ ଜୀବନର ପାନପାତ୍ର ଶ୍ରଦ୍ଧା, ଭକ୍ତି ଓ ପ୍ରେମ ପୂଷ୍ପିତ ବନ୍ଧୁତାର ଅମିୟ ଧାରାରେ ପୂର୍ଣ୍ଣ ହୋଇ ଉଠୁଥାଏ ।

କବିଙ୍କୁ ଗଭୀର ଶ୍ରଦ୍ଧାପୂର୍ଣ୍ଣ ସମ୍ବର୍ଦ୍ଧନା ଜ୍ଞାପନର ଆୟୋଜନ କଲେ ‘ସମାଜ’ର ସୁଯୋଗ୍ୟ ସଂପାଦକ ଶ୍ରୀଯୁକ୍ତ ରାଧାନାଥ ରଥ । ଶ୍ରୀ ମଧୁ ମହାନ୍ତିଙ୍କ ଘରେଇ ସମ୍ବର୍ଦ୍ଧନା ସଭାରେ ବିପୁଳ ଶ୍ରଦ୍ଧାର ନୈବେଦ୍ୟ ସମ୍ଭାର ନେଇ କବି ଅଭିଭୂତ ହୋଇଯାଇଥିଲେ ।

ଏହି ସମୟରେ କବି କୋଣାର୍କ ଦର୍ଶନ କରିଥିଲେ । ଏହି ତାଙ୍କର ପ୍ରଥମ ଓ ଶେଷ କୋଣାର୍କ ଦର୍ଶନ । ଏହି ଦର୍ଶନର ସମସ୍ତ ଆୟୋଜନ କରିଥିଲେ କଟକ ମ୍ୟୁନିସିପାଲିଟିର ଏକ୍‌ଜିକ୍ୟୁଟିଭ୍ ଅଫିସର୍ ତଥା ଓଡ଼ିଶାର ବିଶିଷ୍ଟ ଗଳ୍ପ ରଚୟିତା ଶ୍ରୀ ବିଭୂତି ଭୂଷଣ ତ୍ରିପାଠୀ । କବି ପଙ୍ଗୁ, ବିକଳାଙ୍ଗ, କୋଣାର୍କ ମଧ୍ୟ ତଦ୍ରୂପ । ଗୋଟିଏ ଶିଳ୍ପ ସୌନ୍ଦର୍ଯ୍ୟର ଚରମ ପରାକାଷ୍ଠାର କାଳଦଷ୍ଟ ରୂପକ । ଅନ୍ୟଟି ପ୍ରତିଭା ପୀୟୂଷ-ସମ୍ଭାରର ରୋଗ-ଦଷ୍ଟ ବାର୍ଦ୍ଧକ୍ୟ କ୍ଷୟିତ ମୂର୍ତ୍ତି । ଗୋଟିକର ଅତି ନିକଟରେ ଉଦାତ୍ତବିସ୍ତାରୀ ସମୁଦ୍ରବକ୍ଷରେ ଅସୀମର ମହାସଂଗୀତ, ଅନ୍ୟଟିର ଜୀବନ ସୀମାର ଅତି ନିକଟରେ ମହାମରଣର ଅନନ୍ତ ରାଗିଣୀ । ଦୁଇଜଣଙ୍କ ମଧ୍ୟରେ କି ଆଳାପ—କି ବାକ୍ୟ ବିନିମୟ ହୋଇଥିବ କିଏ ଜାଣିବ ?

କୋଣାର୍କ ଦର୍ଶନର ଅବ୍ୟବହିତ ପରେ କବି ଭଦ୍ରକକୁ ଫେରି ଆସିଲେ ।

ବନ୍ଧୁ ଗହଣରେ, ରସାଳାପରେ, ବକ୍ତୃତା ମଞ୍ଚରେ, ଆମୋଦ ପରିହାସରେ କବି ଜୀବନର ଏହି ଶେଷ ଅଧ୍ୟାୟରେ ମଧ୍ୟ ତାଙ୍କର ଜୀବନବ୍ୟାପୀ ବୈଶିଷ୍ଟ୍ୟ ହରାଇ ନଥିଲେ । ତାଙ୍କର ବ୍ୟକ୍ତିତ୍ୱର ଦିବ୍ୟକାନ୍ତି ତିଳେ ବି ମ୍ଳାନ ହୋଇ ନଥିଲା । ପୁଣି ତାଙ୍କର ସଂପୂର୍ଣ୍ଣରୂପେ ବ୍ୟକ୍ତିଗତ ଜୀବନର ଅଭ୍ୟାସ—ଆଚରଣରେ ବି ତାଙ୍କର ସ୍ୱାତନ୍ତ୍ର୍ୟଗତ ମହିମାର ହ୍ରାସ ଘଟି ନ ଥିଲା । ବରଂ ସେ ସ୍ୱାତନ୍ତ୍ର୍ୟ, ସେ ସ୍ୱରୂପ ସ୍ପଷ୍ଟତର ହୋଇ ଉଠିଥିଲା ।

କବି ଥିଲେ ଧନାଢ୍ୟ ପରିବାରର ସନ୍ତାନ । ଅର୍ଥର ପ୍ରାଚୁର୍ଯ୍ୟ ଭିତରେ ସେ ବଢ଼ିଥିଲେ ଓ ଲାଳିତପାଳିତ ହୋଇଥିଲେ । କିନ୍ତୁ ପରିସ୍ଥିତିର ନାନା ପରିବର୍ତ୍ତନ ଭିତରଦେଇ ସେ ମିତବ୍ୟୟିତା ଅଭ୍ୟାସ କରିବାକୁ ଶିଖିଥିଲେ । ଘଟଣାର ଘାତ-ପ୍ରତିଘାତ ତାଙ୍କୁ ବିଳାସ ଓ ଆରାମଠାରୁ କ୍ରମେ କୃଚ୍ଛ୍ରସାଧନ ଆଡ଼କୁ ନେଇ ଯାଇଥିଲା । ଏକାନ୍ନବର୍ତ୍ତୀ ପରିବାରର ସେ ଥିଲେ ଅଭିଭାବକ ସ୍ଥାନୀୟ । ଭ୍ରାତା ଓ ଭଗିନୀଙ୍କର ଅକାଳ ବିୟୋଗ ଅନେକ ସମୟରେ ତାଙ୍କ ଅନ୍ତରକୁ ସନ୍ତାପର ଦାବଦାହରେ ଦଗ୍ଧ କରୁଥିଲେ । ବିରାଟ ପରିବାରର ସମସ୍ତ ଦାୟିତ୍ୱ ସ୍କନ୍ଧରେ ବହନ କରି ସେ ମଝିରେ ମଝିରେ ଦୁଃଖ ଦୁର୍ବିପାକ ସହ୍ୟ କ୍ଲାନ୍ତ ହୋଇ ଯାଉଥାନ୍ତି । ଜମିଦାରୀ ଚାଲିଗଲା ପରେ ଆର୍ଥିକ ଅନାଟନ ମଧ୍ୟ କେତେବେଳେ କେତେବେଳେ ଉତ୍କଟ ହୋଇ ଉଠୁଥାଏ । କବି ତେଣୁ ବିଳାସ ବ୍ୟସନକୁ ବିସର୍ଜନ ଦେଇ ନାନା ପ୍ରକାର କ୍ଲେଶ ସ୍ୱୀକାର କରିବାକୁ ଲାଗିଲେ । ପୋଷାକ ପରିଚ୍ଛଦରେ ସେ ହେଲେ ଅତ୍ୟନ୍ତ ସରଳ ଓ ଏକାବେଳକେ ନିରାଡ଼ମ୍ବର । ସେ ସେତେବେଳେ ପରିଧାନ କରୁଥିଲେ ଶସ୍ତା ଧଳାକନାରେ ନିର୍ମିତ କ୍ୟାଲେଣ୍ଡରଠାରୁ ଟିକେ ବଡ଼ ଶସ୍ତା ଜାମା ଏବଂ ଗେରୁଆ ଲୁଙ୍ଗି କିମ୍ବା ବିକଟେନାକୁ ଖଣ୍ଡିଏ ଲୁଗା । କବିତା, ନାଟକ, ଗଳ୍ପ ଇତ୍ୟାଦି ରଚନା କରୁଥିଲେ ସେ ବ୍ୟବହୃତ କାଗଜରେ । ସ୍ୱୀୟ ପ୍ରେସ୍‌ରେ ମୁଦ୍ରିତ ଅଦରକାରୀ ଚେକ୍ କିମ୍ବା ରସିଦ୍ ଅଥବା କାଗଜକଟା ମେସିନ୍‌ରେ କଟା ଯାଇଥିବା ବଳକା କାଗଜକୁ ହିଁ ସେ ନିଜର କବିତା ଇତ୍ୟାଦି ରଚନା ସକାଶେ ବ୍ୟବହାର କରୁଥିଲେ । ଭଗ୍ନମାନଙ୍କ ସମ୍ପତ୍ତିର କୌଣସି ଅର୍ଥ କିମ୍ବା ଅନ୍ୟ କାହାରି କୌଣସି ଅର୍ଥ ତାଙ୍କ ଦାୟିତ୍ୱରେ ଥିଲେ ତାକୁ ସେ ନିଜ ଲାଗି କେବେ ବ୍ୟୟ କରୁ ନଥିଲେ ।

ବୃହତ୍ ଏକାନ୍ନବର୍ତ୍ତୀ ପରିବାରର ସମସ୍ତ ଦାୟିତ୍ୱ ତାଙ୍କ ସ୍କନ୍ଧରେ ନ୍ୟସ୍ତ ଥିବା ସମୟରେ ହିଁ ସେ ଇହଲୀଳା ସମ୍ବରଣ କଲେ, ଅଥଚ ନିଜର ପଥ୍ୟ କିମ୍ବା ଚିକିତ୍ସା ସକାଶେ ଏକାନ୍ନବର୍ତ୍ତୀ ପରିବାରର ଅର୍ଥ ସେ କେବେହେଲେ ବ୍ୟୟ କରୁ ନଥିଲେ । ତାଙ୍କ ସ୍ତ୍ରୀଙ୍କ ସଞ୍ଚିତ ଧନରେ ହିଁ ତାଙ୍କ ଚିକିତ୍ସା ଇତ୍ୟାଦିର ବ୍ୟୟ ନିର୍ବାହ ହେଉଥିଲା ।

କାନ୍ତକବି ଆଜୀବନ ଥିଲେ ବନ୍ଧୁବତ୍ସଳ । ତାଙ୍କ ପ୍ରାଣ ସୁଷମାର ବିସ୍ତାର ଘଟିଥିଲା ବନ୍ଧୁ ପ୍ରୀତିର ପ୍ରସନ୍ନ ପରିସର ଭିତରେ । ଶେଷ ଜୀବନରେ ଏହି ଅକୃତ୍ରିମ ଅମାୟିକ ବନ୍ଧୁବତ୍ସଳତା ହ୍ରାସ ତ ପାଇ ନଥିଲା ବରଂ ବର୍ଦ୍ଧିତ ହୋଇଥିଲା । ସେ ସମୟରେ ପ୍ରାୟ ପ୍ରତ୍ୟହ ତାଙ୍କର ତିନିଜଣ ବନ୍ଧୁ ତାଙ୍କ ନିକଟରେ ଉପସ୍ଥିତ ହେଉଥିଲେ । ସେ ତିନିଜଣ ହେଉଛନ୍ତି ତତ୍‌କାଳୀନ ପ୍ରଖ୍ୟାତ ପ୍ରଧାନଶିକ୍ଷକ ସ୍ୱର୍ଗୀୟ ଗୋକୁଳାନନ୍ଦ ନାୟକ । ସାମ୍ବାଦିକ, ସ୍ୱାଧୀନତା ସଂଗ୍ରାମୀ ଓ ସମାଜ ସଂସ୍କାରକ ଶ୍ରୀ ଉପେନ୍ଦ୍ର ପଣ୍ଡା ଏବଂ ବିଶିଷ୍ଟ

ଅଭିନେତା ସ୍ୱର୍ଗୀୟ ଯତୀନ୍ ମୁଖାର୍ଜି । ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ନିଷ୍ଠାପର ଯୋଦ୍ଧା ଓ ନିଷ୍ଠାପର ଗାନ୍ଧିବାଦୀ ସ୍ୱର୍ଗୀୟ ଗୋକୁଳାନନ୍ଦ ମହାନ୍ତି ମଧ୍ୟ ମଝିରେ ମଝିରେ ଏହି ବନ୍ଧୁ ସମାବେଶରେ ଯୋଗ ଦେଉଥିଲେ । ପ୍ରତି ସନ୍ଧ୍ୟାରେ ସାକ୍ଷାତ ହେଲାମାତ୍ରେ good evening ବୋଲି ନ କହି ହାସ୍ୟରସାତ୍ମକ good night ଶବ୍ଦ ପ୍ରୟୋଗ କରି ଏହି ବନ୍ଧୁମାନେ ପରସ୍ପରକୁ ସମ୍ବର୍ଦ୍ଧନା ଜ୍ଞାପନ କରୁଥିଲେ । ତେଣୁ ଏହି ବନ୍ଧୁ କେତେଜଣଙ୍କର ଏକତ୍ରୀକରଣକୁ Good night Club ଆଖ୍ୟା ଦିଆଯାଇଥିଲା । ସ୍ୱର୍ଗୀୟ ଗୋକୁଳାନନ୍ଦ ନାୟକ ଥିଲେ ଗମ୍ଭୀର ପ୍ରକୃତିର ଚିନ୍ତାଶୀଳ ବ୍ୟକ୍ତି । କିନ୍ତୁ ଗୋକୁଳାନନ୍ଦ ମହାନ୍ତି ଓ ଯତୀନ୍ ମୁଖାର୍ଜି ଥିଲେ ହାସ୍ୟରସରେ ନିପୁଣ । କାନ୍ତକବିଙ୍କୁ କେନ୍ଦ୍ର କରି ଏହି ବନ୍ଧୁ କେତେଜଣଙ୍କର ଭିତରେ ପ୍ରୀତି ଓ ଶ୍ରଦ୍ଧାର ଅମିୟ ବର୍ଷିତ ହେଉଥିଲା । ଘନିଷ୍ଠ ଓ ନିବିଡ଼ ବନ୍ଧୁତାର ସୂତ୍ରରେ ଗ୍ରଥିତ ଏହି କ୍ଲବ୍‌ରେ ଆମୋଦ ପ୍ରମୋଦ ବ୍ୟଞ୍ଜକ ରଙ୍ଗରସପୂର୍ଣ୍ଣ ମଧୁର ଆଳାପ ସହିତ ରାଜନୀତି, ସମାଜନୀତି, ସାହିତ୍ୟ, କଳା, ଇତିହାସ, ଦର୍ଶନ ଇତ୍ୟାଦି ଅତ୍ୟନ୍ତ ଗୁରୁତର ବିଷୟଗୁଡ଼ିକ ସମ୍ବନ୍ଧରେ ବି ବିଶଦ ଆଲୋଚନା ହେଉଥିଲା । ଏହି କ୍ଲବ୍‌ର ଧାରାବାହିକ ବିବରଣୀ ଯଦି କେହି ଲିପିବଦ୍ଧ କରି ରଖି ପାରିଥାଆନ୍ତେ, ତା ହେଲେ ତାହା ସାହିତ୍ୟର ଏକ ଅତୁଳନୀୟ ସମ୍ପଦ ହୋଇ ପାରିଥାଆନ୍ତା ।

ଏହିପରି ଭାବରେ କବିଙ୍କର ଜୀବନର ଶେଷ ଅଧ୍ୟାୟରେ ବି ତାଙ୍କ ଚରିତ୍ରର ମହାନ ବୈଚିତ୍ର୍ୟ ସବୁ କମେ ମ୍ଳାନ ନ ହୋଇ, ଅସ୍ପଷ୍ଟ ନ ହୋଇ ବେଶ୍ ଉଜ୍ଜ୍ୱଳ ହୋଇ ଉଠିଥିଲା ।

ସମୟ ସରି ଆସୁଥାଏ । ଅପରାହ୍ନ ସୀମା ଅତିକ୍ରାନ୍ତ । ସେପାରିର ଡାକ ଥରେ ଥରେ ଶୁଭି ଯାଉଥିବ ହୁଏତ । କବି ଜୀବନଯାକ ଭଗବାନଙ୍କୁ ଡାକିଛନ୍ତି ଦେହ-ଯନ୍ତ୍ରଣାରୁ ମୁକ୍ତି ଲାଭ କରିବା ଲାଗି । ତାଙ୍କ ମର୍ତ୍ତ୍ୟ-ଲୀଳାର ଅବସାନ ଘଟାଇବା ଲାଗି ଗୋପୀନାଥଙ୍କ ଚରଣରେ ଆତୁର ଅଳି ଅର୍ପିଛନ୍ତି ସେ ବାରମ୍ବାର । କରୁଣାମୟ ଭଗବାନ୍ ସେ ଡାକ ଶୁଣିଛନ୍ତି ପରା । କବି ଥରେ ଥରେ ଗୁଣୁଁ ଗୁଣୁଁ କହି ପକାଉଛନ୍ତି—"ବେଳ ସରିଆସିଲାଣି ବିଦାୟ ମୁହୂର୍ତ୍ତ ପାଖେଇ ଆସିଲାଣି ।"

ତଥାପି ବ୍ୟକ୍ତିତ୍ୱର ଦୀପ୍ତି ତୁଟୁ ନାହିଁ । ଅନ୍ତରରେ ଏବେ ବି ଖେଳୁଛି ସୌନ୍ଦର୍ଯ୍ୟର ଲହଡ଼ୀ, ଅନ୍ୟାୟ ଦେଖିଲେ ଝଲସି ଉଠୁଛି ତାଙ୍କ ସ୍ୱଚ୍ଛ କ୍ରୋଧ, ତୁଚ୍ଛ ନେତାମାନଙ୍କର ଅକ୍ଷମଣୀୟ ଅପରାଧରେ ସେ ତୀବ୍ର ବିରକ୍ତି ପ୍ରକାଶ କରୁଛନ୍ତି ।

ଏବେ ବି ରଙ୍ଗରସର ଉତ୍ସ ଖେଳୁଛି ତାଙ୍କ କଥାବାର୍ତ୍ତାରେ, ଗୃହାଙ୍ଗଣରେ, ହସରେ । ତରୁଣ ଲେଖକମାନଙ୍କୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଉତ୍ସାହ ଦେଉଥିଲେ ସେ । ସେମାନଙ୍କର ରଚନା ଉତ୍ସାହ ସହକାରେ ଶୁଣୁଥିଲେ ସେ । ଯେଉଁଠି ଯେଉଁଠି ତ୍ରୁଟି ରହୁଛି ତାକୁ ମାର୍ଜିତ, ସଂଶୋଧିତ କରି ଦେଉଥିଲେ । ପ୍ରେରଣା ଦେଇ ଉତ୍ସାହ ଦେଇ ସେମାନଙ୍କର ମୁକୁଳିତ ପ୍ରତିଭାକୁ ଶକ୍ତିଦାନ କରୁଥିଲେ । ଏବେକାର ଔପନ୍ୟାସିକ ଓ ଗଳ୍ପ ଲେଖକ ଦାଶରଥି ସାମଲ ସେ ସମୟରେ ଭଦ୍ରକ କଲେଜର ଛାତ୍ର । ସେ ଓ ଆଉ କେତେଜଣ ମଝିରେ ମଝିରେ ଯାଆନ୍ତି ନିଜ ନିଜର ରଚନା କବିଙ୍କୁ ଶୁଣାଇବା ଲାଗି । ଥରେ ଶ୍ରୀ ସାମଲ ସ୍ୱରଚିତ ଗଳ୍ପଟିଏ ପଢ଼ି ଶୁଣାଉଥାନ୍ତି । ତାଏ ଗୋଟିଏ ବର୍ଣ୍ଣନା ଅଶ୍ଳୀଳତା ଆଡ଼କୁ ଟିକେ ଢଳିପଡ଼ିଥିଲା । କବି କହିଲେ—"ଏତେଟା ଖୋଲି କରି ଦିଅ ନାହିଁ । କଥାଟାକୁ ଟିକିଏ ଘୋଡ଼ାଇ ଦିଅ ।" ଏ ଉକ୍ତିରେ କିନ୍ତୁ ଉଷ୍ମା ନଥିଲା—ବିରକ୍ତି ନଥିଲା । ଥିଲା ଛଳଛଳ ଆଦର, ନିର୍ମଳ ସ୍ନେହ ।

ସେ ପ୍ରାୟ ରହୁଥାନ୍ତି ଭଦ୍ରକରେ—ସ୍ୱୀୟ ଅଟ୍ଟାଳିକାରେ । ତାଙ୍କ କୁଳ ଦେବତା, ତାଙ୍କ ଅନ୍ତରର ପରମାରାଧ୍ୟ ଦେବତା, ତାଙ୍କ ହୃଦୟର ସର୍ବସ୍ୱ ଗୋପୀନାଥ ଥାନ୍ତି ତାଙ୍କ ଗ୍ରାମ ତାଳପଦାରେ । ବାହାରେ ଦୂରତା, ବାହାରେ ବ୍ୟବଧାନ । କିନ୍ତୁ ଅନ୍ତର୍ଲୋକରେ ସେ ତାଙ୍କ ଅନ୍ତର ଦେବତାଙ୍କ ସ୍ପର୍ଶ ଲାଭ କରୁଥାନ୍ତି । ଧ୍ୟାନ, ଧାରଣା, ଭଜନ, ଅଶ୍ରୁମୋଚନର ପରମ ପରିସର ଭିତରେ ସେ ତାଙ୍କୁ କୁଣ୍ଢେଇ ଧରୁଥାନ୍ତି । ସେଇ ଗୋପୀନାଥଙ୍କୁ ସ୍ୱର୍ଣ୍ଣାଳଙ୍କାରରେ ଭୂଷିତ କରିବା ଲାଗି କବି ଗଲେ ତାଳପଦା । ପରମ ନିଷ୍ଠା ଓ ଗଭୀର ଭକ୍ତି ସହକାରେ କାର୍ଯ୍ୟଟି ସମ୍ପନ୍ନ ହେଲା । ଦେବତାଙ୍କ ଅଙ୍ଗରେ ସ୍ୱର୍ଣ୍ଣାଳଙ୍କାର ଝଟକୁ ଥାଏ । କବି ମନ୍ଦିର ପ୍ରାଙ୍ଗଣରେ ଲୋଟି ଆତୁର ସ୍ୱରରେ କହୁଥାନ୍ତି—"ପ୍ରଭୁ, ମୋତେ ନିଅ, କୋଳକୁ ନିଅ । ଆଉ ମୁଁ ଏ ମର୍ତ୍ତ୍ୟ ଯନ୍ତ୍ରଣା ସହି ପାରୁ ନାହିଁ ।" ଏ ହେଉଛି ମୃତ୍ୟୁର ଛଅମାସ ପୂର୍ବର ଘଟଣା ।

ସନ୍ଧ୍ୟା ଆସନ୍ନ । ଗୋଧୂଳିର କରୁଣ କୋମଳ କାନ୍ତି ଧୀରେ ଧୀରେ ବିଚ୍ଛୁରିତ ହେଉଥାଏ । ଶେଷ ଜୀବନର ସ୍ୱଳ୍ପ ପରିସର ଉପରେ ଗୋଧୂଳିର ଶାନ୍ତ ମାଧୁରୀ ପ୍ରସାରିତ ହେଉଥାଏ । ଜୀବନ-ବୀଣାରେ ବିଦାୟ ରାଗିଣୀ ସବୁ ମୃଦୁ କୋମଳ ଆବେଶ ସହକାରେ ମନ୍ଦ୍ରିତ ହେଉଥାଏ । କବିଙ୍କ ସାରା ଅନ୍ତରରେ ବିଦାୟ ପର୍ବର ଅଶ୍ରୁ-କୋମଳ ସଂଗୀତ ଝଙ୍କୃତ ହେଉଥାଏ ଧୀରେ—ଧୀରେ—ଧୀରେ ।

ସମସ୍ତ ପ୍ରାଣ ଦେଇ, ଅନ୍ତରର ସମଗ୍ର ଆବେଗ, ଆକୁଳତା, ଆଗ୍ରହ, କୌତୂହଳ ଦେଇ ଭଲ ପାଉଥିଲେ କବି ଏଇ ଦୁନିଆକୁ । ଭଲପାଉଥିଲେ ସେ ଏଇ ଦୁନିଆର ଧୂସର

ଝୁଲାର ବୈରାଗ୍ୟ ନିର୍ମଳ ସ୍ୱର୍ଗକୁ ; ଭଲ ପାଉଥିଲେ ନଦୀ ପ୍ରବାହରେ ବର୍ଷାର ଘନ ଘନ ଉନ୍ମାଦନାକୁ, ପୁଣି ଶୀତର ଶୀର୍ଣ୍ଣତଳ୍ପ ଅଭିମାନକୁ, ଆକାଶରେ ବୈଶାଖର ରୁଦ୍ର ତାଣ୍ଡବକୁ ପୁଣି ଅର୍ଣ୍ଣିଶର ସ୍ନିଗ୍ଧ, ସ୍ୱଚ୍ଛ ଅମାୟିକତାକୁ । ସେ ଭଲ ପାଉଥିଲେ ବନ୍ଧୁ, ସାଥୀ, ଆତ୍ମୀୟ-ପରିଜନ, ଶିଷ୍ୟବର୍ଗଙ୍କୁ ପରିଚିତ, ଅପରିଚିତ ବହୁ ନରନାରୀ, ତରୁଣ ତରୁଣୀ, ବାଳକ ବାଳିକାଙ୍କୁ । ସେ ଭଲ ପାଉଥିଲେ କୋଇଲିର କାକଳୀକୁ, କପୋତର କରୁଣ କରୁଣ କଳାପକୁ, କାଉ, କଜଳପାତି, କୁମ୍ଭାଟୁଆର ସ୍ୱର ଲହରୀକୁ । ଭଲ ପାଉଥିଲେ ସେ ଭଣ୍ଡ ଭିଖାରୀ, ବୈରାଗୀ, ବୈଷ୍ଣବଙ୍କର ଭଜନ ସଙ୍ଗୀତକୁ, ଯୋଗୀର କେନ୍ଦରା ସ୍ୱର ଓ ବୈଷ୍ଣବର ମୃଦଙ୍ଗ ଧ୍ୱନିକୁ; ଫକୀର ଦରବେଶ, ଅବଧୁତଙ୍କର ସାଧନା ବୈଚିତ୍ର୍ୟକୁ । ପରିପୂର୍ଣ୍ଣ ମାତ୍ରାରେ ସେ ଥିଲେ ଜୀବନର କବି, ପୁଣି ପରିପୂର୍ଣ୍ଣ ମାତ୍ରାରେ ବୈରାଗ୍ୟର କବି ମଧ୍ୟ ।

ଗୋପୀଚନ୍ଦ୍ର ଖଞ୍ଜଣି କି ଥିଲା ତାଙ୍କ ଜୀବନର ସାଥୀ । ସେଥିରେ ତାଙ୍କ ବୈରାଗ୍ୟର ସ୍ୱର ଗୁମୁରି ଉଠୁଥାଏ । ସେଇ ସ୍ୱର କ୍ରମେ କ୍ରମେ ପ୍ରାଧାନ୍ୟ ଲାଭ କରିଥିଲା । ଆଉ ସବୁ ସ୍ୱରକୁ ବୈରାଗ୍ୟର ସ୍ୱର ଆଚ୍ଛନ୍ନ କରି ପକାଇଥିଲା । ଗୋଟିଏ ତାରରେ ସାତୋଟି ସ୍ୱରର ମୂର୍ଚ୍ଛନା ଜଣାଇ ପାରୁଥିଲେ ।

ଦେହ ତାଙ୍କର ଆଗରୁ ହିଁ ଥିଲା ପଙ୍ଗୁ, ବିକଳାଙ୍ଗ । ଏବେ ଏଇ ବାର୍ଦ୍ଧକ୍ୟରେ, ଏଇ ୭୫ ବର୍ଷ ବୟସରେ ନୂଆ ବ୍ୟାଧି ବା ଉପସର୍ଗ ସେପରି କିଛି ନଥିଲା । କ୍ରମେ ଟିକେ ଅସୁସ୍ଥତା ଦେଖା ଦେଲା । ଅଳ୍ପ ଅଳ୍ପ ଜ୍ୱର, ଦେହର ଉତ୍ତାପ ସାମାନ୍ୟ ଅଧିକ । ଅସୁସ୍ଥତା ତ ଅସୁସ୍ଥତା, ଜ୍ୱର ତ ଜ୍ୱର, ସେମିତି କିଛି ସାଂଘାତିକ ତ ନୁହେଁ । ତଥାପି ଆଶଙ୍କା— ତଥାପି ଉଦ୍‌ବେଗ…ଆତ୍ମୀୟମାନଙ୍କ ମନରେ, ଲବଙ୍ଗଲତାଙ୍କ ମନରେ ବ୍ୟାକୁଳତା, ବ୍ୟସ୍ତତା, ଅଧୀରତା, କିଛି କିଛି ଚିକିତ୍ସାର ବ୍ୟବସ୍ଥା ହେଉଥାଏ । ତେବେ ଧନ ଭିତରେ ବି ଦାରିଦ୍ର୍ୟ । ପ୍ରାଚୁର୍ଯ୍ୟ ଭିତରେ ବି ଅଭାବ । ଯଥେଷ୍ଟ ଭୂସଂପତ୍ତି । ଗ୍ରାମରେ ପ୍ରକାଣ୍ଡ ଗୃହ । ଭଦ୍ରକରେ ବିରାଟ ଅଟ୍ଟାଳିକା । ତେବେ ଏ ସବୁ ଯେ ଇଜମାଲି ସଂପତ୍ତି-ସାରା ପରିବାରର-ଏକାନ୍ନବର୍ତ୍ତୀ ପରିବାରର । କବିଙ୍କର ନିଜସ୍ୱ ସେଥିରେ କେତେ ? ତେଣୁ ପ୍ରଚୁର ବ୍ୟୟ କରି ଚିକିତ୍ସାର ବ୍ୟବସ୍ଥା କିମ୍ବା ପଥ୍ୟର ଆୟୋଜନ ହୋଇ ପାରୁ ନ ଥାଏ ।

ଅସୁସ୍ଥତା ବୃଦ୍ଧିଗଲା ଜ୍ୱର ଆଉ ନାହିଁ । ଦେହର ଉତ୍ତାପ ସ୍ୱାଭାବିକ ହୋଇ ଆସିଲା । କିନ୍ତୁ ଦେହ ଦୁର୍ବଳ-ଆହୁରି ଦୁର୍ବଳ-କ୍ରମେ ଦୁର୍ବଳରୁ ଦୁର୍ବଳତର ।

ଶଯ୍ୟାରେ ଗୋଟିଏ ଅବସ୍ଥାରେ ପଡ଼ି ରହିଥାନ୍ତି କବି-ସବୁ ବେଳେ ଚିତ୍ ହୋଇ ଶୋଇ ରହିଥାନ୍ତି ସେ । ସେ ଏତେ ଦୁର୍ବଳ-ତାଙ୍କର ଦେହର ଶକ୍ତି ଏତେ କ୍ଷୀଣ ଯେ

ତାଙ୍କୁ ଗୋଟାଏ ପଟକୁ କଡ଼େଇ ହେବା ନ ଥାଏ । ଏପରିକି ତାଙ୍କର ପରିହିତ ବସ୍ତ୍ରର ପରିବର୍ତ୍ତନ ମଧ୍ୟ ଅସମ୍ଭବ ହୋଇ ଉଠିଲା । ଖଣ୍ଡିଏ ଗେଞ୍ଜି ପିନ୍ଧିଥାନ୍ତି, ସେ ଙ୍କଣ୍ଡିକ ପରିବର୍ତ୍ତନ କରିବା ନିହାତି ଆବଶ୍ୟକ ହୋଇ ପଡ଼ିଲା । କିନ୍ତୁ ତାହା ଯେ ଅସମ୍ଭବ । ଗେଞ୍ଜି ଖଣ୍ଡିକୁ ଆସ୍ତେ ଆସ୍ତେ ଚିରି ଦିଆଗଲା ଏବଂ ଖଣ୍ଡେ ସଫା ଲୁଗାରେ ତାଙ୍କ ଦେହ ଆବୃତ କରି ଦିଆଗଲା । କଥା ସେତେବେଳେ ନିର୍ବାକ, ନିସ୍ପନ୍ଦ । ବାକ୍‌ଶକ୍ତି ଏକାବେଳକେ ରହିତ । କିନ୍ତୁ ମିତବ୍ୟୟିତାର ଅଭ୍ୟାସ ତାଙ୍କର ମଜ୍ଜାଗତ ହୋଇ ଯାଇଥିଲା । ଅତି କ୍ଷୀଣ କଣ୍ଠରେ କହିଲେ, "ସେ ଖଣ୍ଡିକ କାହିଁକି ଚିରି ପକାଇଲ ?" ଏଇ କ୍ଷୀଣ ପ୍ରତିବାଦ ଶୁଣି ସମସ୍ତେ ସ୍ତମ୍ଭିତ ହୋଇଗଲେ ।

୧୯୫୩ ମସିହା, ଫେବୃଆରୀ ୨୪ ତାରିଖ । ଫଗୁଣ ମାସର ତେରଦିନ । ସିନ୍ଦୂର ଫାଟିଲାଣି । ଆମ୍ବଗଛର କଅଁଳ ପତ୍ରର ଅନ୍ତରାଳରେ ରହି ତୁହାଇ ତୁହାଇ ରାବୁଛି କୋଇଲି । ସାଳନ୍ଦୀର ବୁକୁ ଉପର ଦେଇ ସୁଲୁସୁଲିଆ ପବନ ବହି ଆସୁଛି । ଧୀରେ ଧୀରେ ନାଲି ଗୁଲ୍ ଗୁଲ୍ ସୂର୍ଯ୍ୟ କିରଣ ବିଛେଇ ହୋଇ ଯାଉଛି ଗଛପତ୍ରରେ-ସବୁଜ ଘାସର ଅଗରେ-ନଈ ବାଲିରେ । ଫଗୁଣର ଏଇ ମାଧୁରୀର ବୁକୁ ଉପରେ ମୃତ୍ୟୁ ତାର ରହସ୍ୟ ଘନ ଅଭିନୟର ମଞ୍ଚ ପାରିଛି ।

ଶେଯରେ ଶୋଇଛନ୍ତି କାନ୍ତକବି । ପାଖରେ ପ୍ରାଣପ୍ରିୟା ଲବଙ୍ଗଲତା । ଟିକେ ଦୂରରେ କାନ୍ତକବିଙ୍କର ଗୃହ ଜଗବନ୍ଧୁ । ମନମୋହନ ସାବତ ଥିଲେ ସଙ୍ଗୀତରେ ପରମ ସାଧକ । ଜଗବନ୍ଧୁ ପ୍ରଧାନତଃ ତାଙ୍କର ଗୃହ ଥିଲେ ବି କାନ୍ତ କବିଙ୍କର ସଙ୍ଗୀତ କଳାର ପ୍ରଭାବ ପଡ଼ିଥିଲା ତାଙ୍କ ଉପରେ । କାନ୍ତକବିଙ୍କର ସ୍ୱର ସାଧନାର ଗଭୀରତମ ଆବେଗକୁ ହୃଦୟଙ୍ଗମ କରିଥିଲେ ସେ । ତାଙ୍କ ସଙ୍ଗୀତର ଆତ୍ମାକୁ ସେ ଚିହ୍ନିଥିଲେ । ସେଇ ସଙ୍ଗୀତର ଭାବ ସମ୍ପଦ ଓ ସ୍ୱର ମାଧୁର୍ଯ୍ୟକୁ ମାପିଥିଲେ ସେ ନିଜର ପାରଙ୍ଗମ ପଣିଆର ନିଖୁଣ ତରାଜୁରେ ।

ଜଗବନ୍ଧୁ ଭଜନ ବୋଲୁଥାନ୍ତି ଗୋଟିକ ପରେ ଗୋଟିଏ । ସେ ସବୁ ଭଜନ କାନ୍ତକବିଙ୍କ ରଚନା । ଫଗୁଣର ସବୁ କୋମଳତା, ସବୁ ସୁଷମା ଅଶ୍ରୁ ହୋଇ ନିଗିଡ଼ି ପଡୁଛି ସେଇ ସଙ୍ଗୀତର ସୁଅରେ । କାନ୍ତକବିଙ୍କ ଅନ୍ତରକୁ ଦୋହଲାଉଛି ସେଇ ସୁଅ । ଦୋହଲାଉଛି ତାଙ୍କର ଦେବତା ଗୋପୀନାଥଙ୍କ ସିଂହାସନକୁ । ହୁଏତ କବିଙ୍କର ସବୁ ଲୁହ ଗୀତର ତରଙ୍ଗେ ତରଙ୍ଗେ ଫୁଲ ହେଉଛି ତାଙ୍କର ଚରଣ ପଙ୍କଜରେ ।

ଜଗବନ୍ଧୁ ବୋଲୁଛନ୍ତି—

ହେବାର ହେଲେ ଯା ହେଉ
　　　　ନୋହିଲେ ନ ହେଉ

ହାନି ଲଭ ଲାଗି ମୋର ଦୁଃଖ ନାହିଁ ଆଉ,
ପ୍ରଭୁ ହେ, ହାଲ ଦେଇ ଛାଡ଼ି
ହାତ ଟେକି ଗଲି ବସି ଚକାସନ ମାଡ଼ି ।

ଯତ୍ନ ନାହିଁ ଗଲଣିତ ଯାଉ ଏବେ ଜୀବ
କ୍ଷୋଭ କରିବାକୁ ଆଉ କିଏ କାହିଁ ଥିବ
ପ୍ରଭୁ ହେ, ଯତନେ ନିଅ ହରି
କ୍ଷମି ଏ କାନ୍ତର, ଦିଅ ସବୁ ଅନ୍ତ କରି ।

କବି ନୀରବ ଦୁର୍ବଳ ଇଙ୍ଗିତ ଦେଲେ ସାମାନ୍ୟ ମୁଣ୍ଡ ହଲାଇ ଆଉରି ଭଜନ ବୋଲିବାକୁ । ଜଗବନ୍ଧୁ ପୁଣି ବୋଲିଲେ—

ଆଜି ମୋ ଜୀବନର କର୍ମ ଶେଷେ
　　　　ଜୀବନ ସ୍ୱାମୀ ଆସ ହେ ବାରେ
(ମୋର) ଅନ୍ତିମ ସମୟେ
　　　　ହେ ଅନ୍ତରଯାମୀ, ଡାକୁଛି ଆସି ଅନ୍ତର ଦ୍ୱାରେ
ତୁମରି ସଧୀର ଆଗମନ ପାଇଁ
ଅଧୀର ନୟନେ ଅଛି ପଥ ଚାହିଁ
(ମୋର) ସକଳ ଆନନ୍ଦ, ସକଳ ବେଦନା
　　　　ସଁପି ଦେବି ବୋଲି ତୁମରିଠାରେ ।

ଆସହେ ସୁନ୍ଦର ଆସହେ ମଧୁର
ମୋ ହୃଦ ଆକାଶେ ବଙ୍କା ଶଶଧର
(ଯିବି) ତୁମରି ଚରଣ କିରଣ ପରଶେ ହରଷେ
　　　　　　ମରଣ ସିନ୍ଧୁ ପାରେ

ବେଳ ଗଡ଼ି ଚାଲିଛି । ସକାଳ ଯାଇ ଦ୍ୱିପହର ହେଉଛି । ତାପରେ ଧୀରେ ଅତି ଧୀରେ ଆସୁଛି ସଂଧ୍ୟା । ସେଦିନ ଏକାଦଶୀ-ଶୁକ୍ଳ ଏକାଦଶୀ । ଫଗୁ-ଉତ୍ସବର ପ୍ରଥମ ଦିନ ।

ରାତ୍ରି କ୍ରମେ ଗମ୍ଭୀର ହେଲା । ସ୍ତିମିତ ରାତ୍ରର ବାଉଳା ଜହ୍ନ ଆଲୁଅର କରୁଣ ପରଶର ଆଢୁଆଳରେ ଏକାଦଶୀତିଥି ମେଲାଣି ନେଲା । ଆସିଲା ଦ୍ୱାଦଶୀ-ଗରୁଡ଼ ଦ୍ୱାଦଶୀ । ଏଇ ତିଥିରେ ଶେଷ ନିଶ୍ୱାସ ତ୍ୟାଗ କଲେ ମୁକ୍ତି ମିଳେ । ଏହା ବୈଷ୍ଣବଙ୍କର ଦୃଢ ବିଶ୍ୱାସ । ପରମ ବୈଷ୍ଣବ ଥିଲେ କାନ୍ତକବି ଲକ୍ଷ୍ମୀକାନ୍ତ । ସିନ୍ଧୁ-ତନୟା ଲକ୍ଷ୍ମୀଙ୍କର ପ୍ରେମ ପାରାବାରର ପରିପୂର୍ଣ୍ଣ ବିଗ୍ରହ ରାଧା । ସେଇ ରାଧାଙ୍କର ହୃଦୟ-ହାରୀ ବଂଶୀବଦନ ଗୋପୀନାଥଙ୍କର କରୁଣା-ଲିପ୍ସୁ ଥିଲେ କବି । ପ୍ରକୃତିଆଡେ ସେତେବେଳେ ଚାଲିଛି ଫଗୁ-ପର୍ବର ଜ୍ୟୋତ୍ସ୍ନା ମଧୁର ଆୟୋଜନ । ସେତିକିବେଳେ ରାତି ଠିକ୍ ଦୁଇଟାରେ ଆଖି ବୁଜିଲେ କବି । ଭକ୍ତିରସ ସାରସ କବି ଯେପରିକି ମୁଠାଏ ଅବିର ହୋଇ ଜୋଛନାର ରଜତ ପାତ୍ରରେ ନିବେଦିତ ହେଲେ ଜୀବନଦେବତା ଗୋପୀନାଥଙ୍କର ଚରଣ ପ୍ରାନ୍ତରେ, ଜହ୍ନ ଆଲୁଅରେ, କୋଇଲି ସ୍ୱରରେ, ମଧୁର ମଳୟରେ ଧୋଇ ହୋଇ ସେ ଯେପରିକି ଅର୍ପିତ ହେଲେ ଭଗବାନଙ୍କ ପାଦପଦ୍ମରେ । ତାଙ୍କର ସମଗ୍ର ସତ୍ତା ପ୍ରେମର ଟୋପାଏ ଅମୃତ ହୋଇ ଦେବତାଙ୍କ ଅନନ୍ତ ପ୍ରେମ-ସାଗରରେ ଲୀନ ହୋଇଗଲା ।

କବି ଲେଖିଥିଲେ—

ଯା'ରେ ଯା ତୁ ପ୍ରାଣ ବିହଙ୍ଗ
ଦିଗ ଦିଗନ୍ତ ପାରେ
ଶାନ୍ତ ଧାମ ଚିନ୍ମୟ ସେଇ
ପୁଣ୍ୟ ପ୍ରଦେଶେ ବାରେ ।

କବିଙ୍କର ପ୍ରାଣ-ବିହଙ୍ଗ ସେଇ ସୁଦୂର ଦିଗନ୍ତର ଆର ପାରିକୁ ଚାଲିଗଲା—ସେଇ ଶାନ୍ତଧାମକୁ—ସେଇ ପରିପୂର୍ଣ୍ଣ ଚିନ୍ମୟତ୍ୱର ଜିରବସାନ ଆଲୋକ ରାଜ୍ୟକୁ ।

କବି କହିଥିଲେ—

ଆସ ପ୍ରିୟତମ ମରଣ ମୋହର
ମୋହ ବନ୍ଧନ ତୁଟାଇ
ଆସ ଆସ ମୋର ଅନ୍ଧନୟନେ
ନୂତନ ଜଗତ ଫୁଟାଇ ।

ତାଙ୍କ ମୋହ ବନ୍ଧନ ତୁଟି ସାରିଥିଲା । ଏବେ ତାଙ୍କ ମୁକ୍ତ ଆତ୍ମାର ଦିବ୍ୟ ଦୃଷ୍ଟିରେ ନୂତନ ଜଗତର ଶାଶ୍ୱତ ସୌନ୍ଦର୍ଯ୍ୟ ପ୍ରତିଭାତ ହେଲା । ସେ କହିଥିଲେ—

ଫୁଲଟି ମୋର ଯେବେ ଯାଏ ଝଡି
ସେ ତୋ' କୁଞ୍ଜବନେ ଯାଇ ଫୁଟଇ ହେ ।

ତାଙ୍କର ଜୀବନ କୁସୁମ ଏଇ ସଂସାର ଉଦ୍ୟାନରୁ ଝଡ଼ି ପଡ଼ିଲା ଶାଶ୍ୱତ ସୁଷମାରେ ଶୋଭିତ ହୋଇ ପ୍ରଭୁ ପରମେଶ୍ୱରଙ୍କର ପ୍ରେମ କୁଞ୍ଜରେ ଫୁଟି ଉଠିବାଲାଗି । କବିଙ୍କର ଜନ୍ମ ହୋଇଥିଲା ମାର୍ଗଶୀର୍ଷ ମାସରେ—ମୃତ୍ୟୁ ହେଲା ବସନ୍ତରେ । ଗୀତାରେ ସ୍ୱୟଂ ଭଗବାନ କହିଛନ୍ତି—

'ମାସାନାଂ ମାର୍ଗଶୀର୍ଷୋଽହଂ
ଋତୂନାଂ କୁସୁମା କରଃ'

ଧର୍ମନିଷ୍ଠ ପଣ୍ଡିତ ମାନେ କହିଲେ ଦୁଇଟି ଦ୍ୱାଦଶୀ ଶ୍ରେଷ୍ଠ-ଗୋବିନ୍ଦ ଦ୍ୱାଦଶୀ, ଗରୁଡ଼ ଦ୍ୱାଦଶୀ । ଲକ୍ଷ୍ମୀକାନ୍ତଙ୍କର ତିରୋଧାନ ହେଲା ଗରୁଡ଼ ଦ୍ୱାଦଶୀରେ । ଆହା ! କି ଭାଗ୍ୟବାନ କି ପୁଣ୍ୟାତ୍ମା ଥିଲେ ସେ !

ପାହାନ୍ତି ପହରରେ କବିଙ୍କର ମର ଶରୀର ଚାଲିଲା ତାଙ୍କ ପ୍ରିୟ ଗ୍ରାମ ତାଳପଦା ଅଭିମୁଖରେ । ଭଦ୍ରକ ଓ ତାଳପଦା; ତାଳପଦା ଓ ଭଦ୍ରକ । ପ୍ରଧାନତଃ ଏଇ ଦୁଇଟି ସ୍ଥାନରେ ନାନା ଘଟନା, ନାନା ଲୀଳା, ନାନା ରଙ୍ଗରସ, ସୁଖଦୁଃଖ, ଉତ୍ଥାନ ପତନ, ଚିର ବୈଚିତ୍ର୍ୟକୁ ଦୁଇ କୂଳରେ ରଖି ତାଙ୍କର ଜୀବନ ତଟିନୀ ପ୍ରବାହିତ ହେଉଥିଲା । ଆଜି ଯେତେବେଳେ ତାଙ୍କ ଆତ୍ମା ଶୂନ୍ୟତାର ଅନନ୍ତ ପଥରେ ହଜିଗଲା ସେତେବେଳେ ତାଙ୍କ ମର ଦେହ ଚାଲିଲା ସେଇ ତାଳପଦା ଗ୍ରାମର ଅଶ୍ରୁ-ବଧୁର ବୁକୁ ଉପରେ ଭସ୍ମୀଭୂତ ହେବାଲାଗି । ପଛରେ ପଡ଼ି ରହିଲା ଭଦ୍ରକ ଆତୁର ଶୋକରେ ଅଭିଭୂତ ହେବା ଲାଗି ।

ଶବକୁ ନେଇ ମୋଟର ଯାଇ ପହଞ୍ଚିଲା ତାଳପଦା ଗ୍ରାମରେ । କୁଳଦେବତା ଗୋପୀନାଥ ହୋର ଖେଳ ଫେରୁଥାନ୍ତି । କବିଙ୍କ ମର ଦେହରେ ତାଙ୍କର ପ୍ରସାଦ ଅବିର ବୋଲି ଦିଆଗଲା । ସଜ୍ଜିତ କରାଗଲା ସେଇ ଦେହକୁ ରକ୍ତ ବର୍ଣ୍ଣର କୁସୁମକଳିରେ । ରକ୍ତ ବର୍ଣ୍ଣ ଅନୁରାଗର ବର୍ଣ୍ଣ । କବିଙ୍କର ଏ ଯେ ଅନୁରାଗର ମହାଯାତ୍ରା—ବିଭୁପ୍ରେମର ପରମ ପଥରେ ଶେଷ ପ୍ରୟାଣ ।

ସହସ୍ର ନୟନରେ ଅଶ୍ରୁଧାରା । ସହସ୍ର କଣ୍ଠରେ ବିଳାପର ଗଦ୍‌ଗଦ ଧ୍ୱନି । ସାମନ୍ତରାୟ ବଂଶର ମହା ଶ୍ମଶାନରେ କବିଙ୍କର ଦେହ ଭସ୍ମୀଭୂତ ହେଉଥାଏ । ଅନାଇ ରହିଥାଏ ସାରା ତାଳପଦା ବେଦନା ବିସ୍ଫାରିତ ଆଖିରେ ।

ଏଇ ତାଳପଦାର ପ୍ରତି ଧୂଳିକଣା ତାଙ୍କର ବିପୁଳ ସ୍ନେହରାଶିର ପୁଣ୍ୟସ୍ପର୍ଶ ଲାଭ କରିଥିଲା । ଏଇଠାରେ ତାଙ୍କ କାବ୍ୟବିପଞ୍ଚୀରୁ ନିଃସୃତ ହୋଇଥିଲା କେତେ

ମାଧୁର୍ଯ୍ୟଙ୍କର । ଏଇଠାରେ ସେ ରଚନା କରିଥିଲେ କେତେ ନାଟକ । ଶାସ୍ତ୍ରର ନିଷ୍ଠା ଓ ବିପୁଳଯତ୍ନ ସହ ସେଇ ନାଟକ ସବୁର ନିପୁଣ ଅଭିନୟ ଲାଗି ସେ ନଟଗୁରୁଙ୍କର ଭୂମିକା ଗ୍ରହଣ କରିଥିଲେ । ଏଇଠାରେ ସଙ୍ଗୀତର ପରମ ସାଧକ ମନମୋହନ ସାବତଙ୍କ ସହଯୋଗରେ ସେ ଅଭିନୟ କ୍ଷେତ୍ରରେ ଏକ ନୂଆ ପରମ୍ପରା ଗଢ଼ି ଯିବା ପାଇଁ ଉଦ୍ୟମୀ ହୋଇଥିଲେ । ଏଇଠାରେ ସେ ଗୃହ ଦେବତା ଗୋପୀନାଥଙ୍କୁ ପ୍ରଭାତ ଓ ସନ୍ଧ୍ୟାରେ ଏବଂ ରାତିର ନିସ୍ତବ୍ଧ ପ୍ରହରରେ ନୟନରୁ ଲୋତକ ଅଜାଡ଼ି ହୃଦୟ ନିବେଦନ କରୁଥିଲେ ।

ଅଶ୍ରୁ ବିହ୍ୱଳ ଆଖିରେ ତାଳପଦା ଅନାଇ ରହିଥାଏ ଏବଂ ହୁଏତ ଭାବୁଥାଏ—

"ମରଇ କି କବି
ଅସମ୍ଭବ, ଅସମ୍ଭବ, କବି କରେ ମରେ
ବିଶ୍ୱ ରନ୍ଧ୍ରେ ରନ୍ଧ୍ରେ ତାର ଜୀବନ ସଞ୍ଚରେ
ମୃତ୍ୟୁ ତାର କାହିଁ—ଖାଲି ଯାଇଛି ନୀରବି
ଛଣିକ ବିରାମ ପାଇଁ

X X X

ପଳ ପଳ କରି କବି ଢାଳିଛି ଆହୁତି
ଜଗତ କଲ୍ୟାଣ ହେତୁ ସ୍ୱଜୀବନ ହବି ।
ତିଳ ତିଳ ନିଜ ପ୍ରାଣ କ୍ଷୟ କରି କବି
ଉପଭୋଗ ଅଛି କରି ବିଶ୍ୱ ଅନୁଭୂତି ।
ଆପଣା ଅନ୍ତରେ ଆଣି ବିଶ୍ୱର ମରମ
ହସିଛି କାନ୍ଦିଛି ଗୀତ ଗାଇଛି ଅସରା;
ରସିଛି ଆପଣା ପ୍ରାଣେ କବି ଆତ୍ମହରା
ନିଜକୁ ନିଃଶେଷ କରି ରାଜହଂସ ସମ ।
ଏହାକୁ ବୋଲିବ ମୃତ୍ୟୁ !
ଏ ଯେବେ ମରଣ—ଅନନ୍ତ ଜୀବନ କିସ ?

ତଥାପି ହୃଦୟରେ ଉଚ୍ଛୁଳିଲା ଶୋକର ହଳାହଳ, ବିଶ୍ୱାସ କରିବାକୁ ହେଲା, ବୁଝିବାକୁ ହେଲାଯେ ଲକ୍ଷ୍ମୀକାନ୍ତ ନାହାନ୍ତି—କାନ୍ତକବି ନାହାନ୍ତି । ଏ ବେଦନା କେବଳ ତାଳପଦାର ନୁହେଁ—ଏ ମର୍ମନ୍ତୁଦ ଯନ୍ତ୍ରଣା କେବଳ ଭଦ୍ରକର ନୁହେଁ, ଏ ବେଦନା, ଏ ଯନ୍ତ୍ରଣା, ଏ ହାହାକାର ସାରା ଓଡ଼ିଶାର—ସମଗ୍ର ଓଡ଼ିଆ ଜାତିର—ପ୍ରତି ଓଡ଼ିଆ ପ୍ରାଣର । ଆଉ କିଏ ଲେଖିବ—

"ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ ?
ଯାହା ଦେଇଥିଲ ସବୁତ ନେଲଣି
ଆଉ ଏବେ କିସ ଛଡ଼ାଇବ ହେ ?"

ଦୁଃଖ ମଥିତ ହୃଦୟରେ ଜନ୍ମଉ ଇଚ୍ଛାପର ଝଙ୍କ ସୃଷ୍ଟି କରି କିଏ ଗାଇବ ପୁଣି—

"ଦେ ମୋତେ ବାଇଆ କରି
ଆରେ ମୋର ବାଇଆ ରଜା,
ନାଚିବି ମୁଁ ଲଙ୍ଗଳା ହୋଇ
(ତୁ) ତାଳି ମାରି ଦେଖିବୁ ମଜା"

ପ୍ରବଳ ଅଭିମାନ ସହିତ ପ୍ରଚଣ୍ଡ ଦୁର୍ମଦ ପ୍ରେମ ମିଶାଇ କିଏ ବେ କହିବାକୁ ସାହସ କରିବ—

"ଯେତକ ଯେତକ ଦୁଃଖ ଦେଉଥିବ
ତେତକ କୁଣ୍ଢାଇ ଧରିବ ହେ
ଯେତକ ଦୂରକୁ ପୁଞ୍ଜି ଯାଉଥିବ
ପଛେ ପଛେ ଅନୁସରିବ ହେ ।"

ଚଟକ ଚନ୍ଦ୍ରହାସ ଚମ୍ପୁର ଉଦ୍ଦାମ ହାସ୍ୟ ପ୍ରବାହ ଆଉ କିଏ ସୃଷ୍ଟି କରିବ ? କଣା ମାମୁଁ'ର ଆଶାଯେ ଅପୂର୍ଣ୍ଣ ରହିଲା, ତା ଆଣ୍ଠୁ ଭାଙ୍ଗିଗଲା, ଭେଳା ବୁଡିଗଲା, ଘର ଉଜୁଡ଼ି ଗଲା । ହାଟ ମଝିଟାରେ ହଟହଟା ହେବାଟା ହିଁ ସାର ହେଲା । ତେଣୁ ପ୍ରତି ପ୍ରାଣରେ ନୈରାଶ୍ୟର ଝଞ୍ଜା, ବ୍ୟର୍ଥତାର ଉଚ୍ଛ୍ୱାସ । ଓଡ଼ିଶାର କବି, ଲେଖକ, ଭାବୁକଙ୍କ ଲେଖନୀରୁ ବହିଲା ଖାଲି ନୈରାଶ୍ୟର ସୁଅ---ସେଇ ବ୍ୟର୍ଥତାର ତରଙ୍ଗ । କବି ଚନ୍ଦ୍ରମଣି ବେହେରା ଲେଖିଲେ—

"ବ୍ୟଥାର ଅମୃତ ମନ୍ଥି କାଢ଼ିଥିଲ ଯେ ଅମୃତ ସ୍ୱର
ସହସ୍ର ଜୀବନ ତାହା ଶୁଣେ ହୋଇ ଆନନ୍ଦ ଆତୁର
ଏ ମାଟିରେ ଭେଦୁଛି ତା ରସ
କାଳେ କାଳେ ଯାଇଅଛି କହି—ଜୀବନଟା ହସ ଖାଲି ହସ ।"

କବି କାଳନ୍ଦୀ ଚରଣ ଲେଖିଲେ—

'ଜୀବନ ଟୁକେ ଜୟ ପରାଜୟ ଆସଇ ବହୁ
ଅଗଣିତ ଯଶ ଅପଯଶ ରାଗି ମିଳଇ ବହୁ ।

ସୈନିକ ବୀର ଯୁଝିଥିଲ ପଣ୍ଣ ପରାଣ ପଣେ
ଶାନ୍ତ ହେଲ କି କାନ୍ତ କବି ହେ ଚରମ ରଣେ ।'

X X X

ଅବସ୍ଥିତ ଝୀନ ଅନ୍ତରେ ଘେନି ଅସୀମ ବଳ
ଲଢ଼ି ହସିବାର କୌଶଳ କବି ଶିଖାଇ ଗଲ ।
ଏ କାଳ ମରମେ କୌସ୍ତୁଭ ତବ କଣ୍ଠସ୍ୱର
ରସମୟ ତୁମେ ମୂର୍ଚ୍ଛନା—ଏକ ସଂଗୀତର ।'

କବି ବିନୋଦ ରାଉତରାୟ ଲେଖିଲେ—

ଜଳୁଥିଲା କର୍ମମୟ ଜୀବନର ଛବି
କାଠଯୋଡ଼ି ନଈ କୂଳେ ସନ୍ଧ୍ୟାର ତୋରଣେ ।

X X X

ଆଜି କିନ୍ତୁ ନାହିଁ
ରହିଅଛି ସ୍ୱର ଖାଲି
ସ୍ୱରୂପ ତା ଯାଇଛି ମିଳାଇ ।

ଶ୍ରୀଯୁକ୍ତ ଆର୍ତ୍ତବଲ୍ଲଭ ମହାନ୍ତି ଲେଖିଲେ—"ଲକ୍ଷ୍ମୀ ସାଙ୍ଗରେ ଏକାଠି ବସିଛୁ, ବୁଲିଛୁ, ଖେଳିଛୁ, ହସିଛୁ, ଗାଇଛୁ, ନାଚିଛୁ, କାନ୍ଦିଛୁ ଓ ଠାକୁରଙ୍କୁ ଡାକିଛୁ । ଆହା ! ସେ ସବୁ ମନେ ପଡ଼ିଲେ ମନ ଅଧୀର ହୁଏ । ଖୁବ୍ କମ୍ ଲୋକେ ଜାଣନ୍ତି ଲକ୍ଷ୍ମୀ ଅନ୍ତର ଭାବ । କି ଉଚ୍ଚ ଭାବ ! କି ଉଚ୍ଚ ଆଦର୍ଶ ! କି ଦେଶପ୍ରାଣତା ! ଓଡ଼ିଶାର ପ୍ରାଚୀନ ଗୌରବ ଓ ଆଜି କାଲିକାର ଦୀନ ହୀନ ଦଶା କେତେଥର କହି କହି ହୋଇ ଆଖିରୁ ଲୁହ ଗଡ଼ାଇଛୁ ।"

ଶ୍ରୀ ପରମାନନ୍ଦ ଆଗ୍ରୱାଲ ଲେଖିଲେ—

"ସେ ଜୀବନର ଦୁଃଖ କଷ୍ଟ ମଧ୍ୟରେ ମଧ୍ୟ ଆନନ୍ଦରେ ଆପ୍ଲୁତ ଥିଲେ । ଶରୀର ଓ ମନ ଭିତରେ ତାଙ୍କର ଟଣା ଓଟରା ଲାଗିଥିଲା । ମନବଳରେ ସେ ସବୁ ଦୁଃଖକୁ ହସି ଉଡ଼ାଇ ଦେଉଥିଲେ ।"

କବିଚନ୍ଦ୍ର କାଳୀଚରଣ ଲେଖିଲେ—

"ଭାଇ ଗଲେ ! ପ୍ରାଣ ଖୋଲି ମମତା ମିଶା'ଇ ଭାଇ ଡାକ ଶୁଣିବାକୁ କେହୁ ଆଉ ରହିଲେ ନାହିଁ ।"

ଶ୍ରୀମତୀ ସରଳା ଦେବୀ ଲେଖିଲେ—

"ସେ ଏଇ ପୋଡ଼ା ଦେଶଟାର ପ୍ରାଣଧାରା ଶୁଷ୍କ କରି ଦେଇଗଲେ ।"

ଶ୍ରୀ ଗୋପୀନାଥ ମହାନ୍ତି ଲେଖିଲେ—

"ସେ ନିଜ ସ୍ୱାସ୍ଥ୍ୟଟା କିଛୁ ଭାବିଲେ ନାହିଁ—ଚାଲିଗଲେ, ସତେ କଣ ଆଉ ଫେରିବେନି ?"

ପଣ୍ଡିତ ଗୋଦାବରୀଶ ମିଶ୍ର ଲେଖିଲେ—

"ମୋର ନିଜର ଜଣେ ଭାଇ ଚାଲି ଗଲା ପରି ବୋଧ କରୁଛି ।"

ଶ୍ରୀ ନୀଳକଣ୍ଠ ଦାସ ଲେଖିଲେ—

"ଲକ୍ଷ୍ମୀକାନ୍ତ ସ୍ମରଣୀୟ । ସ୍ଥାନଟି ଖାଲି ରହିଲା ।"

ଶ୍ରୀ ନବକୃଷ୍ଣ ଚୌଧୁରୀ ଲେଖିଲେ—

"ସାନ୍ତ୍ୱନା ଦେବାକୁ ଚେଷ୍ଟା କରିବିନାହିଁ । ଜାଣେ ସେ ଚେଷ୍ଟାରେ ଫଳ ନାହିଁ ।"

ଶ୍ରୀ ହରେକୃଷ୍ଣ ମହତାବ ଲେଖିଲେ—

"ଜୀବନ ସଙ୍ଗୀତର ରଚୟିତା ଧୀରେ ଧୀରେ ଯେ ମୃତ୍ୟୁ ସ୍ୱାଗତ କରିଥିବେ, ଏହା ମୁଁ ବେଶ୍ ବୁଝି ପାରୁଛି ।"

ଶ୍ରୀ ଭୁବନାନନ୍ଦ ଦାସ ଲେଖିଲେ—

"ଲକ୍ଷ୍ମୀକାନ୍ତ ଆଜି ଇତିହାସରେ । ଉତ୍କଳର ଇତିହାସକୁ ସେ ସ୍ୱର୍ଣ୍ଣ-ଭୂଷିତ କରିଛନ୍ତି ।"

# ହାସ୍ୟରସ ସ୍ରଷ୍ଟା କାନ୍ତକବି

କାନ୍ତକବିଙ୍କ ଜୀବନରେ ବୈପରୀତ୍ୟର ବିଚିତ୍ର ଲୀଳା ଦେଖିବାକୁ ମିଳେ, ସେ ଜନ୍ମଗ୍ରହଣ କରିଥିଲେ ଏବଂ ଲାଳିତପାଳିତ ହୋଇଥିଲେ ଧନାଢ୍ୟତାର କୋଳରେ । ଅଥଚ ଅନେକ ସମୟରେ ତାଙ୍କୁ ଦାରିଦ୍ର୍ୟର ମର୍ମନ୍ତୁଦ କଷାଘାତ ସହିବାକୁ ପଡ଼ିଥିଲା । ସେ ଥିଲେ ଶାରୀରିକ ସୌନ୍ଦର୍ଯ୍ୟ ଓ ସୌଷ୍ଠବର ଅଧିକାରୀ, ତାଙ୍କ କ୍ରୀଡ଼ା-ଲାଳିତ୍ୟ ଅଙ୍ଗ-ପ୍ରତ୍ୟଙ୍ଗରେ ବିନ୍ୟସ୍ତ ହୋଇ ରହିଥିଲା ଶାରୀରିକ ସୌଷ୍ଠବର କମନୀୟ ଭଙ୍ଗୀ, ଅଥଚ କୁଷ୍ଠବ୍ୟାଧି ତାଙ୍କୁ ପଙ୍ଗୁ କଲା—ବିକଳାଙ୍ଗ କଲା । ସେ ଅଭିଜାତ କୁଳରେ ଜନ୍ମଗ୍ରହଣ କରିଥିଲେ । ଅଥଚ ଦୀନ ସର୍ବହରା ଜନସାଧାରଣଙ୍କର ଦୁଃଖ ଓ ବେଦନା ତାଙ୍କ ରଚନାରେ ବଳିଷ୍ଠ ରୂପ ଲାଭ କରିଥିଲା । ତାଙ୍କ ଓଠରେ ହାସ୍ୟରସର ବିମଳ ଦ୍ୟୁତି ଖେଳୁଥିଲା । ରଙ୍ଗ-ରସର ପ୍ରାଣସ୍ଫୂର୍ତ୍ତି ମାଦକତା ଉଛୁଳି ଉଠୁଥିଲା ତାଙ୍କ କଥାରେ, ଗୀତ୍ହାଣୀରେ ଆକାର ଇଙ୍ଗିତରେ । ପୁଣି ଅନେକ ସମୟରେ ତାଙ୍କ ନୟନରୁ ନୈରାଶ୍ୟର କରୁଣ ଅଶ୍ରୁ ଝରୁଥିଲା—ନୈରାଶ୍ୟ ଓ ହାହାକାରର ଦୁରନ୍ତ ଝଞ୍ଜାରେ ମଥିତ ହେଉଥିଲା ତାଙ୍କର ଅନ୍ତର ।

ତେଣୁ କୁହାଯାଇ ପାରେ ଯେ ତାଙ୍କ ଜୀବନ ଥିଲା ଦ୍ୱୈତଛନ୍ଦର ଜୀବନ । ଏଇ ଦ୍ୱୈତଛନ୍ଦ ପୁଣି ବେଶ୍ ସ୍ପଷ୍ଟ ଓ ବଳିଷ୍ଠ । ଉଭୟର ପ୍ରକାଶ ଓ ଉଚ୍ଚାରଣରେ ଥିଲା ସମାନ ଆବେଗ—ସମାନ ଆନ୍ତରିକତା । ତାଙ୍କ ଜୀବନର ସମସ୍ତ ପରିସରରେ କେଉଁଠି ଦେଖିବାକୁ ମିଳେ, ହାସ୍ୟର ଫେନିଳ ଉଚ୍ଛ୍ୱାସ—କେଉଁଠି ପୁଣି ଦେଖିବାକୁ ମିଳେ ଅଶ୍ରୁର କରୁଣ, ଗମ୍ଭୀର କାନ୍ତି । ସେ ହାସ୍ୟରେ ଯେତିକି ପ୍ରାଣ ପ୍ରାଚୁର୍ଯ୍ୟ, ଯେତିକି ବଳିଷ୍ଠତା ଯେତିକି ଉଜ୍ଜ୍ୱଳ ସ୍ଫୂର୍ତ୍ତି, ସେ ଅଶ୍ରୁରେ ଗଭୀରତା, ସେତିକି କାରୁଣ୍ୟ, ଯେତିକି ଆକୁଳତା । ପୁଣି ତାଙ୍କ ହାସ୍ୟରେ ଆମେ ଦେଖୁଁ ଜୀବନପ୍ରତି ବିପୁଳ ବିଦ୍ରୋହ । ତାଙ୍କ ଅଶ୍ରୁରେ ଆମେ ଦେଖୁଁ, ଜୀବନ ସମ୍ପର୍କରେ ଅସୀମ ବୈରାଗ୍ୟ, ଅଥଚ କେଉଁଟି କୃତ୍ରିମ ନୁହେଁ, ଅଳୀକ ନୁହେଁ, ଛଳନା ପୂର୍ଣ୍ଣ ନୁହେଁ ।

ଏଇ ଦ୍ୱୈତଛନ୍ଦରୁ କବିଙ୍କର ପ୍ରାଣପ୍ରାଚୁର୍ଯ୍ୟର ପରିଚୟ ମିଳେ । ସେ ଯେତେବେଳେ ହସୁଥିଲେ, ତାଙ୍କ ହାସ୍ୟରେ ତାଙ୍କ ଅନ୍ତରର ପ୍ରତିପ୍ରାନ୍ତ ଯୋଗ ଦେଉଥିଲା । ସେ ଯେତେବେଳେ ଅଶ୍ରୁ ବର୍ଷଣ କରୁଥିଲେ, ସେ ଅଶ୍ରୁରେ ତାଙ୍କ ପ୍ରାଣର ଗଭୀରତମ ପ୍ରଦେଶ ବି ସିକ୍ତ ହେଉଥିଲା । ସେ ଛଳନା କରି ଜାଣି ନଥିଲେ; ତେଣୁ

ଆଘାତ ପାଉଥିଲେ ବେଶି—ଆଘାତ ଦେଉଥିଲେ କମ୍ । କିନ୍ତୁ ଯେତେବେଳେ ଆଘାତ ଦେଉଥିଲେ ତାହା ହେଉଥିଲା କଠିନ ମର୍ମବିଦାରକ ।

କାନ୍ତକବି ବାଲ୍ୟରୁ ହିଁ ଥିଲେ ହାସ୍ୟରସିକ—ହାସ୍ୟାମୋଦୀ, ହସିବାର ଓ ହସାଇବାର ଅପୂର୍ବ ପ୍ରତିଭା ନେଇ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଟିକି ଟିକି କଥାରେ ବି ହାସ୍ୟର ଉତ୍ସ ସୃଜିତ ହେଉଥିଲା, ଏବଂ ପ୍ରଧାନତଃ ସେ ହାସ୍ୟ ଥିଲା ସୁସ୍ଥ, ନିର୍ମଳ ଓ ସତେଜ । ମୁଖ୍ୟତଃ ସେ ହାସ୍ୟ ଥିଲା ପ୍ରଚୁର ଆମୋଦ ସୃଷ୍ଟି କରିବା ପାଇଁ—ବିପୁଳ ଆନନ୍ଦ ଦେବା ପାଇଁ ଉଦ୍ଦିଷ୍ଟ । ହାସ୍ୟର ସତେଜ ଦ୍ୟୁତି ବ୍ୟତୀତ—ଉଷ୍ମ ସ୍ପର୍ଶ ବ୍ୟତୀତ ପ୍ରାଣ ଶୁଷ୍କ ହୁଏ—ଜୀବନ ରସର ସ୍ୱତଃସ୍ଫୂର୍ତ୍ତି ପ୍ରବାହ ବ୍ୟାହତ ହୁଏ । ତେଣୁ ଜଣେ ଜଣେ ଆସନ୍ତି ନିର୍ମଳ, ସୁସ୍ଥ ହାସ୍ୟରସ ସୃଷ୍ଟି କରିବାର ବ୍ରତ ନେଇ; ଉଦ୍ଦାମ ହାସ୍ୟର ଉଜ୍ଜ୍ୱଳ ଆଘାତରେ ବିମର୍ଷ ବାତାବରଣର ସମସ୍ତ ମଳିନତା ଦୂର କରିବାକୁ ଆସନ୍ତି ଏମାନେ । ତେଣୁ ଆର. ଏଲ. ଷ୍ଟିଭେନସନ୍ ଭଗବାନଙ୍କଠାରୁ ଦୁଃଖର ମଳିନ ପ୍ରକୋଷ୍ଠରେ ହାସ୍ୟର ଉଜ୍ଜ୍ୱଳ ବର୍ତ୍ତିକା ଜାଳିବାର ସାମର୍ଥ୍ୟ ଭିକ୍ଷା କରିଥିଲେ । କାନ୍ତକବି ସେଇ ସାମର୍ଥ୍ୟ ପ୍ରଚୁର ପରିମାଣରେ ଲଭି କରିଥିଲେ ।

କାନ୍ତକବି ସ୍ୱୀକାର କରିଛନ୍ତି ଯେ ଫକୀରମୋହନଙ୍କ ଆଶୀର୍ବାଦ ଦ୍ୱିଧାହୀନ ଓ ଅକୁଣ୍ଠିତ ଧାରାରେ ତାଙ୍କ ଉପରେ ବର୍ଷିତ ହୋଇଥିଲା । ଫକୀରମୋହନ ନିଜେ ଥିଲେ ହାସ୍ୟରସ ସୃଷ୍ଟିର ସୁନିପୁଣ ବିଜ୍ଞାନୀ । କଥାକୁ ସାମାନ୍ୟ ବଦଳାଇ ବା ବିକୃତ କରି ପ୍ରାଚୀନ ଗମ୍ଭୀର ରଚନାକୁ ଲଘୁ ଆମୋଦର ରସାଳ ପୁଟ ଦେଇ ଗମ୍ଭୀର ପରିସ୍ଥିତିର ଆବରଣ ଭିତରେ ଲଘୁ ଆମୋଦର ହାସ୍ୟ ସାବଲୀଳ ନିର୍ଯ୍ୟାସ ପୂରାଇ ହାସ୍ୟର ଅବାରିତ ଉଚ୍ଛଳ ତରଙ୍ଗ ସୃଷ୍ଟି କରୁଥିଲେ ସେ । ପ୍ରାଚୀନ ଶ୍ଳୋକ ବା କାବ୍ୟାଂଶର ଅର୍ଥକୁ କଦର୍ଥ ବା ବିକୃତ କରି ସେ ଉଦ୍ଦାମ ହାସ୍ୟର ଆଲୋଡ଼ନ ସୃଷ୍ଟି କରୁଥିଲେ ।

ପୂର୍ବରୁ ଥିଲା—

"କଜ୍ଜ୍ୱଳ ପୂରିତ ଲୋଚନ ଭାଲେ,
ସ୍ତନଯୁଗ ଶୋଭିତ ମୁକୁତା ହାରେ,
ବୀଣା ପୁସ୍ତକ ରଞ୍ଜିତ ହସ୍ତେ
ଭଗବତୀ ଭାରତୀ ଦେବୀ ନମସ୍ତେ ।"

ଫକୀରମୋହନ ଲେଖିଲେ—

"କଜ୍ଜ୍ୱଳ ପୂରିତ ଲୋଚନ ଭାଲେ
ଗୁଣ୍ଡି ମିଶା ଖିଲି ଗୁଞ୍ଜିତ ଗାଲେ

ଡେଲ ହରଦ୍ରା ଲେପିତ ଦେହେ
କୁକ୍‌କୁଟ୍ଟବ ଶୀଘ୍ରଂ ଧାବନ୍ତ ଗେହେ ।"

ଠିକ୍ ଏଇ ଭଙ୍ଗୀରେ—ଏଇ ପ୍ରବାହରେ ଆସିଲା କାନ୍ତକବଙ୍କର ଲଳକା—

"ପଥ ଛାଡ଼ଦେ ମୁଁ ଯିବ ଓଲ ଖୋଲା
ଆରେ ବନା ମାଲ !
ମୋତେ ଚହ୍ନି ନାହୁଁ ପଦ୍ମ ଦେଉ ଗାଲ
ମୁଁ ଯେ ସାନ ସାଆନ୍ତଙ୍କ ଗେହ୍ଲା ଶାଳୀ ।"

ଅଥବା ତାଙ୍କର ଆଦ୍ଭୁତ ସାର୍ଥକ, ହାସ୍ୟରସ ସୃଷ୍ଟି କରବାରେ ଶକ୍ତିଶାଳୀ ରଚନା—
ଚଟକ ଚନ୍ଦ୍ରହାସ ଚମ୍ପୂ—

"ଖେଲା ଲେଲା ଖୋଲା ଆଖି କ ସାହସ କଲୁରେ !
ଖଣ୍ଟା ଠେଇଁ ଜାଣ୍ଟୁ ଜାଣ୍ଟୁ ଡଣ୍ଡି ପଡାଇଲୁ ରେ
ଖଚଡ଼ା ଜନେ ଗୁପତ ବାଟ ବତାଇଲୁ ରେ ।"

ତେବେ ଫକୀର ମୋହନଙ୍କ ରଚନା ଅନ୍ୟ ବଷୟାନୁସାରୀ—ଅନ୍ୟ ବଷୟାନୁଶ୍ରୟୀ । କନ୍ତୁ କାନ୍ତକବଙ୍କ ରଚନା ସ୍ୱାଧୀନ-ସ୍ୱତଃସ୍ଫୂର୍ତ୍ତି । ସେଇ ସ୍ୱାଧୀନ, ସ୍ୱତଃସ୍ଫୂର୍ତ୍ତି ପ୍ରକୃତ ତାଙ୍କ ହାସ୍ୟରସର ଗୌରବ ବୃଦ୍ଧି କରଛୁ । ଫକୀର ମୋହନଙ୍କ ଉପରୋକ୍ତ Parody ଜାତୀୟ ରଚନାଗୁଡ଼କ ସନ୍ନିବେଶିତ ହୋଇଛୁ କୌଣସି ଉପନ୍ୟାସ କମ୍ବା କୌଣସି ଗଳ୍ପରେ ଏବଂ ତଦ୍ଦ୍ୱାରା ସେଇ ଉପନ୍ୟାସ କମ୍ବା ସେଇ ଗଳ୍ପର ହାସ୍ୟରସାତ୍ମକ ପରସ୍ଥିତ ଅଧିକ ରସାଳ ଓ ସାବଲୀଳ ହୋଇଛୁ, ବଷୟବସ୍ତୁ ଓ ଚରତ୍ର-ବୈଚତ୍ର୍ୟ ଅଧିକ ଜୀବନ୍ତ ଓ ଚତ୍ତାକର୍ଷକ ହୋଇଛୁ । କନ୍ତୁ କାନ୍ତକବଙ୍କ ଲଳକା ଓ ସେଇ ଶ୍ରେଣୀଭୁକ୍ତ ଚଟକ ଚନ୍ଦ୍ରହାସ ଚମ୍ପୂ ଅନ୍ୟ କୌଣସି ବଷୟକୁ ଅପେକ୍ଷା ନକର, କୌଣସି ଚରତ୍ର ଚତ୍ରଣକୁ ଆଗ୍ରସ୍ତ ନ କର; କୌଣସି ବର୍ଣ୍ଣନାର ଅଂଶ-ବଶେଷ ନ ହୋଇ ସ୍ୱାଧୀନ ଓ ସ୍ୱତସ୍ଫୂର୍ତ୍ତି ଭାବରେ ଉଚ୍ଛଳ ଆମୋଦ ଦାନକରେ । ତାଙ୍କର ହାସ୍ୟ ରସର ଏଇ ସ୍ୱକୀୟତା, ଏଇ ସ୍ୱୟଂ ସମ୍ପୂର୍ଣ୍ଣତା ଯୋଗୁଁ ରଙ୍ଗରସର ଆମୋଦ ଅହ୍ଲାଦର ଅପୂର୍ବ ବାଣୀ ରୂପେ କାନ୍ତକବ ଚର ସ୍ମରଣୀୟ ହୋଇ ରହବେ ।

କବସୂର୍ଯ୍ୟଙ୍କ ଚମ୍ପୂ ପ୍ରଖ୍ୟାତର ଶୀର୍ଷଦେଶରେ ଉପନୀତ ହୋଇଛୁ । ନାଟକୀୟ ଭଙ୍ଗୀରେ ଦୁଇଟି ପ୍ରେମ ତନ୍ମୟ ହୃଦୟର ଅଶ୍ରୁ ଓ ଆନନ୍ଦର ଅପୂର୍ବ ନବେଦନ ରହଛୁ

ସେଇ ଚମ୍ପୂରେ । ପ୍ରେମିକ ପ୍ରେମିକାଙ୍କର ହୃଦୟସ୍ଥ ନିବେଦନ କିପରି ସାମଗ୍ରିକ ହୋଇପାରେ, କିପରି ବ୍ୟାକୁଳତାର ଗଭୀରତମ ପ୍ରଦେଶରେ ପହଞ୍ଚିପାରେ ତାର ନିଦର୍ଶନ ରୂପେ କବିସୂର୍ଯ୍ୟଙ୍କର ଏଇ ଅନବଦ୍ୟ ସୃଷ୍ଟି ଚରମ ପରାକାଷ୍ଠା ଲାଭକରିଛି । ଓଡ଼ିଆ ଶବ୍ଦର ଅପୂର୍ବ ଭଙ୍ଗୀ, ଅପୂର୍ବ ଗୌରବ, ଅପୂର୍ବ ଭାବ-ମେଦୁରତା ପରିସ୍ଫୁଟ ହୋଇରହିଛି ଏଇ ଚମ୍ପୂରେ । କାନ୍ତକବିଙ୍କ ଚଟକ ଚନ୍ଦ୍ରହାସ ଚମ୍ପୂରେ ମଧ୍ୟ ଶବ୍ଦ ପ୍ରୟୋଗର ଗୁରୁତ୍ୱ ବିଶେଷ ଭାବରେ ଉଲ୍ଲେଖନୀୟ । ଏଇ ରଚନାର ଏକମାତ୍ର ଉଦ୍ଦେଶ୍ୟ ଆମୋଦ ପ୍ରଦାନ । ଉଚ୍ଛଳ ହାସ୍ୟର ବିପୁଳ ତରଙ୍ଗ ସୃଷ୍ଟି କରିବାହିଁ ଏହାର ଏକମାତ୍ର ଉଦ୍ଦେଶ୍ୟ । ସେଇ ଦୃଷ୍ଟିରୁ ଏହାର ଶବ୍ଦ ପ୍ରୟୋଗ ମଧ୍ୟ ଅତ୍ୟନ୍ତ ସ୍ୱାତନ୍ତ୍ର୍ୟପୂର୍ଣ୍ଣ ହୋଇଛି ।

କବିସୂର୍ଯ୍ୟଙ୍କର :—

" ଝଗଡ଼ା ମାତ୍ର ହେଲହେ ଶ୍ୟାମ
ନିମୁଟ ହେବାକୁ ସହସ୍ର ଯାମ ।
ଝାଉଁଳିବା ନବ ତମାଳ ରମା
ନିଙ୍କି ଆଣି ଅଙ୍ଗେ କଳଙ୍କି ଜମା ।"

ଏବଂ

" ଢାଳେତ ଢାଳିଲୁ ନାହିଁ କୃପା ସୁଧା ନିରିକ ରେ,
ଚକ୍କା ବାଜୁଆଇ ବ୍ରଜେ ଲଳିତାର ହୃଦାମ୍ବୁଜେ
କରୁଣା ଅଛୁ ବୋଲି ଯା ନେଲୁ କେତା ହରିଜରେ ।"

ସମ୍ଭବତ ଯଥାକ୍ରମେ କାନ୍ତକବିଙ୍କର :—

" ଝଗଡ଼ା ମାତ୍ର ହେଲୁରେ ଓଲୁ,
ନିର୍ଣ୍ଣି ଝାମା ଗୋଡ଼ ରଗଡ଼ ଦେଲୁ
ଝିଙ୍କା ଝିଙ୍କି କରି ନୋହିବ ଫଳ
ଝଟା ପଟା ଲାଗି ହଟିବ ବଳ ।"

ଏବଂ

" ଢାଳେ ତ ଢାଳିଲୁ ନାହିଁ କୃପାସୁଧା ନିରିକରେ
ଟୋକେ ପିଇବାର ପାଇଁ ଯେତେ ହେଲେ ହାଇପାଇଁ
ଭୁଲାଇ ଗୃହିଲୁ ନାହିଁ ପାଦଧରି ଧରି କରେ ।"

ତୁଳନା କଲେ ଉଭୟଙ୍କର ଶବ୍ଦ ଯୋଜନାର ପ୍ରକୃଷ୍ଟ ବୁଝିହେବ । ପୁଣି କବିସୂର୍ଯ୍ୟଙ୍କ ରଚନାର ପ୍ରେମଭାବ ଜନିତ କାରୁଣ୍ୟ ଓ ହୃଦୟ ବିଦାରକ ବ୍ୟାକୁଳତା ଏବଂ କାନ୍ତକବିଙ୍କ ରଚନାର ବ୍ୟଙ୍ଗୋକ୍ତିକ ପ୍ରବଳ ହାସ୍ୟରସ ମଧ୍ୟରେ ଯେଉଁ ବିଶେଷ ପାର୍ଥକ୍ୟ ରହିଛି ତାହା ମଧ୍ୟ ଭଲ ଭାବରେ ହୃଦୟଙ୍ଗମ କରି ହେବ ।

କାନ୍ତକବିଙ୍କ ନାଟିକା ଶ୍ରେଣୀସ୍ଥ ରଚନାରେ ଆମେ ଏଇ ଯେଉଁ ସ୍ୱଚ୍ଛ, ନିର୍ମଳ ହାସ୍ୟର ସାବଲୀଳ ପ୍ରବାହ ଅନୁଭବ କରୁଁ ତାଙ୍କର 'ସୁଇ ସାଇଡ୍', 'ଶିକ୍ଷାନବିସ ପ୍ରେମିକ,' 'ପତ୍ନୀ ଧାନ୍ଦ ଫଳ' ଶୀର୍ଷକ ନାଟିକା ସମୂହରେ ଏବଂ 'ବାହାଘର,' "ଅଜା ଆଇ ବାହାଘର," 'ଅଜା ଆଇଙ୍କ ସହର ଯାତ୍ରା' ଶୀର୍ଷକ କବିତା ସମୂହରେ ସେଇ ହାସ୍ୟରସ ପରିବେଷଣ କରା ଯାଇଛି ।

କାନ୍ତକବିଙ୍କ କେତୋଟି ଗଳ୍ପ ଏବଂ ତାଙ୍କର ଏକମାତ୍ର ଉପନ୍ୟାସ 'କଣା ମାମୁଁ'ରେ ମଧ୍ୟ ହାସ୍ୟରସର ପ୍ରଭୂତ ନିଦର୍ଶନ ଦେଖିବାକୁ ମିଳେ । ହାସ୍ୟରସାତ୍ମକ ଗଳ୍ପ ମାନଙ୍କ ମଧ୍ୟରୁ କୌଣସି କୌଣସି ଗଳ୍ପରେ ଘଟନାର ଦ୍ରୁତଗତିର ତାଳେତାଳେ ହାସ୍ୟରସର ଦୀପ୍ତ କାନ୍ତି ଚହଲି ଉଠୁଛି । କୌଣସି କୌଣସି ଗଳ୍ପର ଅତିକ୍ଷୁଦ୍ର ପରିସର ଭିତରେ ଗୋଟାଏ ହାସ୍ୟରସୋଦ୍ଦୀପକ ପରିସ୍ଥିତିର ପୂର୍ଣ୍ଣାଙ୍ଗ ରୂପ ଉପସ୍ଥାପନ କରାହୋଇଛି । କେଉଁଠିରେ ପୁଣି ଚରିତ୍ର ଚିତ୍ରଣର ଅଭିନବ ଭଙ୍ଗୀରେ ଖେଳିଯାଇଛି ହାସ୍ୟରସର ଅପୂର୍ବ ଶିହରଣ । କେଉଁଠି ହାସ୍ୟର ମୃଦୁ ଝିଅଟିଏ, କେଉଁଠି କରି କରି ହାସ୍ୟରୁ ଆସ୍ଫାଳନ ଏ, କେଉଁଠି ପୁଣି ଠୋ-ଠୋ ହାସ୍ୟର ବିପୁଳ ଉଚ୍ଛ୍ୱାସ ପାଠକଙ୍କୁ ଆମୋଦିତ କରେ ଆପ୍ଲୁତ କରେ । ଏଇ ବିଷୟରେ 'ଫୁର୍ତ୍ତିବାଜ' 'ଓଲଟା ବୁଝିଲେ ରାମ' 'ପଇଲ କେସ୍' 'ହାଇରେ କପାଳ,' 'ପଣ୍ଡିତଙ୍କ ପ୍ରେମ' ଏବଂ ଆହୁରି ଅନେକ ଗଳ୍ପ ବିଶେଷଭାବରେ ଉଲ୍ଲେଖନୀୟ ।

ସ୍ୱୀୟ ଉପନ୍ୟାସ 'କଣାମାମୁଁ'ରେ କାନ୍ତକବି ହାସ୍ୟରସର ଅଫୁରନ୍ତ ପସରା ମେଲି ଧରିଛନ୍ତି । କଣାମାମୁଁଙ୍କ କଣା ହେବାର ବିଚିତ୍ର ଇତିହାସ, ପିଲାଙ୍କପ୍ରତି ବ୍ୟବହାର, ଗାଁ ଟୋକାଙ୍କ ସହିତ ତାଙ୍କର ବ୍ୟବହାର, ହାକିମସାହେବଙ୍କ ରସପୂର୍ଣ୍ଣ କଥା, ହଗୁଲା ଚଉକିଆର ଉଦ୍ଭଟ କଳ୍ପନା, ଗଳ୍ପ ରସିକତା ଓ ଖେପାମି, ଅଶ୍ୱାରୋହୀ ବରଧରଙ୍କ କରୁଣ ଦୁର୍ଦ୍ଦଶା ଏବଂ ଆହୁରି ଅନେକ ବିଷୟ ହାସ୍ୟରସର ଗୋଟିଏ ଗୋଟିଏ ଝୁଙ୍କୁଡ଼ି । ଉପନ୍ୟାସର ଶେଷାଂଶରେ ଯେଉଁ ଖଣ୍ଡେବିଲ୍ଲ କଥା ଉଲ୍ଲିଖ କରାହୋଇଛି ତାହା ହାସ୍ୟରସର ଏକ ଚରମ ଦୃଷ୍ଟାନ୍ତ । ବାଦିପାଲା ପରି ଶ୍ୟାମଦଳ ଓ କାଣ୍ଡିଦଳର ବାଦ

ନାଟକ ହେଉଥାଏ । କାଣ୍ଡିଦଳର 'ରାମବନବାସ' ନାଟକରେ ଯେଉଁ ପିଲାଟି ସୀତା ଭୂମିକାରେ ଅଭିନୟ କରୁଥାଏ—ସେ ତାର ସଂଳାପ ମୁଖସ୍ଥ କରି ନଥିବାରୁ ପ୍ରମ୍ପଟର୍ ଉପରେ ହିଁ ପ୍ରଧାନତଃ ନିର୍ଭର କରୁଥାଏ । ପ୍ରମ୍ପଟର୍ ପଛରୁ କହିଲା "ପ୍ରାଣେଶ୍ୱର !" ପିଲାଟି କହିଲା "ପ୍ରାଣେଶ୍ୱର !" ତା'ପରେ ପ୍ରମ୍ପଟର୍ କହିବା ଅନୁସାରେ ସେ କହି ଚାଲିଥାଏ "**କି ଦୋଷ ବଞ୍ଚିବି ତୁମ୍ଭେ** ଗଲେ ଚାଲି, ଏତିକ ମାଗୁଣି......।" ଏଇ ସମୟରେ କିଏ ଜଣେ ଆଉ ଜଣକୁ କହିଲା 'ଦେ ଖଣ୍ଡେ ବିଡ଼ି' । ସୀତା ଭୂମିକାରେ ଅଭିନୟ କରୁଥିବା ପିଲାଟି କହିଲା 'ଦେ ଖଣ୍ଡେ ବିଡ଼ି' ।

କାନ୍ତକବିଙ୍କ ଭାଷା ମଧ୍ୟ ତାଙ୍କ ହାସ୍ୟରସକୁ ସମୃଦ୍ଧ, ସଜୀବ ଓ ସାବଲୀଳ କରିଛି । କଥିତ ଭାଷାର ଅନୁପମ ଠାଣିରେ ରହିଛି ଭାବ ପ୍ରକାଶର ଯେଉଁ ଅପରିମିତ ଶକ୍ତି, ତାକୁଇ କବି ଅନୁପମ ଚାତୁରୀ ସହିତ ହାସ୍ୟରସ ରୂପାୟନରେ ପ୍ରୟୋଗ କରିଛନ୍ତି । ନିମ୍ନରେ ଅଳ୍ପ କେତୋଟି ଦୃଷ୍ଟାନ୍ତ ଦିଆଗଲା ।

"ମଖୀମଠକୁ ନଜାଣେ କିଏ, ମଖୀମଠକୁ ନଯାଏ କିଏ, ଇମିତି ଲୋକ କାଳିଆବୋଦାଠୁ ବିଡାନାସୀ ଯାଏ ଜଣେ ବି ନଥିବ । ......ସେ ବାଟରେ ଯେ ଯିବ ସେ ତ ଆସିବ । ସେ ଆଖପାଖ ବାଟରେ ଯେ ଯାଉଥିବ ସେ ବି ବୁଲିପଡି ସେଇଟି ଥରେ ମହଣ୍ଡା ମାଡିଯିବ ।"

—(କଣ୍ଡିମାଉ)

"ଭାଇଙ୍କର ମୋ ଉପରେ ସବୁବେଳେ ଅକସ । ମୁଁ କୋଡ଼ପୋଛା ପୁଅ, ବାପା ବୋଉଙ୍କର ଗେହ୍ଲା ବୋଲି କି କ'ଣ ଖାଲି ସବୁ କଥାରେ ମୋ ଉପରେ ରସ ରସ ହେଉଥାଆନ୍ତି । ମୁଁ ବି ଉଧାରକୁ ବଦଳ ନେବାକୁ ଛାଡ଼େ ନାହିଁ । ...ଦିନେ ସେ ବଡ଼ ଖାଉଥିଲେ ଯେ ମୁଁ ଆସି ବାପାଙ୍କ ପାଖରେ ଦେଲି ଫୋଡି ।"

—(ଓଲଟା ବୁଝିଲେ ରାମ)

"ହଠାତ୍ କିଏ ତାକୁ ମାଡି ବସିଲା । ଚମକି ପଡି ଚାହିଁ ଦେଲା ବେଳକୁ ଦୁଇଟା ମଜବୁତ୍ ଲୋକ । ଜଣେ ଧଇଲା ଦୁଇହାତ, ଆଉ ଜଣେ ଦୁଇଗୋଡ଼ । ଅଲଗଚ୍ଛିଆ କରି ଟେକି ତଳେ ପକେଇ ଦେଲେ । ଆଉ ଜଣେ ଆସି ଦେ ଦମାଦମ୍ ।"

—(ଉତ୍କଟ ପ୍ରେମ)

"ମୀନା ଉପରେ ପଣ୍ଡିତାଣୀଙ୍କଠାରୁ ପଣ୍ଡିତଙ୍କ ଦୟା ବେଶି । ସେ ସ୍ନେହରେ ମୀନାର ନାମ ରଖିଲେ ମଇନା । କାବ୍ୟ କଳାରେ ନିପୁଣ କନା । ମୀନାର ରୂପ

କୁଆଡ଼େ ମଇନା ପରି ଅବିକଳ । ଅର୍ଥାତ୍ କଣ୍ଠଟି ମଇନା ପରି ମଧୁର । ବର୍ଣ୍ଣଟି ମଇନା ପରି ମୁଲାଏମ······”

—(ପଣ୍ଡିତଙ୍କ ପ୍ରେମ)

“କଣା ମାମୁଁ ଦେଖିବାକୁ ଯାହାକୁ କହନ୍ତି ପଞ୍ଝୁ ହିଡା ମରଦଟାଏ । ମୁହଁଟା ଯାକ ବସନ୍ତ ଦାଗ । ତହିଁରେ ପୁଣି ବାଲୁ ବାଲୁ ମୁଚ ଦାଢ଼ୀ । ଏଥିରେ ତାକୁ ଦେଖି ମଣିଷ ନ ଡ଼ରିବାତ ଡ଼ରିବ କାହାକୁ ? ଏକା ଗୋଟିଏ କଥା ଯଦି କଣା ମାମୁଁର ନଥାନ୍ତା ତେବେ ତାକୁ ସୁପୁରୁଷ ବୋଲି କୁହାଯାଇପାରନ୍ତା । ଗୋଟିଏ କଥାରେ ମା ଷଠୀ—ବୁଢେଇଁ ତାକୁ ଊଣା କରିଥିଲେ । ତାର ଅଣ୍ଟାଠାରୁ ତଳକୁ କମିଟିକାଟା ବେବାଗିଆ—ବେମାପିଆ ।······”

—(କଣା ମାମୁଁ)

“ଆପଣା ଆଗରୁ ନହୋଇ ପରଶିଖାଣିରୁ ଯାହା ହୋଇଥାଏ ତାହା ବେସିଦିନ ରହି ପାରେନା । ଦିନ ଯେତେ ଯାଉଥାଏ ତାର ଟାଣ ସେତିକି ମଉଳି ଆସେ । ଅଟକ, ଅଚଳ, ଅକାଡି ସବୁ ରଙ୍ଗଧଙ୍ଗ ହେଉଁ ହେଉଁ ଦିନକୁ ଦିନ ପାଣି ଫାଟି ଆସିଲା । ପଢ଼ନାହାକ ଏସବୁ ଦେଖିଲା—ଜାଣିଲା । ମନେ ମନେ କୁହୁଳି ହେଉଥାଏ । କିନ୍ତୁ ମୁହଁ ଫିଟାଇ କହିପାରୁନଥାଏ ।······”

—(କଣା ମାମୁଁ)

“ଏଇପରି ନାନା ଅବର୍ଜିଆ, ଅପରଛନିଆ କଥା ଯେଉଁଠି ସେଇଠି ଓକାଳିବାରେ ପଢ଼ନାହାକ ତୁଣ୍ଡରେ ଆଗୁଆଳି ନଥାଏ ।··· ··”

—(କଣା ମାମୁଁ)

ଶବ୍ଦ ପ୍ରୟୋଗର ଏଇପ୍ରକାର ନୈପୁଣ୍ୟର ଅସଂଖ୍ୟ ଦୃଷ୍ଟାନ୍ତ ଦିଆଯାଇପାରେ ।

ଏ ଯେଉଁ ହାସ୍ୟରସର କଥା କୁହାଗଲା ଏହା ସର୍ବତୋଭାବେ ସ୍ୱଚ୍ଛ, ନିର୍ମଳ, ଅସୂୟାଶୂନ୍ୟ, ସୁସ୍ଥ । ଏଥିରେ କୌଣସି ଆକ୍ରୋଶ ନାହିଁ, ଆକ୍ଷେପ ନାହିଁ, ଆକ୍ରମଣ ନାହିଁ । ଏଥିରେ ଅଛି କେବଳ ପ୍ରାଣ ମତାଣିଆ ଆମୋଦ, କେବଳ ରସ ଛଳ ଛଳ କୌତୁକ, କେବଳ ସଜ ସରସ ଟାପରା । ଏହା ଖଣ୍ଡିଏ ଖଣ୍ଡିଏ ନିଛକ ଆନନ୍ଦର ରସ ଭରପୂର କାକରା । ଏ ଆନନ୍ଦରେ କେତେବେଳେ ଅନ୍ତରରେ ହସର ସ୍ନିଗ୍ଧକୋମଳ ଟିହିରଣ ଜାଗେ, କେତେବେଳେ ଚିତ୍ତ ଉତ୍‌ଫୁଲ୍ଲ ଉଲ୍ଲସିତ ହୁଏ, କେତେବେଳେ ହସିହସି ପେଟ ଫାଟେ । କେତେବେଳେ ବେଦମ ହସରେ ଅସ୍ତବ୍ୟସ୍ତ ହେବାକୁ ପଡ଼େ ।

କିନ୍ତୁ କାନ୍ତକବି ଅନ୍ୟ ହାସ୍ୟରସ ସୃଷ୍ଟି କରି ଯାଇଛନ୍ତି ଯେଉଁଥିରେ ଅଛି ଶାଣିତ ବ୍ୟଙ୍ଗ, ତୀକ୍ଷ୍ଣ ବିଦ୍ରୂପ । ହସର ରସାକୀର୍ଣ୍ଣ ଆବରଣ ତଳେ ତାହା

ଖଣ୍ଡିଏ ଖଣ୍ଡିଏ ଜ୍ୱଳନ୍ତ ଅଙ୍ଗାର । ତାଙ୍କର 'ଅସହଯୋଗୀର ଆତ୍ମକଥା', 'ପଞ୍ଚାମୃତ', 'ନବ ଗ୍ରାମାୟଣ' ଏବଂ ଆଉ କେତୋଟି ରଚନାରେ ରହିଛି, ଏଇପ୍ରକାରର ତୀବ୍ର, ତୀକ୍ଷ୍ଣ, ବିଦ୍ରୂପ ଶାଣିତ ହାସ୍ୟରସ ।

କାନ୍ତକବି ସାଧାରଣତଃ ଥିଲେ କ୍ଷମା-ପ୍ରବଣ । ଅଜସ୍ର ଧୈର୍ଯ୍ୟର ଅଧିକାରୀ ଥିଲେ ସେ । ବହୁତ ଆଘାତ ସେ ସହୁଥିଲେ-ସହି ପାରୁଥିଲେ । କିନ୍ତୁ ସେ ମଧ୍ୟ ଥରେ ଥରେ ପ୍ରଚଣ୍ଡ ଆଘାତ ଦେଇ ପାରୁଥିଲେ । ସେ ଆଘାତ ପୁଣି ଦୁରନ୍ତ ହାସ୍ୟ ରସର ପ୍ରଖର ପ୍ରଚଣ୍ଡ ରୂପ ଗ୍ରହଣ କରୁଥିଲା । ବିଶେଷତଃ ଜାତି ଓ ଦେଶର କଲ୍ୟାଣ-କର୍ମରେ ସ୍ୱାର୍ଥ ଯେଉଁଠି ପ୍ରତିବନ୍ଧକ ସୃଷ୍ଟି କରୁଥିଲା, ନାନା ଛଳନା, ନାନା ଶଠତା, ନାନା ଧୂର୍ତ୍ତ ଅଭିସନ୍ଧି ଯେଉଁଠି ସମାଜର ଅଗ୍ରଗତିକୁ ବିଘ୍ନିତ କରୁଥିଲା ସେଇଠି ସେ ଶାଣିତ ବିଦ୍ରୂପର ତୀକ୍ଷ୍ଣ ଶର ହାଣି ଦେଶଦ୍ରୋହୀ କିମ୍ବା ଶଠ, ସ୍ୱାର୍ଥାନ୍ୱେଷୀକୁ ଅସ୍ତବ୍ୟସ୍ତ କରି ପକାଉଥିଲେ । ୧୯୨୦-୨୧ ରେ ମହାତ୍ମା ଗାନ୍ଧିଙ୍କ ତ୍ୟାଗପୂତ ନେତୃତ୍ୱରେ ସତ୍ୟାଗ୍ରହ ଆନ୍ଦୋଳନର ସୂତ୍ରପାତ ହେଲା । ଭାରତ ବ୍ୟାପି ଏଇ ଅହିଂସା-ସମରରେ ଓଡ଼ିଶା ମଧ୍ୟ ଝାସ ଦେଲା । ସେଇ ସତ୍ୟାଗ୍ରହ ଯେତେବେଳେ ଅଧିକରୁ ଅଧିକ ଦୃଢ ଓ ସଂଗଠିତ ହୋଇ ସ୍ୱାଧୀନତା ପ୍ରାପ୍ତିର ପଥ ପ୍ରଶସ୍ତ କରୁଥାଏ ସେତିକବେଳେ ସମଗ୍ର ଦେଶର ନାନା ସ୍ଥାନରେ ସ୍ୱାର୍ଥପର ଦେଶଦ୍ରୋହୀ ବ୍ୟକ୍ତିମାନେ ନାନା ଦୁରଭିସନ୍ଧି ଓ ହୀନ ଚକ୍ରାନ୍ତରେ ଲିପ୍ତ ହେଉଥାନ୍ତି । ଓଡ଼ିଶା ମଧ୍ୟ ଏଇପରି ଦୁରଭିସନ୍ଧି ଓ ହୀନ ଚକ୍ରାନ୍ତର ନାରକୀୟ ଲୀଳାରୁ ମୁକ୍ତ ନଥିଲା । ତତ୍କାଳୀନ ଓଡ଼ିଶାର କେତେକ ତଥାକଥିତ ବିଶିଷ୍ଟ ଓ ସମ୍ଭ୍ରାନ୍ତ ବ୍ୟକ୍ତି ଏଇପରି ଅପକର୍ମରେ ଲିପ୍ତରହି ନାନାପ୍ରକାର କଳଙ୍କନ୍ଦଳ ଭିଆଉଥିଲେ । ଏମାନଙ୍କର ଦେଶଦ୍ରୋହୀ ମନୋଭାବ ଓ କାର୍ଯ୍ୟକଳାପର କଠୋର ସମାଲୋଚନା ସକାଶେ କାନ୍ତକବି ଲେଖନୀ ଧାରଣ କଲେ ।'ପଞ୍ଚାମୃତ' ଓ 'ନବଗ୍ରାମାୟଣ' ତାହାର ପରିଣତି ।

ଆଶ୍ଚର୍ଯ୍ୟର କଥା 'ପଞ୍ଚାମୃତ'ରେ କାନ୍ତକବି ଯେଉଁମାନଙ୍କୁ ସମାଲୋଚନାର ତୀବ୍ର କଷାଘାତ କରିଛନ୍ତି ସେମାନଙ୍କ ଭିତରେ ତାଙ୍କର କେତେକ ଆତ୍ମୀୟ ମଧ୍ୟ ଅନ୍ତର୍ଭୁକ୍ତ । ଆତ୍ମୀୟ-ସ୍ୱଜନ ବୋଲି ସେମାନେ ଏଇ ବିଦ୍ରୂପର ତୀବ୍ର ଆକ୍ରମଣରୁ ଅବ୍ୟାହତି ପାଇ ନାହାନ୍ତି ।

କେବଳ ଦେଶଦ୍ରୋହୀଙ୍କୁ କବି ସମାଲୋଚନା କରି ନାହାନ୍ତି; ସେ ଯୁଗରେ ଯେଉଁମାନେ ସତ୍ୟାଗ୍ରହୀ ଥିଲେ, ଯେଉଁମାନେ ସ୍ୱାଧୀନତା ସମରରେ ଯୋଗ ଦେଇଥିଲେ ଏବଂ ଦେଶସେବା କରୁଁ କରୁଁ—ଦେଶର ସ୍ୱାଧୀନତା ପାଇଁ ଲଢ଼ାଇ କରୁଁ କରୁଁ ଭୁଲ ତ୍ରୁଟି ବି କରୁ ଥିଲେ—ନାନା ପ୍ରକାରର ସ୍ଖଳନ ଓ ଦୁର୍ନୀତିର ବଶବର୍ତ୍ତୀ ବି ହେଉଥିଲେ,

ସେମାନଙ୍କୁ ସେମାନଙ୍କର ଭୁଲ, ତ୍ରୁଟି, ଭ୍ରାନ୍ତି ଓ ବିଚ୍ୟୁତି ବିରୁଦ୍ଧରେ ସତର୍କ କରାଇଦେବା ସକାଶେ—ସେମାନଙ୍କର ଚରିତ୍ର ଓ ଆଚରଣର ସଂଶୋଧନସକାଶେ ସେ ରଚନା କରିଥିଲେ 'ଅସହଯୋଗୀର ଆତ୍ମକଥା ।'

ଏତଦ୍‌ବ୍ୟତୀତ ତାଙ୍କର ଆହୁରି କେତେକ ହାସ୍ୟରସାତ୍ମକ ରଚନା ମଧ୍ୟ ସେଇ ସମୟର ରାଜନୈତିକ କ୍ଷେତ୍ରରେ ନାନା ଦୁର୍ନୀତି, ନାନା ଦୋଷ ଦୁର୍ବଳତା, ନାନା ଅଧୋଗତି ଓ ହଠଚମତ୍କୁ ବିଦ୍ରୁପ କିମ୍ବା କଠୋର ସମାଲୋଚନା କରିବା ଉଦ୍ଦେଶ୍ୟରେ ଲିଖିତ ହୋଇଥିଲା ।

କାନ୍ତକବିଙ୍କର ପ୍ରବନ୍ଧ ସାହିତ୍ୟ ପର୍ଯ୍ୟାୟରେ ହାସ୍ୟରସ ସମ୍ବନ୍ଧୀୟ ଯୋଡ଼ିଏ ରଚନା ଅନ୍ତର୍ଭୁକ୍ତ ହୋଇଛି । ଏଇ ରଚନା ଯୋଡ଼ିକର କେତେକ ତାତ୍ତ୍ୱିକ ଆଲୋଚନା ରହିଛି— ଆଉ ରହିଛି କବିଙ୍କର ସ୍ୱୀୟ ଅନୁଭୂତି ଓ ଅଭିଜ୍ଞତାରୁ ଉଦ୍‌ଭୂତ କେତେକ ଉପାଦେୟ ଓ ସୁଷ୍ଠୁ ମନ୍ତବ୍ୟ । ସେଇ ପ୍ରବନ୍ଧଯୋଡ଼ିକରୁ କେତେକଅଂଶ ଏଠାରେ ଉଦ୍ଧାର କରିବା ଆବଶ୍ୟକ । କବି ଯେ ପ୍ରବନ୍ଧ ଯୋଡ଼ିକରେ ଲେଖିଛନ୍ତି—

"ହାସ୍ୟରସ ଆନନ୍ଦ ଦେବା ସଙ୍ଗେ ସଙ୍ଗେ ବୁକୁ ଉପରୁ ଚିନ୍ତା, ଉଦ୍‌ବେଗ ଅବସାଦର ଭାରି ଅପସାରଣ କରି ହୃଦୟକୁ କରିପାରେ ହାଲୁକା । ଏଥିପାଇଁ ହାସ୍ୟରସ ସ୍ୱାସ୍ଥ୍ୟପ୍ରଦ ବୋଲି ଲୋକେ କହନ୍ତି । ଯେ ଯେତେ ହସେ ସେ ସେତେ ସୁସ୍ଥ-ଶାରୀରିକ ଓ ମାନସିକ ଉଭୟରେ ।"

"ସବୁ କଥା ଭିତରେ ହସିବାର ଉପାଦାନ ବାହାର କରିପାରିବା ପାଇଁ ଗୋଟାଏ ବିଶେଷ ଶକ୍ତି ବା ମନୋବୃତ୍ତିର ପ୍ରୟୋଜନ । ସମସ୍ତେ ଏହା କରି ପାରନ୍ତି ନାହିଁ । ଯେ ଏହା କରିପାରେ ସେ ଭାଗ୍ୟବାନ୍ । କାରଣ, ଏହା କରିପାରିଲେ ଦୁନିଆର ଅନେକ ଦୁଃଖ, ଦୁଶ୍ଚିନ୍ତା, ଉଦ୍‌ବେଗ, ଆକୁଳତା, ଦୁର୍ବିପାକକୁ ଏଡ଼ାଇଦେଇ ଜୀବନକୁ ଆରାମ୍‌ଦାୟକ, ଉପଭୋଗକ୍ଷମ କରିହୁଏ । ଏଭଳି ଲୋକଙ୍କୁ ସମସ୍ତେ ପସନ୍ଦ କରନ୍ତି । ତାର ଢଳ୍‌ଢାଳିଆ ଖୁସ୍‌ମିଜାଜ୍ ଗୋଟାଏ ସଂକ୍ରାମକ ବ୍ୟାଧି ପରି ଆଖପାଖିଆ ଲୋକଙ୍କୁ ଏପରିକି ଯେଉଁ କାର ବାୟୁମଣ୍ଡଳକୁ ପୁଲକିତ କରେ । ଏହାମଧ୍ୟ ସୀମା ଅତିକ୍ରମ କଲେ ସବୁ ରସ ପାଣି ଫାଟିଯିବାର ସମ୍ଭାବନା ଅଛି । ଯେ ମାତ୍ରା ଟପିଯାଏ ସେ ଲୋକରେ ନିନ୍ଦନୀୟ । ତାକୁ ଲୋକେ କହନ୍ତି ହେରଫା, ନେଫଡ଼ା, ହେଁହେଁୟା ।"

"ଯେକୌଣସି ଗୋଟିଏ କଥାକୁ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିରେ ଦେଖେ ଓ ତହିଁରେ ମଜ୍ଜିଯାଏ, ସେ ସେଥିରୁ ବ୍ୟଙ୍ଗ ବା ହାସ୍ୟରସର ସୁଆଦ ଉଠାଇ ପାରେ ନାହିଁ । ଗମ୍ଭୀର ଦୃଷ୍ଟିଭଙ୍ଗୀରେ ନିରୀକ୍ଷଣ କଲେ ବିଷୟ ଭିତରେ ମଗ୍ନ ହୋଇଯିବା ଅର୍ଥାତ୍ ବିଷୟ ସହିତ ଏକାଙ୍ଗ ଓ ଆସକ୍ତ ହୋଇ ପଡ଼ିବା ସ୍ୱାଭାବିକ । ମାତ୍ର ହାସ୍ୟରସିକ ରଙ୍ଗକାର

ତାହା କଲେ ଚଳେ ନାହିଁ । ଯେତେ ଗୁରୁତ୍ୱମସ୍ତ କଥା ହେଉ ପଛକେ, ନଙ୍ଗବ୍ୟଙ୍ଗକାର ସବୁବେଳେ ନିଜକୁ ଧୀର, ସ୍ଥିର, ପ୍ରଶାନ୍ତ, ନିର୍ମମ, ଅନାସକ୍ତ ଦର୍ଶକବୋଲି ମଣି ନିରପେକ୍ଷତାର ପ୍ରଚକ୍ଷୁ ଲଗାଇ ସବୁକଥା ଦେଖି ଯାଉଥିବ । ଏହିପରି ଦୃଷ୍ଟିଶକ୍ତି ଯେ ହାସଲ କରିପାରେ ସେହି ଏକା ଦେଇପାରେ ସବୁ କଥାକୁ ହସରେ ଉଡ଼ାଇ—ସେହି ଏକା ସବୁକଥା ଭିତରୁ ବାହାର କରିପାରେ ହସର ମର୍ମ୍ମ ।"

"ହାସ୍ୟରସର ଉଦ୍ଦେଶ୍ୟ ଯେ କେବଳ ଲୋକକୁ ଆମୋଦ ଦେଇ ମନକୁ ହାଲୁକା କରିବା ତାହା ନୁହେଁ । ବ୍ୟଙ୍ଗ, ବିଦ୍ରୁପ ଓ ଶ୍ଳେଷଦ୍ୱାରା ଅନେକ ବ୍ୟକ୍ତିଗତ ଓ ସାମୂହିକ ଦୋଷ ତ୍ରୁଟି ଅନାବୃତକୁ ବିତାଡ଼ିତ କରାଯାଇପାରେ ।"

"ସାମାଜିକ, ଦଳଗତ ବା ବ୍ୟକ୍ତିଗତ ଦୁର୍ନୀତି-ନିରାକରଣପାଇଁ ବ୍ୟଙ୍ଗୋକ୍ତି ବା ବକ୍ରୋକ୍ତି ଛଡ଼ା ଅନାବିଳ ଆନନ୍ଦ ଦାନ ନିମନ୍ତେ ମଧ୍ୟ ହାସ୍ୟରସର ପ୍ରୟୋଜନ ହୋଇଥାଏ ।"

"ଅନେକେ କହନ୍ତି, ହାସ୍ୟରସ ଉପଭୋଗ କରିବା ନିମନ୍ତେ ଗ୍ରାହକତା ଲୋଡ଼ା । ଯେଉଁ ବ୍ୟକ୍ତି ବା ଜାତି ଯେତେ ଅଧିକ ତାହା କରିପାରେ, ସେ ବ୍ୟକ୍ତି ବା ଜାତି ସେତିକି ପ୍ରାଣବନ୍ତ ।"

ଉପରୋକ୍ତ ମନ୍ତବ୍ୟଗୁଡ଼ିକ ସୁଚିନ୍ତିତ, ଉପାଦେୟ ଓ ମୂଲ୍ୟବାନ୍ ତ ନିଶ୍ଚୟ, କାନ୍ତକବିଙ୍କ ସ୍ୱୀୟ ହାସ୍ୟ ରସାତ୍ମକ ରଚନା ସମ୍ବନ୍ଧରେ ଏଗୁଡ଼ିକ ମଧ୍ୟ ବିଶେଷ ଭାବରେ ପ୍ରଣିଧାନ ଯୋଗ୍ୟ । ତାଙ୍କ ହାସ୍ୟରସ-ପୂର୍ଣ୍ଣ ରଚନାର ଅଧିକାଂଶହିଁ ନିର୍ମଳ ଆନନ୍ଦ ଦେବା ଉଦ୍ଦେଶ୍ୟରେ ସୃଜିତ । କବି ନିଜେ ଥିଲେ ବ୍ୟାଧିଗ୍ରସ୍ତ ଏବଂ ସେଇ କାରଣରୁ ଅଶେଷ ସନ୍ତାପ ଓ ଯନ୍ତ୍ରଣା ମଧ୍ୟ ସେ ଭୋଗ କରିଥିଲେ । ତାଙ୍କର ହାସ୍ୟରସ ତାଙ୍କୁ ଏଇ ସନ୍ତାପ ଓ ଯନ୍ତ୍ରଣାକୁ ଭୁଲି ଜୀବନର ସତ୍ୟ ସ୍ୱରୂପ ଓ ପ୍ରକୃତ ମର୍ମ ବୁଝିବା ସକାଶେ ପ୍ରଚୁର ଶକ୍ତି ଓ ସାମର୍ଥ୍ୟ ଦେଉଥିଲା । ପୁଣି ତାଙ୍କର ହାସ୍ୟରସ ଥିଲା ବହୁ ଦୁଃଖ-ତପ୍ତ ସନ୍ତାପ-ଦଗ୍ଧ ହୃଦୟ ଲାଗି ଆନନ୍ଦର ଚନ୍ଦନ-ପ୍ରଲେପ । କବି ଏଇ ସୁଷ୍ଠୁ ସୁସ୍ଥ, ନିର୍ମଳ ହାସ୍ୟରସ ସୃଷ୍ଟି କରିବା ସକାଶେ ବହୁ ପରିମାଣରେ ନିରୁଦ୍ୱିଗ୍ନ, ଧୀର ଓ ନିରାସକ୍ତ ରହୁଥିଲେ । ଜୀବନର ନାନା ଘାତପ୍ରତିଘାତ ନାନା ଆଲୋଡ଼ନ-ଆନ୍ଦୋଳନ ଜଞ୍ଜାଳ-ଜମ୍ଭାଳ ମଧ୍ୟରେ ସେ ରହୁଥିଲେ ପ୍ରଶାନ୍ତ-ସ୍ଥିତ-ପ୍ରଜ୍ଞ । ସେଥି ସକାଶେ ତାଙ୍କର ହାସ୍ୟରସ ଏପରି ଅନାବିଳ ଓ ଉଜ୍ଜ୍ୱଳ । କିନ୍ତୁ କଠିନ ସାମାଜିକ କିମ୍ବା ରାଜନୈତିକ ଦାୟିତ୍ୱ ନେଇ ସେ ଯେତେବେଳେ ସମାଲୋଚନା ସକାଶେ ବିଦ୍ରୁପ-ପ୍ରଖର ହାସ୍ୟରସ ସୃଷ୍ଟି କରୁଥିଲେ ସେତେବେଳେ ତାହା ହେଉଥିଲା କଠିନ ଓ ପ୍ରଚଣ୍ଡ ।

●

# ଗାୟକ ଓ ଗୀତିକାର କାନ୍ତକବି

ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସରେ ଗୀତିକବିତାର ପରଂପରା ଯେପରି ସମୃଦ୍ଧ ଓ ସାବଳୀଲ ଭାରତର ଅନ୍ୟ ଅଞ୍ଚଳର ପ୍ରାଚୀନ ସାହିତ୍ୟର ଇତିହାସରେ କ୍ୱଚିତ୍ ସେପରି ଦେଖିବାକୁ ମିଳେ । ବଙ୍ଗଳା-ସାହିତ୍ୟ କ୍ଷେତ୍ରରେ ବୈଷ୍ଣବ ଓ ବାଉଲ କବିମାନଙ୍କର ସୁରସାଳ, ଭାବମେଦୁର ଓ ପ୍ରାଣସ୍ପର୍ଶୀ ସଙ୍ଗୀତ ସମୂହର ଆଧିକ୍ୟ ସତ୍ତ୍ୱେବି ଏକଥା ନିଃସନ୍ଦେହରେ କୁହାଯାଇ ପାରେ ଯେ ପ୍ରାଚୀନ ଓଡ଼ିଆ ଗୀତିକବିତାର ପରମ୍ପରା ଅଧିକ ବୈଚିତ୍ର୍ୟ-ପୂର୍ଣ୍ଣ—ପୁଣି କାଳର ପରିସର ଦୃଷ୍ଟିରୁ ଅଧିକ ବ୍ୟାପକ । ସୁଦୂର ଅତୀତର ଋଜୁ ସରଣୀରେ ଶୁଣିବାକୁ ମିଳିଲା କୋଇଲି ଓ ଚଉତିଶାର ସରଳ ମଧୁର ପଦଧ୍ୱନି । କ୍ରମେ ଜୀବନ ଜଟିଳ ହେଲା—ପଥ ଅଙ୍କାବଙ୍କା ହେଲା—ନାନା ସ୍ୱର ନାନା ତାଳର ବୈଚିତ୍ର୍ୟ ବର୍ଣ୍ଣାଢ଼୍ୟ ହୋଇ ଉଠିଲା । ଭଞ୍ଜ, ଦୀନକୃଷ୍ଣ, ସାମନ୍ତସିଂହାରଙ୍କର ରସାଳ ସଙ୍ଗୀତର ଅପରୂପ, ନବନବ ଲାଳିତ୍ୟର ବିଚିତ୍ର ଲହରୀ ଲୀଳାୟିତ ହେଲା । ଆସିଲେ ଗୋପାଳକୃଷ୍ଣ କବିସୂର୍ଯ୍ୟ ଇତ୍ୟାଦି ଅନ୍ୟାନ୍ୟ ଗୀତିକାରବୃନ୍ଦ । ଭାଷାର ବିଚିତ୍ରତର ପ୍ରକାଶର କମନୀୟ ପ୍ରବାହରେ ସଙ୍ଗୀତର ମନୋହର ମୂର୍ଚ୍ଛନା ପ୍ରାଣକୁ ଦେଲା ନୁଆ ନୁଆ ଆନନ୍ଦ । ଏଇପରିଭାବରେ କୋଇଲି ଓ ଚଉତିଶା ଇତ୍ୟାଦିର ଉନ୍ମେଷକାଳରୁ ଗୋପାଳକୃଷ୍ଣଙ୍କ ପଦାବଳୀ ଓ କବିସୂର୍ଯ୍ୟଙ୍କ ଛାନ୍ଦ ସମୂହର ସମୃଦ୍ଧ ଓ ସୁରୁଚିର ବିକାଶକାଳ ପର୍ଯ୍ୟନ୍ତ ଦୀର୍ଘକାଳର ବିସ୍ତୀର୍ଣ୍ଣ ପରିସର ଉପରେ ପରିବ୍ୟାପ୍ତ ଓଡ଼ିଆ ଗୀତିକବିତାର ବିଚିତ୍ର ରସମୟ ରୂପର ପରମ୍ପରା ପର୍ଯ୍ୟବେକ୍ଷଣ କଲେ ଆଚମ୍ଭିତ ହେବାକୁ ହୁଏ । ପରବର୍ତ୍ତୀ ସାହିତ୍ୟ ରଥୀମାନଙ୍କର ଅମର ଅବଦାନରେ ଏଇ ଗୀତିକବିତାର ପରମ୍ପରା କିଛି ପରିମାଣରେ ସ୍ତିମିତ ହୋଇ ପଡ଼ିଥିବାର ଦେଖାଯାଏ । ରାଧାନାଥ ଓ ଗଙ୍ଗାଧର ସେମାନଙ୍କ କାବ୍ୟଗୁଡ଼ିକୁ ବିଭିନ୍ନ ବୃତ୍ତରେ ରଚନା କରିଥିଲେ ବି ସଙ୍ଗୀତ ସାହିତ୍ୟ ରୂପେ ସେଗୁଡ଼ିକର ପ୍ରସିଦ୍ଧି ଓ ଜନପ୍ରିୟତା ସେପରି ଉଜ୍ଜ୍ୱଳ ନୁହେଁ । ସେ କାବ୍ୟଗୁଡ଼ିକ ପ୍ରଧାନତଃ ପାଠ୍ୟ—କିନ୍ତୁ ଗେୟ ନୁହନ୍ତି । ଅର୍ଥାତ୍ ସେଗୁଡ଼ିକ ପଠନ ବିଦଗ୍ଧ ଚିତ୍ତକୁ ଯେପରି ରସାପ୍ଲୁତ ଓ ଅନୁପ୍ରାଣିତ କରେ ସେଗୁଡ଼ିକ ଗାନ କଲେ ଶ୍ରୋତାର ଚିତ୍ତ ସେପରି ଉଲ୍ଲସିତ ଓ ଆମୋଦିତ ହୁଏନା । ଭକ୍ତକବି ମଧୁସୂଦନଙ୍କର ଅନେକକବିତା ମଧୁର ସ୍ୱରଯୋଜନା ସହ ସ୍ତୋତ୍ର ରୂପେ ବୋଲାଯାଉଥିଲେ ମଧ ଏବଂ ସେ ପୁଣି ବହୁ ବ୍ରାହ୍ମ ସଙ୍ଗୀତ ରଚନା କରି ଯାଇଥିଲେ ସୁଦ୍ଧା ଉପେନ୍ଦ୍ର, ଅଭିମନ୍ୟୁ, ବଳଦେବ, ଗୋପାଳକୃଷ୍ଣ; ବନମାଳୀ ଇତ୍ୟାଦି ସଙ୍ଗୀତକାର-ମାନଙ୍କ ପ୍ରସିଦ୍ଧି ଅର୍ଜନ କରିବାକୁ ସେ ସମର୍ଥ ହୋଇ ନାହାନ୍ତି । ନନ୍ଦକିଶୋରଙ୍କର କାବ୍ୟ କବିତା ଗୀତିକବିତାର ମାଧୁରୀ ସୁଷମା ଓ ଲାଳିତ୍ୟରେ ବିମଣ୍ଡିତ । ତା' ସତ୍ତ୍ୱେବି

ଶୁଦ୍ଧ ସଙ୍ଗୀତର ରଚନା କ୍ଷେତ୍ରରେ ସେ ଯେପରି ନିପୁଣତାର ପରିଚୟ ଦେଇ ପାରି ନାହାନ୍ତି । ତେଣୁ ସରସ୍ୱତୀଙ୍କ ସେଇ ମହାସ୍ଥାନ ବରପୁତ୍ରମାନଙ୍କ ସମୟରେ ଏଇପରି ଗୋଟାଏ ସନ୍ଦେହ-ଗୋଟାଏ ଆଶଙ୍କା-ଗୋଟାଏ ମର୍ମବେଦନା ଦେଖା ଦେଲା ଯେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଶୁଦ୍ଧ ସଙ୍ଗୀତ ରଚନାର ଅଧ୍ୟାୟ ବୋଧହୁଏ ସମାପ୍ତି ଲାଭ କରିଛି । କିନ୍ତୁ କାନ୍ତକବିଙ୍କ ସୃଷ୍ଟି ସମାରୋହ ସେପରି ମର୍ମବେଦନା ଅନୁଭବ କରିବାକୁ ଦେଲା ନାହିଁ ।

କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ସୃଷ୍ଟିର ସମଗ୍ର ପରିସରରେ ଦେଖିବାକୁ ମିଳେ ଭିନ୍ନ ଭିନ୍ନ ଦିଗନ୍ତ—ଭିନ୍ନ ଭିନ୍ନ ସ୍ୱଭାବ—ଭିନ୍ନ ଭିନ୍ନ ପ୍ରାନ୍ତ ଓ ପ୍ରଦେଶ, ତା ସତ୍ତ୍ୱେ ବି, ମୋ ମତରେ ସେ ପ୍ରଧାନତଃ ଗୀତିକାର । ଜୀବନର ସୁର ପ୍ରବାହରେ ଭଗୀରଥ ହୋଇ ଜନ୍ମଗ୍ରହଣ କରିଥିଲେ । ଜୀବନର ରଙ୍ଗ ମଞ୍ଚରେ ସେ ଅବତୀର୍ଣ୍ଣ ହୋଇଥିଲେ ଗାୟକର ଭୂମିକାରେ । ଅଶ୍ରୁ, ଆନନ୍ଦ, ନୈରାଶ୍ୟ, ପ୍ରେମ, ଅଭିମାନ, ଭକ୍ତି ଇତ୍ୟାଦି ପ୍ରାଣର ନାନା ରୂପ, ନାନା ଅନୁଭୂତିକୁ ସେ ସଙ୍ଗୀତର ମଧୁମୟ ନିର୍ଯ୍ୟାସର ରୁଦ୍ରମୟ ରୂପ ଦାନ କରିଥିଲେ । ତାଙ୍କ ଜୀବନର ବିଶୁଦ୍ଧତମ ଅନୁଭୂତିଗୁଡ଼ିକ ସଙ୍ଗୀତର ପୁଷ୍ପରେ ପରିଣତ ହୋଇ ଦେବତାଙ୍କ କଣ୍ଠରେ ମାଲ୍ୟରୂପେ ଶୋଭା ପାଉଥିଲା । କୈଶୋରରୁ ହିଁ ସେ ଥିଲେ ଜନ୍ମଗତ ଗାୟକ ଓ ଗୀତିକାର । ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ତାଙ୍କ ଦୁଃଖ ଯେତିକି ବଢ଼ିଲା, ହାହାକାରର ତୀବ୍ରତା ଯେତିକି ପ୍ରଖର ହେଲା, ନୈରାଶ୍ୟର ଓ ବ୍ୟର୍ଥତାର ଦାବଦାହ ଯେତିକି ଲେଲିହାନ ଶିଖା ବିସ୍ତାର କଲା ତାଙ୍କ ସଙ୍ଗୀତ ସେତିକି ମଧୁର ହେଲା, ସେତିକି ଗମ୍ଭୀର ହେଲା, ସେତିକି ବିଧୁର ଓ ପ୍ରାଣସ୍ପର୍ଶୀ ହେଲା । ନିଜକୁ ସେ ନିଜ ସଙ୍ଗୀତ ମଧ୍ୟରେ ହଜାଇ ଦେଇଥିଲେ ନିଃଶେଷ କରି ଦେଇଥିଲେ ।

ଆଜିର ଓଡ଼ିଆ ସଙ୍ଗୀତର ଶୋଚନୀୟ ଅଧୋଗତିର ପରିପ୍ରେକ୍ଷୀରେ କାନ୍ତକବିଙ୍କୁ ବିଶେଷ ଭାବରେ ସ୍ମରଣ କରିବାର କଥା । ଏବେ ଯେଉଁ କୁରୁଚି ପୂର୍ଣ୍ଣ ସଙ୍ଗୀତର ପ୍ଲାବନ ଦେଖା ଦେଇଛି ତାର ଉଲ୍ଲେଖ ମୁଁ ଏଠାରେ କରୁ ନାହିଁ । ଯେଉଁ ଗୀତଗୁଡ଼ିକ ସୁରୁଚି-ସମ୍ପନ୍ନ ବୋଲି ମନ୍ତବ୍ୟ କରାଯାଉଛି ସେଗୁଡ଼ିକୁ ବିଶେଷ ଭାବରେ ପର୍ଯ୍ୟାଲୋଚନା କଲେ ବି ନିରାଶ ହେବାକୁ ପଡ଼େ । କେତୋଟି ହାଲୁକା ଶବ୍ଦକୁ ଏପଟ ସେପଟ କରି ଥୋଇ ଗୋଟିଏ କୋମଳ ଲଘୁ ବାତାବରଣ ସୃଷ୍ଟି କରିବା ବ୍ୟତୀତ ଅନେକ ସଙ୍ଗୀତର ଅନ୍ୟ କୌଣସି ଉଦ୍ଦେଶ୍ୟ ଥିଲାପରି ମନେ ହୁଏନାହିଁ । ହୃଦୟର କୌଣସି ଗମ୍ଭୀର ଅନୁଭୂତି, ମନର କୌଣସି ଦୀପ୍ତ ଚେତନା କିମ୍ବା ଉପଲବ୍ଧି-କୌଣସି ନିବିଡ଼ତା ରୂପ ପାଇ ନ ଥାଏ ଏଇ ଗୀତ ଗୁଡ଼ିକରେ । କେତୋଟି ଶବ୍ଦର ଏକ ହିଲ୍ଲୋଳ ବ୍ୟତୀତ ସ୍ୱର ସଂଯୋଜନାର ଏକ ମଧୁର ପ୍ରଲେପ ବ୍ୟତୀତ ଏଇ ସଙ୍ଗୀତ ଗୁଡ଼ିକର ଅନ୍ୟ କୌଣସି

ଅବଧାନ ଥିଲାପରି ମନେ ହୁଏନା । କେବଳ ଟିକିଏ କୁହୁକ ସୃଷ୍ଟି କରିବା, ମନକୁ ଟିକିଏ ଚହଲାଇ ଦେବା, ମନରେ ଟିକିଏ ମାଦକତା ସୃଷ୍ଟି କରିବା ବ୍ୟତୀତ ଅନ୍ୟ କୌଣସି ଗଭୀରତର, ନିବିଡ଼ତର, ଉଜ୍ଜ୍ୱଳତର ଉଦ୍ଦେଶ୍ୟ ନେଇ ଏଗୁଡ଼ିକ ରଚିତ ହୋଇ ନଥାଏ । ସଙ୍ଗୀତ କେବଳ ଚତୁର ଶବ୍ଦ ଯୋଜନା ନୁହେଁ । ଏଥିରେଥାଏ ପ୍ରାଣରେ ବିଚିତ୍ର ଅନୁଭୂତି, ମନୀଷାର ଦୀପ୍ତ ସ୍ପର୍ଶ, ଉପଲବ୍ଧି-ନିବିଡ଼ ଶାଶ୍ୱତ ସୁଷମା । ଯା'ର ମନ ଗଭୀର ଅନ୍ତର୍ଦୃଷ୍ଟିରେ ଉଜ୍ଜ୍ୱଳ, ଯା'ର କଣ୍ଠର ଉଚ୍ଚାରଣ ପଛରେ ବିପୁଳ ଉପଲବ୍ଧିର ପ୍ରେରଣା ରହିଛି, ଯାର ଅନ୍ତର ନାନା ଅନୁଭୂତିର ଗଭୀରତାରେ ପହଞ୍ଚି ପାରିଛି କେବଳ ତା'ର ସଙ୍ଗୀତ ହୃଦୟରେ ଶାଶ୍ୱତ ଭାବରେ ତରଙ୍ଗ ଖେଳାଇ ପାରେ । ଜୀବନ ସଙ୍ଗୀତ ସେହି ପ୍ରକାରର ସଙ୍ଗୀତ-କାନ୍ତକବି ସେହି ଶ୍ରେଣୀର ସଙ୍ଗୀତକାର ।

ପୂର୍ବରୁ କୁହାଯାଇଛି କାନ୍ତକବି କୈଶୋରରୁହିଁ ଥିଲେ ଗାୟକ ଓ ଗୀତକାର କଟକରେ ପାଠ ପଢ଼ୁଥିବା ବେଳେ ଛାତ୍ରାବାସର ପଶ୍ଚାଦ୍ଭାଗରେ ଗୋଧୂଳିର ସ୍ତିମିତ ସ୍ନିଗ୍ଧ ଆଲୁଅରେ ସତୀର୍ଥମାନଙ୍କୁ ନେଇ ସେ ଯେତେବେଳେ ସ୍ୱରଚିତ ସଙ୍ଗୀତ ସବୁ ଲଳିତ, ମଧୁର କଣ୍ଠରେ ବୋଲୁଥିଲେ ସେତେବେଳେ ଭାବର ମେଘ-ମେଦୁର ନିବିଡ଼ତା ସହିତ ସ୍ୱରର ଇନ୍ଦ୍ରଜାଲ ସମନ୍ୱିତ ହେଉଥିଲା । ଗୋପୀଚନ୍ଦନଖଣ୍ଡି ଧରି କୀର୍ତ୍ତନ ବୋଲୁଥିଲା ବେଳେ ଭାବ ଓ ମୂର୍ଚ୍ଛନାର ଝଙ୍କାରରେ ତାଙ୍କ ଚେତନା ଏକାବେଳକେ ନିମଜ୍ଜିତ ହୋଇ ଯାଉଥିଲା । କୀର୍ତ୍ତନ ବୋଲୁବୋଲୁ ଘଣ୍ଟାଘଣ୍ଟା ବିତିଯାଉଥିଲା । ତାଙ୍କର ଶ୍ରାନ୍ତି କ୍ଲାନ୍ତି ବା ଅବସାଦ ଘଟୁ ନ ଥିଲା । ଶ୍ରୋତାମାନେ ମଧ୍ୟ ବିରକ୍ତ ହେଉ ନଥିଲେ । କୀର୍ତ୍ତନ-ସୁନିପୁଣ ଗୁରୁ ରାମ ଦାସ ଥରେ କାନ୍ତକବିଙ୍କ କୀର୍ତ୍ତନ ଶୁଣି ଆନନ୍ଦରେ ବିଭୋର ହୋଇ ଯାଇଥିଲେ । ହୃଦୟର ବିଶୁଦ୍ଧ ପ୍ରେମ କଣ୍ଠର ବିମଳ ମାଧୁର୍ଯ୍ୟରେ ମଣ୍ଡିତ ହୋଇ ଯେଉଁ ରସ ତରଙ୍ଗ ସୃଷ୍ଟି କରୁଥିଲା ଗୁରୁଙ୍କୁ ତାହା ସଙ୍ଗୀତର ମୟୂଖ ପରି ମନେ ହେଉଥିଲା ।

ଯୌବନରେହିଁ କୁଷ୍ଠବ୍ୟାଧିଗ୍ରସ୍ତ ହୋଇ କାନ୍ତକବି କଲିକତା ଗଲେ ଚିକିତ୍ସିତ ହେବା ସକାଶେ । ଚିକିତ୍ସାର ସମସ୍ତ ଉଦ୍ୟମ ବ୍ୟର୍ଥ ହେବାରୁ ନୈରାଶ୍ୟରେ ଜର୍ଜରିତ ହେଲା ତାଙ୍କର ଅନ୍ତର । ସେଇ ନୈରାଶ୍ୟ ଭିତରୁ ଆସିଲା ଏକ ନୂଆ ପ୍ରେରଣା-ନୂଆ ଆଶାର ଶିହରଣ । ତାଙ୍କର ଭଗବନ୍ମୁଖୀ ପ୍ରାଣ ସମ୍ମୁଖରେ ଚିର ଚିନ୍ମୟତାର-ଶାଶ୍ୱତ ଆନନ୍ଦର କ୍ଷୀଣ ତରଙ୍ଗଟିଏ ଝଲସି ଉଠିଲା । କ୍ଷଣକ ପାଇଁ ହେଲେବି ପତିତୋଦ୍ଧାରଣ ବିଭୁପାଦ ସ୍ପର୍ଶର ଅମିୟ ଅନୁଭୂତି ଜାଗିଲା ତାଙ୍କ ଅଙ୍ଗରେ-ତାଙ୍କ ପ୍ରାଣରେ । କୁଳଗୁରୁ ରାମଦାସ କହିଲେ "ବିଭୁବନ୍ଦନାର ପୀୟୂଷ-ପ୍ଲାବନରେ ଜୀବନକୁ ନିମଜ୍ଜିତ କରି ଦେ-ସବୁ ବ୍ୟଥା ଦୂରୀଭୂତ ହେବ-ସକଳ ଯନ୍ତ୍ରଣା ଅପସରି ଯିବ ।"

କାନ୍ତକବି ବାହୁଡ଼ିଲେ ସ୍ୱୀୟ ଗ୍ରାମ ତାଳପଦାକୁ । ଗୁରୁଙ୍କ ଆଦେଶ ଶିରୋଧ କରି ସେ ରାଧାକୃଷ୍ଣଙ୍କ ଲୀଳା ବର୍ଣ୍ଣନା କରିବାକୁ ଲାଗିଲେ । ଆଖିରୁ ତାଙ୍କର ଯେଉ ଅଶ୍ରୁ ଝରିଲା-ଅନ୍ତରରୁ ଝରିଲା ସେତିକି ପ୍ରେମ – କଣ୍ଠରୁ ସେତିକି ସୁଧା-ବିନିନ୍ଦିତ ମାଧୁ ତାଙ୍କର ସେଇ ସମୟର ଅନ୍ୟତମ ପ୍ରଥମ ରଚନା ଝୁଲଣ ସଂଗୀତରେ ରହିଛି ମହାପ୍ର ଶ୍ରୀଚୈତନ୍ୟଙ୍କ ପ୍ରେମାନୁଭୂତିର ରସୋଜ୍ଜ୍ୱଳ ବର୍ଣ୍ଣନା । କ୍ରମେ କ୍ରମେ ଭିନ୍ନ ନାଟକରେ ରାଧାକୃଷ୍ଣଙ୍କ ଶାଶ୍ୱତ ପ୍ରେମର ପୁଷ୍ପ ସୁରଭି ନାନା ସଂଗୀତରେ ପ୍ରକଟି ହେଲା । ମନୋହର ମୁରଲୀ ନାଦ-ମୁଖରିତ ଯମୁନା ତଟର ସେଇ ଅପୂର୍ବ ପ୍ରେମ ଲୀଳ ରସ-କୌମୁଦୀ ତରଙ୍ଗାୟିତ ହେଲା ଗୋଟିଏ ପରେ ଗୋଟିଏ ସଂଗୀତରେ । ନବ କଦମ୍ବ ବନରେ ରାଧା-ଚିତ୍ତ ଚନ୍ଦ୍ରମା ଶ୍ରୀକୃଷ୍ଣଙ୍କର ଅପରୂପ ରୂପମାଧୁରୀର ଯେ ମହନୀୟ ବିକାଶ ଘଟିଥିଲା ତାହାର ଶିହରଣ ଫୁଟି ଉଠିଲା ଏଇ ରଚନା ଗୁଡ଼ିକରେ କବି ବଂଶୀବଦନ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ଲେଖିଲେ:—

"ରାଧିକା ରଞ୍ଜନ, ଅଞ୍ଜନ, ଗଞ୍ଜନ, କଞ୍ଜ ନୟନ ଗିରିଧାରୀ;
ବରଜ-ନାୟକ ମୁରଲୀ-ବାଦକ କୁଞ୍ଜ ଭୁବନ ଅଭିସାରୀ;
ନନ୍ଦ ନନ୍ଦନ ଚର୍ଚ୍ଚିତ-ଚନ୍ଦନ ବନ୍ଦିତ ବ୍ରଜ ବରନାରୀ;
ଗୋକୁଳ-ମଣ୍ଡନ ଗୋପୀବିନୋଦନ ଯମୁନା ବାରି ବିହାରୀ ।"

ପୁଣି ରାଧାକୃଷ୍ଣଙ୍କ ଯୁଗଳ ମୂରତି ସମ୍ବନ୍ଧରେ ଲେଖିଲେ:—

"କିବା ନବ ତମାଳ ହେମଲତା ଜଡ଼ିତ
ଉଭେ ଉଭ ଛନ୍ଦା ଛନ୍ଦି ଲଳିତ ଠାଣି,
କିବା ନବ ନୀରଦ ପାଶେ ହେମ ସରୋଜ
ଯୁଗଳ ମାଧୁରୀ କେ ପାରିବ ବଖାଣି ।"

ଅନ୍ୟତ୍ର ସେଇ ରୂପ ବୈଭବ ପୃଥକ ଭାବରେ ବର୍ଣ୍ଣିତ ହୋଇଛି—

ସଙ୍ଗିନୀ ରସ ରଙ୍ଗିନୀ ଆସଗୋ ବରଜ ନାରୀ,
କୁଞ୍ଜ ଭବନେ ରାଇଧନୀ ସନେ ବିଜୟେ ରାସ ବିହାରୀ;
ନବୀନା କିଶୋରୀ କିଶୋର ପାଶ
ନବଘନେ କିବା ତଡ଼ିତ ହାସ
ଜଡ଼ିତ ଶ୍ୟାମ ପାଦପ ଅଙ୍ଗେ ହେମଲତା ମନୋହାରୀ ।"

ରାଧାକୃଷ୍ଣଙ୍କର ସେଇ ଅଭିନବ ପ୍ରେମର ବିଚିତ୍ର ସ୍ରୋତରେ କେତେବେଳେ ଆସିଛି ଅଭିସାରର ରସଘନ ଉନ୍ମାଦନା—କେତେବେଳେ ଆସିଛି ଦାରୁଣ ବିରହର ତୀବ୍ର ତରଙ୍ଗ । କବିଙ୍କ ରଚନାରେ ରହିଛି ସେଇ ଅଭିସାର ଓ ସେଇ ବିରହର ନିଖୁଣ ଅନୁପମ ଆଲେଖ୍ୟ—

"ବାଜିଲଣି ସଖି ମଧୁର ମୁରଲୀ
ମାଧବୀ କୁଞ୍ଜରେ,
ସେ ତାନ ପରଶେ ଅମିୟ ବରଷେ
ମଧୁପ ଗୁଞ୍ଜରେ;
ବେଣୁନାଦ ଶୁଣି ବହୁଛି ଉଜାଣି
ପୁଲକେ ଯମୁନା ବାରି
ମନ ଛନ ଛନ ଅଧୀର ପରାଣ
ଆକୁଳ ବିରହ ନାରୀ ।

X X X X

"ମୁଁ ତ ଖୋଜିଲିଣି ନୀପତରୁ ମୂଳେ
ମୁଁ ତ ଖୋଜିଲିଣି ଯମୁନା-କୂଳେ;
କି ଦୋଷେ ତେଜିଲେ କାହିଁ ସେ ହଜିଲେ
କା' ସଙ୍ଗେ ମଜ୍ଜିଲେ ଯାଇ ?
କହ କହରେ କୋକିଳ କେକୀ,
କେହି ଅଛ କି ତାହାଙ୍କୁ ଦେଖି ?
ମାଧବୀ ଗନ୍ଧନେ ବିଜନେ କାପିନେ
ଜୀବର ଜୀବନ ମୋର ନାହିଁ ।"

ରାଧାକୃଷ୍ଣଙ୍କ ପ୍ରେମଲୀଳାର ଅନବଦ୍ୟ ଚିତ୍ରର ଫାଙ୍କେଫାଙ୍କେ ସଙ୍ଗୀତର ଲହରୀରେ ତରଙ୍ଗାୟିତ ହୋଇଛି ନିସର୍ଗସୁଷମାର ଅଭିନବ ଆକର୍ଷଣ । ପୁଣି ଠାଏ ଠାଏ ପୁଷ୍ପିତ ହୋଇ ଉଠିଛି ଭକ୍ତ ଚିତ୍ତର ଅଗାଧ ଭଗବଦ୍‌ ବିଶ୍ୱାସ, ଏବଂ ଏସମସ୍ତ ସାଙ୍ଗୀତିକ ବୈଚିତ୍ର୍ୟ ଆମେ ପାଉଁ 'ବସନ୍ତ ବିଳାସ' 'ଶରଦ୍ରାସ' 'ବଂଶୀ ଶିକ୍ଷା', 'କାଳୀୟ ଦଳନ', 'ବ୍ରଜ ବର୍ଜନ' ଇତ୍ୟାଦି ନାଟକରେ । 'ବ୍ରଜ ବର୍ଜନ' ନାଟକରେ ଘଟିଛି ବିରହର ପ୍ରଖର ଯନ୍ତ୍ରଣାର ତୀବ୍ରତର ରୂପାୟନ ।

କ୍ରମେ କବି ରଚନା କଲେ 'ଗୌର ସନ୍ନ୍ୟାସ' ଓ ଅନ୍ୟ ନାଟକ ସମୂହ । 'ଗୌର ସନ୍ନ୍ୟାସ'ରେ ରହିଛି କବିଙ୍କ ଭକ୍ତି ଭାବର ନୂତନ କଲ୍ଲୋଳ ନୂତନ ବିକାଶ । କବିଥିଲେ

ପରମ ବୈଷ୍ଣବ । ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ସମ୍ବନ୍ଧରେ ଯେଉଁ ରହସ୍ୟଘନ ଗମ୍ଭୀର ବୈଷ୍ଣବ ତତ୍ତ୍ୱ ରହିଛି କବି ତାଙ୍କର ଗୋଟିଏ ଗୀତର ମାତ୍ର ଦୁଇଟି ଧାଡ଼ିର ସଂକ୍ଷିପ୍ତ ପରିସର ଭିତରେ ସେଇ ତତ୍ତ୍ୱର ଏକ ସୁସ୍ପଷ୍ଟ ଚିତ୍ର ଆଙ୍କିଛନ୍ତି । ସେ ସଙ୍ଗୀତଟି ପୁଣି ରହିଛି 'ଶରତ୍‌ରାସ' ନାଟକରେ । ବୈଷ୍ଣବ ତତ୍ତ୍ୱ କହେ ଯେ ରାଧା କୃଷ୍ଣଙ୍କର ଯୁଗଳ ମାଧୁରୀର ଏକୀକରଣ ଘଟିଛି ଶ୍ରୀଚୈତନ୍ୟଙ୍କ ଠିଁ । ତାହାଙ୍କ ସ୍ୱର୍ଗୀୟ, ଶାନ୍ତିତ ପ୍ରେମୈଶ୍ୱର୍ଯ୍ୟର ଏକତ୍ର ସମାବେଶ ଦେଖିବାକୁ ମିଳେ ମହାପ୍ରଭୁଙ୍କ ରୂପ ତରଙ୍ଗରେ ଓ ଜୀବନ ପ୍ରବାହରେ । 'ଶରତ୍‌ରାସ'ର ଶେଷ ଭାଗରେ ସଖୀମାନେ ଯେଉଁ ସଙ୍ଗୀତ ସାହାଯ୍ୟରେ ରାଧାକୃଷ୍ଣଙ୍କ ମଧୁର ମିଳନର ଅନବଦ୍ୟ ଶୋଭା ବର୍ଣ୍ଣନା କରୁଛନ୍ତି ତାର ଶେଷ ଭାଗରେ ରହିଛି—

“ଦେଖ ଏ କି ରଙ୍ଗ
ରାଇ ଅଙ୍ଗ ସଙ୍ଗ ଲଭି ଶ୍ୟାମ ହେଲେ ଗୌରାଙ୍ଗ ।”

ଉପରୋକ୍ତ ସଙ୍ଗୀତାଂଶରେ ବୈଷ୍ଣବ ତତ୍ତ୍ୱର ଏଇ ଯେଉଁ ଭାବର ଅପରୂପ ବିନ୍ୟାସ ଘଟିଛି ତାହା ପ୍ରସାରିତ ହୋଇଛି ଗୌରାଙ୍ଗ ସନ୍ୟାସ ନାଟକରେ । ସେଇ ନାଟକର ସମଗ୍ର ଅଂଶରେ କେଉଁଠି କଲ୍ଲୋଳିତ ହେଉଛି ଶ୍ରୀକୃଷ୍ଣଙ୍କ ପ୍ରେମ-ପ୍ରବାହ, କେଉଁଠି ରୂପ ଲାଭ କରିଛି ଶ୍ରୀଚୈତନ୍ୟଙ୍କର ପଦତୋଞ୍ଚାରଣ ଦ୍ୱାରା ଭକ୍ତିର ରସ-ମଞ୍ଜୁଷା । କୃଷ୍ଣ ପ୍ରେମ ଲାଗି ଆକୁଳତା ଜାଗିଛି ନିମ୍ନୋକ୍ତ ସଙ୍ଗୀତାଂଶରେ—

“ମଧୁର ସେ ମୁରଲୀ ରବ    ସତେ କିଗୋ ନୀରବ ହେବ
ଆଜଠାରୁ ସବୁ ସରାଗ ଯିବ କି ସରି,
ବେଣୁ ତାନେ ମିଶାଇ ତାନ    ପିକ କି ଗୋ ଗାଇବ ଗାନ
ଉଜାଣି କି ହେବ ନାହିଁ ଯମୁନା ବାରି ?

ପୁଣି ଶ୍ରୀ ଗୌରାଙ୍ଗଙ୍କ ପ୍ରେମ ପାବନ ମୂର୍ତ୍ତିର ମଧୁରତା ବ୍ୟକ୍ତ ହୋଇଛି ନିମ୍ନୋକ୍ତ ସଙ୍ଗୀତାଂଶରେ—

“ସେତ ଆସିଛି ଆପେ ଆପେ ଦେବାକୁ ଧରା
ଧର ଧର ବୋଲି ଡାକି ବୁଲୁଛି ଜଗତ ସାରା ।
ପୀରତ ବନ୍ଧ ଅନ୍ତରେ ଯେ ତାକୁ ବାନ୍ଧଇ ଥରେ
ଲୋଟେ ସେ ତାଠାରେ ଯେସନ୍ତେ ଲୋଟଣୀ ପାରା ।”

ଅନ୍ୟାନ୍ୟ ନାଟକରେ ମଧ୍ୟ ଘଟିଛି ସଙ୍ଗୀତ ସାହାଯ୍ୟରେ ଏହି ଭକ୍ତି-ଭାବର ଅବାଧ ପ୍ରସାର ।

କର୍ଣ୍ଣ ନାଟକରେ ଭକ୍ତ ଶିରୋମଣି ବିଦୁର ସଙ୍ଗୀତର ଲାଳିତ୍ୟ ବିତାନରେ ମେଲି ଧରିଛନ୍ତି ବିଷ୍ଣୁ ପରାୟଣତାର ଅପୂର୍ବଶୋଭା । ଲକ୍ଷ୍ମୀ ଗୃହଲକ୍ଷ୍ମୀ ନାଟକରେ ରହିଛି ବଳୀସ୍ତାର ଭଜନ, ଚକାଡୋଳା ଜଗନ୍ନାଥଙ୍କ ବନ୍ଦନା ଗୀତ । ପୁଣି ଭକ୍ତିଭାବ ସାଙ୍ଗକୁ ଅନ୍ୟଭାବର ଶିହରଣ ମଧ୍ୟ ଆସି ଯାଇଛି । କେଉଁଠି ଉଚ୍ଛ୍ୱସିତ ହୋଇଛି ପୁତ୍ରବାତ୍ସଲ୍ୟର କୋମଳ ଛନ୍ଦ, କେଉଁଠି ଉକୁଟି ଉଠୁଛି ଜୀବନର ଅନିତ୍ୟତା ସମ୍ବନ୍ଧରେ ବୈରାଗ୍ୟର ଚେତାବନୀ ।

କବିଙ୍କ ଚିତ୍ତ-ତନ୍ତ୍ରୀମାନରେ ଭକ୍ତିଭାବର ଓ ବୈରାଗ୍ୟର ସୂକ୍ଷ୍ମ ସୁଷମା ଝଙ୍କୃତ ହେଉଁ ହେଉଁ ଧ୍ୱନିତ ହୋଇଛି ଦେଶାତ୍ମବୋଧର ମେଘଡମ୍ବରୁ । ତାଙ୍କ କବିତା-ସରସ୍ୱତୀ ଶୁଣାଇଛନ୍ତି ଜାତୀୟ ଚେତନାର ତୂର୍ଯ୍ୟଧ୍ୱନି । କବି ପଙ୍ଗୁ ଓ ଚଳତ୍ ଶକ୍ତିହୀନ, କିନ୍ତୁ ତାଙ୍କ ପ୍ରାଣରେ ପ୍ରବାହିତ ହେଉଥାଏ ଶୌର୍ଯ୍ୟ ଓ ନିର୍ଭୀକତାର ଗିରିପ୍ରପାତ । ଉତ୍କଳ ସମ୍ମିଳନୀର ଗୋଟିଏ ଅଧିବେଶନରେ ତାଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' ବୋଲାହେବାବେଳେ ଶ୍ରୋତାମାନଙ୍କ ମନରେ ଜାତିପ୍ରେମର ସୁପ୍ତ ଚେତନା ପ୍ରକଟିତ ହେଲା । ତାପରେ ସେ ଗୋଟିକପରେ ଗୋଟିଏ ଜାତୀୟସଙ୍ଗୀତ ରଚନା କରିବାକୁ ଲାଗିଲେ । ସେ କେତେବେଳେ ଜାତୀୟ ଜୀବନର ଘୋର ସଙ୍କଟ ପ୍ରତି ଏବଂ ଦେଶ ମାତୃକାଙ୍କର ଦୈନ୍ୟ କାତର ଅସହାୟ ରୂପ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଗାଇଲେ—

"ଆଜି କିମ୍ପା ଏଡ଼େ କାତରା, ଦୀନହୀନ, କାଙ୍ଗାଳୀ ପରା
ନୟନରୁ ଯାଉଛି ଭାସି ଲୋତକ ଧାରା ।
ରହିଛୁ ମା ମଳିନ ବେଶେ ଧୂସର ବେଶେ
ପାଷାଣ ଭାର ଶିରରେ ବହି ।"

ପୁଣି କେତେବେଳେ ଦେଶ ଜନନୀଙ୍କର ରାଜ ରାଜେଶ୍ୱରୀ ରୂପ ଓ ତାଙ୍କର ଅପୂର୍ବ କୀର୍ତ୍ତି-ଗରିମାପ୍ରତି ଦୃଷ୍ଟି ଆକର୍ଷଣ କରିବା ସକାଶେ ଦୃପ୍ତ କଣ୍ଠରେ ଗାଇଲେ—

"ଜନନୀ ଯାହାର ରାଜ ରାଜେଶ୍ୱରୀ
ଜନମ ଯାହାର ଧନ୍ୟା,
ଜନନୀ ଯାହାର ଲକ୍ଷ୍ମୀ ରୂପିଣୀ,
ଜନନୀ ଅନ୍ନପୂର୍ଣ୍ଣା,
କାହିଁ ତା ମୃତ୍ୟୁ କାହିଁ ତା ଶଙ୍କା କାହିଁ ତା ଦୁଃଖ କାହିଁ ତା ଦୈନ୍ୟ
ସେ କାହୁଁ ମରିବ କାତର ସ୍ୱରେ କରି ହା ଅନ୍ନ କରି ହା ଅନ୍ନ ।"

ଜାତୀୟକବି ବୀରକିଶୋର ଓ ଜାତୀୟକବି ବାଞ୍ଛାନିଧିଙ୍କ ଉନ୍ମାଦନାପୂର୍ଣ୍ଣ ସଙ୍ଗୀତଗୁଡ଼ିକ ସହିତ କାନ୍ତକବିଙ୍କ 'ଦେଶ ବନ୍ଦନା' ଓ ଜାତୀୟ ଜାଗରଣ ଭାବପୂର୍ଣ୍ଣ ସଙ୍ଗୀତ ସମୂହ ଦେଶବାସୀଙ୍କ ପ୍ରାଣରେ ଖେଳାଇଲା ଉଦ୍‌ବୋଧନର ତରଙ୍ଗ । ସେମାନଙ୍କୁ ଶୁଣାଇଲା ମୁକ୍ତି ସମରର ତୂର୍ଯ୍ୟଧ୍ୱନି । ଦେଶର ଦଳିତ, ଦୈନ୍ୟ ପୀଡ଼ିତ କୃଷକ ଏବଂ କ୍ଷୁଧା ଜର୍ଜରିତ ସର୍ବହରାଙ୍କୁ ଆହ୍ୱାନ ଦେଇ କାନ୍ତକବି ଗାଇଲେ—

"ଦାନାର ଯୋଗାଡ଼ କରରେ ଚାଷୀ କନାର ଯୋଗାଡ଼ କର,
ପର ଗୋଲାମି ଛାଡ଼ି ଚାଷୀ ଲଙ୍ଗଳ ମୁଠି ଧର ।"

X X X

"ଭାଇମାନେ ହୋ ଏବେ ମନରେ ହେଜ
ତୁମ ଖିରି ପିଠା ପର ଖାଉଅଛି
ତୁମେ ତ ପିଉଛ ଅଲଣା ପେଜ ।"

କିନ୍ତୁ କବିଙ୍କ 'ଜୀବନ ସଙ୍ଗୀତ' ଏକ ସ୍ୱତନ୍ତ୍ର ସୃଷ୍ଟି । ଏହା ଏକ ଅସାଧାରଣ ସାହିତ୍ୟିକ ଅବଦାନ । ସମଗ୍ର ଓଡ଼ିଆ ସାହିତ୍ୟର ସୁଦୀର୍ଘ ଇତିହାସରେ ଏ ସୃଷ୍ଟିର ପଟାନ୍ତର ନାହିଁ । ଏ ସଙ୍ଗୀତ ସମୂହ କେବଳ ସାହିତ୍ୟିକ ସୃଷ୍ଟି ନୁହେଁ, କେବଳ ସ୍ୱର ଲହରୀର ମଧୁର ମେଦୁର ମୂର୍ଚ୍ଛନା ନୁହେଁ—କେବଳ ଶବ୍ଦ ଲାଳିତ୍ୟର ଚନ୍ଦ୍ରିକା-ନିକ୍ଷେପ ନୁହେଁ । ଏହା ଆତ୍ମାର ଅଭିସାର-ପୁଣ୍ୟ ପଥରେ ଅକ୍ରୁର ନିଃଶଙ୍କ ଅଭିଯାନ—ଆଲୋକର ଉଗ୍ର ଆକାଙ୍କ୍ଷାର ସକାଶେ ଘନଘୋର ରାତ୍ରିର ନିଃସଙ୍ଗ ତପସ୍ୟା । ଯେଉଁ ଅନ୍ତରରୁ ସବୁ ଆମୋଦର ମୋହ ହଜି ଯାଇଛି—ଯାହା ପାଖରେ ସବୁ ସମ୍ପଦର ଆକର୍ଷଣ ତୁଚ୍ଛ ହୋଇ ଯାଇଛି—ସବୁ କ୍ଷମତାର ଅଭିମାନ ଚୂର୍ଣ୍ଣ ହୋଇଯାଇଛି—କେବଳ ରହିଛି ଅଚଳ ଅଟଳ ବିଶ୍ୱାସ—କେବଳ ରହିଛି ସତ୍ୟଦର୍ଶନ ସକାଶେ ସ୍ଥିର ନିର୍ମଳ ଦୃଷ୍ଟି, 'ଜୀବନ ସଙ୍ଗୀତ' ସେଇ ଅନ୍ତରର ପୁଣ୍ୟ, ଗମ୍ଭୀର ଉଚ୍ଚାରଣ ।

'ଜୀବନ ସଙ୍ଗୀତ' ସବୁ ସାଂପ୍ରଦାୟିକତାର ଊର୍ଦ୍ଧ୍ୱରେ, ସବୁ ଗୋଷ୍ଠୀଗତ ଭାବରୁ ମୁକ୍ତ । କବି ଥିଲେ ପରମ ବୈଷ୍ଣବ—ରାଧାକୃଷ୍ଣ ଥିଲେ ତାଙ୍କର ପରମ ଉପାସ୍ୟ ଦେବତା । କିନ୍ତୁ 'ଜୀବନ ସଙ୍ଗୀତ'ର ଦେବତା କୌଣସି ଗୋଷ୍ଠୀର ଦେବତା ନୁହନ୍ତି । ସେ ପରିପୂର୍ଣ୍ଣ ଭାଗବତ ସତ୍ତାର ଅନନ୍ତ, ଅରୂପ ପ୍ରକାଶ । ତାଙ୍କ ସମ୍ମୁଖରେ ସ୍ୱୟଂ କବି ସ୍ୱଚ୍ଛ ଉଲଙ୍ଗ ଆତ୍ମା । ଏବଂ ପ୍ରତ୍ୟେକଟି ସଙ୍ଗୀତ ସେଇ ଉଲଙ୍ଗ ଆତ୍ମାର ଚରମ ଆତ୍ମନିବେଦନ ।

କେହି କେହି ସମାଲୋଚକଙ୍କଠାରୁ 'ଜୀବନ ସଂଗୀତ' ସମ୍ବନ୍ଧରେ ଏକ ଭ୍ରାନ୍ତ ଉକ୍ତି ଶୁଣିବାକୁ ମିଳେ। ସେମାନେ କହନ୍ତି ଯେ 'ଜୀବନ ସଂଗୀତ' ଉପରେ ରହିଛି 'ଗୀତାଞ୍ଜଳି'ର ପ୍ରଚ୍ଛନ୍ନ ପ୍ରଭାବ। ଏହା ଆଦୌ ଠିକ୍ ନୁହେଁ। 'ଗୀତାଞ୍ଜଳି'ରେ ପ୍ରଧାନତଃ ରହିଛି ଆଶା ଓ ଆନନ୍ଦର ଗମ୍ଭୀର ମନ୍ଦ୍ର। 'ଜୀବନ ସଂଗୀତ'ରେ ଆମେ ଦେଖୁଁ ଦୁଃଖର ଅନ୍ତରରୁ ଉଦ୍‌ଗତ ନିର୍ମଳ ଅଶ୍ରୁର ଶାଶ୍ୱତ କମନୀୟତା।

କବି ସମଗ୍ର ଜୀବନରେ ସଙ୍ଗୀତର ସାଧନା କରିଥିଲେ। 'ଜୀବନ ସଙ୍ଗୀତ' ସେଇ ସାଧନାର ଅଂଶବିଶେଷ ହୋଇଥିଲେ ମଧ୍ୟ ଏହା ତାଙ୍କର ଅନ୍ୟ ସମସ୍ତ ସାହିତ୍ୟିକ ଅବଦାନକୁ ଅତିକ୍ରମ କରି ଏକ ତୁରୀୟ ରାଜ୍ୟରେ-ଭଗବତ୍ ପ୍ରତ୍ୟୟର ତୁଙ୍ଗ ଶୀର୍ଷରେ–– ଆଧ୍ୟାତ୍ମିକ ଉପଲବ୍ଧିର ଚିନ୍ମୟ ପ୍ରଦେଶରେ ଉପନୀତ ହୋଇଛି।

ପୂର୍ବରୁ କୁହାଯାଇଛି ଯେ କାନ୍ତକବି ଥିଲେ ଯୁଗପତ୍ ଗାୟକ ଓ ଗୀତିକାର। ତାଙ୍କରି ସାଧନା ଯୋଗୁଁ ଓଡ଼ିଆ ସଙ୍ଗୀତ ପ୍ରବାହର ଅଖଣ୍ଡତା ଅବ୍ୟାହତ ରହି ପାରିଥିଲା। ନିଜର ଏକନିଷ୍ଠ ସଙ୍ଗୀତ ରସିକତା ଦ୍ୱାରା ସେ ଓଡ଼ିଆ ସଙ୍ଗୀତ ସାହିତ୍ୟର ଅକ୍ଷୁଣ୍ଣତାକୁ ଯଶସ୍ୱୀ କରି ପାରିଥିଲେ। ସଙ୍ଗୀତ ତାଙ୍କର ବିଳାସ ନଥିଲା––ଥିଲା ପ୍ରାଣ; ଆମୋଦ ନ ଥିଲା ଥିଲା ଅନ୍ତରର ଗଭୀରତମ ଆକୁଳତା। ଯୌବନରେ ସେ ପ୍ରସିଦ୍ଧ ଗାୟକମାନଙ୍କ ସହିତ ସଖ୍ୟ ସୂତ୍ରରେ ଆବଦ୍ଧ ଥିଲେ। କୃଷ୍ଣପ୍ରସାଦ ବସୁ ଓ ଗୋବିନ୍ଦ ସୁରଦେଓ ଥିଲେ ତାଙ୍କର ଅତି ଅନ୍ତରଙ୍ଗ ବନ୍ଧୁ। ସଙ୍ଗୀତ ସାଧନ ପୀଠରେ ଏମାନେ ଥିଲେ ତାଙ୍କର ସହଯାତ୍ରୀ। ପ୍ରସିଦ୍ଧ ସୁରଶିଳ୍ପୀ ମନମୋହନ ସାବତ ଥିଲେ ତାଙ୍କର ଅନୁଗତ ବନ୍ଧୁ। ସେ ସମୟରେ ଅନ୍ୟତମ ସଙ୍ଗୀତ ଶିଳ୍ପୀ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ସହିତ କାନ୍ତକବିଙ୍କର ଘନିଷ୍ଠତା ଥିଲା। ତାଙ୍କ ସାଧନାର ଧାରାକୁ ସେ ଆଗ୍ରହରେ ସହିତ ଲକ୍ଷ କରୁଥିଲେ। କବିଚନ୍ଦ୍ର କାଳୀଚରଣ ଥିଲେ କାନ୍ତକବିଙ୍କ ଶିଷ୍ୟ ସ୍ଥାନୀୟ।

ଗୋବିନ୍ଦ ସୁରଦେଓ ପ୍ରଧାନତଃ ଓଡ଼ିଶୀ ସଙ୍ଗୀତର କଳା କୌଶଳକୁ ଅବଲମ୍ବନ କରିଥିଲେ। ତାଙ୍କ ସାଧନାର ଧାରା ସେଇ ପଥରେ ପ୍ରବାହିତ ହେଉଥିଲା। କାନ୍ତକବି ଓଡ଼ିଶୀ ସଙ୍ଗୀତର ମାଧୁରୀ ଓ ମହନୀୟତାକୁ ଅବଜ୍ଞା ନ କଲେ ମଧ୍ୟ ଉତ୍ତର ଭାରତୀୟ ସଙ୍ଗୀତର ଧାରା ଓ ପରଂପରାକୁ ଅଧିକ ଗୁରୁତ୍ୱ ଦେଉଥିଲେ। ଏ ବିଷୟରେ ମନମୋହନ ସାବତ ଥିଲେ ତାଙ୍କର ସହଯୋଗୀ ଓ ସମର୍ଥକ।

ସଙ୍ଗୀତ ମାଧ୍ୟମରେ କାନ୍ତକବିଙ୍କ ଜୀବନ ପ୍ରସାରିତ ହୋଇଥିଲା। ତାଙ୍କ ଗୃହ ଥିଲା ସୁରତୀର୍ଥ - ସଙ୍ଗୀତ ସାଧନାର ଶ୍ରୀକ୍ଷେତ୍ର। ବହୁ ସଙ୍ଗୀତ ଶିଳ୍ପୀ ଏଠାରେ ମିଳିତ ହୋଇ ସଙ୍ଗୀତର ସ୍ୱର୍ଣ୍ଣ କମଳକୁ ପ୍ରସ୍ଫୁଟିତ କରି ଯାଇଛନ୍ତି।

●

# ଶିଶୁ ସାହିତ୍ୟ ସ୍ରଷ୍ଟା-କାନ୍ତକବି

ଆମେ କାନ୍ତକବିଙ୍କୁ ଜାଣୁ ଜୀବନ ସଙ୍ଗୀତର ଅମର କବି ରୂପେ । ଆମେ ଜାଣୁ ତାଙ୍କୁ ଅବାରିତ ହାସ୍ୟରସର ସ୍ୱତଃସ୍ଫୂର୍ତ୍ତ ଉତ୍ସ ରୂପେ । ଆମେ ତାଙ୍କୁ ଜାଣୁ ଅପୂର୍ଣ୍ଣ 'କଣାମାମୁଁ' ଉପନ୍ୟାସର ସାର୍ଥକ ଶିଳ୍ପୀ ରୂପେ । ଏଇ ଉପନ୍ୟାସର ଅପୂର୍ଣ୍ଣତା କହେ—ଜୀବନର ଅନେକ ଖୋଜାଲୋଡ଼ା ଅପୂର୍ଣ୍ଣ ରହିଯାଏ । ଅନେକ କାହାଣୀ ନ ସରୁଣୁ ସେଗୁଡ଼ିକର ଖିଅ ହଜିଯାଏ । ଅନେକ ପଥିକ ଲକ୍ଷ୍ୟସ୍ଥଳରେ ନ ପହଞ୍ଚୁଣୁ ସେମାନଙ୍କର ପାଥେୟ ଯାଏ ସରି—ସେମାନଙ୍କର ଶକ୍ତିର ଘଟେ ଅବସାନ । ତାଙ୍କର କେତେକ ଗଳ୍ପ ମଧ୍ୟ ତାଙ୍କ ପ୍ରତିଭାର ସ୍ପଷ୍ଟ ସଙ୍କେତ ବାହନ କରେ ।

ତାଙ୍କର ଏହିସବୁ ସୃଷ୍ଟି ମୁଖ୍ୟ—ତାଙ୍କ ରଚିତ ଶିଶୁ-ସାହିତ୍ୟକୁ ତୁଳନାତ୍ମକ ଭାବରେ ଗୌଣ କୁହାଯାଇପାରେ । ଅଥଚ ଏଇ ଗୌଣ ସୃଷ୍ଟି ଭିତରେ ରହିଛି ଏକ ଅସାଧାରଣ ପ୍ରତିଭାର ଚମକପ୍ରଦ ପ୍ରକାଶ । ଏଇ ଶିଶୁ-ସାହିତ୍ୟ କେବଳ ଏତିକ କହେନା ଯେ କାନ୍ତକବିଙ୍କ ହୃଦୟରେ ଶିଶୁମାନଙ୍କ ପାଇଁ ଥିଲା ଅପରିମିତ ଦରଦ—ଅମାପ ସ୍ନେହ । ଏଥିରୁ ଏହା ମଧ୍ୟ ଜଣାପଡ଼େ ଯେ ଏ ଦେଶର ଶିଶୁମାନଙ୍କୁ ଗଢ଼ିବା ପାଇଁ ତାଙ୍କ ପ୍ରାଣରେ ଥିଲା କେତେ ସ୍ୱପ୍ନ, କେତେ ପ୍ରେରଣା ! ପୁଣି ଏଇ ଶିଶୁମାନଙ୍କୁ ଠିକ୍ ବାଟରେ ପରିଚାଳିତ କରିବା ପାଇଁ ସେମାନଙ୍କ ଅନ୍ତର୍ନିହିତ ଶକ୍ତିକୁ ପୁଷ୍ପିତ କରି ତୋଳିବା ପାଇଁ ଯେଉଁ ବିଜ୍ଞାନ-ସମ୍ମତ ଉପାୟ ଅବଲମ୍ବନ କରିବା ଆବଶ୍ୟକ—ଯେଉଁ ମନସ୍ତାତ୍ତ୍ୱିକ ପଦ୍ଧତି ଆବଶ୍ୟକ, ତାହା ମଧ୍ୟ ସେ ଭଲଭାବରେ ଜାଣିଥିଲେ ।

କାନ୍ତକବି-ରଚିତ 'ପିଲାଙ୍କ କଥା ପୁସ୍ତକରେ ରହିଛି 'ଯେଉଁ କେତୋଟି ପୌରାଣିକ କାହାଣୀ—ସେଗୁଡ଼ିକୁ ବିଶ୍ଳେଷଣ କଲେ ଶିଶୁ ସାହିତ୍ୟ ସ୍ରଷ୍ଟା ରୂପେ ତାଙ୍କର ଅସାଧାରଣ ଦକ୍ଷତାର ପରିଚୟ ମିଳେ ।

'କୁକୁର ମୁହଁରେ ସାତଗୋଟି ତୀର ଲାଗି ରହିଛି । ସେ ପାଟି ଆଁ କରି ରହିଛି—ଭୁକି ପାରୁନି । ଦ୍ରୋଣାଚାର୍ଯ୍ୟ ଏକଥା ଦେଖି ବିସ୍ମୟରେ ବିମୂଢ଼ । ସେ ଯାଇ ଏକଲବ୍ୟକୁ ପଚାରିଲେ, "ତୁ ଏ ବିଦ୍ୟା କାହୁଁ ଶିଖିଲୁ ? ତୋ ଗୁରୁ କିଏ ?" ଏକଲବ୍ୟ ଉତ୍ତର ଦେଲା "ମୋ ଗୁରୁ ଆପଣ । ମୁଁ ନୀଚ ଜାତିର ପିଲା ବୋଲି ଆପଣ ମୋତେ ଶିଷ୍ୟ କରିବାକୁ ନାହିଁ କଲେ । ସେଠୁ ମୁଁ ଏ ବଣକୁ ଆସି ମାଟିରେ ଆପଣଙ୍କର ରୂପ ଗଢ଼ି ତାଙ୍କଠାରୁ ବିଦ୍ୟା ଶିଖିଲି ।"

ଏଇ କେତୋଟି କଥାରେ ଫୁଟି ଉଠୁଛି ଏକ ନିଷାଦ ବାଳକର ଅପରିମିତ ଅଧ୍ୟବସାୟ, ଏକାଗ୍ରତା ଓ ସାଧନାର ତୀବ୍ରତା ! ସବୁ ପ୍ରକାର ବ୍ୟର୍ଥତାର ସମ୍ଭାବନାକୁ ବ୍ୟର୍ଥ କରିଦେଇ ସେ କେବଳ ଅନ୍ତରର ପ୍ରବଳ ନିଷ୍ଠା ଓ ପ୍ରଖର ଅଧ୍ୟବସାୟ ଯୋଗୁଁ ସିଦ୍ଧି ଲାଭ କରିଛି ।

'ରାତି ପାହିଲା ବେଳକୁ ସୁନୀତି ଦେଖିଲେ ପାଖରେ ଧ୍ରୁବ ନାହିଁ । ସେ ବ୍ୟାକୁଳ ହୋଇ ଉଠି ଚାରିଆଡ଼େ ଖୋଜି ଲାଗିଲେ । ଆଉ କି ଧ୍ରୁବ ମିଳୁଛି । ଧ୍ରୁବ ଯେ ତେଣେ ଏକମୁହାଁ ଚାଲିଛି ବଣଆଡ଼କୁ । ମା' ତାର ପରା କହିଛନ୍ତି ବଣ ଭିତରେ ହରି ଥିବେ ବୋଲି । ସେଇ ବଣ ଭିତରେ ଏଇ ସୁକୁମାର ଶିଶୁ ଆରମ୍ଭ କଲା ନାହିଁନଥିବା ତପସ୍ୟା । ଭୋକ, ଶୋଷ ପାଶୋରି ଏକ ଧ୍ୟାନ ଏକ ଲୟରେ ହରି ପାଦପଦ୍ମରେ ମନ ନିବେଶ କରି ତାଙ୍କୁ ଡାକିବାକୁ ଲାଗିଲା । ଦିନ ଗଲା, ମାସ ଗଲା, ବର୍ଷ ଗଲା । ବର୍ଷ ପରେ ବର୍ଷ ବିତିଲା । ଧ୍ରୁବର ଆଉ କେଉଁଆଡ଼େ ଦୃଷ୍ଟି ନାହିଁ କି ଲକ୍ଷ ନାହିଁ । କେବଳ ହରି ପାଦ-ପଦ୍ମରେ ହିଁ ସାରା ପ୍ରାଣକୁ ସେ ଅଜାଡ଼ି ଦେଇଛି । ଦେବତାମାନେ ବାଘ ହୋଇ, ଭାଲୁ ହୋଇ ଅସୁର ହୋଇ ତାକୁ କେତେ ଡରାଇଲେ । କେତେ ମିଠାଇ, ଫଳ ଫୁଲୁରି, କଣ୍ଢେଇ, ଖେଳନା ଦେଇ ତାକୁ ଭୁଲାଇବାକୁ ଚେଷ୍ଟାକଲେ । ସେ କିନ୍ତୁ ଆଖି ଫିଟାଉ ନଥାଏ । ଶେଷରେ ସ୍ୱୟଂ ଭଗବାନ୍ ଧୀରେ ଧୀରେ ଓହ୍ଲାଇ ଆସି ଧ୍ରୁବକୁ ଟାଣିନେଇ କୋଳରେ ବସାଇଲେ ।

ବଳଟେ ଶିଶୁର ଏ କି ସାହସ ! ଏ କି ଦୃଢ଼ତା ! ଏ କି ଏକାଗ୍ରତା ! ଏ କି କଠିନ ତପସ୍ୟା !

'ଯେ ଯାହା ମାଗେ କର୍ଣ୍ଣ ତାକୁ ତାହା ଦିଅନ୍ତି—କାହାକୁ କେବେ କିଛି ମନା କରନ୍ତି ନାହିଁ । ଜଣେ ବ୍ରାହ୍ମଣ ଆସି କହିଲା ପିଲା ମାଉଁସ ଖାଇବ । ସେ ପୁଣି ତାଙ୍କର ଏକଇର ବଳା ବଶିକେଶନର କଅଁଳ ମାଂସ । କର୍ଣ୍ଣଙ୍କ ମୁଣ୍ଡରେ ବଜ୍ର ପଡ଼ିଲା । କିନ୍ତୁ ତାଙ୍କର ପ୍ରତିଜ୍ଞା ଯେ ସେ କାହାକୁ ବିମୁଖ କରିବେ ନାହିଁ । ତାଙ୍କ ରାଣୀ ପଦ୍ମାବତୀ ବି ସେକଥା ଶୁଣିଲେ । ଶେଷରେ ପୁଅ ବୃଷକେତୁ ବି ଶୁଣିଲା । ସେ ତ ଆନନ୍ଦରେ ଅସ୍ଥିର । ବାପା ମା'ଙ୍କୁ କହିଲା "ଏ ଦେହଟା ମୋର ଦିନେ ତ ନାଶ ଯିବ । କୁକୁର, ଶିଆଳ, ଚିଲ, ଶାଗୁଣା ଖାଇବେ କି କଣ । ଯଦି ଏ ଦେହ ଅତିଥି ବ୍ରାହ୍ମଣର ସେବାରେ ଲାଗେ, ଆଉ ମୋର ଜନ୍ମଦାତା ପିତାଙ୍କର ବାକ୍ୟ ରକ୍ଷା ଓ ଧର୍ମ ରକ୍ଷା ହୁଏ ତେବେ ମୋଠାରୁ ଭାଗ୍ୟବାନ୍ ଆଉ କିଏ ଅଛି ?'

ବଳଟେ ନାକୁ ପିଲା—ତାର କି ଧର୍ମବୋଧ ! କି ପିତୃଭକ୍ତି ! କି ସ୍ୱାର୍ଥହୀନତା !

ଏମିତି ଦଶଜଣ ପୌରାଣିକ ବାଳକଙ୍କ କଥା ଉପସ୍ଥାପିତ ହୋଇଛି କାନ୍ତକବି ପ୍ରଣୀତ "ପିଲାଙ୍କ କଥା" ପୁସ୍ତକରେ। ପ୍ରତ୍ୟେକଟି କଥାରେ ଜଣେ ଜଣେ ବାଳକର ଆଦର୍ଶ ଜୀବନ କଥା ବର୍ଣ୍ଣନା କରାହୋଇଛି ଅତି ସରଳ ଓ ଅନୁପମ ଭଙ୍ଗୀରେ। ଭାଷାର ସଜୀବ ସରଳତା ଏବଂ ଗଳ୍ପ ଗଢି ଥୋଇବାର ନିପୁଣ ଠାଣି ପ୍ରତ୍ୟେକଟି କଥାକୁ ଚମତ୍କାର୍ଷକ କରିଛି। ତାଙ୍କର ଏଇ ଅତୁଳନୀୟ କାହାଣୀଗୁଡିକରେ ଶିଶୁ ଚରିତ୍ରକୁ ଆଦର୍ଶ ଜୀବନର ଛାଞ୍ଚରେ ଗଢିବାର ମହନୀୟ ଉଦ୍ୟମ ଦେଖିବାକୁ ମିଳିଥାଏ।

ଗଳ୍ପ ଗୁଡିକର ବିଷୟବସ୍ତୁ ନିର୍ବାଚନ କରିବାରେ ସେ ଯେପରି ଶ୍ରମ ସ୍ୱୀକାର କରିଛନ୍ତି-ସେହିପରି ବିଚାର ବୋଧର ବି ପରିଚୟ ଦେଇଛନ୍ତି। ଏବଂ ଏ ବିଚାର ବୋଧ ସମ୍ପୂର୍ଣ୍ଣ ରୂପେ ମନସ୍ତାତ୍ତ୍ୱିକ। କଥାଗୁଡ଼ିକରେ କାହାଣୀର ପୂର୍ଣ୍ଣ ସରସତା ଓ ସାବଲୀଳତା ଥିବାରୁ ସେଗୁଡିକ ଶିଶୁ-ମନକୁ ଆକର୍ଷଣ କରିବା ଲାଗି ବିଶେଷ ଭାବରେ ସମର୍ଥ। କାହାଣୀର ସରସତା ଓ ଭାଷାର ଅନବଦ୍ୟ ସରଳତା ଭିତର ଦେଇ ଧୀରେ ଧୀରେ ଏଇ ମହାନ୍ ପୌରାଣିକ ବାଳକମାନଙ୍କର ଚରିତ୍ରଗତ ନାନା ବୈଶିଷ୍ଟ୍ୟ ଶିଶୁପ୍ରାଣରେ ମୁଦ୍ରିତ ହୋଇଯାଏ। ଶିଶୁ ଚିତ୍ତରେ ଜାଗେ ଗୋଟିଏ ଗୋଟିଏ ଏକଲବ୍ୟ, ଧ୍ରୁବ, ରୋହିତ ବା ବୃଷକେତୁ ହୋଇ ଉଠିବା ଲାଗି ପ୍ରବଳ ବାସନା। ସେ ବାସନା ପୁଣି ଜାଗେ ଆପେ ଆପେ-ସ୍ୱତଃ ସ୍ଫୂର୍ତ୍ତି ଭାବରେ-ଅବଲୀଳା କ୍ରମେ, କୋର ଜବରଦସ୍ତି ଦ୍ୱାରା ନୁହେଁ—ନୀରସ ଶପଥର ନିରାନନ୍ଦ ଦୃଢତା ଭିତର ଦେଇ ନୁହେଁ-ସଚେତନ ଚେଷ୍ଟାର ଉଗ୍ରତା ଭିତର ଦେଇ ନୁହେଁ।

'ପିଲାଙ୍କ କଥା'ରେ ଯେପରି ଅଛି ଶିଶୁ ପ୍ରାଣରେ ଆଦର୍ଶ ପ୍ରୀତି ସୃଷ୍ଟି କରିବାର ଉଦ୍ୟମ-'ଚିଡ଼ିଆ ଖାନା' ଓ 'ପାଠମାଳା'ର କବିତା ଗୁଚ୍ଛରେ ସେହିପରି ରହିଛି ଶିଶୁର ଜ୍ଞାନର ପରିସର ବଢାଇବାର ଚେଷ୍ଟା। ଶିଶୁ ସାଧାରଣତଃ କୌତୁହଳୀ ତାର ପରି-ପାର୍ଶ୍ୱରେ ଯାହା ଯାହା ଘଟିଯାଏ ସେ ଆଡକୁ ସତୃଷ୍ଣ ନୟନରେ ସେ ଅନାଇ ରହେ ଏବଂ ବୁଝିବାକୁ ଚେଷ୍ଟା କରେ ସେସବୁ ସମସ୍ତ ଘଟନାର କାରଣ କଣ-ରହସ୍ୟ କଣ-ସେ ସବୁର ଉଦ୍ଭବ କେଉଁଠି ଏବଂ ପରିଣତି କି ପ୍ରକାରର। ଶିଶୁ ଚିତ୍ତରେ ଅସଂଖ୍ୟ ପ୍ରଶ୍ନ ଉଦ୍‌ବେଳିତ ହୁଏ। ଭିନ୍ନ ଭିନ୍ନ ଫୁଲ ଦେଖି-ଭିନ୍ନ ଭିନ୍ନ ପଶୁ, ପକ୍ଷୀ, କୀଟ, ପତଙ୍ଗ ଦେଖି-ଗଛ ପାହିଲା ବେଳକୁ ଘାସ ଉପରେ କଅଁଳ କାକରର ବିସ୍ତାର ଆବିଷ୍କାର କରି-ମେଘ ଘଡଘଡିର ଚମକପ୍ରଦ ଶବ୍ଦ ଶୁଣି ଶିଶୁ ପ୍ରଥମେ ଚକିତ ଓ ଚମକିତ ହୁଏ। ତାପରେ ସେ ସବୁ ବିଷୟରେ ନାନା କଥା ଜାଣିବାକୁ ଉଦ୍‌ଗ୍ରୀବ ହୁଏ। ତା ମନରେ ଜାଗେ ଅବାରିତ ଅସରନ୍ତି ଜିଜ୍ଞାସା। ତାର ଏଇ ଜିଜ୍ଞାସା ଏଇ ପ୍ରଶ୍ନ ଅନେକ ସମୟରେ

ବୟସ୍କଙ୍କୁ ବ୍ୟସ୍ତ ଓ ବିବ୍ରତ କରେ । ଯେଉଁ ବୟସ୍କଙ୍କର ଧୈର୍ଯ୍ୟ କମ-ଯେଉଁ ବୟସ୍କଙ୍କ ଅନ୍ତରରେ ଶିଶୁପ୍ରୀତି ନାହିଁ କିମ୍ବା ଶିଶୁ ମନର ମୁକୁଳିତ ଜିଜ୍ଞାସାକୁ ମୂଲ୍ୟ ଦେଇ ତାର ଅନ୍ତରର ବିକାଶ ସାଧନ କରିବାର ଆଗ୍ରହ ନାହିଁ ସେ ଧମକ ଚମକ ଦେଇ ବିରକ୍ତି ପ୍ରକାଶ କରି ନିବୃତ୍ତ ହୋଇ ଶିଶୁ ମନର ସୁସ୍ଥ ଓ ସ୍ୱାଭାବିକ କୌତୁହଳକୁ ଦଳି ମକଚି ଦିଏ । କିନ୍ତୁ ଯେଉଁ ଉଦାର ଶିଶୁ-ପ୍ରେମିକ ଆବହମାନ କାଳରୁ ଅବାରିତ ଧାରରେ ଉତ୍ଥିତ ହେଉଥିବା ଶିଶୁ ମନର ଜିଜ୍ଞାସାକୁ ଓ କୌତୁହଳକୁ ମୂଲ୍ୟ ଦିଏ-ଗୁରୁତ୍ୱ ଦିଏ-ସେ ଯେ କେବଳ ଅଳ୍ପ କେତେ ସମୟ ପାଇଁ ଗୋଟେ ଯୋଡ଼େ କିମ୍ବା କେତୋଟି ପିଲାର ଆନନ୍ଦ ବିଧାନ କରେ, ତା' ନୁହେଁ-ସେ ସାରା ବିଶ୍ୱର ଜ୍ଞାନ ତପସ୍ୟାକୁ ସାର୍ଥକ କରି ଦେଇଥାଏ । କାରଣ ଶିଶୁର କୌତୁହଳ ଓ ଜିଜ୍ଞାସା ପଥରେହିଁ ଘଟେ ନୂଆ ନୂଆ ଜ୍ଞାନର ଆବିର୍ଭାବ ଓ ପ୍ରତିଷ୍ଠା ।

କାନ୍ତକବି ରଚିତ 'ଚିଡ଼ିଆଖାନା'ର ପଶୁପକ୍ଷୀ ସମ୍ବନ୍ଧୀୟ କ୍ଷୁଦ୍ର କବିତା ଗୁଡ଼ିକ ଯେପରି ଆମୋଦପ୍ରଦ ସେଇପରି କୌତୁହଳୋଦ୍ଦୀପକ । ଏ କବିତାଗୁଡ଼ିକ ପଢ଼ିଲାବେଳେ ଶିଶୁ ଭିନ୍ନ ଭିନ୍ନ ପଶୁପକ୍ଷୀ ସମ୍ବନ୍ଧରେ ଜ୍ଞାନ ଆହରଣ କରିବା ସଙ୍ଗେ ସଙ୍ଗେ ଭାଷାର ଅନୁପମ ଠାଣି ଓ ସରସ ବର୍ଣ୍ଣନା ଶୈଳୀ ମଧ୍ୟ ଶିକ୍ଷା କରିପାରେ । ବାଘ 'ଅଗନା ଅଗନ୍ଧ ବନସ୍ତ ଭିତରେ ଥାଏ' । କାଳିଆ ଭାଲୁ 'ଦାଲୁ ଦାଲୁ ନାଚେ' ଏବଂ ଦେହସାରା ତାର 'ବା'ଳୁ ବା'ଳୁ ବାଳ' । କୁକୁର 'ଅଇଣ୍ଠା ଗୁଣ୍ଠା ଖାଇ ଓଳିତଳେ ପଡ଼ିଥାଏ' । ତାର ନିଦଟି 'ବଡ଼ ପାତଳ' । ସେ ଘାଲେଇ ଶୋଇଥାଏ । କେଣେ ଟିକେ ଖସୁ କିନା ଶବଦ' ହେଲେ 'ଘାଇଁ କିନା ସେ ଚେଇଁ ଉଠେ' । ସେ 'ନିମକହଲା ଅଟେ-ସଦାବେଳେ ଖାଉନ୍ଦର ଭଲ ପାଞ୍ଚେ' । ନାଚେଣିମୟୂର 'ନୂଆମେଘ ପରି ଦିଶେ' । ତାର 'କରି ବୁଟାଦାର ଚନ୍ଦ୍ରିକା ସତେକି ଆଉ ନୀଳାମ୍ବରୀ ପାଟ' । ଦେଢ଼ଶୁର ଅଇଁଠା ଖାଇ' ପେଚା ଆଲୁଅରେ ବାହାରେ ନାହିଁ । ତାକୁ ଗୁଣିଆ 'ଜଳକା ବାଣ ମାରି ଦିନକାଣୀ କରି ଦେଇଛି ନା କଣ ।" ଏଇ ପରି ଅପରୂପ ଶବ୍ଦ ଓ ସରଳ ବର୍ଣ୍ଣନା-ଚାତୁରୀ ଶିଶୁକୁ ତାର ସମ୍ପୂର୍ଣ୍ଣ ଅଜ୍ଞାତରେ ଧୀରେ ଧୀରେ ସାହିତ୍ୟର ସୁଷମା-ରାଜ୍ୟ ଭିତରକୁ ଅଗ୍ରସର କରାଇ ନିଏ ।

'ପାଠମାଳା'ର ପଦ୍ୟାଂଶରୁ ଅଧିକାଂଶ କବିତା ନୈସର୍ଗିକ ସୁଷମା ଓ ନୈସର୍ଗିକ ବୈଚିତ୍ର୍ୟ ସମ୍ବନ୍ଧରେ ରଚିତ । ଶିଶୁ ଚିତ୍ତରେ ପ୍ରାକୃତିକ ସୁଷମାର ଶିହରଣ ଜଗାଇ ତାକୁ ସୌନ୍ଦର୍ଯ୍ୟ ପ୍ରେମିକ କରି ଗଢ଼ିବା ହେଉଛି ଶିକ୍ଷାଦାନର ଏକ ବିଶିଷ୍ଟ ଅଙ୍ଗ । ଫୁଲଟିଏ ଦେଖି ଶିଶୁର ଚିତ୍ତ ପୁଲକିତ ହେଲେ, ବସନ୍ତ ପବନର ମୃଦୁ ଶିହରଣ ଅନୁଭବ କରି ତାର ପ୍ରାଣ ଉଲୁସି ଉଠିଲେ, ପ୍ରଜାପତିର ଅଙ୍ଗରେ ଅପୂର୍ବ ବର୍ଣ୍ଣବିଳାସ ଦେଖି ପ୍ରଭାତ ଆକାଶରେ ସୂର୍ଯ୍ୟଙ୍କର କୋମଳ କିରଣର ମନୋଜ୍ଞ ବିକାଶ ଅନୁଭବ

କଣ, ନଦୀର କଳ କଲ୍ଲୋଳ ଶୁଣି ତା'ମନରେ ଶୁଦ୍ଧ, ନିର୍ମଳ ଆନନ୍ଦର ବିସ୍ତାର ଘଟିଲେ ତାର ସୌନ୍ଦର୍ଯ୍ୟ ଚେତନାର ସମ୍ୟକ୍ ଅନୁଶୀଳନ ହୁଏ । ଚତୁଃପାର୍ଶ୍ୱର ନାନା ମନୋରମ ଚିତ୍ର ଓ ଘଟଣାକୁ ସେ ଯେତିକି ଅନୁଭବ କରି ଶିଖେ ତାର ପ୍ରାଣରୁ ନାନା ମାଳିନ୍ୟ ନାନା କୁତ୍ସିତତା ସେତିକି ବିଦୂରିତ ହୁଏ । ପଶୁପକ୍ଷୀ, ଗଛଲତା, ନଦୀପର୍ବତ ସହିତ ତା'ର ଏକ ମଧୁର ସମ୍ପର୍କ ଅଛି ବୋଲି ସେ ଅନୁଭବ କରେ । ଫଳରେ ତା'ର ଅଜ୍ଞାତସାରରେ ତା'ର ହୃଦୟରୁ ସଙ୍କୀର୍ଣ୍ଣତା ଓ ସ୍ୱାର୍ଥପରତା ଅପସରି ଯାଏ ।

'ଚଢ଼ଇଆଖାନା'ର କ୍ଷୁଦ୍ର କବିତାସମୂହ ପ୍ରତ୍ୟକ୍ଷ ଭାବରେ ଶିଶୁର ଜ୍ଞାନର ପରିସର ବର୍ଦ୍ଧିତ କରେ । 'ପାଠଶାଳା'ର ନୈସର୍ଗିକ ସୁଷମା ସମ୍ବନ୍ଧୀୟ ମନୋଜ୍ଞ କବିତାଗୁଡ଼ିକ ପ୍ରତ୍ୟକ୍ଷଭାବରେ ଶିଶୁ ପ୍ରାଣରେ ସୌନ୍ଦର୍ଯ୍ୟ ସ୍ୱପ୍ନର ମେଦୁରତା ସୃଷ୍ଟି କରେ ଏବଂ ପରୋକ୍ଷ ଭାବରେ ଏ ସମସ୍ତ କବିତା ପାରିପାର୍ଶ୍ୱିକ ପରିସ୍ଥିତି ସହିତ ଶିଶୁର ପରିଚୟ ସ୍ଥାପନ କରେ । ତେଣୁ ତାର ଜ୍ଞାନ ଅହରଣ ଏକ ପୁଲକିତ ଅନୁଭୂତି ହୋଇଉଠେ । ଏଇ କବିତାଗୁଡ଼ିକ ମାଧ୍ୟମରେ ଶିଶୁ ଯେତେବେଳେ 'ଲାଲ ଟହ ଟହ କନିଅର ଫୁଲ'ର ଅତୁଳନୀୟ ରୂପ କିମ୍ବା 'ପୁରୁବ ଆକାଶରେ ସୁନାଥାଳି ପରି ରବି'ଙ୍କର ମନୋରମ ଛବି କଥା ପଢ଼େ କିମ୍ବା ତା ଗାଁର 'ଚକ ଚକଆ ଖରା', ତା ଗାଁ ଆକାଶରେ 'ଜୁଳୁଜୁଳିଆ ତରା' ପୁଣି ତା ଗାଁ ତୋଟାରେ 'କୋଇଲର କୁହୁ କୁହୁ ଡ଼ାକ' ଓ 'ବଉଳ ଗଛର ନାଲି ନାଲି କୋଳିର' ମନ ମତାଣିଆ ଛବି ଦେଖିବାକୁ ପାଏ, ଯେତେବେଳେ ସେ ଧାନ କଟା ସମୟରେ ନାନା ଆମୋଦ ଆହ୍ଲାଦର ଅନୁଭୂତି ଆହରଣ କରେ ସେତେବେଳେ ସେ ତା'ର ଜିଜ୍ଞାସା ପରିତୃପ୍ତି ଲାଭ କରିବା ସଙ୍ଗେ ସଙ୍ଗେ ତା'ର ଚିତ୍ତର ଘଟେ ହର୍ଷୋତ୍‌ଫୁଲ୍ଲ ପ୍ରସାର ।

ଏଇ କବିତାଗୁଡ଼ିକ ଏକ ସମୟରେ ମୟୂରଭଞ୍ଜରେ ପ୍ରଚଳିତ ପାଠ୍ୟ ପୁସ୍ତକର ଅନ୍ତର୍ଗତ ଥିଲା ଏବଂ ସେଥି ସକାଶେ ବିଶେଷଭାବରେ ଏଥିରେ ସ୍ଥାନ ପାଇଛି ଶିମିଳି ପାଲ ପର୍ବତ, ବଳଙ୍ଗ ନଦୀ ଓ ଭଞ୍ଜ ଭୂଇଁ ବିଷୟକ କବିତା । ଏହା ସତ୍ତ୍ୱେ ବି ଏଇ କବିତା- ଗୁଡ଼ିକର ଆବେଦନ ସୀମିତ କିମ୍ବା ସଙ୍କୀର୍ଣ୍ଣ ନୁହେଁ । ଏଗୁଡ଼ିକ ପଢ଼ିଲେ ଓଡ଼ିଶାର ଯେ କୌଣସି ଅଞ୍ଚଳର ଶିଶୁଚିତ୍ତରେ ଉତ୍‌ଫୁଲ୍ଲ ଅନୁଭୂତି ଜାଗ୍ରତ ହେବା ସଙ୍ଗେ ସଙ୍ଗେ ତା'ର କୌତୁହଳ ମଧ୍ୟ ସନ୍ତୋଷ ଲାଭ କରିବ ।

ଓଡ଼ିଆ କାବ୍ୟ ରାଜ୍ୟରେ ରାଧାନାଥ ଓ ଗଙ୍ଗାଧରଙ୍କୁ ଆମେ ମହାନ୍ କବି ରୂପେ ବିପୁଳ ସମ୍ମାନ ଦେଇଆଉଁ ଏବଂ ଗଭୀର ଭକ୍ତିପୂର୍ଣ୍ଣ ପ୍ରଣାମ ନିବେଦନ କରିଥାଉଁ । କିନ୍ତୁ କାନ୍ତକବିଙ୍କର ଏଇ ଶିଶୁ କବିତାଗୁଡ଼ିକ ପଢ଼ିଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ତାଙ୍କ ପ୍ରାଣରେ ନୈସର୍ଗିକ ସୁଷମା ଓ ବୈଚିତ୍ର୍ୟ ପ୍ରତି କି ବିପୁଳ ପ୍ରେମ ଓ ଦରଦ ଥିଲା ।

'କୁମାରୀ ଧର୍ମ ସଙ୍ଗୀତ' ଓ 'ବାଳଚର' ଗ୍ରନ୍ଥସମୂହର କବିତାଗୁଡ଼ିକ ପ୍ରାୟ ସମାନ ଉଦ୍ଦେଶ୍ୟ ନେଇ ରଚିତ । କୁମାରୀ ମନରେ ତଥା ଶିଶୁମନରେ କର୍ତ୍ତବ୍ୟବୋଧ, ସଦାଚାର ଜ୍ଞାନ ଓ ଧର୍ମଭାବ ଜାଗ୍ରତ କରିବାହିଁ ଏ କବିତାଗୁଡ଼ିକର ମୂଳ ଲକ୍ଷ୍ୟ ।

ପ୍ରତ୍ୟେକ କୁମାରୀ ଭାବୀ ଗୃହିଣୀ ଓ ଭାବୀ ଜନନୀ-ଆଜି ଯେ ବାପାମା'ଙ୍କ ପାଖରେ ଖେଳିବସର ହେଉଛି, ବୋହୁବୋହୁକା ଖେଳ ଖେଳୁଛି, ଗୋଡ଼ରେ ଅଳତା ନାଇ ମୁଣ୍ଡରେ ଚିକ୍କଣ ବେଣୀପାରି ରଜପର୍ବରେ ଦୋଳରେ ଝୁଲୁଛି ଏବଂ କୁଆଁର ପୁନେଇଁରେ 'ଫୁଲ ବଉଳ ବେଣୀ' ଗୀତ ବୋଲୁଛି, ସେ ଅଳ୍ପ କେତେ ବର୍ଷ ପରେ ଗୃହିଣୀର ଗୁରୁ ଦାୟିତ୍ୱ ବହନ କରେ ଓ ପରେ ପୁଣି ଜନନୀ ହୋଇ ଶିଶୁ ସନ୍ତାନର ଲାଳନ ପାଳନର ପବିତ୍ର କର୍ତ୍ତବ୍ୟ ସମ୍ପାଦନ କରେ । ତେଣୁ ଆଜି ଯେତେବେଳେ ତା'ର ଦିନଗୁଡ଼ିକ ଆମୋଦ ଆହ୍ଲାଦ ଭିତର ଦେଇ ଝରଣା ପରି ଚଳ ଚଞ୍ଚଳ ଗତିରେ ବିତି ଯାଉଛି ସେତିକି ବେଳେ ହିଁ ତାର ଚିତ୍ତରେ ଭବିଷ୍ୟତ ସକାଶେ କର୍ତ୍ତବ୍ୟବୋଧ ଓ ଧର୍ମବୋଧ ଜାଗ୍ରତ କରି ତୋଳିନେବାକୁ ପଡ଼ିବ । କୁମାରୀ ପୁସ୍ତକର କବିତାଗୁଡ଼ିକରେ ସେହି ଉଦ୍ଦେଶ୍ୟ ସାଧିତ ହୋଇଛି—ସେହି ଲକ୍ଷ୍ୟ ଚରିତାର୍ଥ ହୋଇଛି । ମଧୁର ଛନ୍ଦରେ ମନୋରମ ଠାଣିରେ ସରସ ସରଳ ଶବ୍ଦକୁ ଗୁନ୍ଥି କାନ୍ତକବି ଏହି ଯେଉଁ ସବୁ କବିତା ଲେଖିଛନ୍ତି ସେ ଗୁଡ଼ିକର ସାବଲୀଳ ପ୍ରବାହ ପ୍ରାଣକୁ ଉତ୍‌ଫୁଲ୍ଲ କରିବା ସଙ୍ଗେସଙ୍ଗେ ଚିତ୍ତରେ ଗୋଟିଏ ଗୋଟିଏ ସଦୁପଦେଶ ଥୋଇ ଦେଇଯାଏ । କୁମାରୀମାନେ ଯେଉଁ 'ଜାମୁଡାଳି' ଗୀତ ବୋଲନ୍ତି ଯେଉଁ ଢ଼ଗଢ଼ମାଳି ବୋଲି ଆନନ୍ଦ ପାଆନ୍ତି ଯେଉଁ ଲୋକଗୀତ ତାଙ୍କୁ ଉନ୍ମାଦନା ଦିଏ ତାହାରି ଛନ୍ଦରେ ଓ ତାହାରି ଠାଣିରେ ରଚିତ ଏହି କବିତାଗୁଡ଼ିକ କୁମାରୀମନୋରାଜ୍ୟରେ ସରସ ଭାବରେ ଇନ୍ଦ୍ରଧନୁ ସୃଷ୍ଟି କରିବାକୁ ସମର୍ଥ । ପ୍ରଥମ କବିତାରେ କୁହାଯାଇଛି—

"ଆସଗୋ ଆସଗୋ ସଙ୍ଗାତ ମିତ
ସାଙ୍ଗ ସାଥୀ ହୋଇ ଗାଇବା ଗୀତ,
ଏ ଗୀତଗୁଡ଼ିକ ରତନ ଖଣି
କୁମାରୀଙ୍କ କଣ୍ଠ ଅମୂଲ୍ୟ ମଣି ।"

ସତରେ ଏହା ଗୀତଗୁଡ଼ିକ ଖଣ୍ଡିଏ ଖଣ୍ଡିଏ ରତ୍ନ-ଗୋଟିଏ ଗୋଟିଏ ମଣି ।

'ଧର୍ମ ସଙ୍ଗୀତ' ଓ 'ବାଳଚର' ଗ୍ରନ୍ଥର କବିତାଗୁଡ଼ିକରେ ଏବଂ 'ସୁନାପୁଅ' କବିତାରେ ରହିଛି ସେହି କର୍ତ୍ତବ୍ୟବୋଧ-ସେହି ଧର୍ମଭାବ ସେହି ନୀତି ଉପଦେଶ-ସଦାଚାର ଓ ନୈତିକତା ସମ୍ବନ୍ଧରେ ସେହି ଇଙ୍ଗିତ । ଏହା ସାଙ୍ଗକୁ ଆହୁରି ଅଛି ଦେଶାତ୍ମବୋଧ-ଦେଶଭକ୍ତି । କିନ୍ତୁ ପ୍ରତ୍ୟେକଟି କବିତା ସରସ ଓ ସୁନ୍ଦର-ସରଳ ଓ ମନୋଜ୍ଞ । କବିତାଗୁଡ଼ିକ ପଢ଼ୁଁ ପଢ଼ୁଁ ଶିଶୁ କେବେ ଅନୁଭବ କରିବନି ଯେ ସେ କଠିନ

କର୍ତ୍ତବ୍ୟବୋଧ ସମ୍ବନ୍ଧରେ ଉପଦେଶ ଲାଭ କରୁଛି କିମ୍ବା ଗୁରୁଗମ୍ଭୀର ନୀତି ଉପଦେଶ ଶୁଣୁଛି । 'ମୋ ଦେଶ' କବିତାରେ ଯେତେବେଳେ ଶିଶୁ ପଢ଼ିବ:—

"ଏଇ ମୋ ଦେଶ, ଏଇ ମୋ ଦେଶ ଏଇ ମୋ ଜନ୍ମ ଭୂଇଁ,
ସକାଳେ ଯହିଁ ଲାଲ ଗୁଲାଲ ସୂର୍ଯ୍ୟ ଉଠେ ଉଇଁ ।
ଯେଉଁଠି ନିତି କାକୁଡ଼ି ପଡ଼େ ମନ ଖୁସିଆ ଖରା
କଅଁଳ ବାଆ ଫୁଲ ଯାଆନ୍ତରେ ଲଗାଏ ଧରାପରା ।

କିମ୍ବା 'ତୁମ୍ଭେ ମଙ୍ଗଳମୟ' କବିତାରେ ପଢ଼ିବ—

'ଘାସଟି ଭୂଇଁରେ ଲୋଟଇ ହୋଇ କେତେ ନିର୍ଜନ
ବଡ଼ ଦାରୁ ଦ୍ରୁମ ହେବାକୁ କେବେ ନ କରେ ମନ
ଗୋଡ଼ିଟି ପଡ଼ିଛି ଧୂଳିରେ ସୁଖେ ଅଛି ସେ ରହି
ପରବତ ପରି ହେବାକୁ ମନ ବଳାଏ ନାହିଁ ।

X X X

ଯାହାକୁ ଯେତିକି ଦେଇଛ ତାହା ତାହାର ଭଲ
ଯାହାକୁ ଯେଉଁଠି ରଖିଛ ତାହା ତାର ମଙ୍ଗଳ
ଯେଉଁଭଳି ଯହିଁ ରଖିଛ ମୋତେ-ମୋ ହିତ ପାଇଁ
ତହିଁ ମୁଁ ସନ୍ତୋଷେ ରହିବି ଦୁଃଖ କରିବି ନାହିଁ ।"

ସେତେବେଳେ ତା'ର ମନ ନୀତିକଥା କିମ୍ବା କଠିନ ଉପଦେଶର ଗୁରୁଭାର ବହନ କରିବା ପରିବର୍ତ୍ତେ ସରଳ କାବ୍ୟ ସୁଷମାର ଲଳିତ ଶିହରଣରେ ଉତ୍‌ଫୁଲ୍ଲ ହୋଇ ଉଠିବ । ଏଇ ସମସ୍ତ କବିତା ପାଠକଲେ ସ୍ୱତଃ ମନରେ ଏଇ ଚିନ୍ତା ଉଦିତ ହୁଏ ଯେ କାନ୍ତକବି ଜଣେ ଜାତୀୟ ଶିକ୍ଷକର ଭୂମିକା ଗ୍ରହଣ କରିଥିଲେ ।

ପଙ୍ଗୁ, ଚିର ବ୍ୟାଧିଗ୍ରସ୍ତ ଏଇ କବି ପ୍ରତ୍ୟକ୍ଷ ଓ ସକ୍ରିୟ ଭାବରେ ଜାତିର କର୍ମଧାରା ସହିତ ନିଜର କର୍ମଧାରାକୁ ମିଶାଇ ଦେଇ ପାରୁ ନଥିଲେ; କର୍ମର ଉତ୍ତେଜନା ଭିତରେ, ଆନ୍ଦୋଳନ ଓ ବିପ୍ଲବର କଠିନ ଓ ତୀବ୍ର ଘାତ ପ୍ରତିଘାତ ଭିତରେ ନିଜେ ଉପସ୍ଥିତ ରହି ଜାତିକୁ ଓ ସମାଜକୁ ନେତୃତ୍ୱ ଦେଇ ପାରୁନଥିଲେ; କିମ୍ବା ସଂଗଠନ ଓ ପରିଚାଳନାର ଦାୟିତ୍ୱ ବହନ କରି ପାରୁ ନଥିଲେ ।

ସେ ପ୍ରଖର କର୍ମପ୍ରବାହ ଓ ବିପ୍ଲବର ଭୀମତରଙ୍ଗଠୁଁ ଦୂରରେ ରହି ନିଜର ଲେଖନୀ ଦ୍ୱାରା ଜାତିକୁ ଉଦ୍‌ବୋଧନ ଦେଉଥିଲେ । ନିଜର ଉଦାର ଭାବଦ୍ୱାରା ମଣିଷ ପ୍ରାଣରେ ନାନା

ଊର୍ମି ଓ ନାନା ପରିବର୍ତ୍ତନର ଆକାଂକ୍ଷା ଓ ଆବେଗ ସୃଷ୍ଟି କରୁଥିଲେ । ସେଇପରି ସେ ନିଜର ଲେଖନୀ ଦ୍ୱାରା କୋମଳମତି ଶିଶୁ ଓ ସୁକୁମାର ବାଳକବାଳିକାଙ୍କ ଚରି ଓ ଚରିତ୍ରରେ ମହନୀୟ ଚିନ୍ତା ଓ ପବିତ୍ର ଉଦାର ଗୁଣସମୂହ ସନ୍ନିବେଶିତ କରି ଦେଉଥିଲେ । ପ୍ରତ୍ୟକ୍ଷ ଶିକ୍ଷାକ୍ଷେତ୍ରରୁ ଦୂରରେ ରହି ସେ ଏକ ମହାନ୍ ଶିକ୍ଷକର ବ୍ରତ ଓ କର୍ତ୍ତବ୍ୟ ପାଳନ କରୁଥିଲେ ।

# ପ୍ରାବନ୍ଧିକ କାନ୍ତକବି

କାନ୍ତକବିରଚିତ ପ୍ରବନ୍ଧଗୁଡ଼ିକର ସଂଖ୍ୟା ବିପୁଳ ନୁହେଁ କିନ୍ତୁ ସେ ଗୁଡ଼ିକର ପ୍ରକୃତି ବିଚାର । ବିଷୟବସ୍ତୁର ବିଭିନ୍ନତା ଦୃଷ୍ଟିରୁ ପ୍ରବନ୍ଧଗୁଡ଼ିକର ଉପାଦେୟତା ଅନୁଭବ କରିବାର କଥା ।

ପ୍ରବନ୍ଧଗୁଡ଼ିକ ମଧ୍ୟରୁ କେତୋଟି ଭାବପ୍ରଧାନ-ଅନ୍ୟ କେତୋଟି ବିଷୟପ୍ରଧାନ । ଭାବପ୍ରଧାନ ପ୍ରବନ୍ଧଗୁଡ଼ିକରେ ଗଦ୍ୟର କଠିନ ଆବରଣ ତଳେ ଅଛି କବିତାର କମନୀୟତା-ସଙ୍ଗୀତର ଲଳିତ ମଧୁର ଆବେଶ । ସେ ପ୍ରବନ୍ଧଗୁଡ଼ିକରେ ଚିନ୍ତାର ସ୍ଥିର, ଗମ୍ଭୀର ମୂର୍ତ୍ତି ପରିବର୍ତ୍ତେ ଦେଖିବାକୁ ମିଳେ ଅନୁଭୂତି-ପ୍ରବଣ ପ୍ରାଣର କରୁଣ କୋମଳ ମୂର୍ଚ୍ଛନା—ଭାବାବେଶପୂର୍ଣ୍ଣ ଅନ୍ତରର ପ୍ରେମ-ମଞ୍ଜୁଳ, ଅଶ୍ରୁ-କୋମଳ ମଧୁରତା । ଏହି ପ୍ରବନ୍ଧଗୁଡ଼ିକ ମଧ୍ୟରୁ ଅଧିକାଂଶ ସ୍ମୃତି-ପ୍ରଧାନ-କାନ୍ତକବିଙ୍କର ନିଜର ସ୍ମୃତିର ଗୋଟିଏ ଗୋଟିଏ ଆଲେଖ୍ୟ । ସେ ସ୍ମୃତି କେଉଁଠି ଆନନ୍ଦବିମଳ-କେଉଁଠି ଅଶ୍ରୁ-ବିଧୁର । ସ୍ମୃତିର କେଉଁ ଛବିଟି ପାଠକଙ୍କୁ ଦିଏ ଆନନ୍ଦ ପୁଣି କେଉଁ ଛବିଟି ବିଷାଦରେ ଅଭିଭୂତ କରିଦିଏ । ଅନ୍ୟ କେତୋଟି ପ୍ରବନ୍ଧରୁ ତିନୋଟିରେ ଅଛି ଉତ୍କଳମଣି ଗୋପବନ୍ଧୁଙ୍କ ସ୍ମୃତି ଏବଂ ଗୋଟିକରେ ଅଛି—କବିବର ଚିନ୍ତାମଣିଙ୍କ ସ୍ମୃତି । ଅନ୍ୟମାନଙ୍କ ସ୍ମୃତି ହେଲେ ମଧ୍ୟ ତାହା ସହିତ କାନ୍ତକବିଙ୍କର ନିଜର ଆବେଗପୂର୍ଣ୍ଣ ସ୍ମୃତି ଏକ ରସାୟନିକ ପର୍ଯ୍ୟାୟପରି ଓତପ୍ରୋତ ଭାବରେ ମିଶି ଯାଇଛି । ସେସବୁ ପ୍ରବନ୍ଧରେ ଗୋପବନ୍ଧୁ କିମ୍ବା ଚିନ୍ତାମଣି ଯେତିକି କାନ୍ତକବି ନିଜେ ମଧ୍ୟ ସେତିକି । କିଏ ମୁଖ୍ୟ କିଏ ଗୌଣ ତାହା ଅବଶ୍ୟ ଅଲଗା କଥା ।

କାନ୍ତକବି ନିଜର ଅତୀତକୁ ଅପରୂପ ଦରଦର ତୁଳିରେ ଆଙ୍କିଛନ୍ତି । ସେ ଦରଦ ନିଜପ୍ରତି ଯେତିକି, ଭିନ୍ନ ଭିନ୍ନ ଘଟଣା, ଭିନ୍ନ ଭିନ୍ନ ବ୍ୟକ୍ତି ଓ ଭିନ୍ନ ଭିନ୍ନ ଦୃଶ୍ୟପ୍ରତି ମଧ୍ୟ ସେତିକି । ଏହି ସ୍ମୃତିଚିତ୍ରମାନଙ୍କୁ ରଞ୍ଜିତ କରିଛି ଅଭିନବ ବର୍ଣ୍ଣ । ସେ ବର୍ଣ୍ଣ ନିବିଡ଼ ଆତ୍ମୀୟତାର ବର୍ଣ୍ଣ, ମଧୁର ଗଭୀର ସମ୍ପର୍କର ବର୍ଣ୍ଣ । ପ୍ରକୃତି ସେଠି ଲେଖକଙ୍କର ଅତି ଘନିଷ୍ଠ ଆତ୍ମୀୟା ପରି ପ୍ରତିଭାତ ।

କାନ୍ତକବି ବାଲ୍ୟ ସ୍ମୃତି ପ୍ରବନ୍ଧରେ ଯେଉଁ ଚିତ୍ର ଆଙ୍କିଛନ୍ତି ତାହା ଦୂରତ୍ୱର ମୋହରେ ଆବିଷ୍ଟ । ସେହି ଦୂର ଅତୀତର ଅସ୍ପଷ୍ଟ ଛାୟାମୂର୍ତ୍ତି, ଛାୟାଚଞ୍ଚଳ ରୂପର

ବର୍ଣ୍ଣନା ଦେବାକୁ ଯାଇ ସେ ଲେଖିଛନ୍ତି—ସେ ଯେପରିକି 'ଅଧା ଆଲୁଅ' । 'ସୂର୍ଯ୍ୟୋଦୟ' ପୂର୍ବରୁ ଯେଉଁ ଅଭିନବ ନବୀନ ଅରୁଣର କିରଣ ଛଟା-ଆଲୁଅ ଅନ୍ଧକାର ମିଶାମିଶି-ଛଡ଼ାଛଡ଼ି-ବିଚିତ୍ର ବର୍ଣ୍ଣେ ସୂର୍ଯ୍ୟର ରଙ୍ଗିନ ଖେଳ' ଠିକ୍ ସେଇପରି । ସେଇ ବାଲ୍ୟ-କାଳର ପ୍ରଭାତର ବର୍ଣ୍ଣନା ଦେବାକୁ ଯାଇ ସେ ଲେଖିଛନ୍ତି— 'ମୋ କାନରେ ସେତେବେଳେ ଡାହୁକର କଣ୍ଠରବ ପ୍ରତିଧ୍ୱନିତ ହେଉଥାଏ । ଦୂରସ୍ଥିତ ଶିମିଳିଗଛ ଉପରୁ କପୋତ 'ଉଠରେ ପୁତ' ଶବ୍ଦ ଗମ୍ଭୀର କାତର କଣ୍ଠରେ ଉଚ୍ଚାରଣ କରୁଥାଏ । ମହାଦେବ ପାଖ ବଉଳ ଗଛରୁ ହଳଦୀବସନ୍ତ ମଧୁର ଗାୟନ କରୁଥାଏ । ଆରପାରି ବାଉଁଶ ବଣରୁ କୁମ୍ଭାଟୁଆ ତା'ର ଖଣ୍ଡସ୍ୱର ପବନରେ ମିଶାଇ ଦେଉଥାଏ ।'

'କୈଶୋରର ସ୍ୱପ୍ନ' ପ୍ରବନ୍ଧରେ କାନ୍ତକବି ଲେଖିଛନ୍ତି—'ବାଟରେ କରଞ୍ଜ ଫୁଲ ସବୁ ଗଛତଳେ ବିଛଣା ହେଲାପରି ପଡ଼ିଥାଏ । ଆଜି ସୁଦ୍ଧା ସେ କଥା ଭାବିଲେ ଛଣି ସେ କାଳର ଶୋଭା ଆଖି ଆଗରେ ଦିଶି ଯାଉଛି-ସେ ସୁଗନ୍ଧ ନାକରେ ବାଜି ଯାଉଛି । କୃଷ୍ଣଚୂଡ଼ା ଫୁଲ ସେଇ ସମୟରେ ଫୁଟି ଲାଲ ଗୁଲାଲ ହୋଇଯାଏ ।'

ଏଇ ପ୍ରବନ୍ଧ ଯୋଡ଼ିକରେ ପ୍ରକୃତି ପ୍ରତି ଯେତିକି ଦରଦ ଫୁଟି ଉଠିଛି, ଭିନ୍ନ ଭିନ୍ନ ବ୍ୟକ୍ତି ଓ ଭିନ୍ନ ଭିନ୍ନ ଘଟଣା ସମ୍ବନ୍ଧରେ ମଧ୍ୟ ସେତିକି ଦରଦ ଓ ସେତିକି ଆକର୍ଷଣ ପ୍ରକାଶିତ ହୋଇଛି । ସବୁଥିରେ ଯେପରିକି ଇନ୍ଦ୍ରଧନୁର ଛଟା । ସବୁଥିରେ ଯେପରି କି ଇନ୍ଦ୍ରଜାଲର କାରସାଦି ।

ପରବର୍ତ୍ତୀ ସ୍ମୃତିଚାରଣଗୁଡ଼ିକରେ ରହିଛି ଘନଘୋର ନୈରାଶ୍ୟର କଥା । ଯାତନା ଓ ଯନ୍ତ୍ରଣାର ଆବର୍ତ୍ତ ଦେଖା ଦେଇଛି ମୃତ୍ୟୁର ସେଇ ତରଙ୍ଗମାନଙ୍କରେ । 'ଯୌବନ ପଥେ' ପ୍ରବନ୍ଧରେ ସେ ପଚାରିଛନ୍ତି ଏକ କରୁଣ, କାତର ପ୍ରଶ୍ନ । 'ମୁଁ ଆଜି ଜୀବନ-ସଂଗ୍ରାମରେ ଆହତ ହୋଇଛି ବୋଲି, ଜୀର୍ଣ୍ଣ ବକ୍ଷ, ଶୀର୍ଣ୍ଣ ବାହୁ, ଜୀର୍ଣ୍ଣ ଜାନୁ ହୋଇ ଛିନ୍ନ ପକ୍ଷ ବିହଙ୍ଗମ ପରି ଭୂପତିତ ହୋଇଛି ବୋଲି ତୁମେ ମୋତେ ପରିହାସ କରୁଛ ? ମୋର ଅବିମୃଷ୍ୟକାରିତା ପାଇଁ ଅବଜ୍ଞା କରୁଛ, ଅବହେଳା କରୁଛ, ଘୃଣା କରୁଛ ? ଗୋଟାଏ ଭୁଲ ପାଇଁ ଏତେ ଶାସ୍ତି ?'

ଏ ପ୍ରଶ୍ନ ସମସ୍ତଙ୍କୁ-ସାରା ସୃଷ୍ଟିକୁ-ଏବଂ ହୁଏତ ସ୍ୱୟଂ ସ୍ରଷ୍ଟା ସେଇ ଭଗବାନଙ୍କୁ ।

'କଲ୍ଭିତ କଣ୍ଠୀଥେ' ପ୍ରବନ୍ଧରେ ସେ ଲେଖିଛନ୍ତି—'ଆଉ ପାରିବି ନାହିଁ । ବଡ଼ କ୍ଳାନ୍ତ ହେଲଣି । ଉଦ୍ୟମ, ଉତ୍ସାହ ଭାଙ୍ଗି ପଡ଼ିଲାଣି । ଆଶା-କୁସୁମ ଅକାଳରେ ମଉଳି ଗଲାଣି । ଯାହୁ-ଯାହୁ । ଅନେକ ହେଲାଣି ପ୍ରଭୁ, ଏବେ କ୍ଷାନ୍ତ ହୁଅ' ।'

'ରୋଗ ଶଯ୍ୟା' ପ୍ରବନ୍ଧରେ ଲେଖିଛନ୍ତି ସେ—'ପଛକୁ ଚାହିଁ ଦେଖିଲି—ଜୀବନଟା ଯେ ଟାଏ ରଙ୍ଗିନ୍ଭରା ଭ୍ରାନ୍ତି, ଗୋଟାଏ ଜଡ଼ୀଭୂତ କୁହେଳିକା, ଗୋଟାଏ ସ୍ତୂପାକାର ବ୍ୟର୍ଥତା ।'

'ଜୀବନ୍ତ ମରଣ' ପ୍ରବନ୍ଧରେ ସେଇ କ୍ଷୋଭ—ସେଇ ଖେଦ—ସେଇ ହାହାକାର । ଏପରିକି ସୁଖର ସନ୍ଧାନ ଦେବା ପାଇଁ, ଆନନ୍ଦର ମଳୟ ହିଲ୍ଲୋଳ ସଞ୍ଚାରିତ କରି ଦେବାପାଇଁ ଲେଖକ ଯେଉଁ 'ନବ ବର୍ଷର ସମ୍ଭାଷଣ' ଓ 'ମଙ୍ଗଳ ମହୁରୀ' ପ୍ରବନ୍ଧ ରଚନା କରିଛନ୍ତି ସେଥିରେ ବି ଏଠି ସେଠି ରହିଛି ଦୁଃଖ ଓ ଯାତନାର ତିକ୍ତ ଆସ୍ୱାଦ ଓ ତୀବ୍ର ଅନୁଭୂତି । 'ମଙ୍ଗଳ ମହୁରୀ' ପ୍ରବନ୍ଧରେ ରହିଛି ଲେଖକଙ୍କର ପ୍ରାଣପ୍ରୀୟା ଓ ପରେ ସହଧର୍ମିଣୀ ଲବଙ୍ଗଲତାଙ୍କ କଥା । ତାଙ୍କ ଜୀବନରେ ଲବଙ୍ଗଲତାଙ୍କର ଆଲୋକ ଝଲମଣ୍ଡିତ ଆବିର୍ଭାବ କିପରି ଘଟିଲା—କିପରି ଏଇ ପତିପରାୟଣା ରମଣୀ ତାଙ୍କର ଦୁଃଖ-କ୍ଳେଶ-ହାରିଣୀ ହେଲେ—ତାହାର ମମତା-ଜଡ଼ିତ ବର୍ଣ୍ଣନା ରହିଛି ଏଇ ପ୍ରବନ୍ଧରେ ତା ସତ୍ତ୍ୱେ ବି ସେଠି ରହିଛି ଦୁଃଖ, ଅଶ୍ରୁ ଓ ବ୍ୟଥା ।

ତଥାପି ଲେଖକ 'ଜୀବନ୍ତ-ମରଣ' ପ୍ରବନ୍ଧରେ ଲେଖିଛନ୍ତି—'କେହି କହିବେ ଯେଉଁ ଅତୀତ ଗୌରବମୟ, ଯେଉଁ ଅତୀତ ସୁଖପୂର୍ଣ୍ଣ, ଯେଉଁ ଅତୀତ ଉଜ୍ଜ୍ୱଳ ତାହାରି ସ୍ମୃତି ଭବିଷ୍ୟତର ଗତିପଥରେ ପ୍ରେରଣା ଦିଏ । ......ଆଉ ଯେଉଁ ଅତୀତର ସ୍ମୃତି ଦୁଃଖ, ଦାହ, ବେଦନା, ଅବସାଦରେ ଭରି ତାକୁ ପୋଛି ପକାଇବା ଶ୍ରେୟସ୍କର । ମାତ୍ର ମୋତେ ଲାଗେ ସ୍ମୃତି ମାତ୍ରେ ହିଁ ପ୍ରାଣରସରେ ଭରି—ଯେତିକି ମଧୁର ସେତିକି ଉଜ୍ଜ୍ୱଳ—ତାହା ଯେତେ ନିଦାରୁଣ ଓ ହୃଦୟ ବିଦାରକ ହେଉ ପଛକେ ।'

କାନ୍ତକବିଙ୍କ ଜୀବନରେ ଗୋଟିଏ ବିଶେଷ ଆକର୍ଷଣ ଥିଲା । ତାହା ହେଉଛି ନଦୀର ଆକର୍ଷଣ—ବୈତରଣୀ ଓ ସାଳନ୍ଦୀର ଆକର୍ଷଣ । 'ଶୈଶବ ସ୍ମୃତି' ଓ 'ବାଲ୍ୟ ସ୍ମୃତି' ପ୍ରବନ୍ଧରେ ରହିଛି ବୈତରଣୀ ସହିତ ତାଙ୍କର ରହସ୍ୟଘନ, ରୋମାଞ୍ଚପୂର୍ଣ୍ଣ ସମ୍ପର୍କର କଥା । ସାଳନ୍ଦୀ ସମ୍ପର୍କୀୟ ତିନୋଟି ପ୍ରବନ୍ଧରେ ରହିଛି ସେଇ ନଦୀର ଭିନ୍ନ ଭିନ୍ନ ଋତୁ କାଳୀନ ଚିତ୍ର । ନିଦାଘର ସାଳନ୍ଦୀ ଶୁଷ୍କ, ରୁକ୍ଷ, ଦୀନ, କଙ୍କାଳସାର । ତା ଉପର ଦେଇ ଦ୍ୱିପ୍ରହରରେ ବହିଯାଏ ତତଲା ଝାଞ୍ଜିର ରୁଦ୍ର ପ୍ରବାହ । ସେତେବେଳେ ନଦୀର ତପ୍ତ ବାଲୁକା-ଶଯ୍ୟା ଉପରେ ସୂର୍ଯ୍ୟ ଅନଳକଣା ବର୍ଷଣ କରନ୍ତି । କିନ୍ତୁ ଏଇ ଶୁଷ୍କ, ରୁକ୍ଷ ନଦୀବକ୍ଷରେ ଯେତେବେଳେ ସନ୍ଧ୍ୟାର ସମାଗମ ହୁଏ ସେତେବେଳେ ସେଇ ରୁକ୍ଷତା ହିଁ ମନୋରମ ହୋଇଉଠେ । ସେଇ ଶୁଷ୍କତା ହିଁ ସ୍ନିଗ୍ଧ ହୋଇଉଠେ । ବର୍ଷାର ସାଳନ୍ଦୀ ପ୍ରଖର, ଉନ୍ମତ୍ତ ଓ ଭୀଷଣ । ଶରତର ସାଳନ୍ଦୀ ମନ୍ଥର, କୋମଳ, ପ୍ରଶାନ୍ତ, ସଂଯତ । ଲେଖକ କିନ୍ତୁ କେବଳ ସାଳନ୍ଦୀର ଚିତ୍ର ଆଙ୍କି ନାହାନ୍ତି । ନଦୀର ରୂପ ସହିତ ନିଜ

ଅନ୍ତରର ରୂପକୁ ମଧ୍ୟ ସେ ଉନ୍ମୋଚିତ କରି ଦେଇଛନ୍ତି । ତାଙ୍କ ପ୍ରାଣରେ, ତାଙ୍କ ଚିନ୍ତା ଓ ଚେତନାରେ ସାଲନ୍ଦୀ କିପରି ତାର ସ୍ପର୍ଶ ଜଗାଏ—ଜଗାଏ ତାର ଲାଳିତ୍ୟଭରା ବର୍ଣ୍ଣ ସମ୍ଭାର; ତାର ସୂଚନା ମଧ୍ୟ ଦେଇଛନ୍ତି ସେ । ତେଣୁ ଏ ସମସ୍ତ ପ୍ରବନ୍ଧରେ ଲେଖକ ନିଜେହିଁ ପ୍ରଧାନ । ତାଙ୍କ ଜୀବନଧାରା ହିଁ ପ୍ରଧାନ ।

ବିଷୟପ୍ରଧାନ ପ୍ରବନ୍ଧମାନଙ୍କ ମଧ୍ୟରୁ ତିନୋଟିରେ ରହିଛି ସାହିତ୍ୟ ସମ୍ବନ୍ଧୀୟ ଆଲୋଚନା ଏବଂ ଗୋଟିକରେ ଓଡ଼ିଆ-ସଙ୍ଗୀତ ସମ୍ବନ୍ଧୀୟ ଆଲୋଚନା । ସାହିତ୍ୟିକ ଆଲୋଚନାରେ ରହିଛି ହାସ୍ୟରସ ସମ୍ବନ୍ଧରେ ତାତ୍ତ୍ୱିକ ବିଚାର ଏବଂ କବି ଓ କବିତାର ପ୍ରକୃତି-ବିଶ୍ଲେଷଣ ।

କାନ୍ତକବିଙ୍କର ବିଷୟପ୍ରଧାନ ଆଉ କେତୋଟି ପ୍ରବନ୍ଧ 'ସାହିତ୍ୟ ସୁଧାକର' ପାଠ୍ୟପୁସ୍ତକ ଅନ୍ତର୍ଭୁକ୍ତ । ବିଦ୍ୟାଳୟର ଛାତ୍ର ଓ ଛାତ୍ରୀମାନଙ୍କଲାଗି ବିଶେଷଭାବରେ ରଚିତ ହେଲେ ମଧ୍ୟ ଏ ପ୍ରବନ୍ଧଗୁଡ଼ିକରେ ସାହିତ୍ୟର ଉନ୍ନତ ମାନ ଦେଖିବାକୁ ମିଳେ । ଏଗୁଡ଼ିକରେ ବିଷୟବସ୍ତୁର ଗାମ୍ଭୀର୍ଯ୍ୟ ଓ ଗରିମା, ବର୍ଣ୍ଣନାର ସୁବିନ୍ୟସ୍ତ ଭଙ୍ଗୀ ଓ ଭାଷାର ଅପୂର୍ବ ଦୀପ୍ତି ବିଶେଷଭାବରେ ଲକ୍ଷଣୀୟ ।

ପ୍ରବନ୍ଧ ଗୁଡ଼ିକମଧ୍ୟରୁ କେଉଁଟି ରଚିତ ଛବିଳ ଉତ୍କଳ ସମ୍ବନ୍ଧରେ, କେଉଁଟି ସୂର୍ଯ୍ୟମନ୍ଦିର ସମ୍ବନ୍ଧରେ, କେଉଁଟି ହିମାଳୟ ସମ୍ବନ୍ଧରେ, କେଉଁଟି ମହାଯାତ୍ରା ସମ୍ବନ୍ଧରେ । ମହାତ୍ମାଗାନ୍ଧି, ନେତାଜୀସୁଭାଷ, ଉତ୍କଳମଣି ଗୋପବନ୍ଧୁ, ରାଣାପ୍ରତାପ ଇତ୍ୟାଦିଙ୍କ ଚରିତ୍ର ଚିତ୍ରଣ ମଧ୍ୟ ଏଥିରେ ସ୍ଥାନ ପାଇଛି । ପ୍ରତ୍ୟେକ ବିଷୟର ମୂଲ୍ୟ ଓ ମହିମାକୁ ନିପୁଣ ଲେଖନୀରେ ରୂପାୟିତ କରାଯାଇଛି । ଛବିଳ ଉତ୍କଳର ବର୍ଣ୍ଣନା ଦେବାକୁ ଯାଇ ଲେଖକ ଲେଖିଛନ୍ତି—

'ଉତ୍କଳର ନଦୀ, ହ୍ରଦ, ମହୋଦଧି, ଉତ୍କଳର ଗିରି, ବନ, ଉପତ୍ୟକା, ଉତ୍କଳର ଗ୍ରାମ, ନଗର, ପ୍ରାନ୍ତର ସର୍ବଦା ଏକ ଅପୂର୍ବ ଶ୍ରୀ ଧାରଣ କରି ଆପଣା ମହିମାରେ ବିରାଜିତ । ଉତ୍ତୁଙ୍ଗ ତରଙ୍ଗଶାଳୀ ନୀଳ ପୟୋଧି ପରିଖାରୂପେ ଏହି ସୁନ୍ଦର ଭୂଖଣ୍ଡର ପୂର୍ବପ୍ରାନ୍ତ ଧୌତ କରୁଅଛି । ଘନ ବନାନୀ ବେଷ୍ଟିତ ଶ୍ୟାମଳ ଗିରିମାଳା ପଶ୍ଚିମ ସୀମାର ସୁଦୃଢ଼ ପ୍ରାଚୀର ଆକାରରେ ବିଦ୍ୟମାନ । ମନେହୁଏ ଯେପରି ପ୍ରକୃତି ସୁନ୍ଦରୀ ନିଜ ପାଇଁ ଗୋଟିଏ ବିଳାସ ବାଟିକା ବିରଚନ କରି ତହିଁରେ ଚିର ବିହାର ପରାୟଣା ।' ଉତ୍କଳର ସମୁଦ୍ରତୀରର ବର୍ଣ୍ଣନା ଦେବାକୁ ଯାଇ ସେ ଲେଖିଛନ୍ତି—'କାହିଁ ନାନା ବର୍ଣ୍ଣ ହଂସାବଳୀ ସମୁଦ୍ର ବେଳାରେ ହାରଭଳି ବିଳମ୍ବିତ । ସ୍ଥାନେ ସ୍ଥାନେ କୃଷ୍ଣସାର ମୃଗଯୂଥ ଆନନ୍ଦରେ ବିଚରଣ କରି ସମୁଦ୍ରକୂଳର ଶୋଭା ବର୍ଦ୍ଧନ କରୁଅଛନ୍ତି । ଗୋଠ-ବାହୁଡ଼ା ମହିଷପଲର ଗଳାଘଣ୍ଟରେ କେଉଁ ସ୍ଥଳ ମୁଖରିତ ।'

'ସୂର୍ଯ୍ୟ ମନ୍ଦିର' ପ୍ରବନ୍ଧର ଭୂମିକାରେ ଲେଖକ ଲେଖିଛନ୍ତି—'ଅଜ୍ଞାନ ତମିସାଚ୍ଛନ୍ନ ଆଦିମ ମାନବ ଦିନେ ଅକସ୍ମାତ୍ ପୂର୍ବ ଗଗନକୁ ଚକିତ ନୟନରେ ଗୃହିଁ ଦେଇ ବିମୁଗ୍ଧ ହୋଇଗଲା । କି ସୁନ୍ଦର, ପୁଣି କି ମହାନ୍ ! ସାରା ଅନ୍ତରୀକ୍ଷ ତରଳ ହେମ-ଜ୍ୟୋତିରେ ଉଦ୍ଭାସିତ କରି ଏକ ବିରାଟ ବ୍ୟାପାର ! ଜୀବନ୍ତ, ରକ୍ତମୟ ବିଶାଳ ପିଣ୍ଡ ଏ କିଏ ? ସେଇ ଚମତ୍କାରିତାରେ ଅନ୍ତରତାର ହୋଇଗଲା ସ୍ତମ୍ଭିତ ।'

'ଅଶ୍ରୁ' ଶୀର୍ଷକ 'ସାହିତ୍ୟ ସୁଧାକର' ପୁସ୍ତକର ଅନ୍ୟତମ ପ୍ରବନ୍ଧ ଏକ ଅପୂର୍ବ ଓ ଅଭିନବ ସୃଷ୍ଟି । ଓଡ଼ିଆ ଭାଷାରେ ଅଶ୍ରୁ ସମ୍ବନ୍ଧୀୟ ଏପରି ପ୍ରବନ୍ଧ ଆଉ ଅଛି କି ନାହିଁ ସନ୍ଦେହ । ଗଦ୍ୟ ମାଧ୍ୟମରେ ହୃଦୟୋଚ୍ଛ୍ୱାସର ଏହା ଏକ ଅତୁଳନୀୟ ପ୍ରକାଶ । ପ୍ରବନ୍ଧ ଶ୍ରେଣୀର ଅନ୍ତର୍ଭୁକ୍ତ ହେଲେବି ଏହା ଏକ ରସୋତ୍ତୀର୍ଣ୍ଣ ଗଦ୍ୟ କବିତା ।

●

# କାନ୍ତକବିଙ୍କ କଥାସାହିତ୍ୟ

କାନ୍ତକବିଙ୍କ ଗଳ୍ପସମ୍ଭାର ତଥା ତାଙ୍କ ଏକମାତ୍ର ଉପନ୍ୟାସ 'କଣା ମାମୁଁ'ଙ୍କୁ ନେଇ ଗଠିତ ତାଙ୍କ କଥାସାହିତ୍ୟ । ତାଙ୍କ ଗଳ୍ପସମ୍ଭାରର ପରିଧି ବୃହତ୍— ପରିସର ବିସ୍ତୀର୍ଣ୍ଣ । ସେଇ ଗଳ୍ପସମ୍ଭାରରେ ଅଘିଣ ସକାଳର ଚକ୍‌ଚକ୍ ଖରା ଦେଖିବାକୁ ମିଳେ, ହେମନ୍ତର ଗମ୍ଭୀର କାନ୍ତି ତହିଁରେ ଧୀରେ ଧୀରେ ଉଲସି ଉଠେ, ବସନ୍ତର ଚଗଲା କୋଇଲିଟା ଟାପରା କଲଭଲ ସେଥିରେ କୁହୁ କୁହୁ ଡାକ ଦିଏ । ସେଥିରେ ବୈଶାଖର ନଛୁଟିଆ ଦିପହରର ଅସହାୟ କପୋତ ଗୁମୁରି ହୁଏ; ପୁଣି ଝମ୍ ଝମ୍ ଶ୍ରାବଣର ଧାରା ଝରିପଡ଼େ ।

ତାଙ୍କ ନାଟକ ଗୁଡ଼ିକରେ ଆମେ ଗୋଟିକ ପରେ ଗୋଟିଏ ଏମିତିକା କେତୋଟା ଯୁଗର ସ୍ୱାକ୍ଷର ଦେଖିବାକୁ ପାଉଁ । ତାଙ୍କ ଗଳ୍ପରେ ମଧ୍ୟ କିଛି ପରିମାଣରେ ତାହାହିଁ ଘଟିଛି । କିମ୍ବଦନ୍ତୀକୁ ଅବଲମ୍ବନ କରି ସେ ଯେଉଁ ଗଳ୍ପସବୁ ଗଢ଼ିଛନ୍ତି ସେଥିରେ ଅଛି ପୌରାଣିକ ଉପାଖ୍ୟାନ କିମ୍ବା ଐତିହାସିକ କାହାଣୀର ସ୍ୱପ୍ନ-କାହାଣୀର କଳ୍ପନା । ଦୂର ଇତିହାସର ଗରିମା ସେଥିରେ ଝଟକୁଛି । ଦୂର ଅତୀତର ବୁକୁ ଉପରେ ପାଦ ପକାଇ ବୁଲିଛନ୍ତି ସେ ଅନେକ ଗଳ୍ପରେ ।

ଦୂର ରାଇଜରୁ ଆସିଛି ବୀର, ସାହସୀ ଚୌହାନ ଯୁବକ । ବୁକୁରେ ତାର ସାହାସ ବାହୁରେ ତାର ବିକ୍ରମ । ଅଗନା ଅଗନ୍ଧ ବନସ୍ତ ଭିତରେ ବାସକରୁଥିବା ଏକ ଯୋଗୀଙ୍କ କନ୍ୟା ହେଲା ତାର ପ୍ରଣୟିନୀ, ସେ ଯୁବକ ଅତି ବିଚିତ୍ର ଭାବରେ କାଳୀଙ୍କ କରୁଣା ଲାଭକଲା । ଗଳ୍ପର ଉପସଂହାର ହେଲାବେଳକୁ ଦେଖାଗଲା ଯେ ସେଇଯୁବକ ଏକ ରାଜ୍ୟର ରାଜା । ଏବଂ ଯୋଗୀଙ୍କକନ୍ୟା ତାହାର ରାଣୀ, ଏମିତିକା ସବୁ ବିସ୍ମୟକର ଘଟନାର ରୋମାଞ୍ଚକର ଗତି ଓ ପରିଣତିକୁ କୋଳରେ ଧରି ରଚିତ ହୋଇଛି 'ଭଦ୍ରକାଳୀ,' 'ଦପ୍‌ପାଖଣ୍ଡ,' 'କ୍ଷୀରଚୋରା ଗୋପୀନାଥ' ଓ ନାରୀର-ବୁଦ୍ଧି' ଗଳ୍ପସମୂହ ।

କିନ୍ତୁ କାନ୍ତକବିଙ୍କ ଲେଖନୀ କେବଳ ଏଇ ପ୍ରକାର ଗଳ୍ପର ପରିସର ଭିତରେ ଆବଦ୍ଧ ରହିନି । ସେ ଲେଖନୀ ଦୁଃସାହସୀ । ତାର ଯାତ୍ରାପଥ ପ୍ରସାରିତ ହୋଇଛି ଦୂରକୁ— ଆହୁରି ଦୂରକୁ । ପ୍ରାଚୀନ କଳ୍ପନାର ବର୍ଣ୍ଣାଢ୍ୟତା ଭିତରୁ ସେ ପ୍ରବେଶ କରିଛି ଏ ଯୁଗର କଠୋର ବାସ୍ତବତା ଭିତରକୁ, ଅଥଚ ଲେଖକଙ୍କର ହାସ୍ୟରସ ସୃଷ୍ଟି-

କରିବାର ପ୍ରତିଭା ବାସ୍ତବତାର କଠୋର ସ୍ପର୍ଶକୁ ବି ଆନନ୍ଦରସରେ ଆପ୍ଳୁତ କରିଦେଇଛି । ସେ ନିଜର ଇଚ୍ଛାନୁଯାୟୀ ଘଟଣାଚକ୍ରକୁ ଏପରି ଆବର୍ତ୍ତିତ କରିବାକୁ ସମର୍ଥ ହୋଇଛନ୍ତି ଯେ ଯେଉଁ ପରିସ୍ଥିତି ଯାଇ ପହଞ୍ଚନ୍ତା ନୈରାଶ୍ୟର ମରୁ ବାଲୁକାରେ କିମ୍ବା ବିପର୍ଯ୍ୟୟର ଝଡ଼ଝଞ୍ଜା ଭିତରେ ତାହାହିଁ ଅପୂର୍ବ କୌତୁହଳ ଭିତର ଦେଇ ପୁଲକରେ ଭରପୁର ହୋଇଉଠିଛି, କେତୋଟି ଉଦ୍ଭଟ ପ୍ରେମର ବିଚିତ୍ର ଗଳ୍ପରେ ଲେଖକଙ୍କର ଏହି ଶକ୍ତି ବିଶେଷ ସାଫଲ୍ୟ ଲାଭ କରିଛି । 'ଆତ୍ମହତ୍ୟା' 'ଜ୍ୟାକଟପ୍ରେମ' 'ଉଲଟା ବୁଝିଲେ ରମ' ପ୍ରଭୃତି ଗଳ୍ପରେ ଆମେ ଏହି ପ୍ରକାର ରସ ଛଳଛଳ ପରିସ୍ଥିତି ଦେଖିବାକୁ ପାଉଁ । ପ୍ରେମ ଯେଉଁଠି କେବଳ ଉଚ୍ଛୃଙ୍ଖଳତା, କେବଳ ଅସଂଯମ କେବଳ କ୍ଷଣିକ ଉନ୍ମାଦନାର ଦୁରନ୍ତ ଆବେଗ ସେଠି ଆସେ ଚରମବ୍ୟର୍ଥତା ଓ ଲାଞ୍ଛନା । ଲେଖକ କିନ୍ତୁ ଏହି ବ୍ୟର୍ଥତା ଓ ଲାଞ୍ଛନାକୁ ଏପରି ବିଚିତ୍ର ପରିସ୍ଥିତିର ଆବରଣ ଭିତରେ ଥୋଇଛନ୍ତି ଯେ ତାହା ଉଚ୍ଛୃଙ୍ଖଳତାର କୁପରିଣତିକୁ ପରିସ୍ଫୁଟ କରିବା ସଙ୍ଗେ ସଙ୍ଗେ ପ୍ରଚୁର ହାସ୍ୟରସ ସୃଷ୍ଟି କରି ପାରିଛି । ଟାଜେଡ଼ିକୁ ଦିଆ ହୋଇଛି କମେଡିର ପୁଟ-କମେଡିର ଠାଣି ।

ଗୋଟିଏ ଅପରୂପ ସୁନ୍ଦରୀ ଯୁବତୀର ପ୍ରେମରୁ ବଞ୍ଚିତ ହୋଇ ଜଣେ ହତାଶ ଯୁବକ ଆତ୍ମହତ୍ୟା କରିବାକୁ ଯାଇ ଦେଖୁଛି ଯେ ସେଇ ଯୁବତୀର ବିଶ୍ୱାସଘାତକତା ଯୋଗୁଁ ତାର ଯୁବକ ସ୍ୱାମୀ ଆତ୍ମହତ୍ୟା କରିଛି, ଅନ୍ୟ ଗୋଟିଏ ଯୁବକ ଅତି ଅଳ୍ପ ସମୟ ମଧ୍ୟରେ ଏବଂ ଏକପ୍ରକାର ଅନାୟାସରେ ଜଣେ ଯୁବତୀର ପ୍ରେମହାସଲ କରିପାରିଛି ବୋଲି ଯେତେବେଳେ ଏକାବେଳକେ ନିର୍ଶ୍ଚିନ୍ତ, ଠିକ୍ ସେତିକିବେଳେ ସେଇ ଯୁବତୀଠାରୁହିଁ ସେ ଚରମ ଲାଞ୍ଛନା ଭୋଗ କରୁଛି, ଏହି ସବୁ ବିଡ଼ମ୍ବନା ଚିତ୍ରଣ କରିବାକୁ ଯାଇ ଲେଖକ ସମସ୍ତ ଘଟଣା ଓ ସମଗ୍ର ପରିସ୍ଥିତିକୁ ତଥା ଚରିତ୍ର ଗୁଡ଼ିକର ଆଚରଣ ଓ ସଂଳାପକୁ ଏପରି ଗତି ଓ ଆକୃତି ଦେଇଛନ୍ତି ଯେ ତାହା ହାସ୍ୟର ଝଡ଼ ସୃଷ୍ଟି କରୁଛି ।

'ପ୍ରେମର ମୁକୁଟ' 'ଶିକ୍ଷାନବିସ ପ୍ରେମିକ', ''ମଡର୍ଣ୍ଣ ତାଲ ବେତାଲ'' ଇତ୍ୟାଦି ଅନ୍ୟ କେତୋଟି ପ୍ରେମଘଟିତ ଗଳ୍ପରେ ମଧ୍ୟ ଏହିପରି ପ୍ରବଳ ହାସ୍ୟରସ ସଞ୍ଚାରିତ କରି ଦିଆ ହୋଇଛି ।

ମଣିଷର ଭାଗ୍ୟର ପରିବର୍ତ୍ତନ ଘଟେ କେତେବେଳେ ତାର ନିଜ ଉଦ୍ୟମରେ —ତା ନିଜର ପୁରୁଷାକାର ସାହାଯ୍ୟରେ, କେତେବେଳେ ପୁଣି ଘଟଣା ଚକ୍ରରେ— ନିୟତିର ବିଚିତ୍ର ବିଧାନ ଅନୁଯାୟୀ ନାନା ଘଟଣାର ଘାତ ପ୍ରତିଘାତ ଏବଂ ପରିସ୍ଥିତିର ନାନା ସଂଯୋଗଭିତରଦେଇ ଭାଗ୍ୟର ଏହି ପରିବର୍ତ୍ତନ କେତେବେଳେ ସୁଖକର ହୁଏ-କେତେବେଳେ ପୁଣି ଦୁଃଖକର ମଧ୍ୟ ହୋଇଥାଏ । ଭାଗ୍ୟର ଯେ କୌଣସି ପରିବର୍ତ୍ତନ-ତାହା ସୁଖକର ହେଉ କିମ୍ବା ଦୁଃଖକର ହେଉ-ମନରେ ଗଭୀର ଚିନ୍ତା ଉଦ୍ରେକ

କରିଥାଏ । କାନ୍ତକବି କିନ୍ତୁ ଯେଉଁ କେତୋଟି ଗଳ୍ପରେ ଭାଗ୍ୟର ପରିବର୍ତ୍ତନ ଦେଖାଇଛନ୍ତି ତାହା ଗମ୍ଭୀର ଚିନ୍ତାର ବିଷୟ ନହୋଇ ହାସ୍ୟର ଉତ୍ସ ହୋଇଛି । ଜଣେ ବେକାର ଶିକ୍ଷିତ ଯୁବକ ଜୀବିକାର କୌଣସି ଉପାୟ ନ ପାଇ ଚୋରି କରିବାକୁ ବାଧ୍ୟ ହୋଇଛି ଏବଂ ଆକସ୍ମିକ ଭାବରେ ଲାଭ କରିଛି ଗୋଟାଏ କୁକୁର । ଶେଷରେ ସେଇ କୁକୁରହିଁ ଆଣିଛି ତାର ଭାଗ୍ୟର ଅଭିନବ ପରିବର୍ତ୍ତନ । ସେହିପରି 'ଫୁର୍ତ୍ତିବାଜ୍' ଗଳ୍ପରେ ଆମେ ଦେଖୁଁ ଯେ ବିଦ୍ୟାଧର ବେଶ୍ ଭଲ ଚାକିରିଟାଏ ପାଇଛି କେବଳ ତାର ଚମତ୍କାର ବେଶଭୂଷା ଓ ଚତୁର କଥାବାର୍ତ୍ତା ପାଇଁ । ଏଇ ଉଭୟ ଗଳ୍ପରେହିଁ ଘଟଣାର ପ୍ରଖରଗତି ତୁହାକୁତୁହା ହାସ୍ୟ ସୃଷ୍ଟି କରେ । 'ଲଲି' ଗଳ୍ପରେ ବି ହାସ୍ୟରସର ପ୍ରଚୁର ଉପାଦାନ ରହିଛି କିନ୍ତୁ ଗଳ୍ପର ଶେଷଭାଗରେ ସମସ୍ତ ପରିସ୍ଥିତି ଏପରି ଏକ ସମ୍ଭାବନାଦ୍ୱାରା ପ୍ରତିହତ ହୋଇ ଏକ ଅଭାବନୀୟ ପରିଣତିରେ ଯାଇ ପହଞ୍ଚେ ଯେ ସମସ୍ତ ହାସ୍ୟ ନିୟତିର କ୍ରୁର ଭ୍ରୁକୁଟିଭିତରେ ଲୀନ ହୋଇଯାଏ । ଭାଗ୍ୟର ଶାଣିତ ବିଦ୍ରୂପର ଭୟାବହତା ଦେଖି ପାଠକ ମଧ୍ୟ କ୍ଷଣକାଳ ପାଇଁ ସ୍ତମ୍ଭିତ ଓ ବିମୂଢ଼ ହୋଇ ରହିଯାଏ ।

କିନ୍ତୁ ଏହା ଦେଖିବାର କଥା ଯେ ଏଇ ସବୁ ଗଳ୍ପରେ ପ୍ରଚ୍ଛନ୍ନଭାବରେ ନୀତି-ଉପଦେଶ ଥିଲେ ମଧ୍ୟ କଳାହିଁ ଏ ଗୁଡ଼ିକରେ ପ୍ରାଧାନ୍ୟ ଲାଭ କରିଛି । ହାସ୍ୟରସର ଉତ୍ସ ରୂପେ ଏଗୁଡ଼ିକ ଯେପରି ଆନନ୍ଦଦାଏ ଗଳ୍ପକଥନର ସାର୍ଥକ ଉଦ୍ୟମ ରୂପେ ପାଠକଚିତ୍ତକୁ ସେଇପରି ଆମୋଦିତ କରେ ।

ତେବେ ନୀତି ପ୍ରତିଷ୍ଠା ମଧ୍ୟ କାନ୍ତକବିଙ୍କର ଗଳ୍ପରଚନାର ଅନ୍ୟତମ ପ୍ରଧାନ ଉଦ୍ଦେଶ୍ୟ ଥିଲା । ତାଙ୍କର 'ଯେସାକ୍ ତେଷା' 'ସି-ଆଇଡି' 'ଆଗ ଇନ୍‌ସିଓର' ଇତ୍ୟାଦି ଗଳ୍ପଗୁଡ଼ିକ ଏ ଯୁଗର ଦୁର୍ନୀତି, ଶଠତା ଓ କ୍ଷମତାଲୋଭ ବିରୁଦ୍ଧରେ କଟୁ ସମାଲୋଚନାର ଓ ତୀବ୍ର ଭର୍ତ୍ସନାର ଗୋଟିଏ ଗୋଟିଏ ଅଙ୍କୁଶ ।

କାନ୍ତକବି ରଚିତ କେତୋଟି ଗଳ୍ପ ମଧ୍ୟ ସମସାମୟିକ ନାନା ସମସ୍ୟାପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି । ବେତନଭୋଗୀ ଚାକିରିଆଙ୍କର ନାନା ସମସ୍ୟା, ବେକାର ଜୀବନର ନାନା ବିଡ଼ମ୍ବନା, ସ୍ୱାଧୀନତା ସଂଗ୍ରାମର ନାନା ଅନୁକୂଳ ଓ ପ୍ରତିକୂଳ ଚିତ୍ର ତାଙ୍କର କେତୋଟି ଗଳ୍ପ ବଳିଷ୍ଠ ଲେଖନୀରେ ରୂପାୟିତ ହୋଇଛି ।

ତାଙ୍କର ଆଉ କେତୋଟି ଗଳ୍ପରେ ଘଟିଛି ମାନବଜୀବନର ଶାଶ୍ୱତ ସତ୍ୟର ଦୁର୍ବାର ଆବିର୍ଭାବ । ଏଇ ଗଳ୍ପଗୁଡ଼ିକ ସାର୍ଥକତାର ସ୍ୱର୍ଣ୍ଣସିଂହାସନରେ ଅଧିଷ୍ଠିତ । ଏଇ କେତୋଟି ଗଳ୍ପରେ ସାହିତ୍ୟ ସୃଷ୍ଟିର ଚରମ ସାର୍ଥକତା ଦେଦୀପ୍ୟମାନ ହୋଇ ରହିଛି ।

ସବୁପ୍ରକାର ସାମୟିକତାର ସୀମା ଲଂଘନ କରି ଏଗୁଡ଼ିକ କି ଏକ ବିଚିତ୍ର ମହିମାରେ ସମୃଦ୍ଧ, ଏଗୁଡ଼ିକରେ ହାସ୍ୟରସର ପୁଟ ନାହିଁ କିମ୍ବା ଗଳ୍ପ କଥନର ବୈଠକୀ ଠାଣି ନାହିଁ, ରହିଛି କେବଳ ବାସ୍ତବତାର କଠିଣ ଉଲଙ୍ଗ ମୂର୍ତ୍ତି, ଲଘୁ ଆନନ୍ଦର ଊର୍ଦ୍ଧ୍ୱରେ ହୃଦୟର ନିଭୃତତମ ପ୍ରଦେଶରୁ ଉଚ୍ଛ୍ୱସିତ ଏହି ଗଳ୍ପଗୁଡ଼ିକ ମାନବ ଚରିତ୍ରର ଯେଉଁ ସ୍ୱର ଶୁଣାଏ ତାର କୌଣସି ବ୍ୟାଖ୍ୟା ନାହିଁ କି ବିଶ୍ଳେଷଣ ନାହିଁ ।

ଏହି ଗଳ୍ପଗୁଡ଼ିକ ମଧ୍ୟରୁ କେଉଁଟିରେ ରହିଛି ଚରମ ଦୁଃଖର ପ୍ରଶାନ୍ତ ପାବନ ମୂର୍ତ୍ତି, କେଉଁଟିରେ ଅଛି ଚରମ ଆତ୍ମହତ୍ୟାର ବର୍ଣ୍ଣନାତୀତ ଗରିମା, କେଉଁଟିରେ ପୁଣି ଲୋମହର୍ଷଣକାରୀ ପ୍ରତିଶୋଧର ଦୁରନ୍ତ, ଦୁର୍ବାର ପ୍ରକାଶ, ଏଗୁଡ଼ିକ ପଛରେ ଅଛି ମାନବ ମନୀଷାର ଉତ୍ତୁଙ୍ଗ କଳ୍ପନା, ଏଗୁଡ଼ିକ ପାଠକଲେ ପାଠକର ସମସ୍ତପ୍ରାଣ କି ଏକ କଳ୍ପନାତୀତ ଭାବରେ ଲୀନ ହୋଇ ଯାଏ । ଇଉରୋପର ପ୍ରାଚୀନ ବାଲାଡ (Ballad) ଗୁଡ଼ିକର କିଛି କିଛି ଲକ୍ଷଣ ରହିଛି ଏହି ଗଳ୍ପସମୂହରେ । 'ଶେଷରକ୍ଷା' 'ଇଦରଗ୍ରନ୍ଥ' 'ଅଧିକାର' 'କଦମ କଦମ ବଢାଏ ଯା' ଇତ୍ୟାଦି ଗଳ୍ପ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ।

କାନ୍ତକବିଙ୍କ ଏକମାତ୍ର ଉପନ୍ୟାସ 'କଣାମାମୁଁ' ଏକ ଅସାଧାରଣ ସୃଷ୍ଟି । ଓଡ଼ିଆ ଉପନ୍ୟାସ ରାଜ୍ୟରେ ଏହାର ପଟାନ୍ତର ନାହିଁ । ଚିରାଚରିତ ପଦ୍ଧତିରେ ରଚିତ ଉପନ୍ୟାସ ଠାରୁ ଏହା ଏକାବେଳେକେ ସ୍ୱତନ୍ତ୍ର । ଏଥିରେ କାହାଣୀର ସୂତ୍ର ଅତି ଶିଥିଳ । ଏଥିରେ କଥାବସ୍ତୁର କ୍ରମ କିମ୍ବା ଧାରାବାହିକତା ରକ୍ଷା କରାଯାଇ ନାହିଁ । ସଂଗଠନର ଅଭାବହିଁ ଏହାର ବୈଶିଷ୍ଟ୍ୟ, ଲେଖକ ଯେପରି କି ଗଳ୍ପ କହିବାକୁ ଆଦୌ ବ୍ୟସ୍ତ ନୁହଁନ୍ତି । ଗଳ୍ପଟିକୁ ସାରି ଦେବାଲାଗି ଯେପରି କି ତାଙ୍କର ଆଦୌ ଆଗ୍ରହ ନାହିଁ । ଲକ୍ଷ୍ୟ ଠାରୁ ଗତି ହିଁ ତାଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ, ବାଟରେ ଯାଉ ଯାଉ ଯାହା ମିଳୁଛି ତାହାହିଁ ଯଥେଷ୍ଟ । ତେଣୁ ସମଗ୍ର ବିଷୟଟିକୁ ଠିକ୍ ଭାବରେ ସଂଗଠିତ ଓ ସଂଯୋଜିତ ନକରି କିଛି ପରିମାଣରେ ହୁଗୁଳା ଭାବରେ ଉପସ୍ଥାପନ କରାହୋଇଛି, ତଥାପି ଏହି ଉପନ୍ୟାସ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ପାଠକଲେ ଚିତ୍ତକୁ ପ୍ରବଳ ଭାବରେ ଆକର୍ଷଣ କରେ ।

ଏହି ଉପନ୍ୟାସରେ କେତୋଟି ବିଶେଷ ପରିସ୍ଥିତି ଓ ବିଶେଷ ଚରିତ୍ରର ସନ୍ନିବେଶ ଦେଖିବାକୁ ମିଳେ । ପରିସ୍ଥିତି ସମୂହକୁ ପରସ୍ପର ସହିତ ଦୃଢ଼ ସୂତ୍ରରେ ସଂଯୋଜିତ କରାଯାଇ ନାହିଁ । ପ୍ରତ୍ୟେକଟି ଯେପରିକି ସ୍ୱୟଂସମ୍ପୂର୍ଣ୍ଣ ପ୍ରତ୍ୟେକଟି ନିଜସ୍ୱ ଗୁରୁତ୍ୱଦ୍ୱାରା ବେଶ୍ କୌତୁହଳ ସୃଷ୍ଟି କରିପାରେ, ଚରିତ୍ର ଗୁଡ଼ିକ ସମ୍ବନ୍ଧରେ ମଧ୍ୟ କିଛି ପରିମାଣରେ ଏହି ମନ୍ତବ୍ୟ କରାଯାଇ ପାରେ ।

ଏଇ ଉପନ୍ୟାସରେ ଲେଖକ ଯୁବ ସଂଗଠନର ଚିତ୍ର ଦେବାକୁ ଚାହିଁଛନ୍ତି । ଲେଖକଙ୍କର ବୋଧହୁଏ ଧାରଣା ଥିଲା ଯେ ଦେଶର କିମ୍ବା ପଲ୍ଲୀଅଞ୍ଚଳର ଯୁବକ ମାନଙ୍କୁ କେବଳ ସ୍ଥାନୀୟ ନେତୃତ୍ୱ ଦ୍ୱାରାହିଁ ଐକ୍ୟବଦ୍ଧ ଓ ସଂଗଠିତ କରାଯାଇ ପାରେ । ଏସବୁ ବିଷୟରେ ବାହାରର ରାଜନୀତି ଓ ବାହାରର ନେତୃତ୍ୱର ସାହାଯ୍ୟ ଲୋଡ଼ିବା ଉଚିତ ନୁହେଁ । ତାହା କେବଳ କଳିକନ୍ଦଳ ଭିଆଇବ— ସ୍ୱାର୍ଥର ସଂଘାତ ଘଟାଇବ ।

ଲେଖକ ଯେଉଁ ପ୍ରକାର ନେତୃତ୍ୱର କଳ୍ପନା କରୁଥିଲେ ସେ ନେତୃତ୍ୱ ଆସିଛି କଣାମାମୁଁଙ୍କ ଠାରୁ । ଏଇ କଣାମାମୁଁହିଁ ପଲ୍ଲୀଅଞ୍ଚଳର ନାନା ସମସ୍ୟାର ସମାଧାନ ଲାଗି ଏବଂ ନାନା କୁସଂସ୍କାରର ଉଚ୍ଛେଦସାଧନ ଲାଗି ଯୁବକମାନଙ୍କୁ ନିଯୁକ୍ତ କରିଛନ୍ତି ।

ଲେଖକଙ୍କର ବୋଧହୁଏ ଆଉ ଗୋଟିଏ ଧାରଣା ଥିଲା ଯେ ନେତୃତ୍ୱ ଦେବା ତାହାରି ଦ୍ୱାରା ସମ୍ଭବ ଯାହାର ହୃଦୟ ବିଶାଳ । ଏଥିପାଇଁ ଶିକ୍ଷାଗତ ବ୍ୟୁତ୍ପତ୍ତି ସେପରି ଆବଶ୍ୟକ ନୁହଁ, ଦେଶର ଶିକ୍ଷିତମାନଙ୍କ ମଧ୍ୟରୁ ଅନେକଙ୍କୁ ଅନେକ ଦୌରାତ୍ମ୍ୟରେ ଲିପ୍ତ ଥିବାର ଦେଖାଯାଏ । ଏହା ମଧ୍ୟ ନିଶ୍ଚିତ ଯେ କଣାମାମୁଁଙ୍କର ହୃଦୟ ଅତ୍ୟନ୍ତ ବିଶାଳ ।

ଏଇ କଣାମାମୁଁ ଏକ ଅପରୂପ ଚରିତ୍ର— ଯେପରି ଅପରୂପ ଚରିତ୍ର ହାଜି ସାହେବ । ହଗରୁ ଚଉକିଆର ଚରିତ୍ର ମଧ୍ୟ କମ କୌତୁହଳ ସୃଷ୍ଟି କରେନା ।

ଏଇ ଚରିତ୍ର ଗୁଡ଼ିକୁ ବିଶେଷ ଭାବରେ ବିଶ୍ଳେଷଣ କଲେ ଲେଖକଙ୍କର ଅତୁଳନୀୟ ହୃଦ୍‌ବତ୍ତାର ପରିଚୟ ମିଳେ । କଣାମାମୁଁ ତଥା ହାଜି ସାହେବଙ୍କ ସ୍ୱଭାବରେ ନାନା ତ୍ରୁଟି - ବିଚ୍ୟୁତି ଦେଖିବାକୁ ମିଳେ । ତଥାପି ଲେଖକଙ୍କର ସେମାନଙ୍କ ପ୍ରତି ଅସୀମ ଦରଦ, ଅଥଚ ଏଇ ଲେଖକହିଁ 'ଅସହ ଯୋଗୀର ଆତ୍ମକଥା;' 'ପଞ୍ଚାମୃତ,' 'ନବରାମାୟଣ' ଇତ୍ୟାଦିରେ ଲୋକଚରିତ୍ରର ସ୍ଖଳନ ଓ ବିଚ୍ୟୁତିକୁ ଅତି କଠୋର ଭାଷାରେ ସମାଲୋଚନା କରିଥିଲେ । କଣାମାମୁଁ ଓ ହାଜିସାହେବଙ୍କ ହୃଦୟର ବିଶାଳତା ଓ ଅନ୍ତରର ସ୍ୱତଃସ୍ଫୁର୍ତ୍ତି ଅପରିସୀମ ଦରଦ ଉପରେହିଁ ବୋଧହୁଏ ଲେଖକ ଅଧିକ ଗୁରୁତ୍ୱ ଦେବାକୁ ଚାହିଁଛନ୍ତି । ପୂର୍ବରୁ ମଧ୍ୟ କୁହାଯାଇଛି ଯେ ଲେଖକଙ୍କର ବୋଧହୁଏ ଧାରଣା ଥିଲା ଯେ ହୃଦୟର ବିଶାଳତାହିଁ ନେତୃତ୍ୱର ପ୍ରଧାନ ଯୋଗ୍ୟତା ।

ଉପନ୍ୟାସ ଖଣ୍ଡିକର ପ୍ରଗଳଭ ହାସ୍ୟରସହିଁ ଏହାକୁ ଅଧିକ ଜୀବନ୍ତ କରି ପାରିଛି । ସେଇ ହାସ୍ୟରସର ପାଖେ ପାଖେ ସ୍ଥାନେ ସ୍ଥାନେ ଧାରେ ଦିଧାର ଲୁହ ଅତି କରୁଣ ହୋଇ ଦେଖାଦିଏ । ଅସହାୟା ତରୁଣୀ ଅନୁର ଅଶ୍ରୁ ଠିକ୍ ସେଇପରି ଭାବରେ ଦେଖାଦେଇଛି । ଏବଂ ତାକୁ ଯେତେବେଳେ ତା'ର ଚରିତ୍ର ସମ୍ବନ୍ଧରେ

ନାନା ପ୍ରତିକୂଳ ଜନରବକୁ ଖାତିର ନକରି ଜଣେ ଆଦର୍ଶବାଦୀ ବଳିଷ୍ଠପ୍ରାଣ ଯୁବକ ବିବାହ କରିଛି ସେତେବେଳେ ଏଇ ଉପନ୍ୟାସର ଉଦ୍ଦେଶ୍ୟଗତ ମହତ୍ତ୍ୱ ପରିସ୍ଫୁଟ ହୋଇଉଠିଛି ।

କଣାମାମୁଁର ରଚନା ଆରମ୍ଭହେଲା ୧୯୪୭ରେ । ନାନା ବାଧା ଓ ସଙ୍କଟ ଯୋଗୁଁ ସେଇ ରଚନାକାର୍ଯ୍ୟର ଧାରାବାହିକତା ବିଘ୍ନିତ ହେଲା । ଏହାକୁ ଶେଷ କରିବା ଲାଗି କାନ୍ତକବି ପୁଣି ଲେଖନୀ ଧାରଣ କଲେ ୧୯୫୧ରେ । ତଥାପି ଏହା ସରିଲା ନାହିଁ । ନ ସରି ମଧ୍ୟ ଏଇ ଉପନ୍ୟାସ ଅସରନ୍ତି ଆମୋଦ ଓ କୌତୁକର ଭଣ୍ଡାର ରୂପେ କାଳ କାଳକୁ ଅମର ହୋଇ ରହିଗଲା ।

# କାନ୍ତକବିଙ୍କ କବିତା ଓ ନାଟକ

କାନ୍ତକବିଙ୍କ କବିତାଗୁଡ଼ିକ ଆଲୋଚନା କଲେ କବିଙ୍କ ପ୍ରାଣର ବିସ୍ତାର—ତାଙ୍କ ଅନ୍ତର ବିଶାଳତା—ତାଙ୍କ ଭାବୁକତାର ଉଦାର ବ୍ୟାପ୍ତି ବିଶେଷ ଭାବରେ ଅନୁଭବ କରିହୁଏ । କ୍ଷୁଦ୍ର ଚିନ୍ତା, କ୍ଷୁଦ୍ର ସ୍ୱାର୍ଥ, କ୍ଷୁଦ୍ର-ସଙ୍କୀର୍ଣ୍ଣ ଅନୁଭୂତିର ପରିଧି ଅତିକ୍ରମ କରି ତାଙ୍କ ଚେତନା ଓ ଅନୁରାଗ—ତାଙ୍କ ଆବେଗ ଓ ଭାବୁକତା ଏକ ବିସ୍ତୀର୍ଣ୍ଣ, ବ୍ୟାପକ ପରିମଣ୍ଡଳ ଉପରେ ପ୍ରସାରିତ ହୋଇଯାଇଛି । ସେଇ ଚେତନା ଓ ସେଇ ଅନୁଭବ କେତେବେଳେ ସୌନ୍ଦର୍ଯ୍ୟର ଅସୀମ ପଥରେ ପ୍ରଧାବିତ ହୋଇଛି ତ କେତେବେଳେ ମଣିଷ ପ୍ରାଣର ସୂକ୍ଷ୍ମତମ ରହସ୍ୟର ଗଭୀର ପ୍ରଦେଶରେ ପ୍ରବେଶ କରିଛି—କେତେବେଳେ ଦେଶପ୍ରୀତିର ଉଦାର ଛନ୍ଦରେ ଅନୁପ୍ରାଣିତ ହୋଇଛି ତ କେତେବେଳେ ମହାମାନବଙ୍କର ତୁଙ୍ଗ ବ୍ୟକ୍ତିତ୍ୱର ବିସ୍ମୟକର ମହିମାର ଅକଳନୀୟ ବିସ୍ତାର ଦେଖି ମୁଗ୍ଧ ଓ ଅଭିଭୂତ ହୋଇଛି । ସେଇ ଚେତନା ଓ ସେଇ ଅନୁଭୂତିର ପ୍ରବାହରେ ଦେଖାଦେଇଛି ସ୍ନେହ ଓ ପ୍ରେମର ଅସଂଖ୍ୟ ତରଙ୍ଗ—ଉଦାରତା ଓ ଆତ୍ମତ୍ୟାଗର ଅସଂଖ୍ୟ କଲ୍ଲୋଳ ।

କବିଙ୍କ ଅନ୍ତରରେ ଥିଲି ସୌନ୍ଦର୍ଯ୍ୟ ରସିକତାର ଅପୂର୍ବ ମାଧୁରୀ । ସୌନ୍ଦର୍ଯ୍ୟର ନାନା ପ୍ରକାଶ, ନାନା ରୂପ, ନାନା ବିସ୍ତାରକୁ ସେ ଉପଭୋଗ କରୁଥିଲେ ସାରା ପ୍ରାଣ ସାରା ଅନୁଭୂତି ଦେଇ । ସୌନ୍ଦର୍ଯ୍ୟର ଅପରୂପ ବିନ୍ୟାସ ଦେଖି ସେ ଆତ୍ମହରା ହେଉଥିଲେ—ସେଥିରେ ସେ ଲୀନ ହୋଇ ଯାଉଥିଲେ । ତାଙ୍କର ଏଇ ସୌନ୍ଦର୍ଯ୍ୟ-ରସିକତା ତାଙ୍କୁ ଆଷାଢ଼ ଜଳଦର ଗୁରୁଗମ୍ଭୀର ମୃଦଙ୍ଗ ଧ୍ୱନି ଓ ସ୍ନିଗ୍ଧ ନବୀନ ହରିତ୍ କାନ୍ତିର ଅଭିନବତ୍ୱ ଅନୁଭବ କରାଇଛି । କୋକିଳକୂଜିତ ନବପଲ୍ଲବ-ଶ୍ୟାମ ବସନ୍ତର ସୁଧା ପ୍ରସ୍ରବଣରେ ସ୍ନାନ କରାଇଛି ପୁଣି ପ୍ରଦୋଷର ବିଶ୍ୱମୋହନ ଛବିର ଅପୂର୍ବ କୁହୁକରେ ଆଶ୍ଳିଷ୍ଟ କରାଇଛି । ଏଇ ସୌନ୍ଦର୍ଯ୍ୟରସିକତାଯୋଗୁଁ ସମୁଦ୍ରରେ ସୂର୍ଯ୍ୟୋଦୟର ମନୋରମ ଚିତ୍ରଆଡ଼କୁ ଅନିମେଷ ନୟନରେ ଅନାଇ ସେ କହିଛନ୍ତି—

"ଜଳ, ସ୍ଥଳ ବ୍ୟୋମମଣ୍ଡଳ ଉଜ୍ଜ୍ୱଳି
ସଙ୍ଗୁଳ ପ୍ଲାବନେ ବିଶ୍ୱ ଉଠେ ଝଳି ।
ସେ ଶୋଭା ସମୁଦ୍ରେ ଚାହିଁଲେ ଅବଗାହି
ମୁଗ୍ଧ ନେତ୍ର ମୋର ଶୂନ୍ୟେ ରହେ ରହି ।"

କିନ୍ତୁ ତାଙ୍କ ସୌନ୍ଦର୍ଯ୍ୟ ରସିକତା କେବଳ ନିସର୍ଗ ଅଙ୍ଗର ଅଭିନବ ସୁଷମାରୁ ରସପାନ କରିନାହିଁ । ତାହା ମାନବଶିଶୁର କୋମଳ ଲାବଣ୍ୟରୁ ପ୍ରେରଣା ଲାଭ

**କରିଛି**—ଶିଶୁର ହାସ୍ୟ ଓ ଦନ୍ତୁରିତ ବଦନରୁ ଆନନ୍ଦର ସ୍ୱର୍ଣ୍ଣରେଣୁ ସଂଗ୍ରହ କରିଛି । ତାହା 'ନନ୍ଦରାଣୀ'ର ଶାନ୍ତ-ସ୍ନିଗ୍ଧ ଆରାମ-କୋମଳ ଉତ୍ସଙ୍ଗ-ସ୍ପର୍ଶ ପାଇବାଲାଗି ପ୍ରଲୁବ୍ଧ ହୋଇଛି । ତାହା ପୁଣି ଜଗନ୍ନାଥ ଧାମ-ଶ୍ରୀକ୍ଷେତ୍ରର ପରମ ପବିତ୍ର ମହିମା ଅନୁଭବ କରି ଉତ୍ଫୁଲ୍ଲ ହୋଇଛି ।

କାନ୍ତକବିଙ୍କ ବିଶାଳ ହୃଦୟ କେବଳ ସୌନ୍ଦର୍ଯ୍ୟର କମନୀୟ ଶିହରଣ ଅନୁଭବ କରି ଅନୁପ୍ରାଣିତ ହୋଇ ନାହିଁ । ତାଙ୍କ ହୃଦୟର ବିଶାଳତାରେ କେବଳ ନାନା ସୁଷମାର ଅପରୂପ ସ୍ପନ୍ଦନ ପ୍ରତିଫଳିତ ହୋଇନାହିଁ । ଯାହା ପବିତ୍ର, ଉଦାର ଓ ମହତ୍ ଯାହା ସୁନ୍ଦର ଓ କରୁଣା-ମଣ୍ଡିତ ତା'ର ସ୍ପର୍ଶ ଓ ତା'ର ଚିନ୍ତାଦ୍ୱାରା ସେଇ ବିଶାଳତା ତରଙ୍ଗାୟିତ ହୋଇଛି । କାନ୍ତକବି ମହାମାନବଙ୍କ ମହିମା ସ୍ମରଣ କରି ଏବଂ କବି ଓ ମନୀଷୀମାନଙ୍କର କୀର୍ତ୍ତିଧ୍ୱଜ ଉତ୍ତୋଳନ କରି ଜନସମାଜକୁ ଆଦର୍ଶପଥରେ ପରିଚାଳିତ କରିଛନ୍ତି । ମଣିଷକୁ ସେ ସତ୍କର୍ମ କରିବାକୁ ଓ ସଦ୍‌ଗୁଣ ଅନୁଶୀଳନ କରିବାକୁ ଉଦ୍‌ବୋଧନ ଦେଇଛନ୍ତି । ଗାନ୍ଧିଜୀଙ୍କ ସମ୍ବନ୍ଧରେ ସେ କହିଛନ୍ତି—

"ଜନ୍ମ ନାହିଁ ତା'—ମୃତ୍ୟୁ ନାହିଁ ତା'
ଅଜର ସେ ଏକ ରଶ୍ମିରେଖା,
ଉଜଳି ଦେଇଛି ଦୀପ୍ତି ଯାହାର
ଲକ୍ଷ ଜନର ବକ୍ଷ ଏକା !
ଅବୟବ ତା'ର କାହିଁରେ କାହିଁ !
ବିଶ୍ୱ ବିଚୁରା ଆତ୍ମା ସିଏରେ
ଆଦି ନାହିଁ ତାର ଅନ୍ତ ନାହିଁ ।"

ସେଇ ଗାନ୍ଧୀଙ୍କୁ ସମ୍ବୋଧନ କରି ସେ ପୁଣି କହିଛନ୍ତି—

"ସବ୍ୟସାଚୀ ! କରିଅଛ ସ୍ତମ୍ଭିତ ଜଗତ,
ଲଭିଚ ତପସ୍ୟାବଳେ ଅସ୍ତ୍ର ପାଶୁପତ ।
ଅଜେୟ 'ଅହିଂସା' ବାଣ—ମହାଶକ୍ତି ଧରି
କରେ ଶତ୍ରୁ ସମ୍ମୋହନ କଲ୍ୟାଣ ବିତରି ।"

ଗୋପବନ୍ଧୁଙ୍କୁ ସ୍ମରଣ କରି ସେ ଲେଖିଛନ୍ତି—

"କବିର ତାରୁଣ୍ୟ ପୁଣି ଋଷିର କାରୁଣ୍ୟ,
ଯୋଦ୍ଧାର ଅମିତ ବଳ, ସାଧକର ନିଷ୍ଠା
ଏକାଧାରେ ଯହିଁ ସବୁ ହୋଇଥିଲା ଠୁଳ;
କର୍ମୀର କୌଶଳ ଆଉ ନେତାର ପ୍ରତିଷ୍ଠା ।"

କବିବର ଚନ୍ଦ୍ରମଣିଙ୍କ ମୃତ୍ୟୁରେ ସେ ଲେଖିଛନ୍ତି—

"ପଳ ପଳ କରି କବି ଡାକୁଛି ଆହୁତି
ଜଗତକଲ୍ୟାଣ ହେତୁ ଜୀବନର ହବି,
ଢଳ ଢଳ ନିଜ ପ୍ରାଣ ଦିଅ କରି କବି
ଉପଭୋଗ କରିଅଛି ବିଶ୍ୱ ଅନୁଭୂତି ।"

ରାଧାନାଥ ଓ ଫକୀରମୋହନଙ୍କ ମୃତ୍ୟୁରେ ମଧ୍ୟ ସେଇ ସନ୍ଦେଶ, ଆଦର୍ଶ ପୁରୁଷମାନଙ୍କର ପବିତ୍ର ଓ ମହନୀୟ କୀର୍ତ୍ତିଗାଥା ଗାନ କରିଛନ୍ତି ସେ ।

କାନ୍ତକବିଙ୍କ ଜୀବନ ଥିଲା ଦୁଃଖ-ଦଳିତ ଛେଦ ଓ ବେଦନାରେ କ୍ଲାନ୍ତ ଓ କାତର । ଆତ୍ମୀୟତାଶୂନ୍ୟ ତାଙ୍କ ଜୀବନ ଲିପ୍ତ ହୋଇ ରହିଥିଲା ଦୈନ୍ୟ, କ୍ଲେଶ ଓ ବ୍ୟର୍ଥତାର କାଳିମାରେ । ତାଙ୍କ କବିତାମାନଙ୍କର ମଧ୍ୟ ରହିଛି ମର୍ମନ୍ତୁଦ ଯାତନାର କଥା—ରହିଛି ଘୋର ଲାଞ୍ଛନାର ଘନ ଘନ ଉଲ୍ଲେଖ । କିନ୍ତୁ କବି ସେତିକରେ ନୀରବ ହୋଇ ରହି ନାହାନ୍ତି । ନୈରାଶ୍ୟର ଆର୍ତ୍ତ ଝଙ୍କାର ଶୁଣାଇ ତାଙ୍କ ବୀଣା ନୀରବ ହୋଇ ଯାଇ ନାହିଁ । ତାହା ଅନୁଭବ କରିଛି ଯେ ଚରମ ଦୁଃଖ, ଚରମ କ୍ଲେଶ ପରେ ବି ଅଛି ଶାନ୍ତି—ଶିବ, ଈଶ୍ୱରଙ୍କ ଇଚ୍ଛାରେ ବି ରହିଛି ଏକ ପରମ କଲ୍ୟାଣକର ଉଦ୍ଦେଶ୍ୟ, ରୂପ ଓ ଲାବଣ୍ୟ ଜ୍ୟୋତି । ତାଙ୍କ ହୃଦୟବୀଣାରୁ ଧ୍ୱନିତ ହୋଇଛି—

"ଏ ସଂସାର ନୁହେଁ ମିଥ୍ୟା—ପୀଠ ସାଧନାର,
କର୍ମୀ ଯେଣୁ ଏହି କ୍ଷେତ୍ରେ ସିଦ୍ଧି ହୁଏ ତାର ।
ଜୀବନକୁ ମଣି ସତ୍ୟ, କଠୋର ବାସ୍ତବ
କର୍ମ ନିୟୋଜିଣ ସର୍ବ ଶକ୍ତି ତବ"

ସେହି ହୃଦୟବୀଣା ପୁଣି ଶୁଣାଇଛି—

"ସାଗରରେ ଦ୍ୱୀପ ଅଛି
ମରୁ ସ୍ଥଳେ ଜଳ,
ପ୍ରାନ୍ତରେ ପାଦପ ଅଛି,
ମେରୁରେ ଅନଳ ।
ତେବେ ଶାନ୍ତି ଅଛି ଏହି
ଅଶାନ୍ତ ସଂସାରେ ।
ଅଛିରେ ଆଲୋକ
ଏହି ଭୀଷଣ ଅନ୍ଧାରେ ।

ଅତଏବ ଜୀବନର ଚରମ ଲକ୍ଷ୍ୟ ହେଉଛି—

"ନିତ୍ୟ ନୂତନତା ମଧ୍ୟେ ନିତ୍ୟ ବିଚିତ୍ରତା,
ନିର୍ବାଣରେ ପରିତୃପ୍ତି—ନିର୍ବେଦ ଜଡ଼ତା
ପରିଶାନ୍ତି, ପରିମୁକ୍ତି, ପରି ସାର୍ଥକତା ।"

କାନ୍ତକବିଙ୍କ ହୃଦୟର ବିଶାଳତା ଯେଉଁପରି ପ୍ରକଟିତ ହୋଇଛି ସୌନ୍ଦର୍ଯ୍ୟ ରସିକତାରେ ମହାତ୍ମା ଓ ପୂର୍ବପୁରୁଷମାନଙ୍କର ଅଦର୍ଶଚରିତ ଓ ପବିତ୍ର କୀର୍ତ୍ତିର ଆଲେଖ୍ୟ ଆଙ୍କିବାରେ ଏବଂ ମଣିଷ ଆଗରେ ତାର ଆଚରଣୀୟ ବ୍ରତ ଓ ଅନୁସରଣୀୟ ସତ୍ୟରପଥ ଉନ୍ମୋଚନ କରିବାରେ ଠିକ୍ ସେହିପରି ପ୍ରକଟିତ ହୋଇଛି ଦେଶାତ୍ମବୋଧର ପବିତ୍ର ଆହ୍ୱାନ ଶୁଣାଇ ବାରେ, ଦେଶାତ୍ମବୋଧ ଏକ ଉଦାର ଆଦର୍ଶ । ଏହାର ଆହ୍ୱାନ ଏକ ମହାନ୍ ଆହ୍ୱାନ । ନିଜ ଜୀବନର ସଙ୍କୀର୍ଣ୍ଣ ଗଣ୍ଡିରୁ ମୁକ୍ତ ହୋଇ ଜାତୀୟ ଜୀବନର ମହାସ୍ରୋତରେ ମିଶିଯିବାକୁ ଏହା ନିର୍ଦ୍ଦେଶ ଦିଏ । ନିଜ ସ୍ୱାର୍ଥର କ୍ଷୁଦ୍ର ପରିସରଭିତରେ ରହୁଛି କେବଳ କ୍ଲେଦ ଓ ଗ୍ଲାନି । ଏଇ ପରିସର ଭିତରେ ଆବଦ୍ଧ ରହିଲେ ସବୁପ୍ରକାର ଉଦାର ଆନନ୍ଦରୁ ବଞ୍ଚିତ ହେବାକୁ ହୁଏ । ଜାତୀୟ ଜୀବନର ମହାସ୍ରୋତରେ ମିଶି ପାରିଲେ ନିଜର ଜୀବନ ବିଶାଳ ହୁଏ । ନିଜ ହୃଦୟରେ ବିଶୁଦ୍ଧ ଆନନ୍ଦର ବିପୁଳ ତରଙ୍ଗ ରଞ୍ଜିତ ହୁଏ । କାନ୍ତକବି ତାଙ୍କ ସଙ୍ଗୀତ କବିତା, ପ୍ରବନ୍ଧ, ଗଳ୍ପ ଇତ୍ୟାଦି ମାଧ୍ୟମରେ ଦେଶବାସୀଙ୍କ ଅନ୍ତରରେ ଜାତୀୟତାର କଲ୍ଲୋଳ ଖେଳାଇ ଦେଇଥିଲେ । ଉତ୍କଳ ସମ୍ମିଳନୀର ଆହ୍ୱାନ-ସଙ୍ଗୀତରେ କବିଙ୍କର ଯେଉଁ ଉଦାର-ଉତ୍କଳପ୍ରୀତିର ମନ୍ଦ୍ରଧ୍ୱନି ଶୁଣିବାକୁ ମିଳିଥିଲା ତାହାର ଅନ୍ୟରୂପ ଦେଖିବାକୁ ମିଳେ ତାଙ୍କର କେତୋଟି କବିତାରେ । କବିଙ୍କ ପ୍ରଥମ ଜୀବନର ଏକ ଅନବଦ୍ୟ କବିତାରେ ମାତୃଭୂମିର ପୁଣ୍ୟମହିମା ଫୁଟି ଉଠିଛି ।—

"ମାଆ ମାଆ ସେ ଦେଶକୁ
ଯିବି ନାହିଁ ମୁହିଁ ଲୋ
କହିଲ ସେ ଦେଶ ମୁଁ ତ
କିଛି ଜାଣେ ନାହିଁ ଲୋ ।
ସେ ଦେଶେ କି ନଦୀଜଳ
ଅଟେ ଏତେ ସୁକୋମଳ
କୁଳୁକୁଳୁ ଧ୍ୱନି କରି ଯାଉଅଛି ବହି ଲୋ ?
ନାନାରଙ୍ଗ ପକ୍ଷୀଗଣ ଉଡ଼ୁଆନ୍ତି ତହିଁ ଲୋ ?"

ଅନ୍ୟ ଯେ କୌଣସି ଦେଶସହିତ ତୁଳନା କରି କବି ଏଠାରେ ନିଜ ମାତୃଭୂମିର ଉତ୍କର୍ଷ ପ୍ରତିପାଦନ କରିଛନ୍ତି । କବିଙ୍କ ରଚିତ 'ସାହିତ୍ୟ ସୁଧାକର' ପାଠ୍ୟ ପୁସ୍ତକର କବିତାବଳୀରେ ମଧ୍ୟ ଉତ୍କଳ ପ୍ରୀତିର ପୁଣ୍ୟ କଲ୍ଲୋଳ ଲୀଳାୟିତ । 'ଓଡ଼ିଆ ପୁଅ ମୁହିଁ' ଓ 'ଗୋହିରୀଟିକିରି' କବିତା ଯୋଡ଼ିକରୁ ଆମେ ଏହି କଲ୍ଲୋଳ ଶୁଣିବାକୁ ପାଉଁ । ଗୋହିରୀଟିକିରିକୁ ସମ୍ବୋଧନ କରି କବି ଲେଖିଛନ୍ତି—

"ପୂର୍ବ ଭାରତ କମ୍ପିତ ହେଲା
ଯେଉଁ ଓଡ଼ିଆର ସିଂହନାଦେ,
ସିଂହଳ, ବଳୀ, ବ୍ରହ୍ମ, ମଳୟ
ନମିଲା ଯାହାର ବିଜୟୀ ପାଦେ,
ଦୁର୍ଦ୍ଧର୍ଷ ମରହଟ୍ଟ ବିକ୍ରମେ ଯାର
ଦିଲ୍ଲୀ ତକ୍ତ ଉଠିଲା ଥରି,
ସନ୍ଧି ମାଗିଲା ବଙ୍ଗ ନବାବ
ଯାହାର ପ୍ରବଳ ପ୍ରତାପେ ଡରି
ସେହି ମହାଜାତି ରଚିଲା ତାହାର
ଅନ୍ତିମ ଶେଯ ତୋହରି କୋଳେ,
ଗୋହିରୀ ଟିକିରି ! ସେହି ଦିନ ତାର
ଦେଖିଛୁ ତ ତୁହି ଆପଣା ଡୋଳେ ।"

କାନ୍ତକବିଙ୍କ କବିତାଗୁଡ଼ିକ ସମ୍ବନ୍ଧରେ ଗୋଟିଏ କଥା ବିଶେଷଭାବରେ ଉଲ୍ଲେଖନୀୟ । ତାଙ୍କର ଅନ୍ୟ ସମସ୍ତ ରଚନାରେ ହାସ୍ୟରସର ବିପୁଳ ପ୍ରକାଶ ଦେଖିବାକୁ ମିଳେ। ତାଙ୍କ ସୃଷ୍ଟିର ପ୍ରତ୍ୟେକ ବିଭାଗ ହାସ୍ୟରସର ଭିନ୍ନ ଭିନ୍ନ ଦିଗନ୍ତ ସ୍ପର୍ଶ କରି ପ୍ରସାରିତ ଓ ପୁଷ୍ଟ ହୋଇଛି । କିନ୍ତୁ 'କାନ୍ତ ସାହିତ୍ୟ ମାଳା' ନାମରେ ପରିଚିତ ତାଙ୍କ ଗ୍ରନ୍ଥାବଳୀରେ ଯେଉଁ ଅଂଶଟି 'କାବ୍ୟ ସାହିତ୍ୟ' ନାମରେ ପରିଚିତ ସେଥିରେ ଅନ୍ତର୍ଭୁକ୍ତ କବିତା ସମୂହରେ ହାସ୍ୟରସ ଅପେକ୍ଷାକୃତ ଗୌଣସ୍ଥାନ ଅଧିକାର କରିଛି । ଏହି କବିତାଗୁଡ଼ିକରେ ପ୍ରଧାନତଃ ଦେଖିବାକୁ ମିଳେ ସରଳ, କୋମଳ ଆବେଗର ଲଳିତ ନିଃସରଣ କିମ୍ବା ଗମ୍ଭୀର ଭାବର ଉନ୍ନତ ମହିମା ।

ଏଠାରେ ଆଉ ଗୋଟିଏ କଥା ମଧ୍ୟ ଉଲ୍ଲେଖ କରିଦେବା ଉଚିତ । କାନ୍ତକବିଙ୍କ କବିତ୍ୱ କେବଳ ତାଙ୍କ କବିତାରେ ହିଁ ପ୍ରକଟିତ ହୋଇନାହିଁ । ଏହାମଧ୍ୟ ତାଙ୍କର ପ୍ରବନ୍ଧ ଓ ନାଟକର ତଥା ଗଳ୍ପ ଓ ଉପନ୍ୟାସର ଅନେକ ସ୍ଥାନରେ ସ୍ୱତଃସ୍ଫୂର୍ତ୍ତି ଭାବରେ

ଉଙ୍କୁଡି ଉଠିଛି । ଉକ୍ତ ଅଂଶ ମାନଙ୍କରେ ଗୀତିକବିତାର ମଧୁର ଝଙ୍କାର ନିକ୍ୱଣିତ ହୁଏ କିମ୍ବା ଗମ୍ଭୀର କାବ୍ୟର ଉନ୍ନତ ତାଳ ପ୍ରଦୀପ୍ତ ହୋଇ ଉଠେ ।

କାନ୍ତକବିଙ୍କ ନାଟକ ସମ୍ବନ୍ଧରେ ଇତିପୂର୍ବେ ସଂକ୍ଷେପରେ କେତେକ ଆଲୋଚନା ଲିପିବଦ୍ଧ ହୋଇ ସାରିଛି । ଏହି ଗ୍ରନ୍ଥରେ ଅନ୍ତର୍ଭୁକ୍ତ କବିଙ୍କ ଜୀବନୀ ଅଂଶରେ ପ୍ରସଙ୍ଗ କ୍ରମେ ନାଟକଗୁଡ଼ିକ ବିଷୟରେ କେତେକକଥା କୁହାଯାଇଛି । ବିପୁଳ ଗାୟକ ଓ ଗୀତିକାର ରୂପେ କବିଙ୍କର ପ୍ରତିଭା ଓ କୃତି ଯେଉଁ ଅଧ୍ୟାୟରେ ଆଲୋଚିତ ହୋଇଛି ସେଠାରେ ମଧ୍ୟ ନାଟକଗୁଡ଼ିକ ସମ୍ବନ୍ଧରେ ନାନା ପ୍ରସଙ୍ଗ ଉତ୍ଥାପିତ ହୋଇଛି ।

କାନ୍ତକବିଙ୍କ ନାଟ୍ୟ ପ୍ରତିଭା ସମ୍ବନ୍ଧରେ ଗୋଟିଏ କଥା ବିଶେଷଭାବରେ ମନେ ରଖିବା ଉଚିତ । ତାଙ୍କର ନାଟ୍ୟ ପ୍ରତିଭା ଦୂର ଅତୀତର ସୀମା ଭିତରୁ ଯାତ୍ରା ଆରମ୍ଭ କରି ଆଧୁନିକ ଯୁଗର ତୋରଣ ଦେଶ ପର୍ଯ୍ୟନ୍ତ ଅଗ୍ରସର ହୋଇଛି । ତାଙ୍କ ନାଟକସମ୍ଭାର ଭିତରେ ଆମେ ଦେଖୁଁ ଲୀଳା, ରାସ, ପୌରାଣିକନାଟକ ଓ ଐତିହାସିକ ନାଟକ, ତାଙ୍କର କୌଣସି କୌଣସି ରଚନାରେ ସାମାଜିକ ନାଟକ ରଚନାର କ୍ଷୀଣ ଚେଷ୍ଟା ଦେଖିବାକୁ ମିଳେ । ଯଥା—'ପରୀକ୍ଷାର ଫଳ' ଓ 'ଅଫିମ ଲୀଳା' । ଏ ଯେପରିକି ଏକ ଦୁଃସାହସୀ ପଥିକର ସୁଦୀର୍ଘ ଦେଶ ପର୍ଯ୍ୟଟନ । କୌଣସି ଭୌଗୋଳିକସୀମା ତାର ସମ୍ମୁଖରେ ପ୍ରତିବନ୍ଧକ ହୋଇ ଠିଆ ହୋଇ ପାରୁନାହିଁ ।